


# ସମାରୋହ

ଜୁଲାଇ ୨୦୨୪

www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**




SIKSHA 'O' ANUSANDHAN (DEEMED TO BE UNIVERSITY)

14 YEARS OF EXCELLENCE

Ours is a mission to transform young minds, create global citizens

# SIKSHA 'O' ANUSANDHAN

**DEEMED TO BE UNIVERSITY**

Bhubaneswar, Odisha, India

**nirf INDIA RANKINGS 2021**



- **20th** Best University
- **37th** Best Institution
- **32nd** in Engineering & Technology
- **21st** in Medical Sciences
- **14th** in Dental Sciences

**Youngest Deemed to be University to be ranked among top 25 for 6 consecutive years**

## FACULTIES:

- Engineering and Technology
- Medical Sciences
- Dental Sciences
- Management Sciences
- Pharmaceutical Sciences & Biotechnology
- Nursing
- Hospitality & Tourism Management
- Legal Studies
- Agricultural Sciences

(All programs approved by respective statutory councils)

## ACCREDITATIONS:

- Granted graded autonomy status by **UGC**
- Accredited by **NAAC** (2nd cycle) with **'A'** Grade
- Engineering Programs Accredited by **ABET**, USA
- Engineering programs accredited by **NBA**, GoI
- **NABH** Accredited Hospital
- **NABL** Accredited Laboratories
- Agricultural programs accredited by **ICAR**
- **ISO**-9001:2015
- Accredited by International Accreditation Organisation for complying with all established professional & educational standards

## SOA'S STRENGTHS:

- Outstanding Faculty-student ratio
- International Reach
- Research Excellence
- 11 SOA Researchers named in the top 2 percent scientists of the world list prepared by Stanford University, USA in 2020
- State-of-the-art infrastructure

**www.soa.ac.in**


Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 33 Issue - 10**
**July - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ମୁକ୍ତି କ୍ଷେତ୍ରରେ ମୁକ୍ତି ମଣ୍ଡପ** ଗୋପାଳ ଚନ୍ଦ୍ର ମିଶ୍ର............୬
**ଶ୍ରୀ ଜଗନ୍ନାଥ ଦେବଙ୍କ ଭିନ୍ନ ଏକ ଲୀଳାକଥା** ପ୍ରଶାନ୍ତ ମିଶ୍ର....................୮
**ଶ୍ରୀକ୍ଷେତ୍ରର ମାଉସୀ ମା' ମନ୍ଦିର ଓ ପୋଡ଼ ପିଠା** ବିଜୟଲକ୍ଷ୍ମୀ ସାହୁ.............. ୧୦
**ଇତିହାସର ଆଇନାରେ ବିଭବଶାଳିନୀ ଧାମରା** ବିଭୂତି ଭୂଷଣ ସେନାପତି....... ୧୨


### କଥା ଓ କାହାଣୀ


**ଯୁଗାବସାନ** କୃପାସାଗର ସାହୁ............... ୧୩
**କାଠ ଟେବୁଲ୍** ସରୋଜ କୁମାର ସାହୁ......... ୧୫
**ଭିନ୍ନ ଏକ ସାବିତ୍ରୀ** କବିତା ମହାନ୍ତି................. ୧୮
**ବିଧି ନିର୍ଦ୍ଦିଷ୍ଟ** ବୀରେଶ୍ୱର ମହାନ୍ତି............. ୨୦
**ଭାବର ଠାକୁର** ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ.......... ୨୪
**ଗାନ୍ଧି ମଣିଷ** ଗୀତା ଦାସ..................... ୨୬
**ଦୃଷ୍ଟି** ରୀନାରାଣୀ ରାଉତରାୟ..........୩୦
**'ଜାନକାମ୍ମା' : ଗୋଟେ ପାରିବାରିକ ବନ୍ଧନର ମେଇଖୁ** ଅକ୍ଷୟ କୁମାର ଜେନା.........୩୩


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା........ ୩୭


### କବିତା


**ମାଦୁ ମୂଲିଆ** ପିନାକୀ ମିଶ୍ର...................୪୩
**ସେ ନ ଆସିଲେ** ପ୍ର. ଗିରିଜା ଶଙ୍କର ଶର୍ମା........ ୪୩
**ବୁଢ଼ି ଅଞ୍ଚଳର ଲୋକ** ସୁଶୀଲ କୁମାର ପାଣିଗ୍ରାହୀ....... ୪୪
**ସ୍ୱର୍ଣ୍ଣମୟୀ** ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ..... ୪୪
**ରେବତୀ** ଡଃ. କୃଷ୍ଣ ଚନ୍ଦ୍ର ରଥ............ ୪୫
**ଶ୍ରୀମନ୍ଦିରରେ ସନ୍ଧ୍ୟା** ସରୋଜିନୀ ମିଶ୍ର, ଏମ୍.ଏ...... ୪୫
ଗଦ୍ୟ - ଗୀତି : **ଅଜଣା ଅତିଥି** ମୂଳଗଳ୍ପ- ଶ୍ରୀ ଶାନ୍ତନୁ ଆଚାର୍ଯ୍ୟ, ରୂପାନ୍ତର : ଚିନ୍ମୟ ରାୟ........ ୪୬
**ଭାଇ** ସନ୍ତୋଷିନୀ ଦାଶ (ଗିରି)....... ୪୭
**ପୂର୍ଣ୍ଣତା** ଡ. ସୁନନ୍ଦା ମିଶ୍ର ପଣ୍ଡା.......... ୪୮
**ମୋ' ଭାବନାରେ** ସୌଦାମିନୀ ସାହୁ.............. ୪୮
**ମାୟା ସିନ୍ଧୁରେ ପୂର୍ଣ୍ଣ ଇନ୍ଦୁ** ଜ୍ୟୋତି ପ୍ରକାଶ କର............ ୪୯
**ଅପରାହ୍ନର ଫଗୁଣ** ପ୍ରଭାତ କୁମାର ଆଚାର୍ଯ୍ୟ........ ୪୯
**କେହି ଜଣେ ଜଳିଯାଉଛି !** ଅକ୍ଷୟ ପାତ୍ର.................... ୫୦

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**

### ତନ୍ମାତ୍ର

**"ମହାରାଜ" ଏକ ସମାଜ ସୁଧାରକର କାହାଣୀ............ ୫୨**

### ଖେଳ ଓ ଖେଳାଳୀ

**ଟି-୨୦ ବିଶ୍ୱକପ୍ : ଏକ ଐତିହାସିକ ବିଜୟ.................. ୫୩**

### ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫


**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**



| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୨୫୦.୦୦    ଦ୍ୱିବାର୍ଷିକ..............ଟ. ୫୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୭୫୦.୦୦    ୫ ବର୍ଷ ପାଇଁ..........ଟ. ୧୨୫୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂ ପା ଦ କୀ ୟ

"ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନି ଚ ଦୁଃଖାନି ଚ !"

ଏହାକୁ ସମସ୍ତେ ପ୍ରାୟ ନିଜ ଜୀବନରେ ଏବଂ ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଘଟଣା ଗୁଡ଼ିକୁ ଦେଖି ବା ପାଠ କରି ନିଶ୍ଚିତ ଉପଲବ୍ଧି କରିସାରିଥିବେ। ଏଇ ନିକଟରେ ଦେଶ ଏବଂ ରାଜ୍ୟର ନିର୍ବାଚନର ଫଳାଫଳକୁ ଦେଖି ପ୍ରାୟ ସମସ୍ତେ ଅନୁଭବ କରିସାରିଥିବେ, ତେଣୁ ଅଧିକ ଜଣାଇବା ନିଷ୍ପ୍ରୟୋଜନ। କିନ୍ତୁ ମଣିଷମାନଙ୍କ ନିମନ୍ତେ କିଛି ବିଶେଷ ଗୁଣ ରହିଥିବା ଆବଶ୍ୟକ। ଏହା ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ଥାଇ ମଧ୍ୟ ସେ ତାକୁ ଅଣଦେଖା କରି ନିଜ ଜୀବନକୁ ଓଲଟପାଲଟ କରିବାରେ ଲାଗିଯାଇଥାଏ। ତେଣୁ ଶାସ୍ତ୍ର କହେ, "ଅନିତ୍ୟଂ ଅସୁଖଂ ଲୋକ ଇମଂ ପ୍ରାପ୍ୟ ଭଜସ୍ୱ ମାମ୍।" ଶାସ୍ତ୍ର ପଢ଼ିଥିବା ବୁଝିଥିବା ବ୍ୟକ୍ତି ମଧ୍ୟ ଅସଲ ସମୟକୁ ସବୁକିଛି ପାଶୋରି ପକାଏ, କେବଳ ତୃଷ୍ଣାର ପ୍ରଭାବରେ। ଏଇ ତୃଷ୍ଣାର ଏତେ ପ୍ରଭାବ ଯେ, ସେ ମହାବୁଦ୍ଧି କୁ ଧ୍ୱଂସ କରିଦେଇ ଜୀବନକୁ କଣ୍ଟକମୟ କରିଦେଇ ସାରାଜୀବନ କଳବଲ କରି ଚାଲିଥାଏ। ସେଥିପାଇଁ ଲେଖା ରହିଛି, "ବଚନେ କାଃ ଦରିଦ୍ରତା ?" କିନ୍ତୁ ଏଇ ଈର୍ଷା ସେ ସବୁକୁ ଘୋଡ଼ାଇ ଦେଇ ଜୀବନକୁ ଜଞ୍ଜାଳମୟ କରିଦେଇଥାଏ। ମୁହୂର୍ତ୍ତଟିଏ ମଧ୍ୟ ଶାନ୍ତିରେ, ନିରାପଦରେ ନ ବସି, ଅନବରତ ଦ୍ୱନ୍ଦ ମଧ୍ୟଦେଇ ନିଜର ଜୀବନକୁ ସହଜ ମାର୍ଗରେ ନେଇଯିବା ନିମନ୍ତେ ସଫଳ ହୁଏ ନାହିଁ।

କଥାରେ ଅଛି- "କହିବ ମଧୁର ବଚନ, ଶୁଣି ତୋଷିବ ଜନମନ!" ମଧୁର ବଚନ ପରିବର୍ତ୍ତେ ରୁକ୍ଷ୍ୟ, ତୀବ୍ର କଟାକ୍ଷ ବାଣ ପରି ଅଶେଷ ବାକ୍ୟ ଉଦ୍‌ଗୀରଣ କରି ନିଜର ଜୀବନ ସହିତ ସାରା ସୃଷ୍ଟିକୁ କଳୁଷିତମୟ କରିଦିଏ। ଲେଡ଼ିଗୁଡ଼ କହୁଣୀକୁ ଚାଲିଗଲା ପରେ ଆଉ ଫେରାଇବାର ଉପାୟ ନଥାଏ। ଯାହାର ପ୍ରଭାବରେ ଆଜି ଆମ ରାଜ୍ୟ ବା ଦେଶ ନୁହେଁ, ସାରା ପୃଥିବୀ ଘୂର୍ଣ୍ଣୟମାନ ହୋଇରହିଛି। 'ଶାନ୍ତି' ଖୋଜିବା ପାଇଁ ଆଉ ଇଞ୍ଚେ ଭୂମୀ ରହିଲା ନାହିଁ। ତେଣୁ ପ୍ରତିଦିନ ବହୁପ୍ରକାରର ଘଟଣା, ଦୁର୍ଘଟଣା, ଆଧ୍ୟାତ୍ମିକ, ଆଧିଭୌତିକ, ଆଧିଦୈବିକ ପ୍ରଭାବରେ ଗଢ଼ିଚାଲିଛି।

ତେଣୁ କେଉଁଠି ଦଳାଚକଟା ହୋଇ ୧୧୬ ମୃତ ହେଉଛନ୍ତି ତ କେଉଁଠି ବିଜେପି-କଂଗ୍ରେସ କର୍ମୀ ମୁହାଁମୁହିଁ ପଡ଼ିବାକୁ ପଡୁଛି। କେଉଁଠି ୪ କୋଟିର ହେରୋଇନ୍ ଜବତ, ୨ ଗିରଫ ପଡ଼ିବାକୁ ମିଳୁଛି, ସୀମାନ୍ତରେ ଗୁଳି ବିନିମୟ, ୧୧ ମାଓବାଦୀ ନିପାତ, ସୁନାଦୋକାନରେ କଳାକନା ବୁଲାଇବା ଦୁବୃତ୍ତ, ଟ୍ୟାଙ୍କ୍ ସହ ଭାସିଗଲେ ୫ ଜବାନ୍, ଜାଲିଆତି କରି ଜମି ବିକ୍ରି ୨ ଗିରଫ, ସ୍ୱାମୀର ଉତ୍ୟକ୍ତ କାଣ୍ଡ, ସ୍ତ୍ରୀ କଟକ ସ୍ଥାନାନ୍ତର। "ଓଡ଼ିଆ ଅସ୍ମିତା ଓ ପରମ୍ପରା ଧ୍ୱଂସ - କଂଗ୍ରେସ।" "ପ୍ରତିଶ୍ରୁତି ଭଙ୍ଗର ଏହା ପ୍ରଥମ ଉଦାହରଣ- ବିଜେଡ଼ି", "ବରିଷ୍ଠତା ହିସାବରେ ମୁଖ୍ୟ ସଚୀବ ନିଯୁକ୍ତ - ବିଜେପି" ଏଇ ପରମ୍ପରା ଆଗକୁ ଆଗକୁ ଗଡ଼ି ଚାଲିବ ଓ ବଢ଼ି ଚାଲିବ ମଧ୍ୟ। କେହି ନିଜ ଭିତରକୁ ଦେଖିବେ ନାହିଁ। ସମସ୍ତେ ଅନ୍ୟକୁ ଦୋଷ ଦେଇ ଦେଇ ନିଜେ ନିସ୍ତାର ପାଇଯିବେ ବୋଧହୁଏ।

"ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଆମର ପରିଚୟ- ମୁଖ୍ୟମନ୍ତ୍ରୀ।" ୨୫ ବର୍ଷରେ ଯାହା ହୋଇନି ୫ ବର୍ଷରେ ହେବ। "ତାଙ୍କ ତୁଣ୍ଡ ସୁତୁଣ୍ଡ ହେଉ ଈଶ୍ୱରଙ୍କ କୃପାରୁ।" ଲୋକସଭାରେ ରାହୁଲ-ମୋଦି ମୁହାଁମୁହିଁ। ବିଶେଷ ଦୂରକୁ ଯିବାକୁ ପଡ଼ିବ ନାହିଁ। ଲୋକମୁଖରୁ ହଜିଯିବ "ଚାରିସୋ ବିସ୍!" ସମ୍ପର୍କରେ କଳଙ୍କ - ଟଙ୍କା ପାଇଁ ବାପାଙ୍କୁ ହତ୍ୟା କଲେ ପ୍ରଫେସର। ରାଜ୍ୟସଭାରେ ପକ୍ଷ ବଦଳୋଉଛନ୍ତି ଦଳ। ବିରୋଧୀ ଶିବିରକୁ ବିଜେଡ଼ି। "ମୋ ବସ୍ ହେବ - ଆମ ବସ୍ - ମନ୍ତ୍ରୀ।" ରହସ୍ୟ ଘେରରେ ବିଳାସପୂର୍ଣ୍ଣ ଘର ତଦନ୍ତ ପାଇଁ - ରାଜ୍ୟପାଳଙ୍କ ସୁଚନା। "ଶବ ବ୍ୟବଚ୍ଛେଦ ଗୃହ ନା ରଙ୍ଗଶାଳା ?" "ଜାଲ ପ୍ରମାଣପତ୍ରରେ ଶିକ୍ଷକତା, ଦୁଇ ଶିକ୍ଷକ ଗିରଫ।" ଅଧ୍ୟାପକଙ୍କ ଆକ୍ରମଣରେ ହଳଦିଆ ମହାବିଦ୍ୟାଳୟରେ ଅଧକ୍ଷ ଆହତ। ଅସ୍ଥାୟୀ ଷ୍ଟଲ୍ ନିର୍ମାଣ ମାମଲା, ବଡ଼ଦାଣ୍ଡରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ହେବନାହିଁ ସ୍ଥାୟୀ ନିର୍ମାଣ।

୧୪ ମୃତ ବିଦେଶାଗତ ପକ୍ଷୀ ଜବତ, ୨ ଶିକାରୀ ଗିରଫ। "ସତ ଶୁଣିବାକୁ ବିରୋଧୀଙ୍କ ଧୈର୍ଯ୍ୟ ନାହିଁ- ମୋଦି" ପ୍ରକୃତ ସତ୍ୟରେ କିଏ ପ୍ରତିଷ୍ଠିତ ?

ବର୍ଷାରେ ଭୁଶୁଡ଼ିଲା ଦିଲ୍ଲୀ ବିମାନ ବନ୍ଦର ଛାତ, ଜଣେ ମୃତ ଓ ୬ ଆହତ। ଯାହାହେଉ କୌଣସି ପ୍ରକାରେ ନିର୍ବାଚନର ଇସ୍ତାହାର ସରିଗଲା। ଏଣିକି ଛକା ପଂଝା ଚାଲିବ। ଚାଲୁ, ଯାହା ସାଇଁଙ୍କର ଇଚ୍ଛା ଥିବ ତାହା ସମସ୍ତ ସମାଜକୁ ଭୋଗ କରିବାକୁ ପଡ଼ିବ। ସିଧା ବାଟ ଦେଇ ଚାଲୁଥିବା ବ୍ୟକ୍ତି କେବେହେଲେ ପଙ୍କ କାଦୁଅରେ ପଶି ହାତଗୋଡ଼ ଖଣ୍ଡିଆ ବା କାଦୁଅ କରିବ ନାହିଁ। ବର୍ତ୍ତମାନର ଯୁଗ କେବଳ ନିଜର ଜନ, ଜୀବନ, ସମ୍ପତ୍ତି ରକ୍ଷା। ଚାଲୁ କିଏ କେତେ ଦୂର ଯାଇପାରୁଛି।

ଏବେ ଆମ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା। ତାଙ୍କର ଅପଲକ ନେତ୍ରରେ ସେ ଯଦି ସତ୍ୟ ଦୃଷ୍ଟି ନେଇ ଦେଖୁଥିବେ ନିଶ୍ଚିତ ଜଗତ ଉଦ୍ଧାର ହେବ। ଦାରୁବ୍ରହ୍ମ ସମ୍ପୂର୍ଣ୍ଣ ସୁସ୍ଥ ହେଲେ - ଗଜପତିଙ୍କୁ ଜଣାଇ ଦେଲେ ଦଇତାପତି। ରତ୍ନଭଣ୍ଡାର ମରାମତି ନିହାତି ଦରକାର - ଗଜପତି ଏଇ ଆଶା ନେଇ କୌଣସି ମତେ ଏଥିରୁ ବିରତ ହେଲି।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ଗୌରାଙ୍ଗ ମିଶ୍ର

ପ୍ରବନ୍ଧ

# ମୁକ୍ତି କ୍ଷେତ୍ରରେ ମୁକ୍ତି ମଣ୍ଡପ

## ଗୋପାଳ ଚନ୍ଦ୍ର ମିଶ୍ର

ଆମ ବୈଦିକ ପରମ୍ପରା ଏବଂ ସନାତନ ଧର୍ମର ରକ୍ଷା କବଚ ଭାବେ ପୁରୀ ମୁକ୍ତି ମଣ୍ଡପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୁରୀ ହେଉଛି ପୂର୍ବ ଭାରତର ଆଧାତ୍ମିକ କେନ୍ଦ୍ର ଏବଂ ଏକ ଉପକୂଳବର୍ତ୍ତୀ ସହର। ମୁକ୍ତିମଣ୍ଡପ ହେଉଛି ପୁରୀର ଶ୍ରୀମନ୍ଦିର ପରିସର ମଧ୍ୟରେ ଷୋଡ଼ଶ ମଣ୍ଡପ ମଧ୍ୟରୁ ସବୁଠାରୁ ପବିତ୍ର ମଣ୍ଡପ। ଶ୍ରୀମନ୍ଦିର ବେଢ଼ାର ଦକ୍ଷିଣ ଦ୍ୱାର ସମ୍ମୁଖରେ ଏହାର ଅବସ୍ଥିତି। ଶ୍ରୀମନ୍ଦିର ସ୍ୱତ୍ତ୍ୱ ଲିପିର ଉଲ୍ଲେଖ ଅନୁଯାୟୀ ପ୍ଲଟ ନମ୍ବର ୮୨ରେ ମୁକ୍ତିମଣ୍ଡପ ଅବସ୍ଥିତ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଏକ ପରାମର୍ଶଦାତା ସଂସ୍ଥା ରୂପେ ଅନେକ ବର୍ଷ ଧରି କାର୍ଯ୍ୟ କରିଆସୁଅଛି। ଏହି ମଣ୍ଡପ ହେଉଛି ଶାସନ ବ୍ରାହ୍ମଣ ତଥା ଧୁରୀଣ ପଣ୍ଡିତମାନଙ୍କର, ଯେଉଁଥିରେ ପୁରୀର ଶଙ୍କରାଚାର୍ଯ୍ୟ ଅଧ୍ୟକ୍ଷତା କରନ୍ତି। ଶଙ୍କରାଚାର୍ଯ୍ୟ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ସେଠାରେ ଆସନ ଉପରେ ଉପବେଶନ କରିବାର ଅଧିକାର ପାଇଛନ୍ତି। ପୁରୀ ଷୋଳ ଶାସନର ବିଜ୍ଞ ଷୋଳଜଣ ପଣ୍ଡିତ ଏଠାରେ ଉପବେଶନ କରିଥିବାରୁ ପରମ୍ପରାଗତ ଭାବରେ ଷୋଳଟି ସ୍ତମ୍ଭ ରହିଅଛି।

କଥିତ ଅଛି ଯେ ବ୍ରହ୍ମା ଯେତେବେଳେ ଜଗନ୍ନାଥଙ୍କୁ ସ୍ଥାପନ କରିବାକୁ ଆସିଥିଲେ, ସେତେବେଳେ ସେ ଏହି ମଞ୍ଚ ଉପରେ ଦଣ୍ଡାୟମାନ ହୋଇ ଯଜ୍ଞ ସଂସ୍ଥାପନ କାର୍ଯ୍ୟ କରିଥିଲେ। ଏହି ମୁକ୍ତିମଣ୍ଡପ କଳା ମୁଗୁନି ପଥରରେ ନିର୍ମିତ ଏକ ବେଦୀ ଯାହାର ଲମ୍ବ ଓ ପ୍ରସ୍ଥ ପ୍ରତ୍ୟେକ ୩୮ ଫୁଟ୍। ପୂର୍ବେ ଏହା ଉପରେ ଛାତ ନଥାଇ ମୁକ୍ତ ଥିବାରୁ ସେତେବେଳେ ଏହାକୁ "ମୁକ୍ତି ମଣ୍ଡପ" ବୋଲି କୁହାଯାଉଥିଲା। ଏହି ମଣ୍ଡପଟିକୁ ମୁକ୍ତିମଣ୍ଡପ କୁହାଯିବାର କାରଣମାନ ମଧ୍ୟ ବିଦ୍ୟମାନ ଅଛି। ସଂକ୍ଷେପରେ ମୁକ୍ତି ପ୍ରଦାନ କରୁଥିବାରୁ ଉକ୍ତ ମଣ୍ଡପକୁ ମୁକ୍ତିମଣ୍ଡପ କୁହାଯାଏ। ଏହାକୁ ବ୍ରହ୍ମାସନ, ବ୍ରହ୍ମବେଦୀ, ଯଜ୍ଞ ମଣ୍ଡପ ଏବଂ ମୋକ୍ଷବେଦୀ ମଧ୍ୟ କୁହାଯାଇଥାଏ।

ମୁକ୍ତିମଣ୍ଡପରେ ଅନୁଷ୍ଠିତ ହେଉଥିବା ମୁଖ୍ୟ ଉତ୍ସବ ଗୁଡ଼ିକ ହେଲା କାର୍ତ୍ତିକ ଶୁକ୍ଳ ସପ୍ତମୀର ଷୋଳ ଶାସନ ଭୋଗ, ପୁଷ୍ୟାଭିଷେକ, ଭାଦ୍ରବ ଶୁକ୍ଳ ଦ୍ୱାଦଶୀର ସୁନିଆ ଏବଂ ଷୋଳ ପୂଜା। ଶାସନୀ ବ୍ରାହ୍ମଣମାନେ ପାରମ୍ପରିକ ଭାବରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଅନୁଷ୍ଠିତ ହେଉଥିବା ରୁକ୍ମିଣୀ ବିବାହ ଉତ୍ସବରେ ଅଂଶଗ୍ରହଣ କରିବା ସହିତ ମନ୍ଦିର ମଧ୍ୟରେ ଅନୁଷ୍ଠିତ ହେଉଥିବା ଅନ୍ୟାନ୍ୟ ଯଜ୍ଞାଦି କର୍ମ ସଂପାଦନାରେ ଅଂଶଗ୍ରହଣ କରିଥାଆନ୍ତି। ପ୍ରତିବର୍ଷ ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀଠାରୁ ପ୍ରତିପଦା ଯାଏଁ ସାତ ଦିନ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେଉଥିବା ଝୁଲଣ ଯାତ୍ରାରେ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ଝୁଲଣ ମଣ୍ଡପକୁ ବିଜେ କରନ୍ତି। ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଦାରୁ ଆସିବା ପରେ ପ୍ରତିଷ୍ଠା ଓ ଯଜ୍ଞାଦି ପାଇଁ ମୁକ୍ତିମଣ୍ଡପର ଗୁରୁଦାୟିତ୍ୱ ରହିଥାଏ। ଗଜପତି ମହାପ୍ରଭୁଙ୍କୁ ଦର୍ଶନ ସାରି ଦକ୍ଷିଣ ଦ୍ୱାର ପଟେ ପ୍ରତ୍ୟାବର୍ତ୍ତନ ସମୟରେ ମୁକ୍ତିମଣ୍ଡପରେ ମୁଣ୍ଡ ଲଗାଇ ପ୍ରଣାମ କରନ୍ତି। ଏଠାରେ ପ୍ରତ୍ୟହ ଭାଗବତ ପୁରାଣ ପାଠ କରାଯିବାର ବିଧି ପ୍ରଚଳିତ ଅଛି।

ଶ୍ରୀକ୍ଷେତ୍ର ପୁରୀକୁ ମୁକ୍ତି କ୍ଷେତ୍ର ମଧ୍ୟ କୁହାଯାଏ। ଏହି କ୍ଷେତ୍ରର ଜଳ, ସ୍ଥଳ ଏବଂ ଆକାଶ ଏତେ ପବିତ୍ର ଯେ, ଜଣେ ବ୍ୟକ୍ତି ଶ୍ରୀକ୍ଷେତ୍ରର ଯେକୌଣସି ସ୍ଥାନରେ ମୃତ୍ୟୁବରଣ କଲେ ମଧ୍ୟ ସେ ମୁକ୍ତି ପ୍ରାପ୍ତ ହୋଇପାରିବ ବୋଲି ପୁରାଣମାନଙ୍କରେ ଉଲ୍ଲେଖ ରହିଅଛି। ମୁକ୍ତି କ୍ଷେତ୍ରରେ ମୁକ୍ତିମଣ୍ଡପ ଏକ ଅଭିନବ ପରିକଳ୍ପନା ନିଶ୍ଚୟ।

ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚି ଅବନ୍ତିକା,
ପୁରୀ ଦ୍ୱାରାବତୀ ଶ୍ଚୈବ ସପ୍ତତେ ମୋକ୍ଷଦାୟୀକା।

ଏହା ଉଲ୍ଲେଖନୀୟ ଯେ ଭାରତବର୍ଷର ମୋକ୍ଷଦାୟିନୀ ସପ୍ତ ନଗରୀ ମଧ୍ୟରେ ପୁରୀ ଅନ୍ୟତମ। ମୁକ୍ତିମଣ୍ଡପର ବିଶେଷତ୍ୱ ଏହି ଯେ ଏହାକୁ ସ୍ପର୍ଶ କରିଦେଲେ ମୁକ୍ତି ମିଳିଯାଏ। ସ୍କନ୍ଦ ପୁରାଣ ଅନୁଯାୟୀ ବ୍ରହ୍ମା ଅନ୍ତର୍ଯ୍ୟାମୀ ନାରାୟଣଙ୍କର ସ୍ୱର୍ଗୀୟ ଲୀଳାର ସ୍ଥାନ ବିଷୟରେ ଅବଗତ ହେବା ପାଇଁ ନୀଳପର୍ବତକୁ ଆସିଥିଲେ। ବ୍ରହ୍ମା ସନ୍ଦର୍ଶନ କଲେ ଏକ ତୃଷାର୍ତ୍ତ କାକ ଉଡ଼ି ଉଡ଼ି ଆସି ରୋହିଣୀ କୁଣ୍ଡରେ ସ୍ନାନ ପୂର୍ବକ ଚତୁର୍ଭୁଜ ରୂପ ଧାରଣ କରି ମୋକ୍ଷ ଲାଭ କରିଗଲା। ବ୍ରହ୍ମା ଅତ୍ୟନ୍ତ ବିସ୍ମିତ ହୋଇ

ଭାବୁଥିଲେ ମହାନ୍ ଯୋଗୀଙ୍କ ପାଇଁ ମଧ୍ୟ ଏହି ପ୍ରକାର ସଫଳତା କ୍ୱଚିତ୍ ପ୍ରାପ୍ତ ହୋଇଥାଏ। ରୋହିଣୀ କୁଣ୍ଡ ଯେ ପ୍ରଭୁଙ୍କ ଲୀଳାର ଅପୂର୍ବ ନିଦର୍ଶନ, ତାହା ବ୍ରହ୍ମା ମର୍ମେ ମର୍ମେ ଅନୁଭବ କରିପାରିଥିଲେ। କାକ ଉଦ୍ଧାର ପାଇବା ପରେ ଏହା ପରିତ୍ରାଣର ଏକ ସ୍ଥାନ ବା ମୁକ୍ତି ପୀଠ ରୂପେ ବିବେଚିତ ହେଲା। ଏହି ମଣ୍ଡପ ହୁଏତ ବହୁତ ବର୍ଷ ପରେ ନିର୍ମିତ ହୋଇଥିଲା ଯାହା ପରବର୍ତ୍ତୀ ସମୟରେ ମୁକ୍ତିମଣ୍ଡପ ଭାବରେ ଜଣାଶୁଣା।

ପୂର୍ବ କାଳରେ ବେଦ, ବେଦାନ୍ତ ତଥା ଅନ୍ୟାନ୍ୟ ଶାସ୍ତ୍ରରେ ନିପୁଣ ଥିବା ବ୍ରାହ୍ମଣମାନଙ୍କୁ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ସଭ୍ୟ ପଦ ପାଇଁ ମାନ୍ୟତା ମିଳୁଥିଲା। ମୁକ୍ତିମଣ୍ଡପ ଉପରେ ବସିବାକୁ ଅନୁମତି ଦିଆଯାଉଥିବା ପଣ୍ଡିତମାନଙ୍କୁ ବ୍ରହ୍ମାଙ୍କ ପ୍ରତିନିଧି ଭାବରେ ବିବେଚନା କରାଯାଉଥିଲା। ମନ୍ଦିରର ପରିଚାଳନାରେ ରୀତିନୀତି ସମ୍ପର୍କରେ ଦେଖାଯାଉଥିବା ବିବାଦ ଉପରେ ମୁକ୍ତିମଣ୍ଡପ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। ମୁକ୍ତିମଣ୍ଡପ ପଣ୍ଡିତମାନେ ସେମାନଙ୍କର ଉତ୍ତମ ଗୁଣ ଏବଂ ଜ୍ଞାନ ମାଧ୍ୟମରେ ଏକ ଉତ୍ତମ ନୈତିକ ଦାୟିତ୍ୱସଂପନ୍ନ ସମାଜ ଗଠନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିଲେ।

ଅନେକ ଐତିହାସିକ ସ୍ୱୀକାର କରନ୍ତି ଯେ ମୁକ୍ତିମଣ୍ଡପ, ରାଜା ମାନସିଂଙ୍କ ପତ୍ନୀ ଗୌରୀ ଦେବୀଙ୍କ ଦ୍ୱାରା ଗଜପତି ରାମଚନ୍ଦ୍ରଦେବଙ୍କ ଶାସନ ସମୟରେ ୧୫୯୨ ଖ୍ରୀଷ୍ଟାବ୍ଦରେ ଉଦ୍‌ଘାଟିତ ହୋଇଥିଲା। ଐତିହାସିକ ଶ୍ରୀ କେଦାରନାଥ ମହାପାତ୍ର ତାଙ୍କ ରଚିତ 'ଖୁରୁଧା ଇତିହାସ'ରେ ଉଲ୍ଲେଖ କରିଛନ୍ତି ଯେ "ତ୍ରୟୋଦଶ ବା ଚତୁର୍ଦ୍ଦଶ" ଶତାବ୍ଦୀରେ ରଚିତ କାଶୀମାହାତ୍ମ୍ୟ ପ୍ରଚାରକ 'କାଶୀଖଣ୍ଡ' ନାମକ ସଂସ୍କୃତ ଗ୍ରନ୍ଥରେ ପ୍ରଥମେ କାଶୀସ୍ଥିତ 'ମୁକ୍ତିମଣ୍ଡପ'ର ଉଲ୍ଲେଖ ଦେଖାଯାଏ। ଏହାର ଅନୁକରଣରେ ପୁରୀ ଜଗନ୍ନାଥ ମନ୍ଦିର ବେଢ଼ା ମଧ୍ୟରେ ଏକ ମୁକ୍ତିମଣ୍ଡପ ପ୍ରତିଷ୍ଠିତ ହୋଇଥିଲା। କିନ୍ତୁ ଏହାର ପ୍ରତିଷ୍ଠା କାଳ ଏପର୍ଯ୍ୟନ୍ତ ଅଜ୍ଞାତ।

ଭକ୍ତକବି ବଳରାମ ଦାସଙ୍କ 'ବେଦାନ୍ତସାର ଗୁପ୍ତଗୀତା'ରୁ ଜଣାଯାଏ ଯେ ୧୫୧୧ ଖ୍ରୀଷ୍ଟାବ୍ଦ ବେଳକୁ ପୁରୀର ମୁକ୍ତିମଣ୍ଡପ ପଣ୍ଡିତ ସଭା ସୁପ୍ରତିଷ୍ଠିତ ଥିଲା। ଯେବେ ବି ପ୍ରତିଷ୍ଠା ହେଉ ମୁକ୍ତିମଣ୍ଡପ ଯେ ଏକ ପ୍ରାଚୀନ ସାଂସ୍କୃତିକ ପୀଠ ଏବଂ ମୁକ୍ତିମଣ୍ଡପରେ ଧର୍ମାଚରଣ ସଂପର୍କୀୟ ସମସ୍ୟାମାନଙ୍କର ଶାସ୍ତ୍ରୀୟ ସମାଧାନ କରାଯାଏ, ଏହା ସର୍ବଜନ ସ୍ୱୀକୃତ।

*ଗ୍ରାମ- ଅରିଲୋ, ପୋଷ୍ଟ- ଶଂଖତ୍ରାସ, ଜିଲ୍ଲା- କଟକ*
*ଦୂରଭାଷ: +୯୧୮୪୫୭୯୩୧୦୫୬*

**ସହାୟକ ପୁସ୍ତକ:-**

୧. Puri, The Home of Lord Jagannath compiled by Parama Karuna Devi
୨. Odisha review June-July ୨୦୨୦
୩. ଉତ୍କଳ ପ୍ରସଙ୍ଗ ଜୁନ୍ - ୨୦୧୪
୪. ଖୁରୁଧା ଇତିହାସ (ଶ୍ରୀ କେଦାର ନାଥ ମହାପାତ୍ର)

# ଶ୍ରୀ ଜଗନ୍ନାଥ ଦେବଙ୍କ ଭିନ୍ନ ଏକ ଲୀଳାକଥା

ପ୍ରଶାନ୍ତ ମିଶ୍ର

ଆଷାଢ଼ ଶ୍ୟାମଳ ପକ୍ଷେ ଦ୍ୱିତୀୟା ପୁଷ୍ୟା ସଂଯୁତେ
ଚରାଚର ହିତାର୍ଥାୟ ଘୋଷଯାତ୍ରା ବିଧିରେତେ ॥

ଉତ୍କଳରେ ଜଗନ୍ନାଥ ଧର୍ମ ହେଉଛି ଶ୍ରେଷ୍ଠ ମାନବ ଧର୍ମ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସମସ୍ତ ତତ୍ତ୍ୱମାନଙ୍କ ମଧ୍ୟରେ ଶ୍ରେଷ୍ଠ ତତ୍ତ୍ୱ। ସେ ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର ଅଧିପତି ଏବଂ ଦାରୁବ୍ରହ୍ମ ରୂପୀ ସମଗ୍ର ତ୍ରିଲୋଚକର ମହାନାୟକ।

ସେ କୋଟି କୈବଲ୍ୟନାଥ, ଜଗତର ନାଥ, ଭକ୍ତଗଣଙ୍କ ମିତ୍ର, ଅନାଥର ନାଥ, ପରମ ପୁରୁଷ। ସେ ଶ୍ରୀକ୍ଷେତ୍ରରେ ନୀଳଶଇଳ ପର୍ବତ ଉପରେ ଦାରୁବ୍ରହ୍ମ ରୂପରେ କେଉଁ ଅନାଦିକାଳରୁ ଉପବିଷ୍ଟ। ବାରମାସରେ ଏହି ଶ୍ରୀକ୍ଷେତ୍ରରେ ତେର ଯାତ ପାଳନ କରାଯାଇଥାଏ। ସବୁଠାରୁ ଶେଷ ଯାତ ହେଉଛି ଘୋଷଯାତ୍ରା। ଲୀଳାମୟ ପୁରୁଷୋତ୍ତମ ମହାପ୍ରଭୁ କେତେବେଳେ କେଉଁ ଲୀଳା ପ୍ରଦର୍ଶନ କରିଥାନ୍ତି, ତାହା ଜାଣିବା କଷ୍ଟସାଧ୍ୟ।

ପୁରାଣ ଶାସ୍ତ୍ରରୁ ଆରମ୍ଭ କରି କାବ୍ୟ କବିତା ପୂର୍ଣ୍ଣ ଗ୍ରନ୍ଥମାଳାରେ ମହାପ୍ରଭୁଙ୍କ ଲୀଳାର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି।

କବିଙ୍କ ମୁଖରୁ ଝରିଛି କବିତା –

ତୋ ମାୟା ଦେବେ ଅଗୋଚର
ମୁହିଁତ ମଣିଷ ମାତର

ଏକଦା ଘୋଷଯାତ୍ରା ଅବସରରେ ଦେବକାର୍ଯ୍ୟ ନିମନ୍ତେ ନିୟୋଜିତ ହୋଇଥିବା ସେବାୟତମାନଙ୍କର ଅନେକ ଅନୁଭୂତିମୂଳକ ଲୀଳା କାହାଣୀମାନ ଶୁଣିବାକୁ ମିଳେ। ଏହାର ବର୍ଣ୍ଣନା ଅନେକ ଲିଖିତ ହୋଇ ରହିଛି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଘୋଷଯାତ୍ରାର ଆରମ୍ଭ ଦିନ। ଏହି ଦିନ ଶ୍ରୀକ୍ଷେତ୍ରର ଚତୁର୍ଦ୍ଧା ମୂର୍ତ୍ତିମାନ ଗୋଟିଏଗୋଟିଏ ରଥରେ ବିରାଜମାନ କରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବାକୁ ଯାଇଥାନ୍ତି। ଏହି ଯାତ୍ରା ନବଦିନ ବ୍ୟାପୀ ହୋଇଥାଏ। ଏହି ନବଦିନାତ୍ମକ ଯାତ୍ରାରେ ଠାକୁରମାନେ ଜନ୍ମ ବେଦୀ ଗୁଣ୍ଡିଚା ମନ୍ଦିରରେ ରହିଥାନ୍ତି। ଯାତ୍ରାର ପ୍ରଥମ ଦିବସରେ ରତ୍ନବେଦୀରୁ ବାହାରି ପ୍ରଥମେ ବଡଠାକୁର ଶ୍ରୀଶ୍ରୀ ବଳଦେବ ରଥାରୂଢ଼ ହୋଇଥାନ୍ତି।

ଦ୍ୱିତୀୟରେ ମା ସୁଭଦ୍ରା ଦେବୀ ରଥାରୂଢ଼ ହୋଇଥାନ୍ତି; ତୃତୀୟରେ ବଳିଆରଭୂଜ କାଳିଆ ସାଆନ୍ତ ମହାପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ କରାଯାଇଥାଏ। ଏକଦା ରଥଯାତ୍ରା ବେଳେ ଦୁଇ ଠାକୁର ରଥାରୂଢ଼ ହୋଇଯିବା ସମୟରେ ସନ୍ଧ୍ୟା ଉପସ୍ଥିତ ହୋଇ ଆସିଲା। ସନ୍ଧ୍ୟା ସାଙ୍ଗକୁ ହଠାତ୍ ବର୍ଷା, ପବନ ଏବଂ ବଜ୍ରପାତ ଆରମ୍ଭ ହୋଇଗଲା। ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ ହୋଇଗଲା। ଘଡ଼ଘଡ଼ିର ପ୍ରଚଣ୍ଡ ଶବ୍ଦରେ ଏବଂ ଅତିରିକ୍ତ ବର୍ଷା ହେତୁ ବଡ଼ଦାଣ୍ଡ ଭକ୍ତଶୂନ୍ୟ ହେବାକୁ ଲାଗିଲା। ଲୋକେ ଛତ୍ରଭଙ୍ଗ ଦେଇ ଚାଲିଗଲେ। ପୂଜାପଣ୍ଡା ଏବଂ ସେବାୟତମାନଙ୍କର ଆୟ ମଧ୍ୟ ବନ୍ଦ ହୋଇଯିବାରୁ ସେମାନେ ଗୃହାଭିମୁଖୀ ହେଲେ। କେବଳ ନନ୍ଦିଘୋଷ ରଥରେ କାଳିଆ ଠାକୁରଙ୍କ ସହ ଜଣେ ସେବାୟତ ଭାଇନା ଏକାକୀ ରହିଥିଲେ। ସିଏ କୌଣସି ଏକ ପାଖ ଗ୍ରାମରୁ ଆସିଥିଲେ। ଚତୁର୍ଦ୍ଦିଗରେ ମହା ଅନ୍ଧକାରକୁ ଦେଖି ଭାଇନା ଜଣଙ୍କ କୁଆଡ଼େ ନଯାଇ ରଥରେ ହିଁ ବସି ରହିଲେ। ତାଙ୍କର ମନେ ପଡ଼ିଲା ତାଙ୍କ ଘର କଥା। ସେ ଘରେ କହି ଦେଇ ଆସିଥିଲେ ନଅଦିନ ଘୋଷଯାତ୍ରା ଶେଷ ହେବା ପରେ ଆଉ ଅଧିକା କିଛି ଦିନ ରହି ଘରକୁ ଫେରିବେ। ଏଣେ ତାଙ୍କ ଗୃହିଣୀଙ୍କର ମନ ବ୍ୟସ୍ତ ହେଲା ଭୟଙ୍କର ବର୍ଷା ପବନକୁ ଦେଖି ଦେଇ। ସେ ମନେ ମନେ କାଳିଆ ଠାକୁରଙ୍କୁ ସ୍ୱାମୀଙ୍କ ସୁରକ୍ଷା ପାଇଁ ସ୍ମରଣ ମନନ କଲେ। ବେଳୁବେଳ ଇନ୍ଦ୍ରଦେବଙ୍କ ପ୍ରକୋପ ବଢ଼ି ପରିବେଶକୁ ଆହୁରି ଭୟଙ୍କର କରିଦେଲା।

ସେବାୟତ ଭାଇନା ଜଣକ ନନ୍ଦିଘୋଷ ରଥ ଉପର ଚକା କାଠ ଉପରେ ଦଣ୍ଡା ହୋଇ ଶୋଇରହିଲେ। ବର୍ଷା ପାରିରୁ ରକ୍ଷା ପାଇବା ପାଇଁ ତାଙ୍କୁ ଏହି ସ୍ଥାନକୁ ଆସିବାକୁ ପଡ଼ିଲା। ସମୟ ଅତିକ୍ରାନ୍ତ ଅବସରରେ ସେବାୟତ ଭାଇନାଙ୍କୁ ଭୋକ ହେଲା। ଜନଶୂନ୍ୟ ପରିବେଶରେ ଖାଦ୍ୟ ବା ଆସିବ କୁଆଡୁ ? ତାଙ୍କର ଭାରି ମନ ହେଉଥାଏ ଏହି ବର୍ଷା ଭିଜା

ରାତିରେ ଗରମ ଛେନାଟିକେ ମିଳନ୍ତାକି ? କାଳିଆ ଠାକୁରଙ୍କୁ ନିବେଦନ କରି ପ୍ରସାଦ ଗ୍ରହଣ କରିଥାନ୍ତି; ଜୀବନଟା ଆଶ୍ୱସ୍ତି ହୋଇଯାଆନ୍ତା । ବେଳୁ ବେଳୁ ମେଘ ଗର୍ଜନ ଅତି ଭୀଷଣ ହୋଇ ବର୍ଷା ଝରି ପଡୁଥାଏ । ଚଉଦିଗ ଅନ୍ଧକାର ଏବଂ ନିସ୍ତବ୍ଧ । ନନ୍ଦିଘୋଷ ରଥ ଦେହରୁ ବର୍ଷା ପାଣି ନିଗିଡ଼ି ହୋଇ ବଡ଼ଦାଣ୍ଡରେ ସୁଅ ଚାଲିଥାଏ ଏବଂ ବଡ଼ଦାଣ୍ଡ ହୋଇଥାଏ ଜଳମଗ୍ନ । ପ୍ରାଣର ଠାକୁର ଶ୍ରୀ ଜଗନ୍ନାଥ ରଥାରୂଢ଼ ହୋଇ କ'ଣ କରୁଥିବେ ଭାବି ଭାବି ମନ ଅସ୍ଥିର ହେଉଥାଏ । ଏହି ସମୟରେ ଇନ୍ଦ୍ରଦେବଙ୍କୁ ନେହୁରା ହୋଇ ବର୍ଷାର ପ୍ରକୋପ କମାଇ ଦେବା ପାଇଁ ଅନୁରୋଧ କରୁଥାନ୍ତି ସେବାୟତ ଭାଇନା । ରଥର ଯେପରି କିଛି କ୍ଷତି ନ ଘଟୁ, ସେଥିପାଇଁ ପ୍ରକୃତିକୁ ନେହୁରା ହେଉଥାନ୍ତି ।

ଏଣେ ଭୋକର ଦାଉ ଭାଇନାଙ୍କ ପେଟକୁ ଆଉଟୁପାଉଟୁ କରି ଦେଉଥାଏ । ଲୀଳାମୟଙ୍କ ଲୀଳାକୁ ବୁଝିବା କଷ୍ଟରେ । ସେ ଅସୀମ ଭିତରେ ସସୀମ ଅଟନ୍ତି । ମହାପ୍ରଭୁ ସାମାନ୍ୟ ଠାକୁର ନୁହନ୍ତି; ସେ ଠାକୁରଙ୍କ ଠାକୁର । ସେ ଅବତାର ନୁହନ୍ତି; ସେ ଅବତାରି ଏବଂ ସକଳ ପ୍ରକାଶର ଉତ୍ସ । ତାଙ୍କୁ ଯେ ଯେମିତି ଚାହେଁ, ସେ ସେମିତି ପାଏ । ହୃଦୟର ନିର୍ଯ୍ୟାସକୁ ନିଗାଡ଼ି ଦେଇ କାତର ହୋଇ ଡାକି ପାରିଲେ କାଳର କାଳ ମଧ୍ୟ କୋଳକୁ ଆସିଯାଇଥାଏ । ତେବେ ପରିସ୍ଥିତି କେତେବେଳେ କିପରି ଭାବେ ଆସେ, ତାହା ଜାଣିବା କଷ୍ଟକର ।

ସେବାୟତ ଭାଇନାଙ୍କ ମନରେ ଭରି ହୋଇଗଲା ଅସରନ୍ତି ସଙ୍କଟମୟ ଭାବନା; ପିଣ୍ଡରେ ପ୍ରାଣ ରହିବ କି ନାହିଁ ଏହି ପ୍ରଶ୍ନ ମନକୁ ଆନ୍ଦୋଳିତ କଲା । ଇତ୍ୟବସରରେ ଜଣେ କେହି ଆଗନ୍ତୁକ ଡାକ ଦେଲେ – ହେ ଭାଇନା କିଏ ଅଛ, ରଥ ଉପରକୁ ଆସ ! ଅଗତ୍ୟା ସେବାୟତ ଭାଇନା ଉଠି କଷ୍ଟରେ ରଥ ଉପରକୁ ଗଲେ । ଅନ୍ଧାର ରାତିରେ କିଛି ଦେଖା ଯାଉନଥାଏ । ସେହି ଆଗନ୍ତୁକ ଜଣକ କହିଲେ- ଆଜ୍ଞା ଏଇ ହାଣ୍ଡିଟିକୁ ନିଅନ୍ତୁ । ମୁଁ ରଥ ଉପରକୁ ଯାଇ ପାରୁନାହିଁ ।

ଭାଇନା ପଚାରିଲେ ତୁମେ କିଏ – କହୁନ ? ବ୍ୟକ୍ତି ବିଶେଷ ନିଜର ପରିଚୟ ନଦେଇ କହିଲେ ଆଜ୍ଞା ! ମୋ ଗାଇଟି ଗୋଟିଏ ବାଛୁରୀକୁ ଜନ୍ମ ଦେଇଛି । ମାନସିକ କରିଥିଲି – ତାହାର କ୍ଷୀରରୁ ଛେନା କରି ମହାପ୍ରଭୁଙ୍କୁ ରଥରେ ସମର୍ପଣ କରିବି । ତେଣୁ ଆପଣଙ୍କୁ ନେହୁରା ହେଉଛି ଆପଣ ଏ ଛେନା ନେଇ ଶ୍ରୀଶ୍ରୀଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରନ୍ତୁ । ସେବାୟତ ଭାଇନାଟି ରଥ ତଳକୁ ଆସି ଦେଖିଲା ବେଳକୁ ସେଠାରେ କେହି ମଣିଷ ନଥିଲେ । କେବଳ ନୂଆ ହାଣ୍ଡିଟିରେ କିଛି ଛେନା ରଖା ଯାଇଥିଲା । ଇତସ୍ତତଃ ମନରେ ଦାରୁଦିଅଁଙ୍କୁ ଛେନା ସମର୍ପଣ କଲାବେଳେ ଭାଇନା ଦେଖିବାକୁ ପାଇଲେ ଦୁଇ ଚକାନୟନରୁ ପାଣିର ବର୍ଷାଧାର ପରି ନୀର ଝରିପଡୁଥିଲା । ସେହି ଚକା ନୟନକୁ ଦର୍ଶନ କରି ଭାଇନା ନିଜେ ଝରଝର କାନ୍ଦି ପକାଇଲେ, ଆଉ କହିଲେ 'ହେ ଅନ୍ତର୍ଯ୍ୟାମୀ ଠାକୁର ! ହେ ବାଞ୍ଛା କଳ୍ପତରୁ ! ମୋର ଦୋଷ ତ୍ରୁଟୀ କ୍ଷମାକର । ଏହି ଛେନା ନୈବେଦ୍ୟ ଗ୍ରହଣ କରି ଦାତାର ମନୋବାଞ୍ଛା ପୂର୍ଣ୍ଣକର । ହେ ବିପଦ ଭଂଜନ କାଳିଆ ଠାକୁର ! ଏ ଅଧମକୁ ଶ୍ରୀଚରଣରେ ସ୍ଥାନ ଦିଅ । ସଦା ସର୍ବଦା ଏ ଅଧମକୁ ଆପଣଙ୍କ ଶ୍ରୀଚରଣର ଦାସଟିଏ କରି ରଖ । ଛେନା ନୈବେଦ୍ୟର କିଛି ଅଂଶ ପ୍ରସାଦ ରୂପେ ଗ୍ରହଣ କରି ସେବାୟତ ଭାଇନା ନିଦ୍ରାରେ ଟଳିପଡ଼ିଲେ । ଏଣେ ତାଙ୍କ ଶରୀରଟି କମ୍ପମାନ ହେଉଥାଏ । ଇତ୍ୟାବସରରେ ଏକ ଯାତ୍ରୀବାହୀ ଗାଡ଼ି ଆସି ପହଞ୍ଚିଲା ବଡ଼ଦାଣ୍ଡରେ । ସେଥିରୁ ଯାତ୍ରୀମାନେ ରଥ ଉପରକୁ ଉଠି ଆସିଲେ । ସେବାୟତ ଭାଇନା ତଳେ ଶୋଇ କମ୍ପମାନ ହେଉଥିବାର ଦେଖି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ । ଠାକୁର ଦର୍ଶନ ପରେ ସମସ୍ତେ କିଛି କିଛି ପ୍ରଣାମୀ ଥାଳିରେ ପକାଇ ଚାଲିଗଲେ । ସେବାୟତ ଭାଇନା ଶ୍ରୀଶ୍ରୀଠାକୁରଙ୍କ କୃପା ବୋଲି ତାକୁ ସବୁ କାନିରେ ବାନ୍ଧିଲେ । ମନେ ମନେ ଠାକୁରଙ୍କୁ ଧନ୍ୟବାଦ ଦେଇ ଅଶ୍ରୁଢାଳି ସ୍ମରଣ ମନନ କରିବାକୁ ଲାଗିଲେ ।

ମନକୁ ଆସିଲା କିଛି ପୁରାଣର କଥା । କଳିଯୁଗରେ କଳିହତ ଜୀବମାନଙ୍କ ଉଦ୍ଧାର ଏବଂ କଲ୍ୟାଣର ପରମ ସାଧନ 'ଶ୍ରୀଭଗନ୍ନାମ' ହିଁ ଅଟେ । ଶ୍ରୀମଦଭାଗବତରେ ତତ୍ରତତ୍ର ଭଗବନ୍ନାମ ସମ୍ବନ୍ଧରେ ବହୁତ କିଛି ବର୍ଣ୍ଣନା ରହିଛି । ପ୍ରଭୁଙ୍କର ଲୀଳା ଖେଳା ଅସୀମ ଏବଂ ଅନନ୍ତ ଅଟେ । ତାଙ୍କର କେଉଁ ପ୍ରକାରର ସେବା ଦ୍ୱାରା ସେ ସନ୍ତୁଷ୍ଟ ହୁଅନ୍ତି, ତାହା ବର୍ଣ୍ଣନା କରିବାକୁ ମଣିଷର ଜ୍ଞାନ ନାହିଁ । ଖାଲି ଏତିକି କହିବା କଥା – ହେ ଭଗବାନ ! ସମସ୍ତଙ୍କୁ ଶକ୍ତି ଦେଇଥାଅ । ସମସ୍ତେ ବଂଚିଥିବା ଯାଏ ଆପଣଙ୍କର ଜୟଗାନ କରୁଥାନ୍ତୁ । ଆପଣଙ୍କ କୃପାବାରିରେ ସ୍ନାନକରି ସମସ୍ତେ କୃତାର୍ଥ ହୁଅନ୍ତୁ ।

-ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ
ହେନାଥ ନାରାୟଣ ବାସୁଦେବା ॥

*ସି-୮୯ ଏଚଆଇଜି*
*ବରମୁଣ୍ଡା ହାଉସିଂବୋର୍ଡ କଲୋନୀ*
*ଭୁବନେଶ୍ୱର - ୭୫୧୦୦୩*

# ଶ୍ରୀକ୍ଷେତ୍ରର ମାଉସୀ ମା' ମନ୍ଦିର ଓ ପୋଡ଼ ପିଠା

**ବିଜୟଲକ୍ଷ୍ମୀ ସାହୁ**

ଜଗତର ନାଥ ଜଗନ୍ନାଥ ମାନବୀୟ ଲୀଳାର ଦେବତା, ତାଙ୍କର ଲୀଳା ଅନେକ। ବରଷକେ ଥରେ ମହାପ୍ରଭୁ ଭାଇ ଭଉଣୀଙ୍କୁ ସାଥିରେ ନେଇ ରତ୍ନସିଂହାସନରୁ ଓହ୍ଲାଇ ଆସି ଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଭକ୍ତଙ୍କୁ ଦର୍ଶନ ଦେବାକୁ ବାହାରି ଆସନ୍ତି, ଶ୍ରୀକ୍ଷେତ୍ର ପାବନକ୍ଷେତ୍ର ଚଳଚଞ୍ଚଳ ହୋଇଉଠେ ଓଁକାର ରୂପୀ ଦାରୁବ୍ରହ୍ମଙ୍କ ଲୀଳାର ଯାତ୍ରା ନବଦିନ ଯାତ୍ରା। ଏହି ନବଦିନ ଯାତ୍ରାରେ ଅନ୍ତିମ ଦିନ ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରନ୍ତି ବାହୁଡ଼ା ଦଶମୀଦିନ ଫେରନ୍ତି, ସେତେବେଳେ ଗୋଟିଏ ମା' ଗୁଣ୍ଡିଚା ମା'ଙ୍କ କୋଳରୁ ଆସି ସେ ଆଉ ଗୋଟିଏ ମା ଅର୍ଥ (ମାଉସୀ ମା')ଙ୍କ ଭଲମନ୍ଦ ବୁଝିବା ପାଇଁ ଅଟକିଯାଆନ୍ତି ଏହି ମାଉସୀ ମା' ମନ୍ଦିର ବଡ଼ଦାଣ୍ଡରେ। ମାଉସୀ ମା' ଗେହ୍ଲା ପୁଅଙ୍କୁ ମନ ଲାଖି ଦରବ ପୋଡ଼ପିଠା ଧରି ଅପେକ୍ଷା କରିଥାନ୍ତି। ମାଉସୀ ମା' କିପରି ଜଗନ୍ନାଥଙ୍କର ମାଉସୀ ହେଲେ ଆସନ୍ତୁ ଜାଣିବା-

ନୀଳମଗୌରେ ଲେଖାଅଛି-

ନମାଣ ଜନକ ଜନ୍ମ ନରୂପା ବୟବସ୍ତଥା
ସର୍ବ ତତ୍ତ୍ୱମୟ ସାକ୍ଷାତ ବ୍ରହ୍ମାଣ୍ଡ ପୁରୁଷୋତ୍ତମ ॥

ମାଉସୀ ମା'ଙ୍କ ନାମକରଣର ତାତ୍ପର୍ଯ୍ୟ କ'ଣ ବୋଲି ମନରେ ସ୍ୱତଃ ପ୍ରଶ୍ନ ଆସେ। ମାଉସୀ ମା'ଙ୍କ ଅନ୍ୟନାମ ଅର୍ଦ୍ଧାଶନୀ ଦେବୀ। ଶ୍ରୀକ୍ଷେତ୍ରର ରକ୍ଷାକାରିଣୀ ଶକ୍ତିମୟୀ ପୁରାଣ ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ମହାପ୍ରଳୟ କାଳରେ ପୁରୁଷୋତ୍ତମ କ୍ଷେତ୍ରସ୍ଥ ରୋହିଣୀକୁଣ୍ଡରୁ ତାରଣୋଦକ ନିଃସୃତ ହୋଇ ମହାପ୍ରଳୟ ଘଟାଇବା ପରେ ପୁଣି ସେହି କୁଣ୍ଡରେ ଲୀନ ହୋଇଯାଏ। ଏହି ଜଳ ପ୍ରଳୟ ଯୁଗାବର୍ତ୍ତନ କାଳରେ ଘଟିଥାଏ। ଥରେ ପ୍ରଳୟ ପରେ ସେ ଜଳ କୁଣ୍ଡ ମଧ୍ୟରେ ଲୀନ ହେଲା ନାହିଁ, ତେଣୁ ମା' ଲକ୍ଷ୍ମୀ ବିଷ୍ଣୁପ୍ରିୟା ସକଳ ଲୋକ ଜନନୀ ଯୋଗମାୟା ସୁଭଦ୍ରିକା ନିକଟରେ ଏ ଘଟଣା ବ୍ୟକ୍ତ କରନ୍ତେ ଯୋଗମାୟା ସ୍ୱ-ଗାତ୍ରରୁ ଏକ ଶକ୍ତି ଜାତ କରି ପ୍ରଳୟୋଦକକୁ ଶୋଷଣ କରିବାକୁ ବା ଚଳୁ କଲା ପରି ପ୍ରଳୟୋଦକକୁ ଶୋଷଣ କରିଦେବାରୁ କ୍ଷେତ୍ର ରକ୍ଷା ହେଲା। କ୍ଷେତ୍ରବାସୀମାନେ ଆଶ୍ୱସ୍ତ ଅନୁଭବ କଲେ। ଶ୍ରୀକ୍ଷେତ୍ରର ଆରାଧିକା ଶକ୍ତି ମଧ୍ୟରେ ଏହି ଦେବୀ ଅନ୍ୟତମ। ଇନ୍ଦ୍ର ନୀଳମଣି ପୁରାଣରେ ରୋହିଣୀ କୁଣ୍ଡ ପ୍ରଶସ୍ତିରେ କୁହାଯାଇଛି-

ଯୋଗ ମାୟାଙ୍ଗ ସମ୍ଭୂତା ପ୍ରଳୟୋଦକ ଶୋଷିଣୀ
ଅର୍ଦ୍ଧଶନୀ ମହାଦେବୀ କ୍ଷେତ୍ର ରକ୍ଷା ବିଧାୟିନୀ ॥

ମହାପ୍ରଳୟ ସମୟରେ ବର୍ଦ୍ଧିତ ଜଳର ଅର୍ଦ୍ଧଭାଗ ସୃଷ୍ଟିର ଆଦ୍ୟକାଳର ସେ ଅଶନ ବି ଭକ୍ଷଣ କରନ୍ତି ବୋଲି ସ୍କନ୍ଦ ପୁରାଣରେ ମଧ୍ୟ ଉଲ୍ଲେଖ ଅଛି। ପ୍ରଳୟ ଜଳକୁ ଶୋଷଣ କରିଥିବାରୁ ଏହାକୁ ଅର୍ଦ୍ଧାଶନୀ ଆଖ୍ୟା ଦିଆଯାଇଛି। ଆଦ୍ୟକାଳରେ ବଡ଼ଦାଣ୍ଡରେ ଯେଉଁ ନଦୀ ଥିଲା ବର୍ତ୍ତମାନ ଲୁପ୍ତ ହୋଇଯାଇଛି, ପୂର୍ବରୁ ମାଳିନୀ ନଈ ବଡ଼ ନଈ ଆଉ ହାତୀ ଗାଧୁଆ ନାମରେ ଏକ ଗଣ୍ଡ ଥିଲା ଯାହା ବର୍ତ୍ତମାନ କଂକ୍ରିଟ ହୋଇଯାଇଛି। କିନ୍ତୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ସେତେବେଳେ ୬ ରଥ ବିଶିଷ୍ଟ ହେଉଥିଲା ଏବଂ ମହାପ୍ରଭୁମାନେ ଗୁଣ୍ଡିଚା ମନ୍ଦିର ଯିବା ପାଇଁ ଡଙ୍ଗା ବ୍ୟବହୃତ ହେଉଥିଲା ବୋଲି କିମ୍ବଦନ୍ତୀରୁ ଜଣାପଡ଼େ। ଶ୍ରୀମନ୍ଦିରରୁ ତିନୋଟି ରଥରେ ଆସି ନଦୀ ପାଖରେ ଓହ୍ଲାଇ ପୁନଶ୍ଚ ନଦୀ ଆରପଟେ ଥିବା ତିନୋଟି ରଥକୁ ନଦୀ ପାରହୋଇ ଡଙ୍ଗାରେ ଯାଇ ଆର ତିନିରଥରେ ବିଜେ କରି ନବଦିନ ଯାତ୍ରା କରନ୍ତି। ଏହି ପ୍ରକାର ମହାପ୍ରଭୁଙ୍କର ଅସୁବିଧା ଦେଖି ମାଉସୀ ମା' ନଦୀମାନଙ୍କୁ ଶୋଷି ଦେଇଥିଲେ ତେଣୁ ତାଙ୍କୁ ଅର୍ଦ୍ଧଶୋଷିନୀ ବା ଅର୍ଦ୍ଧାଶନୀ ରୂପେ ପୂଜିତ କରାଯାଏ। ମହାପ୍ରଭୁଙ୍କର ଅସୁବିଧାକୁ ଦୂର କରିଥିବାରୁ ମାଉସୀଙ୍କୁ ପ୍ରଭୁ କଥା ଦେଇଥିଲେ ମୁଁ ମୋର ମା'ଙ୍କ ପାଖକୁ ନବଦିନ ଯାତ୍ରା ସାରି ଫେରିଲା ବେଳେ ବାଟରେ ନିଶ୍ଚୟ ମୁଁ ଅଟକି ରହି ତୁମ ହାତରୁ ମୋର ପ୍ରିୟ ପିଠା ପୋଡ଼ପିଠା ଖାଇ ଫେରିବି ବୋଲି କିମ୍ବଦନ୍ତୀ ରହିଛି। ପୁରୁଷୋତ୍ତମ ମାହାତ୍ମ୍ୟରେ ବର୍ଣ୍ଣିତ ଅଛି ଦେବୀ ଅର୍ଦ୍ଧାଶନୀ ଶ୍ରୀକ୍ଷେତ୍ରକୁ ରକ୍ଷା କରିବା ସହ ଶବରମାନଙ୍କ ନିବାସସ୍ଥଳକୁ ସୁରକ୍ଷା କରିଥିଲେ ତେଣୁ ଶବରମାନେ ମା'ଙ୍କୁ ଇଷ୍ଟଦେବୀ ରୂପେ ପୂଜନ କରୁଥିଲେ। ଆଉ ମଧ୍ୟ ବର୍ଣ୍ଣନା କରାଯାଇଛି ଶବର ସାମନ୍ତମାନେ ଇନ୍ଦ୍ରନୀଳ ମଣି ମୂର୍ତ୍ତିକୁ ଲୁଚାଇ ରଖିଲା ପରି ଅର୍ଦ୍ଧାଶନୀଙ୍କ ଅର୍ଦ୍ଧଅଙ୍ଗକୁ ସୁଭଦ୍ରାଙ୍କ ମୁଖମଣ୍ଡଳ ରୂପରେ ଲୁଚାଇ ରଖିଛନ୍ତି ଏବଂ ଏହି ଦେବୀଙ୍କୁ ଗୃହ ଦେବୀ ରୂପେ ପୂଜା କରନ୍ତି। ଶବରମାନେ ଉତ୍ତରପୂର୍ବ ପାର୍ଶ୍ୱରେ ବସତିସ୍ଥାପନ କଲାବେଳେ ଏହି ମୂର୍ତ୍ତି ସ୍ଥାପନା କରି ଦେବୀ ସୁଭଦ୍ରାଙ୍କ

ଅଙ୍ଗ ସମ୍ପୂର୍ଣ୍ଣ ବୋଲି ପ୍ରମାଣ କରିବାକୁ ବା ରହସ୍ୟକୁ ଗୁପ୍ତ ରଖିବାକୁ ଉକ୍ତ ମୂର୍ତ୍ତିର ଉର୍ଦ୍ଧ୍ୱଭାଗକୁ ଲେପ ସଂସ୍କାର କର୍ମ ଅନୁସାରେ ଦେବୀ ସୁଭଦ୍ରାଙ୍କ ମୁଖାରବିନ୍ଦ ପରି କରିଛନ୍ତି। ଏହି ଲେପ ଦୁଇ ଗୋଟି କାରଣରୁ ଜଣାପଡ଼େ ପ୍ରଥମତଃ ଯୋଗମାୟାଙ୍କର ଭଗିନୀ ସୁଭଦ୍ରାଙ୍କ ଛାପ ପରି ଦୃଶ୍ୟମାନ ହୋଇଥାଏ। ଦ୍ୱିତୀୟତଃ ଶୈଳ ନିର୍ମିତ ମୂର୍ତ୍ତିକୁ ଶାବର ସଭ୍ୟତା ମଧ୍ୟରେ ସୀମିତ ରଖିବା ପାଇଁ ଲେପ ଦ୍ୱାରା ଢାଙ୍କି ଦିଆଯାଇଛି। ସମ୍ଭବତଃ ଯୋଗମାୟା ସୁଭଦ୍ରାଙ୍କ ଭଗିନୀ ରୂପରେ ଅର୍ଦ୍ଧାଶନୀଙ୍କୁ ମାତୃଭଗ୍ନୀ ମାଉସୀ ମା' ବୋଲି କୁହାଯାଏ ସେହି ନାମ ହିଁ ଶ୍ରୀକ୍ଷେତ୍ରରେ ପ୍ରସିଦ୍ଧ।

ମାଉସୀ ମା'ଙ୍କ ମନ୍ଦିର ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ଦଇତାପଡ଼ା ସାହିର ପାର୍ଶ୍ୱରେ ଏବଂ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିରର ମଧ୍ୟ ଭାଗରେ ଅବସ୍ଥିତ। କେଶରୀ ବଂଶର ରାଜାଙ୍କ ସମୟରେ ଏହି ମନ୍ଦିର ନିର୍ମିତ ହୋଇଥିବାର ଲିଖିତ ଅଛି। ଏହି ମନ୍ଦିରର ଉଚ୍ଚତା ୨୫ ହାତ। ମା'ଙ୍କ ମୂର୍ତ୍ତି କୃଷ୍ଣ ପ୍ରସ୍ତର ବିଶିଷ୍ଟ ଦ୍ୱିଭୂଜା ରମଣୀୟ ବିଗ୍ରହ, ବିଗ୍ରହଙ୍କ ଦୁଇ ପାର୍ଶ୍ୱରେ ଦୁଇଜଣ ପାର୍ଶ୍ୱଦେବୀ ବିଦ୍ୟମାନ, ମୂର୍ତ୍ତିଙ୍କର କଟିଦେଶରୁ ଉପର ଅଂଶକୁ ଆଚ୍ଛାଦିତ କରି ଦେବୀ ସୁଭଦ୍ରାଙ୍କ ମୁଖାଟିଏ ଚାପି ଦିଆଯାଇଛି। ମନ୍ଦିରର ଦ୍ୱାରଦେଶରେ ଦୁଇଟି ସିଂହ ବଡ଼ଦାଣ୍ଡକୁ ମୁହଁ କରି ରହିଛନ୍ତି। ଦେବୀଙ୍କର ଦ୍ୱାର ସମ୍ମୁଖକୁ ଦେବୀଙ୍କର ମହାକେଶରୀ, ଅଜ୍ଞାନ ରୂପକ ଗଜକୁ ମାଡ଼ିବସି ଜ୍ଞାନମୟୀ ଦେବୀଙ୍କୁ ନିତ୍ୟଦର୍ଶନ କରୁଛନ୍ତି। ମନ୍ଦିର ଜଗମୋହନରେ ମହାଲକ୍ଷ୍ମୀ, ହନୁମାନ, ନୃସିଂହ, ରାଧାକୃଷ୍ଣ, ରାମାଭିଷେକ, ପଞ୍ଚମୁଖୀ ହନୁମାନ, କାଳୀ, ଦୁର୍ଗା ଦଶବତାର, ଗଣେଶ, ଦଶମହାବିଦ୍ୟା, ଶିବ ପାର୍ବତୀ ଓ ନବଗ୍ରହ ଆଦି ଦେବଦେବୀଙ୍କ ଚିତ୍ର ପ୍ରତିମା ପୂଜା ପାଉଛନ୍ତି। ଏହି ମନ୍ଦିର ତିନି ଭାଗରେ ବିଭକ୍ତ ଅଟେ । ପ୍ରତିଦିନ ଭୋରରୁ ମନ୍ଦିର ଦ୍ୱାର ଫିଟା ଯାଇ ମା'ଙ୍କ ସ୍ନାନ, ବେଶ କରାଯିବା ସହିତ ସକାଳ ଓ ସନ୍ଧ୍ୟାରେ ଆଳତି କରାଯାଇ ବାଲଭୋଗ କରାଯାଏ। ମା'ଙ୍କୁ ବଂଶାନୁକ୍ରମିକ ଭାବେ ଦାସ ବ୍ରାହ୍ମଣ ପୂଜା କରିଆସୁଛନ୍ତି। ଏହି ଦେବୀ ମୂର୍ତ୍ତି ମାଉସୀ ମା' ବନଦୁର୍ଗା ମନ୍ତ୍ରରେ ପୂଜା ପାଇ ଆସୁଛନ୍ତି। ମା' ହେଉଛନ୍ତି ବିଷ୍ଣୁଙ୍କର ପ୍ରିୟ ଦେବୀ ଓ ପ୍ରଳୟ ବାରି ଶୋଷଣକାରିଣୀ। ମାଉସୀ ମା'ଙ୍କ ବ୍ୟତୀତ ଶବର ସେବକ ବା ଦଇତାପତିଙ୍କର ନିବାସ ଅନ୍ୟ ଦିଗରେ ଯଳେଶ୍ୱରୀ ମୂର୍ତ୍ତି ମଧ୍ୟ ପୂଜା ପାଉଛନ୍ତି। ମା'ଙ୍କ ଅନ୍ୟ ଏକ ଉତ୍ସବ ଜଳାଶାୟୀ ଉତ୍ସବ ନାମରେ ଅନୁଷ୍ଠିତ ହୁଏ। ଏହିଦିନ ପ୍ରାତଃରୁ ମା'ଙ୍କ ଦ୍ୱାର ଫିଟା ଯାଇ ମଙ୍ଗଳ ଆରତୀ, ଅବକାଶ ଓ ଅନ୍ୟାନ୍ୟ ନୀତି ବାଢ଼ିବା ପରେ ଜଳାଶାୟୀ କାର୍ଯ୍ୟ ଆରମ୍ଭ ହୁଏ। ମନ୍ଦିରର ପୂଜକ ଏବଂ ବ୍ରାହ୍ମଣମାନେ ମା'ଙ୍କ ମନ୍ଦିର ପରିସରରେ ଥିବା କୂଅରୁ ପାଣି ଆଣି ସେଥିରେ କର୍ପୂର, ଅଗୁରୁ ଚୂଆ, ଚନ୍ଦନ, ଜାଇଫଳ ଓ ସୁଗନ୍ଧିତ ପୁଷ୍ପ ମିଶାଇ ମା'ଙ୍କ ଦେହରେ ଲାଗି କରନ୍ତି ଓ ମା'ଙ୍କୁ ଅର୍ଦ୍ଧ ଯାଏ ଜଳଭରି ରଖାଯାଏ। ପରେ ଜଳ ନିଷ୍କାସନ କରାଯାଇ ବେଶ କରାଯାଏ। ପ୍ରଚଣ୍ଡ ରୌଦ୍ର ତାପରୁ ମା'ଙ୍କ ଶରୀରକୁ ଶୀତଳ ରଖିବା ପାଇଁ ପ୍ରତିବର୍ଷ ଏହି ତିଥିରେ ମା'ଙ୍କ ଜଳାଭିଷେକ ହୋଇଥାଏ।

ମାଉସୀ ମା'ଙ୍କ ଅନ୍ୟତମ ଉତ୍ସବ ପୋଡ଼ପିଠା ଭୋଗ। ଏହି ଭୋଗକୁ ଭକ୍ତ ବର୍ଷକୁ ଥରେ ଦେଖିବା ପାଇଁ ଅପେକ୍ଷା କରିଥାନ୍ତି। ଏହି ଲୀଳା ବଡ଼ ବିଚିତ୍ର ଯେତେବେଳେ ନବଦିନ ଯାତ୍ରା ସାରି ପ୍ରଭୁ ଭାଇଭଉଣୀଙ୍କ ସହ ଗୋଟିଏ ମା' ଗୁଣ୍ଡିଚା ମା'ଙ୍କ ନିକଟରୁ ଫେରନ୍ତି ପ୍ରଭୁଙ୍କର ଅତିପ୍ରିୟ ଦ୍ରବ୍ୟ ପୋଡ଼ପିଠା ସାତଦିନ ଖାଇନଥାନ୍ତି ତେଣୁ ଏପରି ପ୍ରୀୟ ଖାଦ୍ୟ ସମ୍ପର୍କର ନିଦର୍ଶନ ସ୍ୱରୂପ ଭୋଗ ଖାଇବାକୁ ମନ କରିଥାନ୍ତି। ଏହି ମାଉସୀ ମା' ହେଉଛନ୍ତି କୈକେୟୀ। ପୌରାଣିକ କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ଯେତେବେଳେ ଶ୍ରୀରାମଚନ୍ଦ୍ର ଅବତାରରେ ବନବାସ ଗମନ କରୁଥିଲେ ସେ ସମୟରେ କାକୀ ମା' କୈକେୟୀଙ୍କୁ କହିଥିଲେ ତୁମ୍ଭ ସହ ସମ୍ପର୍କ ମୋର ଜନ୍ମାଜନ୍ମାନ୍ତରର ରହିବ। କଳିଯୁଗରେ ମୁଁ ଦାରୁବ୍ରହ୍ମ ଜଗନ୍ନାଥ ନାମରେ ପୂଜିତ ହେବି, ତୁମେ ସେହି ଅବତାରରେ ମୋର ମାଉସୀ ମା' ରୂପେ ପୂଜିତ ହେବ ବଡ଼ଦାଣ୍ଡରେ, ତୁମ୍ଭରି ହାତ ତିଆରି ପୋଡ଼ପିଠା ଖାଇବା ପାଇଁ ମୁଁ ଅଟକିଯିବି। ନନ୍ଦିଘୋଷ ରଥରେ ଥାଇ ତୁମ୍ଭରି ସୁସ୍ୱାଦୁ ପୋଡ଼ପିଠା ଭୋଗ ଖାଇବି, ଏହା ଯୁଗ ଯୁଗ ପାଇଁ ଲିପିବଦ୍ଧ ହୋଇ ରହିବ, ଏହି ପୋଡ଼ ପିଠା ପ୍ରସ୍ତୁତି ପ୍ରଥମେ ଗହମ, ଅଟା, ଛେନା, ଭଲ ଘିଅ, ଚିନି, ପାନମଧୁରୀ, ଅଳେଇଚ, ଲବଙ୍ଗ, ଗୋଲମରିଚକୁ ଗୁଣ୍ଡ କରାଯାଇ ଅଟା ଛେନାରେ ଭଲଭାବରେ ଚକଟି ରଖାଯାଏ ଏବଂ ଏହାକୁ ନୂଆଚୁଲି ଲଗାଯାଇ ପାଣି ହାଣ୍ଡି ବସାଇ ଅଥାର ପ୍ରସ୍ତୁତି କରାଯାଇ ତାହା ସିଝାଯାଏ। ଗୋଟିଏ ରାତି ବା ଆଠ ଦଶ ଘଣ୍ଟା ସିଝା ଗଲାପରେ ସେହି ସିଝା ହୋଇଥିବା ପିଠାକୁ ଛୋଟ ଛୋଟ ଖଣ୍ଡ କରି କାଟି ଭଲ ଘିଅରେ ଛଣାଯାଏ ଏବଂ ଏହାକୁ ମାଟି ହାଣ୍ଡିରେ ରଖି ପୂଜାପଣ୍ଡାମାନେ ମହାପ୍ରଭୁଙ୍କୁ ଭୋଗ କରିବା ପାଇଁ ଅପେକ୍ଷା କରିଥାନ୍ତି। ତିନି ରଥ ପହଞ୍ଚିଗଲେ ପଣ୍ଡାମାନେ ସମର୍ପଣ କରିଥାନ୍ତି, ଏହି ପୋଡ଼ପିଠା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରାର ଅନନ୍ୟ ଭୋଗ। ଏହି ପିଠା ପୋଡ଼ାଯାଏ ନାହିଁ କାରଣ ପୋଡ଼ା ଦ୍ରବ୍ୟ କୌଣସି ଦେବାଦେବୀଙ୍କୁ ଅର୍ପଣ କରାଯାଏ ନାହିଁ। ତେଣୁ ଏହି ପିଠା ଅଥାର ହାଣ୍ଡି ଦ୍ୱାରା ତିଆରି କରାଯାଇଥାଏ। ଏହି ପିଠାକୁ ୧୫ ଦିନ ଯାଏ ରଖିଲେ ବାସି ହୋଇନଥାଏ। ପୂର୍ବରୁ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁସାରେ ବାହୁଡ଼ା ଯାତ୍ରା ଦିନ ଦୁଇ ରଥ ଟିକିଏ ଆଗକୁ ଗଡ଼ିଗଲେ ବି ପନ୍ତିଭୋଗ ପାଇଁ କିନ୍ତୁ କାଳିଆ ସାଆନ୍ତଙ୍କ ରଥ ଅଟକି ଯାଏ ମାଉସୀ ମା' ମନ୍ଦିର ନିକଟରେ ସ୍ନେହ ଓ ସମ୍ପର୍କକୁ ମନେ ପକେଇବା ପାଇଁ ଗୋଟିଏ ମାଆ ପାଖରୁ ଆସି ଆଉ ଗୋଟିଏ ମାଉସୀ ମା'ଙ୍କ ନିକଟରେ, ମାଉସୀ ମା'ଙ୍କ ଠାରୁ ପୋଡ଼ପିଠା ଖାଇ ଆନନ୍ଦ ପାଆନ୍ତି, ମହାପ୍ରଭୁ ଅତି ଶରଧାର ପୋଡ଼ ପିଠା ଖାଇ ଶ୍ରୀମନ୍ଦିରକୁ ବିଜେ କରନ୍ତି। ଏହି ପର୍ବ ଦେଖିବାପାଇଁ ବର୍ଷ ବର୍ଷ ଧରି ଭକ୍ତମାନେ ଅପେକ୍ଷା କରିଥାନ୍ତି।

*ଷ୍ଟେଟ ବ୍ୟାଙ୍କ କଲୋନୀ, କେଶୁରା,*
*ଏଚ୍. ଆଇ. ଜି.- ୨/୩୦୩,*
*ଭୁବନେଶ୍ୱର-୭୫୨୦୦୨*
*ଦୂରଭାଷ: ୮୮୯୫୪୯୫୧୭୦*

# ଇତିହାସର ଆଇନାରେ ବିଭବଶାଳିନୀ ଧାମରା

ଶ୍ରୀ ବିଭୂତିଭୂଷଣ ସେନାପତି

ଭଦ୍ରକ ସଂସ୍କୃତି ସଂପନ୍ନ ଏକ ପ୍ରାଚୀନ ଭୂଖଣ୍ଡ । ଦେବା ଦେବୀଙ୍କ ମନ୍ଦିର ସହିତ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନୋରମ । ୧୯୯୩ ମସିହା ଏପ୍ରିଲ ପହିଲା ଠାରୁ ଏହା ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଛି । ଅପେକ୍ଷାକୃତ ଏହା କ୍ଷୁଦ୍ର ଜିଲ୍ଲାର ମାନ୍ୟତା ପାଇଲେ ମଧ୍ୟ ଐତିହ ବିମଣ୍ଡିତ ଦେବ ଯୋଗ୍ୟ ପୀଠ ସ୍ଥଳି । ପୂର୍ବରେ ବଙ୍ଗୋପ ସାଗର ପାଦ ପ୍ରକ୍ଷାଳନ କଲେ ମଧ୍ୟ ବୈତରଣୀ ଓ ବ୍ରାହ୍ମଣୀ ନଦୀର ମିଳନ ସ୍ଥଳ ବା ନଳିତାପାଟିଆ ଠାରୁ ଚନ୍ଦନି ପାଳ ପର୍ଯ୍ୟନ୍ତ ଦୀର୍ଘ ତେର ମାଇଲ ଧାମରା ଗ୍ରାମ । ଧାମରା ଶବ୍ଦ ଧାମରୁ ସ୍ୱ ଅର୍ଥରେ ରା ପ୍ରତ୍ୟୟ ହୋଇଛି । ଧାମ କହିଲେ ପବିତ୍ର ଦେବ ଭୂମିକୁ ବୁଝାଏ । ଯେପରି ଜଗନ୍ନାଥ ଧାମ ଏହାର ଅନନ୍ୟ ଦୃଷ୍ଟାନ୍ତ । ଏଥିରେ ଦେବା ଦେବୀଙ୍କ ନାମାନୁସାରେ ସ୍ଥାନର ଗୁରୁତ୍ୱ ବଢାଇଥାଏ । ଧାମରାର ଅଧିଷ୍ଠାତ୍ରୀ ଦେବୀ ଧାମୁରାଇ,ଧୀବର ପୂଜିତା । ଅନ୍ୟପକ୍ଷରେ ନୌବାଣିଜ୍ୟ କ୍ଷେତ୍ରରେ ଉତ୍କଳ ଶୀର୍ଷ ସ୍ଥାନରେ ଅବତୀର୍ଣ୍ଣ  ତାହା ମଧ୍ୟ ଧାମରା ବନ୍ଦରର ଆକର୍ଷଣ । ଇଷ୍ଟଇଣ୍ଡିଆ କଂପାନୀ ଏହି ସ୍ଥାନର ଗୁରୁତ୍ୱ ଉପଲବ୍ଧିକରି ୧୮୧୭ ମସିହାରେ ଧାମରାକୁ ବନ୍ଦର ଭାବେ ସ୍ୱୀକୃତି ପ୍ରଦାନ କଲେ ଓ ନୌପରିବହନ କେନ୍ଦ୍ରର ମାନ୍ୟତା ଦେଲେ । ଡବ୍ଲ୍ୟୁ ଡବ୍ଲ୍ୟୁ ହଂଟର ସାହେବ ୧୮-୦୫-୧୮୫୮ ମସିହାରେ ଧାମରା ବନ୍ଦରର ଶୁବାରମ୍ଭ କରିଥିଲେ ।୧୫-୦୭-୧୯୦୬ ମସିହାରେ ରେଭେନ୍ସା କମିସନରସାହେବ ମୁଖ୍ୟ ବାଲେଶ୍ୱର ବନ୍ଦରର ଅଧସ୍ଥନ ବନ୍ଦର ଧାମରା ଓ ଚାନ୍ଦବାଲି  ତାର ନିମ୍ନରେ ଅର୍ଥାତ ରେଭେନ୍ସା ପୋର୍ଟ ଆଖ୍ୟା ଦିଆଗଲା । ଅତଏବ ୧୮୫୮ରେ ଧାମରା ଓ ୧୮୮୧ରେ ଚାନ୍ଦବାଲି ପୃଥକ ବନ୍ଦର ଭାବେ ଘୋଷିତ  ହେଲେହେଁ ୧୯୦୬ ମସିହା ଠାରୁ ଏହା ଧାମରା ଚାନ୍ଦବାଲି ଗୋଟିଏ ବନ୍ଦରର ମାନ୍ୟତା ପାଇଲା । ହଂଟରଙ୍କ ଓଡିଶା ଇତିହାସ ବିବରଣୀରୁ ଜଣାଯାଏ ସୁବର୍ଣ୍ଣରେଖା,ବାଲେଶ୍ୱର,ଗୋପାଳପୁର ଓ ପୁରୀ ପରି ଧାମରା ନାମ ତନ୍ମଧ୍ୟରେ ରହିଛି । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଯେଉଁ ୩୫୦୦ଟନ ଚାଉଳ ଆମଦାନୀ କରାଯାଇଥିଲା ସେହି ଚାଉଳର ଅର୍ଦ୍ଧାଧିକ ଧାମରା ବନ୍ଦରରେ ଖଲାସ କରାଯାଇଥିଲା । କର୍ଣ୍ଣେଲ ଟି.ଏ. ଓରାଙ୍କ ସର୍ଭେ ରିପୋର୍ଟ ଅନୁସାରେ ଭାରତ ସରକାରଙ୍କ ପୋତାଶ୍ରୟ ଇନ୍‌ଜିନିୟର ଡବ୍ଲ୍ୟୁ.ଜି.ରବର୍ଟସନ୍ ୧୮୭୨ ମସିହାରେ ଭାରତର ଧାମରା ନଦୀ ନୌଚାଳନାରେ ଉତ୍କୃଷ୍ଟ ବୋଲି ବିବେଚିତ କରିଥିଲେ । ଧାମରାର ସବ-ପୋର୍ଟ ଅଫିସର ତାର ମୁକ ସାକ୍ଷୀ । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବନ୍ଦରର ବିକାଶ ପଥରେ ବାଧା ସୃଷ୍ଟି କରିଛି । ଧାମରାର ନଦୀ ମୁହାଣରେ ଅବସ୍ଥିତ କନିକାବାଲି,ସର୍ଟ ଦ୍ୱୀପ,ହୁଇଲର ଦ୍ୱୀପପୁଂଜ ପାଲମିରା  ଚରା ମଧ୍ୟରେ ଉିତର ନାଳ,ଦକ୍ଷିଣ ନାଳ ଓ ମଧ୍ୟନାଳ ପ୍ରବାହିତ ହେବାରୁ ନଦୀର ଗତିପଥ ପରିବର୍ତ୍ତନଶୀଳ ହେଉଛି । ତଥାପି ସବୁ ବାଧା ବିଘ୍ନକୁ ଅତିକ୍ରମ କରି କେବଳ ଭାରତର ନୁହେଁ ସାରା ବିଶ୍ୱରେ ଏହାର ଆକର୍ଷଣ ସୁପ୍ରଶଂସନୀୟ ହୋଇ ପାରିଛି । ଧାମରା ନଈର ନୀଳ ବୀଚିମାଳା ବକ୍ଷ ଦେଇ ଭାରତ ବର୍ଷର ବହୁ ପ୍ରତିଭାଧର,ଜାତିସ୍ମର ସଂତାନ ଅତୀତରେ ଏହାର ସ୍ମୃତି ଉଚ୍ଚାରଣ କରିଥିଲେ । ବ୍ରାହ୍ମଣୀ,ବୈତରଣୀ,ମନ୍ତେଇ ନଈର ମିଳନ ସ୍ଥଳୀର ବାଲୁକା  ରାଶି କବି ପ୍ରାଣରେ ମନମୁଗ୍ଧକର ଭାବନା ସୃଷ୍ଟିକରିଥିଲା । ଗୋଟିଏ ପଟରେ ବନହଂସର ନିଃସ୍ୱନ,ବିବିଧ ବର୍ଣ୍ଣର ବିହଗଙ୍କ ସମାବେଶ, ପତ୍ର ମର୍ମର ଧ୍ୱନି, ମନଲୋଭା କାକଳି ଦିନେ ଆତ୍ମ ବିଭୋର କରିଥିଲା କବିବର ରାଧାନାଥ ରାୟଙ୍କୁ ।ଉଷା କାବ୍ୟରେ ସେ ବର୍ଣ୍ଣନା କଲେ-" ଧାମରା ମୁହାଣେ ପାଣ୍ଡୁଜଳାରଣ୍ୟେ ବାହୁ ନୌଚର/ପୂର୍ବ ମୁଖେ ତି ଦେଖଇ ସମ୍ମୁଖେ ମହାସାଗର ।ତରଙ୍ଗେ ଓଲଟି କ୍ରୁର ରଂଗେ କରି ମୁଖ ବ୍ୟାଦାନ/ନକ୍ର ଶିଶୁମାର ଶୋଷି ନେଉ ଥା'ନ୍ତି ନାବିକ ପ୍ରାଣ ।" ସେହିପରି ସାହିତ୍ୟ ପ୍ରାଣ କବି ଚନ୍ଦ୍ରମୋହନ ମହାରଣା ଲେଖିଛନ୍ତି- ଅର୍ଣ୍ଣବେ ଅର୍ଣ୍ଣବ ପୋତ ଗମଇ ସୁଖରେ/ଉଡ୍ଡେଶୀ ଭବନ ଯେହ୍ନେ ବିହଗ ଶୂନ୍ୟରେ ।" ତିହିଡ଼ି ମାଟିର ପୁଅ କାନ୍ତ କବି ଲେଖିଲେ-"ରିରାଗଡ ଦୁର୍ଗ ପ୍ରାଚୀନ କନିକା/ହେଇ ପ୍ରକୃତିର ବିଶାଳ ପରିଖା । ଶେଷେଲୋ ଜନନୀ ମିଳୁ ତହିଁ ଯାଇ/ଧାମରା ମୁହାଁଣେ ଦେବୀ ଧାମୁରାଇ । ଧରଣୀ ରାଣୀର ସୁକୁଂଚିତ ବେଣୀ/ପ୍ରାୟେ ଦୂରେ ଶୋଭେ ନିପ୍ର ଗିରି ଶ୍ରେଣୀ ।"ବାିତବିକ ଧାମରା ନନ୍ଦରର ପ୍ରାକୃତିକ ଶୋଭା ରାଶି ମଧ୍ୟରେ ବାଲିଚରାରେ ରଙ୍ଗ ବେରଙ୍ଗର ସ୍ୱଦେଶୀ ଓ ବିଦେଶୀ ପକ୍ଷୀ,ଖାଳି ଭଂଜିଆର ସବୁଜ ମନୋରମ ଅରଣ୍ୟର ଲାସ୍ୟମୟୀ ଶୋଭା, ବିହଗ ସକଳଙ୍କର ଆମୋଦିତ ଝଳ କ୍ରୀଡା,ମାଛଧରା ଡଂଗା ଓ ଟ୍ରଲର,ଶୁଖୁଆ ଖଟି,ଭିତର କନିକା ଅଭୟାରଣ୍ୟ,ଗହିର ମଥାର କଇଁଚ ଅଣ୍ଡା, ସାତ ଭାୟାର ବରାହୀ ଠାକୁରାଣୀ ଏବଂ ପ୍ରତିବର୍ଷ ମକର ମେଳାର ଅଭୂତ ପୂର୍ବ ମନୋରମ ଦୃଶ୍ୟ ଯେ କେହି ବ୍ୟକ୍ତିକୁ ଆକର୍ଷିତ କରିବ  ଓ ଧାମରା ବିଭବଶାଳିନୀ ବୋଲି କହିବ ଏଥିରେ ସଂଦେହର ଅବକାଶ ନାହିଁ । ଏହି ବଂନ୍ଦରର ନିର୍ମାଣ କାର୍ଯ୍ୟ ପ୍ରଥମେ ଆର.ଏସ୍.ପି କଂପାନୀ ଗ୍ରହଣ କରିଥିଲା । ପରିବେଶ ସୁରକ୍ଷା ନେଇ ନିର୍ମାଣ କାର୍ଯ୍ୟ ବିଳମ୍ବ ଘଟିଲା । ତାହା ପରେ ଟାଟା ଏବଂ ଏଲ.ଏଣ୍ଡ୍ ଟି. ମିଳିତ ଭାବରେ ଧାମରା ବନ୍ଦର ଅଭିବୃଦ୍ଧିରେ ନୂଆ ନୂଆ ପଦେକ୍ଷପ ନେଉଛନ୍ତି । ପରିବେଶ ପରିଚ୍ଛନ୍ନତା ଦିଗରେ ପଦେକ୍ଷପ ନିଆ ଯାଇଛି । ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରାଯାଇ ରେଳ ଚଳା ଚଳରେ ମାଲ ପରିବହନ ସୁଚାରୁ ରୂପେ ସଂପନ୍ନ କରାଯାଇଛି । ରେଳ ପରିବହନର ଉନ୍ନତି କ୍ରମଶଃ ଅଭିବୃଦ୍ଧି ଘଟୁଥିବାରୁ ଆଗାମୀ ଦିନରେ ଏହା ନିଶ୍ଚିତ ଭାବେ ଏକ ବୃହତ୍ ବଂନ୍ଦର ହେବ ଯେଉଁଥିପାଇଁ ମାନ୍ୟବର  ମନ୍ତ୍ରୀ ବଂନ୍ଦରରର ଉନ୍ନତି କଳ୍ପେ ଆଶାତୀତ ଅର୍ଥ ମଂଜୁର କରିବାକୁ କୁଣ୍ଠା ପ୍ରକାଶ କରିନାହାଁନ୍ତି ।ପ୍ରକାରାନ୍ତରେ ଏହା  ମାଛ ଧରା ବନ୍ଦର ଭାବେ ସାରା ଭାରତରେ ପ୍ରସିଦ୍ଧ ଅର୍ଜ୍ଜନ କରିଛି ।ଆଗାମୀ ଦିନରେ ସାରା ବିଶ୍ୱରେ ଭଦ୍ରକର ମୁକୁଟ ହୋଇ ବିଭବ ଶାଳିନୀ ଧାମରା ବୋଲି ପରିଚିତ ହେବ । ସର୍ବୋପରି ମା'ଧାମୁରାଇ ଠାକୁରାଣୀଙ୍କ ଅଯାଚିତ ଆଶୀର୍ବାଦ ଧାମରା ବନ୍ଦର ଉନ୍ନତିର ଦିଗ୍ ଦର୍ଶକ ହେଉ । (ଲେଖାଟି ଆତ୍ମ ଗବେଷଣା ପ୍ରସୂତ)

*ସେବାନିବୃତ ଶିକ୍ଷକ,କୋହ୍ଲ,ତିହିଡ଼ି, ଭଦ୍ରକ ପିନ୍-୭୫୬୧୩୦*
*ଦୂରଭାଷ: ୯୪୩୭୫୭୪୪୬୨*

କଥା ଓ କାହାଣୀ

# ଯୁଗାବସାନ

## କୃପାସାଗର ସାହୁ

ସନ୍ତାନ ଯାହାର କୁଳାଙ୍ଗାର ଅବାଧ ଯାହାର ବଂଶଧର ସେ କରନ୍ତା କ'ଣ ! ଚିନ୍ତା, ଚିନ୍ତା ଏବଂ ଚିନ୍ତାରେ ବିତେ ତା'ର ଅନୁକ୍ଷଣ । କୌଣସି କାର୍ଯ୍ୟରେ ମିଳୁ ନ ଥିବ ଶାନ୍ତି । ଦିବସର ମୁହୂର୍ତ୍ତଗୁଡିକ ଲାଗୁଥିବ ବିରକ୍ତିକର, ରାତ୍ରିର ପ୍ରହରଗୁଡିକ ଲାଗୁଥିବା ବିଷାକ୍ତ । ଜୀବନଟା ଲାଗୁଥିବ ଏକ ବୋଝ ପରି ।

ତାହା ହିଁ ଘଟୁଥିଲା ଶ୍ରୀକୃଷ୍ଣଙ୍କର ଅନ୍ତିମ ଦିନଗୁଡିକରେ । ରାଜପ୍ରାସାଦଠୁ ଦୂରରେ ସମୁଦ୍ର ତଟର ଏକ ବଟବୃକ୍ଷ ତଳେ ଦାରୁଭୂତ ହୋଇ ବସିଥିଲେ ସେ ଏବଂ ନିଜର ଘଟଣା ବହୁଳ ଅତୀତର ଦିନଗୁଡିକର ସ୍ମୃତିଚାରଣ କରୁଥିଲେ । ଓଃ ! କୁଆଡେ ଗଲା ସେ ବାଲ୍ୟ ଏବଂ କୈଶୋରର ବିମୁଗ୍ଧ ମୁହୂର୍ତ୍ତଗୁଡିକ ! କାଳିନ୍ଦୀତଟରେ ସାଙ୍ଗସାଥୀ ଗହଣରେ ଖେଳା, ଗୋପାଙ୍ଗନାଙ୍କ ସହ ଲୀଳା ତୁଳନାରେ ଏ ଚାକଚାକ୍ୟଭରା ରାଜ ଐଶ୍ୱର୍ଯ୍ୟ କିଛି ନୁହେଁ ।

ବୟସ ବଢିଲାପରେ ଦାୟିତ୍ୱ ବଢିଲା । ରାଜନୀତିର ଛକାପଞ୍ଝା ଭିତରେ ଗୋଟିଏ ଝିମିଟି ଖେଳରୁ ସୂତ୍ରପାତ ହୋଇ ଆର୍ଯ୍ୟାବର୍ତ୍ତରେ କେଡେ ବଡ କୁରୁକ୍ଷେତ୍ର ସମର ଘଟିଗଲା ! ଭାରତର କୋଣକୋଣରୁ ଆସିଥିବା ଲକ୍ଷଲକ୍ଷ ବୀର ଶୋଇଗଲେ ଚିରନିଦ୍ରାରେ । ଏବେବି ନିଃସଙ୍ଗ ମୁହୂର୍ତ୍ତଗୁଡିକରେ ତାଙ୍କ କର୍ଣ୍ଣକୁହରରେ ଗୁଞ୍ଜରିଉଠେ ପତିହରା ସୀମନ୍ତିନୀଙ୍କ ହାହାକାର, ପିତୃ-ହରା ସନ୍ତାନଙ୍କ ଆର୍ତ୍ତନାଦ ।

ପରବର୍ତ୍ତୀ ଘଟଣା ତ ଥିଲା ଆହୁରି ମର୍ମାନ୍ତିକ । ଘଟଣା ତ ନୁହେଁ ଦୁର୍ଘଟଣା- ଯାହାକୁ ଡିଆଇଥିଲେ ତାଙ୍କ ନିଜ ବଂଶଧରମାନେ ।

ପ୍ରଭାସ କ୍ଷେତ୍ରରେ କୁରୁକ୍ଷେତ୍ରରେ ନିହତ ବୀରମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ପାଇଁ ଏକତ୍ରିତ ହୋଇଥିଲେ ଯଦୁବଂଶୀମାନେ । ସେଠି କଥା କଟାକଟିରୁ ଆରମ୍ଭ ହୋଇଗଲା ଆଉ ଏକ ମହାସମର । ଯଦୁବଂଶୀମାନେ ପରସ୍ପର ମଧ୍ୟରେ ଯୁକ୍ତିତର୍କରେ ବ୍ୟାପୃତ ଥିବାବେଳେ ଦୁଇଟି ଦଳରେ ବିଭକ୍ତ ହୋଇଥିଲେ । ଗୋଟିଏ ଦଳ ଥିଲା ପାଣ୍ଡବମାନଙ୍କ ସପକ୍ଷରେ । ଅନ୍ୟଦଳଟି ଥିଲା କୌରବମାନଙ୍କ ସମର୍ଥକ । ପ୍ରଥମ ଦଳର ମତ ଯେ କୌରବମାନେ ପାଣ୍ଡବମାନଙ୍କ ପ୍ରତି ଘୋର ଅବିଚାର କରିଥିଲେ । ଦ୍ୱିତୀୟ ଦଳର ଗତ ଯେ ପାଣ୍ଡବମାନେ ମଧ୍ୟ କୌରବମାନଙ୍କ ପ୍ରତି କମ୍ ଅନ୍ୟାୟ କରିନାହାନ୍ତି ।

ସାତ୍ୟକୀ ପାଣ୍ଡବମାନଙ୍କ ସପକ୍ଷରେ ମନ୍ତବ୍ୟ ଦେଲେ- ନିରୀହ ମେଷଶାବକ ଉପର ଡାହାଳ କୁକୁର ଯୂଥ କୁଦିପଡିଲାପରି କୌରବମାନେ ଏକଲା ଅଭିମନ୍ୟୁ ଉପରେ ଆକ୍ରମଣ କଲେ କାହିଁକି ?

ତାଙ୍କୁ ବିରୋଧ କରି ଅପରପକ୍ଷର କୃତବର୍ମା ପାଣ୍ଡବମାନଙ୍କର ଗୋଟିଏ ଗୋଟିଏ ଦୋଷ ବଖାଣି ଚାଲିଲେ- ଦ୍ରୋଣଙ୍କ ନିଧନ ପୂର୍ବରୁ ଯୁଧିଷ୍ଠିର ମିଥ୍ୟା କଥାର ଆଶ୍ରୟ ନେଇ ନଥିଲେ କି ?

- ପୁନଶ୍ଚ ଯୁଦ୍ଧର ନିୟମ ବିରୁଦ୍ଧରେ ଯାଇ ଭୀମସେନ ଦୁର୍ଯ୍ୟୋଧନଙ୍କୁ ଅଣ୍ଟାତଳକୁ ପ୍ରହାର କରିନଥିଲେ କି ?

ସେ ପୁଣି ସାତ୍ୟକୀଙ୍କୁ ମନେ ପକାଇଦେଲେ- ଅନ୍ୟାୟ ଯୁଦ୍ଧରେ ତୁମେ ଭୂରିଶ୍ରବାଙ୍କୁ ହତ୍ୟା କରି ନଥିଲ କି ?

ଏହିଭଳି ବାକବିତଣ୍ଡା, ଦୋଷାରୋପ ପରିବର୍ତ୍ତିତ ହୋଇଥିଲା ଏକ ଗୃହଯୁଦ୍ଧରେ । ବିବଶ ଶ୍ରୀକୃଷ୍ଣ ଏବଂ ବଳରାମ ଯୁଦ୍ଧ ଅବସାନ କରିବା ପାଇଁ ଯାଦବମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର ହରଣ କରି ନେଇଥିଲେ । ଅସ୍ତ୍ରଶସ୍ତ୍ରର ଅବର୍ତ୍ତମାନରେ ଦୁଇଦଳ ମଧ୍ୟରେ ହାତାହାତି, କେଶାକେଶି ଆରମ୍ଭ ହୋଇଯାଇଥିଲା । ସମୁଦ୍ରତଟରେ ଉଠିଥିବା ନଳଘାସକୁ ଓପାଡି ସେମାନେ ସେଥିରେ ପରସ୍ପରକୁ ଆକ୍ରମଣ କଲେ । ସେହି ନଳଘାସ ନଥିଲା କୌଣସି ସାଧାରଣ ତୃଣ । ସେସବୁର ଉତ୍ପତ୍ତିଥିଲା ସମୁଦ୍ରକୂଳରେ ବିଞ୍ଛିହୋଇପଡିଥିବା ଲୌହକଣିକାରୁ । ସେଥିପାଇଁ ସେଗୁଡିକର ଧାରଥିଲା ଖୁବ୍ ତୀକ୍ଷ୍ଣ ।

ସେହି ଲୌହକଣିକା ଗୁଡିକର ଉତ୍ପତ୍ତିଥିଲା ଏହିପରି:

କିଛିବର୍ଷ ପୂର୍ବେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କିଛି ଋଷିଙ୍କୁ ଦେଖି ପରିହାସ କରିବାକୁ ମନ ବଳାଇଲେ । ତାଙ୍କର ଆଧ୍ୟାତ୍ମିକ ଶକ୍ତିର ପରୀକ୍ଷା କରିବାପାଇଁ ନିଜେ ଗର୍ଭବତୀ ନାରୀର ବେଶ ଧାରଣ କରି ତାଙ୍କ ଗର୍ଭରେ

ବଢୁଥିବା ସନ୍ତାନର ଲିଙ୍ଗ ନିରୂପଣ କରିବା ପାଇଁ ଋଷିଙ୍କୁ ପ୍ରଶ୍ନ କଲେ । ସେ ପରିହାସର ଶରବ୍ୟ ହେଉଛନ୍ତି ଜାଣି ଋଷି ଶାମ୍ବଙ୍କ ଗର୍ଭରେ ଲୌହମୁଷଳଟିଏ ଅଛି ବୋଲି କହି ଅଭିଶାପ ଦେଲେ ଯେ ସେହି ମୁଷଳ ଯଦୁବଂଶର ଧ୍ୱଂସ ସାଧନ କରିବ । ପ୍ରକୃତରେ, ଶାମ୍ବ ନିଜର ପୋଷାକ ମଧ୍ୟରେ ଲୌହ ମୁଷଳଟିଏ ସଂଗୁପ୍ତ କରି ରଖିଥିଲେ । ଋଷିଶାପ ଜନିତ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସେ ମୁଷଳଟିର ସତ୍ତା ଲୋପ କରିବା ପାଇଁ ଘଷିଘଷି ଧୂଳିକଣାରେ ପରିଣତ କରି ସମୁଦ୍ରଗର୍ଭକୁ ଫିଙ୍ଗିଥିଲେ । ସେ ଲୌହକଣିକା ସବୁ ଭାସିଭାସି ଆସି ଲାଗିଥିଲା ସମୁଦ୍ରକୂଳରେ ଏବଂ ସେଥିରୁ ଉଦ୍‌ଗତ ହୋଇଥିଲା ନଳବଣ । ଯାଦବମାନେ ଦୁଇଦଳ ମଧ୍ୟରେ ନଳଘାସ ଦ୍ୱାରା ଲହୁଲୁହାଣ ହୋଇ ହଜାରହଜାର ସଂଖ୍ୟାରେ ଆରପୁରକୁ ବାଟକାଟିଲେ । ସେ ମୃତକଙ୍କ ମଧ୍ୟରେ ସାତ୍ୟକୀ ଏବଂ କୃତବର୍ମା ମଧ ସାମିଲ ଥିଲେ ।

ଯାଦବମାନଙ୍କ ଦ୍ୱନ୍ଦ୍ୱରେ ମର୍ମାହତ ହୋଇ ଭ୍ରାତା ବଳରାମ ଶରୀର ତ୍ୟାଗ କଲେ । ଏହା ମର୍ମାନ୍ତିକ ପୀଡା ଦେଇଥିଲେ ଶ୍ରୀକୃଷ୍ଣଙ୍କୁ ।

ତାଙ୍କୁ ସମସ୍ତେ ତ୍ରାଣକର୍ତ୍ତା ଚକ୍ଷୁରେ ଦେଖୁଥିଲେ । କିନ୍ତୁ ନିଜ ସ୍ୱଜନମାନଙ୍କୁ ରକ୍ଷା କରିନପାରିବାର ହତାଶାବୋଧ ତାଙ୍କୁ ତିଳତିଳ କରି ଦଗ୍ଧ କରୁଥିଲା । ବାହାରେ ବିକ୍ଷୁବ୍ଧ ବୀଚିମାଳା କୂଳରେ ମୁଣ୍ଡପିଟି ହାହାକାର କରୁଥିବା ପରି ଭିତରେ ଭିତରେ ହାହାକାର କରି ଉଠୁଥିଲେ ଶ୍ରୀକୃଷ୍ଣ ।

ବଟବୃକ୍ଷ ତଳେ ବସି ସେ ଭାବୁଥିଲେ – ଏସବୁ ହେଲା କାହିଁକି ?

ଗାନ୍ଧାରୀଙ୍କ ଅଭିଶାପ କଥା ମନେପଡିଲା । କୁରୁକ୍ଷେତ୍ରର ମହାସମର ସମାପ୍ତ ହୋଇଥିଲା । ତାଙ୍କର ଅନେଶ୍ୱତ ପୁତ୍ର ସେଥିରେ ବୀରଗତି ପ୍ରାପ୍ତ ହୋଇଥିଲେ । ବଞ୍ଚି ରହିଥିଲେ କେବଳ ଦୁର୍ଦ୍ଧକ୍ଷ । କିନ୍ତୁ ଗାନ୍ଧାରୀଙ୍କ ଚକ୍ଷୁପଟ୍ଟଳ ଉନ୍ମୋଚନ ବେଳେ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ବାରଣ କରି ଦୁର୍ଦ୍ଧକ୍ଷଙ୍କୁ ପ୍ରେରିତ କଲେ । ଦୁର୍ଦ୍ଧକ୍ଷ କ୍ଷଣକେ ଭସ୍ମସାତ ହୋଇଥିଲେ । ସେତିକିବେଳେ ଗାନ୍ଧାରୀ ଅଭିଶାପ ଦେଇଥିଲେ– ତୁମର ଚକ୍ରାନ୍ତ ଯୋଗୁଁ ମୋର ବଂଶ ସମୂଳେ ବିନାଶ ହୋଇଛି । ଯଦୁବଂଶ ମଧ ସେହିଭଳି ଦିନେ ସମୂଳେ ଧ୍ୱଂସ ପାଇବ ।

ଏଇ ତା'ହେଲେ ଗାନ୍ଧାରୀଙ୍କ ଅଭିଶାପର ଫଳ ! ଏ କଥା ସ୍ମରଣ କରି ବାମପାଦକୁ ଦକ୍ଷିଣ ପାଦ ଉପରେ ରଖି ସେ ଦୋଳାଉଥିବା ବେଳେ ଏକ ଶିକାରୀର ଶାଣିତ ଶର ତାଙ୍କ ପାଦକୁ ବିଦ୍ଧ କରିଥିଲା ।

ସେ ଜାଣିପାରିଲେ ଯେ ଏହି ଶିକାରୀର ତୀର ଥିଲା ମୁଷଳର ଅବଶେଷ ଅଂଶ ଯାହାକୁ ତାଙ୍କର କୁଳାଙ୍ଗାର ପୁତ୍ର ଶାମ୍ବ ଘୋରି ନ ପାରି ସମୁଦ୍ର ବକ୍ଷକୁ ନିକ୍ଷେପ କରିଥିଲା । ଜାଲଭିତରେ ପଡିଥିବା ଗୋଟିଏ ମାଛର ପେଟରୁ ତାକୁ ଉଦ୍ଧାର କରିଥିଲା ଜାରାଶବର ।

ଜାରାଶବର ତୀରବିଦ୍ଧ କଳାପରେ ପାଖକୁ ଆସି ନିଜର ଭୁଲ ବୁଝିପାରି ଥରହର ହେଲା । ଯାହାକୁ ସେ ମୃଗ ଭାବି ତୀର ନିକ୍ଷେପ କରିଥିଲା, ସେ ଯେ ଦ୍ୱାରକାଧୀଶ ଶ୍ରୀକୃଷ୍ଣ । ସେ ହାତଯୋଡି କହିଲା– ପ୍ରଭୁ ! ଆପଣଙ୍କ ପାଦକୁ ହରିଣର କାନ ଭାବି ମୁଁ ତୀର ମାରିଲି । ମୁଁ ନ ଜାଣି ଏ ଭୁଲ କରିଛି । ମୋତେ ଅଭିଶାପ ଦିଅ ପ୍ରଭୁ ।

ଶ୍ରୀକୃଷ୍ଣଙ୍କ ନବ ନୀରଦ ସଦୃଶ ଶରୀର ବିଷାକ୍ତ ତୀରର ପ୍ରଭାବରେ ଧୀରେ ଧୀରେ ଆହୁରି ବେଶୀ ନୀଳାଭ ପଡି ଆସୁଥିଲା ।

ସେ ଅବିଚଳିତ ହୋଇ କହିଲେ– ଜାଣିଛି ଜାରା ! ତୋର ଅଜ୍ଞାତରେ ଏହା ଘଟିଛି । କିନ୍ତୁ ମୁଁ ତୋତେ ଅଭିଶାପ ଦେବି ନାହିଁ । ଏହା ଥିଲା ମୋର ପ୍ରାରବ୍ଧ । ତ୍ରେତୟା ଯୁଗର ଶ୍ରୀରାମ ଅବତାରରେ ମୁଁ ବାଳିକୁ ପଶ୍ଚାତରୁ ତୀର ମାରି ବଧ କରିଥିଲି । ତୁ ସେହି ତ୍ରେତୟାଯୁଗର ବାଳି ଏବେ ଜାରାଶବର ହୋଇ ଜନ୍ମ ନେଇଛୁ । ମୁଁ ମୋର ଅପକର୍ମର ଫଳ ପାଇଛି । ଗୋଟିଏ କାମ କର । ମୋର ଅନ୍ତିମ କାଳ ଆସିଗଲା ବୋଲି ରାଜପ୍ରସାଦରେ ବାର୍ତ୍ତା ପହଞ୍ଚାଇ ଦେ ।

ଜାରାଶବରର ଶରାଘାତରୁ ଶ୍ରୀକୃଷ୍ଣ ମୁକୁଳି ନଥିଲେ । ତାଙ୍କର ବଂଶଜମାନେ ତପ୍ତ ବୈତରଣୀ ପାର ହୋଇ ଯାଇଥିଲେ ଯମାଳୟକୁ । ସେ ନିଜ ମରଶରୀର ତ୍ୟାଗ କରି ପ୍ରତ୍ୟାବର୍ତ୍ତନ କଲେ ବୈକୁଣ୍ଠକୁ ।

*ପ୍ଲଟ ନଂ. ୨୫୫, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର,*
*ଭୁବନେଶ୍ୱର-୭୫୧୦୧୬*
*ଦୂରଭାଷ: ୯୪୩୭୧୭୦୦୩୩*



# କାଠ ଟେବୁଲ୍

ସରୋଜ କୁମାର ସାହୁ

ପିଢି ପରେ ପିଢି ପଧାନଘର ସେବକ ମୁଁ । ସମୟ ସୁଅରେ ବଢିଲା ବୟସ । ତା' ସହିତ ବଦଳିଲା ମୋ କାୟା । ଏ ଘରର ଇତିହାସ ମୋତେ ଜଣା । ଘଟଣା ପ୍ରବାହ ଭିତରେ କିଛି କିଛି ସୁଖ ଏବଂ ଦୁଃଖର ଭାବାଳୁତାକୁ ଦେଖିଚି । ଏକଦା ଏ ଘରର ମୁରବୀ ବଡ଼ ପଧାନେ ।

ବଡ଼ ପଧାନେ ନାହାନ୍ତି । କେବେଠାରୁ ବିଦାୟ ନେଲେଣି । ବାସ୍ତରି ବର୍ଷ ପରମାୟୁ ଧରିକି ଆସିଥିଲେ । ଏଇ ଗାଁ, ମଠ, ଏଇ ଘର, ଘର ପଛ ବିସ୍ତୀର୍ଣ୍ଣ ବାଡ଼ି, ବାଡ଼ି ମୁଣ୍ଡର ଛାତ ଘର, ବାଡ଼ିର ପରସ୍ତ ପରସ୍ତ ମାଟି, ମାଟି ଉପରେ ଘାସରୁ ଆରମ୍ଭ କରି ଗଛ ପର୍ଯ୍ୟନ୍ତ ସବୁଠି ତାଙ୍କ ହାତର ବାସ୍ନା । ଧୀରେ ଧୀରେ ଅତୀତ ଝାପ୍‌ସା ହୋଇ ଆସିଲା । ବଦଳିଗଲା ମୋ କାୟା । କ୍ଷୁଦ୍ର ଏକ କାଠ ଟେବୁଲ୍ ହୋଇ ଏଇଠି ପଡ଼ିଛି ।

ମୁଁ ସେବା ଦେବାରେ ଅବହେଳା କରିନି ଅଥଚ ମୋ ଭବିଷ୍ୟତ ଅଦୃଶ୍ୟ । ମୁଁ କୁଆଡ଼େ ମରହଟିଆ ଟେବୁଲ୍‌ଟାଏ, ଅଯଥାରେ ଗୁଡ଼ାଏ ଜାଗା ମାଡ଼ି ବସିଚି । ଚମତ୍କାର ଏ ଦୁନିଆଁ । ସମୟ ସେପଟର ସବୁ ଘଟଣା ଏବଂ ବସ୍ତୁମାନେ ସମୟ ଏପଟେ ବିଲୀନ ହୋଇଯା'ନ୍ତି ।

ବଡ଼ ପଧାନଙ୍କ ଦେହାନ୍ତ ପରେ ଅଦରକାରୀ ହୋଇ ପଡ଼ିଛି । ନିର୍ଜୀବ ଚାରି କାନ୍ଥ ଭିତରେ ଥିବା ନିର୍ଜୀବ ଚେୟାର ଏବଂ ଟେବୁଲ୍ । ଏକ ନିମ୍ନମଧ୍ୟବିତ୍ତ ପରିବାରରେ ପ୍ରଥମ ମାଲିକର ଅବର୍ତ୍ତମାନରେ ମୋତେ କିପରି ବ୍ୟବହାର କରାଯାଉଥିବ ଏକଥା ହୁଏତ କାହାକୁ ଅଛପା ନାହିଁ । ପାଣି ପିଇବେ ଗ୍ଲାସ୍ ରଖିବେ ମୋ ଉପରେ । ପିଲାମାନେ ସ୍କୁଲ୍‌ରୁ ଆସିବେ ପାଣି ବଟଲ୍, ବ୍ୟାଗ ଫୋପାଡ଼ିବେ ମୋ ଉପରକୁ । କିଛି ଦରକାରୀ ଅଦରକାରୀ ଔଷଧ, ଡବା ଇତ୍ୟାଦି ମୋ ଉପର । ଏବେ ଚିନ୍ତା କରାଯାଇପାରେ ମୋ ଉପରଟା କିପରି ସୌନ୍ଦର୍ଯ୍ୟବୋଧ ହେଉଥିବ । ସାନ ପଧାନଙ୍କ ପୁଅ ସୁକେଶ କାମ ସାରି ବୀର ଯୋଦ୍ଧାର ଫୁର୍ତ୍ତିରେ ମାଡ଼ି ଆସେ ଫୁଲ୍ ଆକ୍ସିଲିଟର୍ ମୋଡ଼ା ବାଇକ୍ ଟିଏ ପରି । ଫୋପାଡ଼ି ପକାଏ ପକେଟରୁ ଗାଡ଼ି ଚାବି, ମୋବାଇଲ୍ ଫୋନ୍ । ମୁଁ ତାକୁ ଡାକି ପଚାରିଥା'ନ୍ତି, 'କେଉଁ ଅଧିକାର ନେଇ ମୋ ଉପରକୁ ଏ ସବୁ ଫୋପାଡୁଛୁ ?' ପରନ୍ତୁ ପଚାରିଲିନି । ଦୟା ଆସିଲା ଅବା ମୁହଁ ଗଲାନି, ଯାହା ହେଲେ ବି ବଡ଼ ପଧାନଙ୍କ ବଂଶଧର ତ ।

ବଡ଼ ପଧାନେ ଥିଲାବେଳେ ମୋ ପାଖରେ ବସନ୍ତି । ମୁଁ ତାଙ୍କୁ ଖୋଇଚି । ଏଇଠି ବସି କେତେ ଖୁସି ଆଉ ହସରେ କିଲିବିଲି ହେଇଚନ୍ତି । ଏ କଥା ମଧ୍ୟ ସତ୍ୟ ଯେ ଅନ୍ତହୀନ ସ୍ୱପ୍ନରେ ମସ୍‌ଗୁଲ୍ ପଧାନଙ୍କର ପରିବର୍ଦ୍ଧିତ ରୂପ ମୁଁ ହିଁ ଦେଖିଚି, ଯେଉଁ ଦିନ ସିଏ ବାହା ହେଲେ । ବଦଳିଗଲା ଘରର ପରିପାଟୀ । ନୂତନ ରଂଗରେ ରଂଗୀନ । ଅନ୍ୟ ଘରମାନଙ୍କ ଠାରୁ ଭିନ୍ନ ହୋଇ ଚିକ୍ ଚିକ୍ କଲା ।

ସମସ୍ତଙ୍କ ପାଇଁ ନୂଆ ଜାମାଯୋଡ଼ । ମୁଁ ବି ସେଥିରୁ ବାଦ୍ ପଡ଼ିନି । ପିନ୍ଧିଚି ଟେବୁଲ୍ କ୍ଲଥ । ଏଠି ସମସ୍ତେ ଲାଗୁଚନ୍ତି ନୂଆ ନୂଆ, ମୁଁ ମଧ୍ୟ । ରନ୍ଦା ମରା ଭାରି ଚିକ୍କଣ, ଭାରି ସୁନ୍ଦର । କୁନ୍ଦମରା ଖୁରା । ମୋ ଚାରିପଟେ ଚାରି ସହକର୍ମୀ, ଚାରୋଟି ଚେୟାର । ଆମେ ସଭିଏଁ ସହୋଦର ।

ପଧାନେ ଶୁଣିଲେ ନୂଆ ବୋହୂଙ୍କର କୁଆଡ଼େ ଗାଡ଼ିରେ ବସିଲେ ନିବାଡ଼େ ବାନ୍ତି ହୁଏ । ଚିନ୍ତା ବଢିଗଲା ତାଙ୍କର । ତେବେ ବାହାଘର ଯିବ କେମିତି ? ଯାହାବି ହେଉ, ଗାଡ଼ିରେ ନୁହେଁ । ସିଏ ଅମଙ୍ଗ ହେଲେ ବୋଲି ସବାରି ପାଲିଙ୍କିର ବନ୍ଦୋବସ୍ତ ହେଲା । ଯେମିତି କଟକ ଚିନ୍ତା ବାଇମୁଣ୍ଡିକି, ଏଠି ସଭିଙ୍କ ଚିନ୍ତା ପଧାନଙ୍କୁ ।

ଶୃଙ୍ଖଳା ଶୃଙ୍ଖଳାରେ ବାହାଘରଟା ପଳେଇଲା ଅଥଚ ବୋହୂ ଧରି ପ୍ରତ୍ୟାବର୍ତ୍ତନ କଲାବେଳେ ଆକାଶଟା ନଇଁ ଆସିଲା । ମାଳମାଳ ବାଦଲ ମୁଣ୍ଡରେ ମାଡ଼ହେଲେ । ଘନଘୋର ବର୍ଷାର ପୂର୍ବାଭାଷ । ଆଉ ସମ୍ଭାଳି ରହିପାରିଲାନି । ଝଂକେ ପବନ ସହ କୁଟିଦେଇଗଲା । ଜବରଦସ୍ତ ବର୍ଷାରେ ଫୁଲେଇ ନଈର ଗରଜ କମ୍ ନୁହେଁ । ଶୃଙ୍ଖଳା ନଈରେ ମାଡ଼ିଆସିଲା ପାଣି । ସୁଦ, ମାଧିଆ, ଚକରା ଏବଂ ଅନ୍ୟମାନେ ବର୍ଷା ଛାଡ଼ିଲା ପରେ ଆଉ ଅପେକ୍ଷା କଲେନି । ସଭିଏଁ ସବାରୀ ପାଲିଙ୍କି ରେ ବର କନିଆଁଙ୍କୁ ନେଇ ନଈ ପାର ହେଲେ ଆଣ୍ଠୁ ଉପରକୁ ଲୁଗା ଟେକି ।

ସବୁ ବର୍ଷାବିନ୍ଦୁ ତ ନଈର ନୁହେଁ ନା ! ଏପଟେ ଜବରଦସ୍ତ ବର୍ଷାରେ ଗାଁ ଦାଣ୍ଡ କାଦୁଅ ପଟପଟ । ଡେଇଁ ଡେଇଁ ମାଡ଼ି ମାଡ଼ି ଚାଲିଲେ । ଓଃ ! ଯାହା ହେଉ ଘର ପାଖେଇଲାଣି । କବାଟ ଫାଙ୍କରୁ ଉଣ୍ଡିଦେଲା ପଧାନଙ୍କ କୁଆଁରୀ ଅଲିଅଳ ଭଉଣୀ ସୁନ୍ଦରୀ ତନୁପାତେଳି ମିତା । "କନିଆଁ ଆସିଲାଣି, ବର ଆସିଲେଣି" - ଢେର୍ ବଡ଼ ପାଟିରେ ଚିଲ୍ଲେଇଲା । ସମସ୍ତଙ୍କୁ ସଜାଗ କରେଇଦେଲା ।

ଦୂଆର ପାହାଚ ତଳେ ଜଳିଲା ଦୀପ । ବାଜିଲା ଶଂଖ । ବନ୍ଦାପନା

ହେଲା ଅରୁଆ ଚାଉଳ, ଦୂବ, ବରକୋଳି ପତ୍ରରେ । ନୂଆ ବୋହୂ, ଗୋରା ଗୋରା ପାଦରେ ନାଲି ରଂଗର ଅଳତା । ପ୍ରଥମ କରି ପାଦ ବଢଉଥିଲା ଏ ଘରର ଏରୁଣ୍ଡିବନ୍ଧ ଭିତରକୁ । ମିତା ବାଟ ଓଗାଳିଲା । ଓଡ଼ିଆ ଘରର ନଣନ୍ଦ । ଛାଡ଼ିବ କିପରି ? ସିଏ ତା' କଷ ଦେଖେଇଲା । ବୋହୂଘର ଲୋକ ନେହୁରା ହେଲେ । ଉପାୟଶୂନ୍ୟ ମିତା ଧାନଉଁଷା ହାଣ୍ଡି ପରି ମୁହଁଟା କଲା ବୋଲି ତ ତାକୁ ମିଳିଲା ନଣନ୍ଦ ସଜ ସହ ସୁନା ମୁଦି । କ୍ଷଣିକ ମଧ୍ୟରେ ତା' ମୁହଁଟା ଆନିମେଶନ ହୋଇ ବଦଳିଗଲା । ରୂପାନ୍ତରିତ ମୁହଁରେ ସରୁ ଧାରେ ହସ । ଓ୍ୱାଃ, ଭାରି ସୁନ୍ଦର ।

ନୂଆ ବୋହୂ ଗୋଡ଼ ବଢେଇଲା ଏକ ନୂଆ ସଂସାର ଆଡ଼େ । ଭବିଷ୍ୟତର କଳ୍ପନା, ଅସୁମାରୀ ରଂଗୀନ ସ୍ୱପ୍ନକୁ ପଣତ କାନିରେ ଗଣ୍ଠି ପକେଇ । ସବୁର ସାକ୍ଷୀ ତ ମୁଁ ପଧାନ ଘରର ମୂକ ସେବକ ।

ମିତା, ନୂଆ ବୋହୂ ଆଉ କେତେ ଅନୂଢ଼ା ଝିଅ ଘେରି ବସିଲେ ମୋ ଚାରିପଟେ । ଗୁଡ଼ାଏ ଜିନିଷ ମୁଣ୍ଡେଇ ଦେଲେ ମୋତେ । ନିରବ କୋଠରିଟା କୋଳାହଳ ପୂର୍ଣ୍ଣ ହେଲା । ମିଠା ମିଠା ଖୁସିର ମଧୁ କ୍ଷରଣ ହେଲା । ମୋତେ ଛାଡ଼ି ଅନ୍ୟ ସମସ୍ତଙ୍କ ମୁହଁରେ ନିଷ୍କପଟ ଖୁସି । ମୋ ଖୁସି, ମୋ କଷ୍ଟର ସ୍ୱର ସବୁ ହଜିଗଲା ସେମାନଙ୍କ ହସ ମଉଜ ଭିତରେ । ଧଡ଼ ଧଡ଼ିଆ ଭାଗ୍ୟକୁ ଆଦେରି ପଡ଼ିଲି ସେଇଠି । ମୁଁ ଆଉ କେହି ନୁହଁ ମ ! ଆଗରୁ କିହିଚି ପରା ମୁଁ ପଧାନ ଘରର ସେଇ କାଠ ଟେବୁଲ୍ ।

ଏହା ନିଶ୍ଚିତ ଯେ ଆଜି ନିର୍ଜୀବ ଚାରିକାନ୍ଥ ଭିତରେ ପ୍ରାଣହୀନ ବସ୍ତୁଟିଏ ହୋଇ ଏଠି ପଡ଼ିଛି । ଏକଦା ମୋର ଜୀବନ ଥିବ । ମୁଁ ହସୁଥିବି, ଖେଳୁଥିବି । ସମସ୍ତଙ୍କୁ ଆଦର କରୁଥିବି । ଯେପରି ବାଡ଼ି ମୁଣ୍ଡରେ ଥିଲା ସମସ୍ତଙ୍କର ପ୍ରିୟ **'ଗୁମା ଆମ୍ବଗଛ'** ।

କ୍ଷୁଦ୍ରାତିକ୍ଷୁଦ୍ର କାୟା ଗୋଟେ ଫୋପଡ଼ା ଟାକୁଆରୁ ତା'ର ଜନ୍ମ । କିଏ ସେହି ମହାତ୍ମା ଯିଏ ଗୁମା ଆମ୍ବଗଛ ଜନ୍ମର କାରକ, କହିପାରିବିନି । ଧୀରେ ଧୀରେ ବଡ଼ ହେବାକୁ ଲାଗିଲା । ବିସ୍ତୀର୍ଣ୍ଣ ଆକାଶକୁ ଦେଖିଲା । ସୁଦୂର ସୂର୍ଯ୍ୟଙ୍କୁ ଦେଖିଲା । କାୟା ବଢିଲା । କେନା ମେଲେଇ ହାତ ବଢେଇଲା ଚାରିପାଖକୁ ଏବଂ ଉପରକୁ । ବିଶାଳ ଦ୍ରୁମ ହେବାର ପ୍ରଚେଷ୍ଟା କଲା ।

ସେଦିନର ଷୋଡ଼ଶ ସୁନ୍ଦରୀ ମିତାର ପରିବର୍ତ୍ତନ ହେଇଚି । ଚିକ୍କଣ ଚର୍ମ ଲୋଚାକୋଚା ହେଲାଣି । ଶାଢିରୁ ରଂଗ ଲିଭିଯାଇଛି । ନୁଖୁରା ଲଲାଟ ବୈଧବ୍ୟ ସଂକ୍ରମଣରେ । ଯେପରି ମୋର ହୋଇଛି !

ମିତା ଚିନ୍ତା କରିପାରେ, ତା' ବାପାଙ୍କ ବିଷୟରେ, ଗୁମା ଆମ୍ବ ଗଛ ବିଷୟରେ, ଅତୀତ ବିଷୟରେ। ଇତିହାସ ଫେରିନପାରେ, ପରନ୍ତୁ ଇତିହାସକୁ ବୁଲି ଚାହିଁଲେ ସେଦିନର ଅନୁଚିନ୍ତା ଗୁଡ଼ା ଦେହରେ ଗୁଞ୍ଜିହୋଇଯାଏ । ଯୋଗାଏ ଖୁସିର ଖୋରାକ୍ । ମିତା ଆକାଂକ୍ଷା କରେ ଇତିହାସର ପୁନରାବୃତ୍ତି, ଅବା ଚାହେଁ ପଛେଇ ପଛେଇ ଚାଲିଯିବାକୁ ଅତୀତକୁ ।

ସେଇ ଅନୂଢ଼ା ଝିଅ, ଯିଏ ରଜରେ ଖେଳୁଥିଲା ଦୋଳି, ବିସ୍ତୀର୍ଣ୍ଣ ବାଡ଼ିମୁଣ୍ଡର ଗୁମା ଆମ୍ବ ଗଛରେ । ବାପା ପକେଇ ଦେଇଥିଲେ ବାଉଁଶ ଦୋଳି । ଉପଗତ ଅନ୍ୟ ଅଭିଆଡ଼ି ଝିଅମାନଙ୍କ ମେଳରେ ପାରମ୍ପରିକ ରଜଗୀତର ସଂସ୍କରଣ । ତା'ସହ କ୍ଷିପ୍ର ବେଗରେ ଆନ୍ଦୋଳିତ ଦୋଳି ଏବଂ ମନର ଉନ୍ମାଦନ । ସମୟ ସହିତ ତାଳ ଦେଇ ସେଦିନ ଯାଇଛି ଚାଲି । ଯୌବନ ଫେରି ଆସନ୍ତା କି ? ତା'ର ପୁନରାବୃତି ହୁଅନ୍ତାକି ? ସେଦିନ ଗୁମା ଆମ୍ବ ଗଛର ଶାଖା ଆକ୍ରାନ୍ତ ହୁଏ ଦୋଳାୟମାନ ଦୋଳିର ଘର୍ଷଣରେ । ତଥାପି ଦୁଃଖ ନାହିଁ । ହସି ହସି ଦେଖେ କୁଆଁରୀ ଝିଅ ମାନଙ୍କର ଖୁସି ।

ବିତିଯାଉଥାଏ ଦିନ ପରେ ଦିନ । ଆସେ ଏକ ମିଳନର ପର୍ବ । ନିଜକୁ ହଜାଇ ଦିଏ, ଭିଜେଇ ଦିଏ ସେଦିନର ପତଳା ଶରୀରଧାରୀ ବିଶୁ ନିକଟରେ । ମୂକସାକ୍ଷୀ ଗୁମା ଆମ୍ବ ଗଛ । ବସନ୍ତର ଆଗମନ ସୂଚାଇଦିଏ ବଉଳ । ଆମ୍ବ ବଉଳ ସହ ପ୍ରକୃତିର ପୃଷ୍ଠା ବଦଳେ ।

ଯୁବାବୟସୀର ମନ, ପ୍ରବାହମାନ ବଢି ନଈ । ବନ୍ଧ ଭାଙ୍ଗେ । ସଂଧ୍ୟା ଆଗତେ ବ୍ୟାପିଯାଏ ଅମା ଅନ୍ଧାର । ଦିନର ଆଲୋକ ଶକ୍ତିହୀନ, ପଳାୟନରତ । କି ଦିନ କି ରାତି, ଗୁମା ଆମ୍ବ ଗଛ କିନ୍ତୁ ନିର୍ଭୟରେ ଛିଡ଼ା ହେଇଚି । ଡାଳ ମାନଙ୍କରେ ଥୋଲା ଥୋଲା ଆମ୍ବ । ସବୁଜ, ହଳଦିଆ, ନାଲି, କଞ୍ଚା, ପାଚିଲା ମିଶାମିଶି । ରଜ ଖେଳୁଚନ୍ତି ପବନ ଦୋଳିରେ । ଡର ନାହିଁ କି ଭୟ ନାହିଁ ।

ବୁଦୁ ବୁଦୁକିଆ ଗଛ ଆଢୁଆଳରେ ଦୁଇଟି ଖୋଲା ଆଖି ବ୍ୟସ୍ତ ଥିଲେ ମିତାକୁ ଦେଖିବାରେ । ହୁଏତ ଆଗରୁ ମଧ୍ୟ ଏପରି ଅନେକ ଥର ଦେଖିବାର ପ୍ରୟାସ କରିଥିବ । କାହିଁକି ନୁହେଁ ? ଡଉଲ ଡାଉଲ ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରିଣୀ ଯେ ମିତା । ଚିକ୍କଣ ମୁହଁ । ମସୃଣ ପିଠି । ମାଧୁରୀ ହସ, ଶ୍ରୀଦେବୀ ଠାଣି । ଆଗରୁ ହେଉ ଅବା ପଛରୁ ଥରେ ନଜର ପଡ଼ିଲେ ତା'ପାଇଁ ଯୁବକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଆପେ ଆପେ ହୁଏ ସୃଷ୍ଟି।

ଜାଙ୍ଗୁଲିଆ ଅନ୍ଧାର, ଶୁନ୍‌ଶାନ୍ ଜାଗାରେ ଗୋଟେ ଝିଅ କିଛି ବି କରିପାରେ ? ବଡ଼ ପାଟିରେ ଗୀତ ଗାଇପାରେ । ଦେହରୁ ଡ୍ରେସ୍ ଖୋଲି ନିଜ ଢଙ୍ଗରେ ନାଚିପାରେ। ଏହାକୁ ସୁଯୋଗ ଭାବି ହେଉ ବା ନିଜ କିଶୋରୀସୁଲଭ ଗୁଣର ବଶବର୍ତ୍ତୀ ହୋଇ ହେଉ, ସିଏ ନିଜର କ୍ରମ ବର୍ଦ୍ଧମାନ ହାରରେ ବର୍ଦ୍ଧିତ ବକ୍ଷୋଜକୁ ହାତରେ ମାପି ଯେଉଁ ଉତ୍ତେଜନାର ବଶବର୍ତ୍ତୀ ହୋଇଥିଲା, ସେପଟକୁ ମୁହଁ କରି ତୃପ୍ତିରେ ବାୟୁମଣ୍ଡଳକୁ ଆସ୍ୱାଦନା କଲାବେଳେ, ଅଚାନକ ଯୁବକଟିର ଉପସ୍ଥିତିରେ ଚମକି ପଡ଼େ। ଏହା ଅସ୍ୱାଭାବିକ ! ବିଶୁର ଉପସ୍ଥିତିରେ ତାକୁ ଲାଗିଲା ତା' ହୃତ୍‌ପିଣ୍ଡଟା ଛାତି ଭିତରୁ ବାହାରି ଆସିବ। ମୁଣ୍ଡ ଭିତରେ ଗୁଡ଼ାଏ ଲୁହା ପିରକ ହାତୁଡ଼ି ମାଡ଼ର ଆଘାତରେ ପଶିଯିବ ଭିତରକୁ ଭିତରକୁ । ମସ୍ତିଷ୍କ ଭାରସାମ୍ୟ ହରାଏ। ଅବଶ୍ୟ ମୁକ୍ତ ଆକାଶ ତଳେ ଏତାଦୃଶ ଗୋପନ କାର୍ଯ୍ୟ ବିପଦଶୂନ୍ୟ ନୁହେଁ । ଏଠି ଚାରି କାନ୍ଥର ବନ୍ଧନୀ ନାହିଁ, ଉପରେ ଛାତ ନାହିଁ । ବର୍ତ୍ତମାନ ସମସ୍ତ ଉତ୍ତେଜନା ତା'ପାଖରୁ ଉଭାନ ହେବାପରେ ଏକ ବିରାଟ ଶୂନ୍ୟତା । ଏ ପରିସ୍ଥିତିରୁ ମୁକୁଳିବାର ଏକମାତ୍ର ଉପାୟ ପଳାୟନ।

ବିଶୁ ଡାକିଲା – ମିତା ! ଏ ମିତା ! ଡରୁଚୁ କି ?

ମିତା ମନରେ ଭାବିଲା, ଏଇଟା କି ପ୍ରଶ୍ନଟେ ମ ! ସତେ ଯେପରି ଭୟ ଦୂରୀକରଣ ପାଇଁ ଏଇଟା ଗୋଟେ ସାନ୍ତ୍ୱନା ! ପଳାୟନପନ୍ଥି ସାଜିଥିବା ମିତା ମୁହଁ ବୁଲେଇ ଚାହିଁବାକୁ ସାହାସ କରିପାରୁ ନଥିଲା, କି ତା' ପାଟିରୁ ବାକ୍ୟ ସ୍ଫୁରୁ ନଥିଲା ।

ବିଶୁ । ଗାଁ ପୁଅ । ମିତାର ସମ ବୟସ୍କ । ମିତାର ସ୍ୱର କ୍ଲାନ୍ତ, ମସ୍ତିଷ୍କ ଭାରାକ୍ରାନ୍ତ, ଦୃଷ୍ଟି ଅନ୍ୟମନସ୍କ। ଲଜ୍ଜାରେ ମୁହଁ ତଳକୁ ହୋଇଯାଇଥାଏ ମିତାର । ଲଜ୍ଜା ନାରୀସ୍ୟ ଭୂଷଣମ୍ । ସେଇ ମୁହୂର୍ତ୍ତରେ ମନରେ ସୃଷ୍ଟି ହୁଏ ପଜଲ । ଦିନର ଅବଶିଷ୍ଟ ଆଲୋକ ନିଜର ଶକ୍ତି ହରାଇସାରିଥାଏ।

କ'ଣ କରିବ, କ'ଣ ନକରିବ ? ଅନେକ ଭାବନାର ବୁଢିଆଣୀ ଫାଶ । ଧଡ଼ାସ୍ କରି ପଡ଼ିଲା ଗୋଟେ ଆମ୍ବ । ମିତା ଚମକିପଡ଼ି ଦି'ପାହୁଣ୍ଡ ପଛକୁ ଘୁଂଚିଗଲା । ବିଶୁ, ମିତା ଆଗରୁ ଆମ୍ବଟିକୁ ଉଠେଇ ବଢେଇଲା ବେଳେ ବିଶୁର ଅନୁନୟ ବିନୟ, ମିଠା ମିଠା କଥା । ବିଶୁର କଥା ଏବଂ ଆମ୍ବର ବାସ୍ନା ବିଶୁ ଠାରୁ ମିତାର କାନ ଏବଂ ନାକ ପର୍ଯ୍ୟନ୍ତ ତିଆରି କାଳ୍ପନିକ ରାସ୍ତାରେ ଭାସି ଆସିଲେ । ଗୁମା ଆମ୍ବର ମିଠାରସ ଆସ୍ୱାଦନ କଲା ମିତା । ରସାଳ ନହେଲେ କ'ଣ ହେବ ବେଶ୍ ସୁସ୍ୱାଦୁ, ବିଶୁ ପରି । ବିଶୁ ଦେଖିବାକୁ ଗୋରା ତ ନିଶ୍ଚୟ ହାଡୁଆ ଦେହ । ତା' କାକୁସ୍ଥ ଚାହାଣି ପରିବର୍ତ୍ତିତ ହେଲା । ପରାଜୟ ସତ୍ତ୍ୱେ ମୁଖ ମଣ୍ଡଳରେ ପ୍ରଫୁଲ୍ଲତା । ବର୍ଷା ଏବଂ ସୂର୍ଯ୍ୟ କିରଣ ପ୍ରେମରେ ଆକାଶରେ ସୃଷ୍ଟିହୁଏ କବିତାର ଝଙ୍କାର । କିନ୍ତୁ ଏଠି କୋଟିଏ ରଙ୍ଗରେ ଅଙ୍କନ ହେଲା ଇନ୍ଦ୍ରଧନୁ । ବିଶୁର ସତୃଷ୍ଣ ଆଖିର ଯେଉଁ ଅର୍ଥ ମିତା ବୁଝିଲା । ଅଦ୍ଭୁତ ଏକ ହସ ହସିଲା ଏବଂ ବିଶୁ ହୃଦୟ ଭିତର ସେନ୍‌ସର ଦ୍ୱାର ଖୋଲିଗଲା ଅଟୋମେଟିକ୍ । ଜୋର୍ କରି ଭିଡ଼ିଆଣିଲା ମିତାକୁ । ଗୋଲ ଗାଲଉପରେ ହାତରେ ଶାଙ୍କେତିକ ଚୁମାଟିଏ ଦେଲା । କହିଲା -

- ମୁଁ ତୁମକୁ କିପରି ପାଇବି ?
- ଆଜି ଯେପରି ପାଇଲ ?
- ଆଜି ତ ସବୁ ଅକସ୍ମାତ ହେଲା ।
- ହୁଏତ ସବୁ ପ୍ରେମର ପ୍ରଥମ ଅକସ୍ମାତରୁ ଆରମ୍ଭ ।

-ଓଃ ବୁଝିଗଲି ।

ମିତାର ଶବ୍ଦ ବିହୀନ ହସରେ ଶରୀରରୁ ଖସିଗଲା ହୃଦୟ । ଜୋର୍ କରି ଭିଡ଼ିଧରି ରଖିବାର ସମସ୍ତ ଚେଷ୍ଟା ବିଫଳ ହୁଏ । ବିନା ଆଶ୍ରେ ନବର୍ତ୍ତନ୍ତି କବିତା, ବନୀତା, ଲତା । ଅବଳା ମିତା ଢଳିପଡ଼ିଲା ବିଶୁ ଉପରେ । ପରିବେଶରେ ନିସ୍ତବ୍ଧ ବଢିଚାଲିଚି ।

ବିଶୁ ପ୍ରଥମଥର ପ୍ରତିକ୍ଷୀତ ରମଣୀକୁ ପ୍ରଣୟୀ ରୂପେ ଦେଖିବା ସହିତ ଭବିଷ୍ୟତର ସ୍ୱପ୍ନ ସବୁ ନିଜ ମୁଣିରେ ପୁରାଇ ପ୍ରସ୍ଥାନ କରେ । ସାକ୍ଷୀ କେବଳ ଗୁମା ଆମ୍ବଗଛ ।

ଏମିତି ରାତି ଯାଏ ସକାଳ ହୁଏ । ଉପରିସ୍ଥ ଶାଖାରେ ଅଦୃଶ୍ୟଭାବେ ବସିଥିବା କୋଇଲିର କୁହୁ କୁହୁ । ଚଢେଇ ମାନଙ୍କର କିଚିରିମିଚିରି । ଏ ଡାଳରୁ ସେ ଡାଳକୁ ସୁରୁସୁରୁ ହୋଇ ଦୌଡୁଥିବା ଗୁଣ୍ଡୁଚି ମୂଷାର ନିରୀହ ଆଖି । ବେଢି ଯାଉଥିବା ଆମ୍ବ ଡାହାଣୀ, ଏ ସମସ୍ତଙ୍କ ଖୁସିରେ ଗଛ ହସେ, ଦୋହଲେ । ସମୟାନ୍ତରେ ଆମ୍ବ ବଡ଼ ହୁଏ । ପିଲାମାନଙ୍କ ଖାପୁଡ଼ ମାଡ଼ରେ ଝଡ଼ି ପଡ଼େ ନାଲି ଟହ ଟହ ଆମ୍ବ ଏବଂ ତା ସହ ଡାଳ ପତ୍ର । ହଜାର ହଜାର ଲୋକଙ୍କର ପାକସ୍ଥଳୀ ପୁରଣ କରିଥିବ ଗୁମାଆମ୍ବ । କେତେ ସାବିତ୍ରୀ ମାନଙ୍କର ଥାଳି ପୂର୍ଣ୍ଣ କରିଥିବ । ଗଣେଶ ପୂଜା ସରସ୍ୱତୀ ପୂଜାରେ ତ୍ୱରଣ ପାଇଁ ହେଉ ଅବା ପୂର୍ଣ୍ଣକୁମ୍ଭରେ ଏ ଗଛର ଡାଳ ଲାଗି ହୋଇଥିବ । ବର୍ଷଯାକ ପାଇଁ ଯୋଗାଇ ଦିଏ ଆମ୍ବୁଲ, ଆମ୍ବସଢା, ଆଚାର, ଚମ୍ପଉତ । ପ୍ରକୃତିର କ୍ୟାଲେଣ୍ଡର ବଦଳେ ହେଲେ ସରିନଥାଏ ଆମ୍ବୁଲ, ଆମ୍ବସଢା, ଆଚାର, ଚମ୍ପଉତି ।

ସବୁ କଥା ଭୁଲିଗଲେ ସଭିଏଁ । ଚିତ୍କାର କଲା, କେହି ଶୁଣିଲେନି । ଚିତ୍କାର ନିଜପାଇଁ ନୁହେଁ ନିଶ୍ଚୟ। ଆସିଲା ଜଙ୍ଗଲ କଂସେଇ । ମୁହଁ, ଦେହରୁ ଠୋପା ଠୋପା ନିସରଣ ସ୍ୱେଦ । ଖୋଲା ଦେହ, ପ୍ରଚୁର ଶକ୍ତି ଏବଂ ଫୁର୍ତ୍ତି । ପ୍ରକାଣ୍ଡ ଗୁମା ଆମ୍ବ ଗଛର ଶାଖା ପ୍ରଶାଖା କାଟି ଲଣ୍ଡା କରିଚାଲିଲା । ଟାଙ୍ଗିଆରେ ନିର୍ଘାତ ପ୍ରହାର ପରେ ପ୍ରହାର ପକେଇ ଚାଲିଲା ମୂଳକୁ ମୂଳକୁ । ମଝିରେ ମଝିରେ ଅଣ୍ଟାରୁ ଗାମୁଛା ବାହାର କରି ପୋଛି ପକଉଥାଏ ମୁହଁ ଏବଂ ଶରୀରରୁ ନିର୍ଗମନ ଝାଳ । ଶକ୍ତ ଟାଙ୍ଗିଆ ପ୍ରହାରରେ ଗୁମା ଆମ୍ବଗଛ ନିସ୍ତେଜ ହେବାକୁ ଲାଗିଲା । ଦୋ ହଲିଗଲା ସମଗ୍ର ବୃକ୍ଷ । ବିରାଟ ଏକ ଶବ୍ଦ ସହ ଘଟୋତ୍କଚ ପରି ପଡ଼ିଗଲା ଏକ ପାର୍ଶ୍ୱକୁ । ନିଜେ ବିସର୍ଜିତ ହେଲା ଗୁମାଆମ୍ବ ଗଛ । ତା' ଡାଳଗୁଡ଼ିକ ପାଉଁଶ ପାଲଟିଲେ ମୀତା ପଧାନଙ୍କ ବାହା ଭୋଜି ରନ୍ଧାରେ । ପତ୍ରମାନେ ମିଶିଗଲେ ମାଟିରେ।

ସମ୍ଭବତଃ ଏହିପରି ଏକ ବିରାଟକାୟ ବୃକ୍ଷର ଗଣ୍ଡିରୁ ସୃଷ୍ଟ ମୁଁ କାଠ ଟେବୁଲ୍ ଏବଂ ମୋ ସହୋଦର ଚାରୋଟି ଚୌକି । ଆଜି ମୁଁ ଖୋଜିଲେ ମଧ୍ୟ ଦୀର୍ଘ ବର୍ଷ ତଳର ପରିପାଟି ପାଇବିନି । ମୋ ଉପରେ ଜମି ଯାଇଛି ପରସ୍ତେ ମଇଳା । ଗନ୍ଧେଇ ଗଲାଣି ମୋ ଦେହ । କେହି ଯଦି ଭୁଲ୍‌ରେ ହାତ ରଖିଦିଏ ମୋ ଉପରେ, ହାତ ଧୋଇବାକୁ ବାଧ ହେବ । ବୟସର ପ୍ରାଚୁର୍ଯ୍ୟ ଭିତରେ ଏବଂ ଦେଖାରଖା ବିହୁନେ ବଦଳି ଯାଇଛି ମୋ ରୂପ, ରଂଗ । ହୁଏତ ମୁଁ ଯଦି ଅଷ୍ଟ୍ରେଲିଆ, ଫ୍ରାନ୍ସ ଅବା ବ୍ରିଟେନ୍‌ର କୌଣସି ଏକ ପରିବାରରେ ଥା'ନ୍ତି ମୋତେ ସେମାନେ ଅତୀତର ସ୍ମୃତି ଭାବି ସଜେଇ ରଖନ୍ତେ । ସେମାନେ ତ ପୁରୁଣା ଚିଜର ଯତ୍ନ କରନ୍ତି । ଏଠି ମୁଁ ଓ.ଏଲ୍.ଏକ୍ସର ଏକ ବିକ୍ରି ସାମଗ୍ରୀ "କାଠ ଟେବୁଲ୍" ।

ଆଜି ମୋ ମନରେ ସାନ ପଧାନଙ୍କ ପ୍ରତି ପ୍ରଚଣ୍ଡ କ୍ରୋଧ । ମୁଁ କ'ଣ ମୋ ସେବା ଦେବାରେ ହେଳା କରିଚି ? ଅତୀତକୁ ଭୁଲିଯିବା ଅଥବା ଏତେଟା ସୁବିଧାବାଦୀ ହେବା କ'ଣ ଯଥାର୍ଥ ! ସାନ ପଧାନେ ଶେଷ ସମୟରେ ଅନେକ ରୋଗର ଧାରକ । ମୁର୍ଦ୍ଦାର ହେବା ପୂର୍ବରୁ ତାଙ୍କ ଶେଷ ହୁକୁମାତି । କଳେ ଗୁଣ୍ଡଗୁଆ ଦିଆ ଛେଚା ପାନଖିଆ ପାଟିରୁ ବାହାରିଲା ହୁକୁମାତି ଶବ୍ଦ - ମୋତେ ବିକିବେ ଅବା ଫିଙ୍ଗିବେ । ମୁଁ କୁଆଡ଼େ ମରହଟିଆ ଟେବୁଲ୍‌ଟାଏ, ଅଯଥାରେ ଗୁଡ଼ାଏ ଜାଗା ମାଡ଼ି ବସିଚି । ମୋ ଅନ୍ତେ ସେଇଠି ପଡ଼ିବ ଅତ୍ୟାଧୁନିକ ସୋଫା । ଯାହାର ଫୋଟୋ ସେଲ୍‌ଫୋନ୍‌ରେ ଦେଖାଦେଖି ହେଉଚନ୍ତି ଘରର ସମସ୍ତ ସଦସ୍ୟ । ସଉକ ବଦଳିବା ସହ ଆଜି ମୁଁ ଏକାନ୍ତ ଅଦରକାରୀ । ମୋ' ଆତ୍ମୀୟତା ପଧାନ ବଂଶର ଉତ୍ତର ପିଢିକୁ ବାନ୍ଧିରଖିବାରେ ଅସମର୍ଥ । ମୁଁ ହେଇଯାଇଚି ମଶାଣି ତୁଳସୀ । ମଶାଣି ତୁଳସୀକୁ ପଚାରେ ବା କିଏ ? ଆଜି ମୁଁ ଅସହାୟ । ନାହିଁ ମୋ ପ୍ରତି କାହାର ସହାନୁଭୂତି । ନା କିଏ ଏଠି ମୋ ଆତ୍ମୀୟତାକୁ ମନେପକାଉଛି ? ମତେ ତିଆରି କଲା କିଏ ? ବିକୁଚି କିଏ ? ଅବା କିଣିବ କିଏ ??? ଭେରି ସ୍ୟାଡ୍ !!!

*ପ୍ଲଟ୍ ନଂ-୬୧୭, ଏରୋଡ୍ରମ୍ ଏରିଆ, ଭୁବନେଶ୍ୱର-୨୦*

# ଭିନ୍ନ ଏକ ସାବିତ୍ରୀ

କବିତା ମହାନ୍ତି

ମାଳତୀ ମନ୍ଦିର ବାହାରେ ହାତରେ ଭୋଗ ଡ଼ାଲାଟିଏ ଧରି ଯାକି ଯୁକି ହୋଇ ଛିଡ଼ା ହୋଇଥିଲା । ସାବିତ୍ରୀ ଅମାବାସ୍ୟା ବ୍ରତ ପାଇଁ ସକାଳୁ ସକାଳୁ ମନ୍ଦିର ଭିତରେ ଭୀଷଣ ଭିଡ଼ । ଲମ୍ବା ଲାଇନ୍ ଲାଗିଛି ମନ୍ଦିରରେ । ମୁଣ୍ଡରେ ସିନ୍ଦୂର, ପାଦରେ ଅଳତା, ହାତରେ ରଙ୍ଗ ରଙ୍ଗିଆ ଚୁଡ଼ି ସାଙ୍ଗକୁ ନାଲି ଶଙ୍ଖାରେ ଡ଼ହକୁଛନ୍ତି କଲୋନୀ ସ୍ତ୍ରୀଲୋକ ମାନେ । ଆଜିକାଲିର ବାହା ହୋଇଥିବା ଝିଅ ଯିଏ ବର୍ଷକ ବାର ମାସ ଅଭିଆଡ଼ି ଝିଅ ଭଳି ଲଙ୍ଗଳା ହାତରେ ବୁଲୁଥାନ୍ତି, ମଥାରେ ଟିକିଲିଟିଏ ବି ନଥାଏ, ସିନ୍ଦୂର, କୁଙ୍କୁମ ତ ଦୂର କଥା, ସେମାନେ ବି ନବ ବଧୂ ସାଜି ଚାଙ୍ଗୁଡ଼ି ସଜାଇ ପୂଜା କରିବାକୁ ମନ୍ଦିର ଆସିଛନ୍ତି । କିଛି କିଛି ପୁରୁଷ ଲୋକ ମଧ୍ୟ ଲାଇନ୍‌ରେ ଠିଆ ହୋଇଛନ୍ତି । ତାଙ୍କ ହାବଭାବରୁ ଜଣା ପଡୁଛି ଯେ ତାଙ୍କ ସାବିତ୍ରୀମାନେ କୌଣସି କାରଣରୁ ମନ୍ଦିର ଆସିନପାରିଥିବାରୁ ସେମାନେ ସହଯୋଗର ହାତ ବଢ଼ାଇଛନ୍ତି । ମା'ଙ୍କୁ ପୂଜା ସାରି, ଶାଢ଼ୀ ଶଙ୍ଖା ଚଢ଼ାଇ ଭୋଗ କରି ଫେରିଲେ ଉପବାସରେ ଥିବା ତାଙ୍କ ସହଧର୍ମିଣୀ ନିର୍ଜଳା ଭାଙ୍ଗି କିଛି ପାଟିକୁ ନେବେ ।

ନୂଆ ନୂଆ କରି ସହରକୁ ଆସିଥିବା ମାଳତୀ ଏକ କୋଣକୁ ଛିଡ଼ା ହୋଇ ଏଠିକାର ସାବିତ୍ରୀ ପୂଜାବିଧି ନିରେଖି କରି ଚୁପ୍ ଚାପ୍ ଦେଖୁଥିଲା । ମାଳତୀ ହାତରେ ପଟେ ପଟେ ଚୁଡ଼ି, ମଥା ଖାଲି ସିନ୍ଥା ଖାଲି, ପାଦରେ ଅଳତା ନାହିଁ । ତାକୁ ଦେଖିଲେ କେହି ଅନ୍ଦାଜ କରିବନି ଯେ ସେ ସଧବା ସ୍ତ୍ରୀଲୋକ । ପୂଜା ଚାଙ୍ଗୁଡ଼ିରେ ଆମ୍ବ ଦୁଇଟା ଓ ନଡ଼ିଆ ଗୋଟେ, ଫୁଲ ଯୋଡ଼ିଏ ଓ ଗୋଟେ ସିନ୍ଦୂର ଡବା । ଲାଇନ୍‌ରେ ଥିବା ସ୍ତ୍ରୀଲୋକ ମାନେ ନିଜ ନିଜ ଗପରେ ମସଗୁଲ୍ । କାହାର ସ୍ୱାମୀ କାହାପାଇଁ ଖିମଜି ଜୁଏଲରରୁ ସୁନା ଗହଣା ଆଣିଦେଇଛନ୍ତି, ଆଉ କାହାର ବନାରସି ତ ପୁଣି କାହାର ହାଣ୍ଡଲୁମ୍ ପାଟ । କିଏ କହୁଛି ଯେ ତାର ସ୍ୱାମୀ ମଧ୍ୟ ତାଙ୍କ ସାଙ୍ଗରେ ଉପବାସ କରିଛନ୍ତି । ଏକାଠି ଉପବାସ ଭାଙ୍ଗି ପ୍ରସାଦ ପାଇବେ । ମାଳତୀ ଭାବୁଛି କେମିତି ତା ଚାଙ୍ଗୁଡ଼ିଟି ପୂଜା ହୋଇଗଲେ ସେ ଘରକୁ ଚାଲିଯିବ, ବଢ଼ିଲା ଝିଅକୁ ଏକୁଟିଆ ଘରେ ଛାଡ଼ି ଆସିଛି । କାହାକୁ ବା ବିଶ୍ୱାସ ! ! ତାର ତ ଅନେକ ଆଗରୁ ପୁରୁଷଙ୍କ ଉପରେ ଆସ୍ଥା ଛାଡ଼ିଯାଇଛି । ଏମିତି ଭାବୁ ଭାବୁ ତା କାନରେ ପଡ଼ିଲା ଦୁଇ ତିନିଟି ସ୍ତ୍ରୀଲୋକ ଚୁପ୍ ଚାପ୍ ହେଲେଣି ତାକୁ ନେଇ । ତା' କାନରେ ବାଜୁଚି ସେମାନଙ୍କ କଥା 'ଏ କି ଯୁଗ ହେଲା, ବିଧବା ସ୍ତ୍ରୀ ଲୋକଟିଏ, ପୂଜା ଚାଙ୍ଗୁଡ଼ି ଧରି ଛିଡ଼ା ହୋଇଛି ସାବିତ୍ରୀ ପୂଜା ପାଇଁ । ଆମର ଚାଙ୍ଗୁଡ଼ି ଛୁଆଁ ହୋଇଯିବ, ଆମ ଡାଲା ଦୂରେଇ ରଖ । ଆଉ ଜଣେ କହୁଚି, ବୋଧେ ଆଉ କାହା ପାଇଁ ପୂଜା କରିବାକୁ ଆସିଛି । ପୁଣି ଜଣେ ବୟସ୍କ ଭଦ୍ର ମହିଳା କହୁଛନ୍ତି, 'ଏ କି ଯୁଗ ହେଲା କି, ଏକ ସଧବା ପାଇଁ ଆଉ ଏକ ବିଧବା ସ୍ତ୍ରୀଟିଏ କେମିତି ପୂଜା ସାମଗ୍ରୀ ଧରି ମନ୍ଦିରକୁ ଆସିବ ! ! ଆମ ପୂଜା ମାରା ହୋଇଯିବ, ଦୂରେଇ ରୁହ । 'ମାଳତୀ ସବୁ ଶୁଣି ନିଜେ ଦୂରେଇ ଯାଇ ମନ୍ଦିର ପାଚେରୀ ପାଖକୁ ବସି ରହିଲା ।

ଏମିତି ଏମିତି ସେ ଲାଇନ୍‌ର ସବା ଶେଷକୁ ବସି ରହିଲା । ଦିନ ବାରଟା ଉପରେ ହେଲାଣି । ଭିଡ଼ କମିଲା ପରେ ମନ୍ଦିର ଭାଇନା ଯେ କି ଅନେକ ଆଗରୁ ମାଳତୀକୁ ପ୍ରଥମ ଥର ପାଇଁ ମନ୍ଦିର ପରିସର ଭିତରେ ଦେଖୁଥିଲେ, ଡାକିଲେ ଆଗକୁ ଆସିବାକୁ । ମାଳତୀ ପୂଜା ଚାଂଗୁଡ଼ି ଧରି ଆଗକୁ ଆସିଲା । ପୂଜକ ଭାଇନା ଅନ୍ୟମାନଙ୍କ ପରି ପ୍ରଶ୍ନବାଚୀ ଆଖିରେ ଚାହିଁ ରହିଲେ ଜାଣିବାକୁ ମାଳତୀ ପାଖରୁ ଯେ ସେ କାହା ପାଇଁ ପୂଜା କରିବାକୁ ଆସିଛି । ମୁହଁ ଖୋଲି ଯଦିଓ ପଚାରି ପାରି ନଥିଲେ ।

ଟିକେ ସମୟର ନୀରବତା ପରେ ମାଳତୀ ମୁହଁ ଖୋଲି କହିଲା, ସେ ନିଜ ପାଇଁ ପୂଜା କରିବାକୁ ଆସିଛି । ପୁଣି ପୂଜାରୀ ଭାଇନା କହିଲେ 'ମା, ଆଜି ଭଳି ଦିନରେ କଣ ଏମିତି ଖାଲି କପାଳ ରଖନ୍ତି, ସିନ୍ଦୂର କି ଟିକିଲିଟିଏ ପାଇଁ କଣ ବେଳ ମିଳିଲାନି ।

ଆଖିରେ ଓ ଛାତିରେ ଦବି ରହିଥିବା ଦୁଃଖକୁ ବଖାଣି ବସିଲା ମାଳତୀ । ମାଳତୀ କହି ଚାଲିଥିଲା 'ସେ କେମିତି ଏକ ଗରିବ ପରିବାରରେ ଜନ୍ମ ହୋଇ ନିପଟ ମଫସଲରେ ବଢ଼ିଥିଲା । ଘରେ ଦୁଇ ବେଳା ପେଟ ପୁରା ଖାଇବାକୁ ନଥିଲା । ପାଠ ପଢ଼ିବାକୁ ସ୍କୁଲ ପଠାଇବ

କିଏ ! ! ଗାଁ ଦାଣ୍ଡରେ ଡେଉଁ ଡେଉଁ ତାକୁ ପନ୍ଦର ପୂରି ଶୋହଳ ଚାଲିଲା। ଦାୟିତ୍ୱ ସାରିବାକୁ ବାପା ମା' ତାକୁ ହାତକୁ ଦିଇ ହାତ କଲେ। ମା' କହିଲା, ସେଇ ତୋର ଜୀବନ, ସେଇଠି ତୋର ସ୍ୱର୍ଗ, ସ୍ୱାମୀକୁ ଦେବତା ମଣି ରହିବୁ। ଘର ସଂସାରକୁ ସୁନ୍ଦର କରିବା ତୋ ଉପରେ ନିର୍ଭର। ତା' ଠାରୁ ଅନେକ ବଡ଼, ବତିଶି ବର୍ଷର ସ୍ୱାମୀକୁ ନେଇ ସେ ଘର ସଂସାର କରିବାର ସ୍ୱପ୍ନ ଦେଖିଲା। ମାଆ ହେବା କ'ଣ ବୁଝିବା ପୂର୍ବରୁ ସେ ବାହାଘର ବର୍ଷକ ପରେ ଝିଅଟିଏ ଜନ୍ମଦେଲା । ସ୍ୱାମୀ ତାର ପ୍ରତିଦିନ ରାତିରେ ମଦ ପିଇ ଘରକୁ ଫେରୁଥିଲା। ତା ସହ ଶାରୀରିକ ଓ ମାନସିକ ଅତ୍ୟାଚାର କରି ଚାଲିଥିଲା। ମାଳତୀ ଯେତେ ଚେଷ୍ଟା କଲେ ବି ବଦଳାଇ ପାରିଲାନି ରାମୁକୁ। ସେତିକି ନୁହେଁ ଝିଅକୁ ବି ବାପର ସ୍ନେହ ଦେଇ ନଥିଲା ରାମୁ। ଏମିତି ଅସହାୟ ସମୟରେ ଦେଖା ହେଲା ତାର ଶଙ୍କର ସାଙ୍ଗରେ। ଶଙ୍କର ସେଇ ଗାଁର ଜୁଆନ୍ ପିଲା, ସହରରେ କିଛି କାମ କରୁଥିଲା। ମାଳତୀର ଶଙ୍କର ସାଙ୍ଗେ ଦେଖା। ଶଙ୍କରର ଆହା କଥା ପଦରେ ମାଳତୀ ଶଙ୍କର ନିକଟକୁ ଆଉଜି ପଡ଼ିଲା। ଶଙ୍କର କଥାରେ ପଡ଼ି ସେ ଝିଅକୁ ଧରି ସହରକୁ ଆସିଗଲା। ଏମିତି ବି ରାମୁ ପାଖରୁ ତା'ର ଆତ୍ମା ଛାଡ଼ିଯାଇଥିଲା। ଭାବିଲା ଶଙ୍କର ସାଙ୍ଗରେ ସେ ପୁଣି ନୂଆ ସଂସାର ଗଢ଼ିବ। ଏଇ ଆଶାରେ ତ ଗାଁ ଛାଡ଼ି ଦେଇଥିଲା। ସହର ବସ୍ତିରେ ଶଙ୍କର ସାଙ୍ଗେ କିଛିଦିନ ଭଲରେ କଟିଲା। ଅଳ୍ପଦିନ ଭିତରେ ସେ ଶଙ୍କରର ପ୍ରକୃତ ରୂପ ଜାଣିବାକୁ ଲାଗିଲା। ଶଙ୍କର ଏମିତି ଆଗରୁ ଝିଅ ବୋହୂଙ୍କୁ ଗାଁ'ରୁ ଆଣି ଦେହ ବେପାର କରିଛି। ମାଳତୀ ଏବେ ଏବେ ସେ ଗୁମର ଜାଣିଲା ଯେତେବେଳେ ଶଙ୍କର ତାକୁ ବାଧ୍ୟ କଲା ଅନ୍ୟ ପୁରୁଷଙ୍କୁ ଦେହ ଦେବାକୁ। ଏମିତି କି ତା'କୁ ଖାଦ୍ୟରେ ଔଷଧ ଦେଇ ବେହୋସ୍ କରି ଅନ୍ୟ ପୁରୁଷଙ୍କୁ ଆଣି ବସ୍ତି ଘରେ ପୁରାଇଲା।

ମାଳତୀକୁ ଲାଗିଲା ସେ ମହରଗରୁ ଆସି କାନ୍ତାରରେ ପଡ଼ିଛି। ଏବେ ସେ କଣ କରିବ ? କେଉଁଠି କୁ ଯିବ ? ଏଇ ଡରରେ ଜୀବନ କାଟୁଥିଲା। ଶଙ୍କରକୁ ବୁଝାଇବା ବୃଥା। ଏଇ ଭିତରେ ଝିଅକୁ ଆଠବର୍ଷ ହୋଇଗଲାଣି। ସେ ଝିଅକୁ ଘରେ ଛାଡ଼ି ବାବୁଘର କାମ କରିବାକୁ ଯାଏ। ଦି'ପଇସା ହାତରେ ରଖିଲେ ଝିଅକୁ ଭଲ ଜୀବନଟିଏ ଦେଇପାରିବ। ତା' ପରି ତା' ଝିଅ କଷ୍ଟ ନପାଉ, ଏଇ ତାର ଆଶା। ହେଲେ ଛାତି ଦକ୍ ଦକ୍ ହେଉଥିଲା। କାହିଁ ଶଙ୍କରର ଆଖି ତା ଝିଅ ଉପରେ ପଡ଼ିବନି ତ ? ଯାହାର ଏତେ ଖଳ ବୁଦ୍ଧି, ସେ କିଛି ବି କରି ପାରେ। ସତକୁ ସତ ସେଇଆ ଘଟିଲା।

ସେଦିନ ଥାଏ ସାବିତ୍ରୀ ଅମାବାସ୍ୟା। ବାବୁ ଘରୁ ଶୀଘ୍ର କାମ ସାରି ସେ ଆସୁଚି ମନ୍ଦିର ଟିକେ ଯିବ। ମା'ଙ୍କୁ ମୁଣ୍ଡିଆ ମାରି ରାମୁ ହେଉ ଅବା ଶଙ୍କର, ସେମାନଙ୍କ ସଦବୁଦ୍ଧି ପାଇଁ କାମନା କରିବ। ଏମିତି ଭାବି ଭାବି ବାବୁ ଘର କାମ କରି ବସ୍ତିକୁ ଫେରିଲା ବେଳକୁ ଝିଅ ତା'ର ସକେଇ ସକେଇ କାନ୍ଦୁଚି, ଆଉ ଶଙ୍କର ଘରୁ ଗୋଡ଼ କାଢ଼ି ବାହାରି ଯାଉଛି। ଚୁଲି ମୁଣ୍ଡରେ ପଡ଼ିଥିବା କାଠ ଫାଳିଆ ଧରି ଶଙ୍କର ପଛରେ ଦୌଡ଼ି ଯାଇ ଦୁଇ ପାହର କଷି କରି ତା ମୁଣ୍ଡରେ ଦେଲା। ଶଙ୍କର ବେହୋସ୍ ହୋଇ ତଳେ ପଡ଼ିଗଲା। ଶଙ୍କର ମରି ଯାଇଚି ଭାବି ସେ ଝିଅକୁ ଧରି ଏକ ମୁହାଁ ଥାନାକୁ ଦୌଡ଼ିଲା। ଥାନା ବାବୁଙ୍କୁ ସବୁକଥା କହି ନେହୁରା ହେଲା ତାକୁ ଓ ତା ଝିଅକୁ ଦଣ୍ଡ ଦେଇ ଜେଲ୍‌ରେ ରଖ। ଅନ୍ତତଃ ଜେଲ୍ ଭିତରେ ଝିଅ ସାଙ୍ଗେ ସେ ନିଶ୍ଚିନ୍ତରେ ନିରାପଦରେ ଜୀବନ କାଟିବ। ଥାନା ବାବୁ ସବୁ ଘଟଣାର ଯାଂଚ କରି ଶଙ୍କରକୁ ଧମକ ଦେଇ ମାଳତୀକୁ ଛାଡ଼ି ଦେଇଥିଲେ। ସେବେଠାରୁ ସେ ବସ୍ତିରୁ ଆସି ପାଖ ସହରରେ ଆଉ ଜଣେ ବାବୁ ଘରେ ରହିଛି। ରାଗ ଅଭିମାନରେ ସିନ୍ଦୂର ଅଳତା ପିନ୍ଧିନି କେବେ। ଦୁଇଟା ଚୂଡ଼ି ହାତରେ ପକାଇ ଜୀବନରେ ଆଗକୁ ଚାଲିବାକୁ ଚେଷ୍ଟା ଚଳାଇଛି। ମାଆ ତା'ର ଦେଇଥିବା କଥାକୁ କାନିରେ ଗଣ୍ଠି କରି ରଖିଛି 'ସ୍ୱାମୀ ହେଉଚି ତୋର ଦେବତା, ତାଙ୍କୁ ପୂଜିବୁ।' ସେବେଠାରୁ ଏବେ ଯାଏ ସାବିତ୍ରୀ ଅମାବାସ୍ୟା ପୂଜା କରୁଛି। ହେଲେ ସ୍ୱାମୀର ଦୀର୍ଘ ଆୟୁଷ ପାଇଁ ନୁହେଁ, ବରଂ ଏଇ ଅସୁର ରୂପୀ ରାମୁ ଓ ଶଙ୍କର ଭଳି ଅନେକ ପୁରୁଷମାନଙ୍କ ସଦବୁଦ୍ଧି ପାଇଁ ସେ ସାବିତ୍ରୀ ବ୍ରତ କରି ଚାଲିଛି ଓ ଆଗକୁ କରୁଥିବ।

ପୂଜକ ଭାଇନା ଅବାକ୍ ହୋଇ ଶୁଣୁଥିଲେ। ମାଳତୀ କଥା ଯେମିତି ତାଙ୍କ ଶ୍ୱାସରୁଦ୍ଧ କରିଦେଉଥିଲା। ମାଳତୀ ହାତରୁ ପୂଜା ଡ଼ାଲାଟି ନେଇ ସେ ମା'ଙ୍କୁ ଅର୍ପଣ କଲେ। ମାଳତୀର ଲେଉଟାଣି ବାଟକୁ ଚାହିଁଲା ବେଳେ ସେ ଯେମିତି ଭିନ୍ନ ଏକ ସାବିତ୍ରୀକୁ ମା'ଙ୍କ ମନ୍ଦିର ପରିସରରେ ଦେଖୁଥିଲେ।

*ଶୈଳ ନିବାସ, ନିଗମାନନ୍ଦ ନଗର,*
*ବମିଖାଲ, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୩୪୮୨୫୦*

# ବିଧି ନିର୍ଦ୍ଦିଷ୍ଟ

## ବୀରେଶ୍ୱର ମହାନ୍ତି

ଜେଜେବାପା ଅନୁକ୍ରିତିର ନାମକରଣ କରିଥିଲେ ମଧ୍ୟ ତା' ବାପା ମା' ସେ ନାମକୁ ନିଜ ମଧ୍ୟରେ ଭାଗବଣ୍ଟୁରା କରି ନେଇଛନ୍ତି । ବାପା ସ୍ନେହରେ ଝିଅକୁ ଅନୁ ବୋଲି ସମ୍ବୋଧନ କରୁଥିଲାବେଳେ ମା' ତା'କୁ କ୍ରିତି ନାମରେ ଡାକନ୍ତି । ଆଜି ରବିବାର । ବାପା, ମା' ଦୁହିଁଙ୍କର ପାଦ ତଳେ ଲାଗୁନି । ଅଫିସ୍ ସଂକ୍ରାନ୍ତୀୟ କାର୍ଯ୍ୟ ନେଇ ଝିଅ ସପ୍ତାହଟେ ପାଇଁ ଭୁବନେଶ୍ୱର ଆସୁଛି । କମ୍ପ୍ୟୁଟର୍‌ରେ ଇଂଜିନିୟରିଂ ସମାପ୍ତ ଉପରାନ୍ତେ ଦିଲ୍ଲୀରେ ଜବ୍ କରିବା ପରଠୁ ଘରକୁ ତା'ର ଏଇ ପ୍ରଥମ ଆଗମନ । ତରତର ହୋଇ କାମ ସବୁ ସଅଳ ସାରିଦେଇ ଝିଅକୁ ଆଣିବା ପାଇଁ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ବିମାନବନ୍ଦର ଆଡ଼େ ମୁହାଁଇଛନ୍ତି ବିଜୟବାବୁ ।

ଖାଣ୍ଟି ଖାସି ମାଂସ ଝିଅର ପସନ୍ଦ ବୋଲି ନେହାଦେବୀ ମନ ପ୍ରାଣ ଦେଇ ରନ୍ଧାରନ୍ଧିରେ ଲିପ୍ତ ଅଛନ୍ତି । ହେଲେ ମନ ଭିତରେ କଥାଟିଏ ମାଛକଣ୍ଟା ସଦୃଶ ଅଟକି ରହିଛି । ଭାବୁଥିଲେ ଏ ଥର ଯେନତେନ ପ୍ରକାରେଣ ଝିଅକୁ ବାହାଘର ପାଇଁ ମନେଇବେ ନିଶ୍ଚୟ । ତରକାରି ବାସନାରେ ଘର ମହମହ ହେଉଛି। ଅନୁକ୍ରିତିର ଖୁସି ବି କିଛି କମ୍ ନୁହେଁ। ଘରକୁ ପ୍ରବେଶ କରୁକରୁ ମା'ଙ୍କୁ କୁଣ୍ଢେଇ ପକେଇ ଭଲମନ୍ଦ ଦି' ପଦ ପଚାରିବ କ'ଣ ତରକାରି ବାସନାର ପ୍ରଶଂସାରେ ଶତମୁଖ । ଏତେଦିନ ବ୍ୟବଧାନରେ ମାମା ହାତ ପ୍ରସ୍ତୁତ ଖାଦ୍ୟ ଭୋଜନର ସୁଯୋଗ ମିଳିଛି । ସେ ପୁଣି ଖାଣ୍ଟି ମାଂସର ବ୍ୟଞ୍ଜନ ।

ଝିଅର ଖୁସିରେ ବାପା ମା' ଆନନ୍ଦରେ ବିଭୋର । ବିଜୟବାବୁ ନଣ୍ଡଭଣ୍ଡ ହୋଇ ଲେମ୍ବୁ, ପିଆଜ କଟାକଟିରେ ବ୍ୟସ୍ତ ତ ନେହାଦେବୀ ଖାଦ୍ୟ ଗରମ କରିବା ପରେ ବଢ଼ାବଢ଼ିରେ ବ୍ୟସ୍ତ । ଖିଆପିଆ ସମାପନ ଉପରାନ୍ତେ ତିନିହେଁ ଗପସପ, ହସଖୁସିରେ ମାତି ଗଲେଣି । ନେହା ଅନୁଭବ କଲେ କ୍ରିତିର ମୁଡ୍ ବେଶ୍ ଭଲ ଅଛି । ଏଇ ମଉକାରେ ବାହାଘର ବାବଦରେ କଥା ପକେଇ ଦେଲେ ଯାଏ । ବାପା - ଝିଅ କଥାବାର୍ତ୍ତାରେ ମଜି ଯାଇଥିବା ବେଳେ ବାହାଘର ପ୍ରସ୍ତାବ ଟିପା ଥିବା ଡାଇରି ଆଣିବା ପାଇଁ ସ୍ୱାମୀଙ୍କୁ ଆଖି ଠାର ମାରି ଉଠିଗଲେ ସେ ।

ବିଜୟବାବୁ ସ୍ତ୍ରୀଙ୍କର ହାବଭାବରୁ ସେ ଯେ ଡାଇରି ପାଇଁ ଖସିଯାଇଛନ୍ତି, ସେ କଥା ବେଶ୍ ଅନୁମାନ କରିପାରୁଥିଲେ । ଝିଅର ବିବାହ ବିଷୟରେ କିଛିଟା ପ୍ରାରମ୍ଭିକ ଆଲୋଚନା କରିଦେବା ଉଚିତ ହେବ ଭାବି କଥା ଆରମ୍ଭ କରି କହିଲେ - "ମା' ମୁଁ ତୋ ବାହାଘର ବିଷୟରେ କିଛି ଆଲୋଚନା କରିବାକୁ ଚାହେଁ । ତୁ ଆମର ଏକମାତ୍ର ସନ୍ତାନ । ବାପା, ମା' ହିସାବରେ ଆମେ ତୋ' ପସନ୍ଦ-ନାପସନ୍ଦକୁ ସବୁମତେ ସମର୍ଥନ କରିବୁ । କେବଳ କଥା ହେଉଛି ତୁ ଆଉ କାଳ କ୍ଷେପଣ ନ କରି ବିବାହ ପାଇଁ ମନ ସ୍ଥିର କର...।"

କଥା ନ ସରୁଣୁ ନେହାଦେବୀ ଡାଇରି ଖଣ୍ଡିଏ ସ୍ୱାମୀଙ୍କ ହାତକୁ ବଢ଼େଇ ଦେଇ ଝିଅ ପାଖରେ ବସିଗଲେ । ଅନୁକ୍ରିତି ଜାଣେ ଏ ସବୁ ଫନ୍ଦିଫିକର ତା' ମାମାର । ବିବାହ ପାଇଁ ସେ ଏ ପର୍ଯ୍ୟନ୍ତ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିପାରିନି । ମନେମନେ ଗାରୁଗାରୁ ହେଉଥିଲା । ଓଡ଼ିଆ ଘରେ ବାପା ମା' ଙ୍କର ଆଉ ଯେମିତି କିଛି କାମ ନାହିଁ । ଝିଅଟିଏ ଜନ୍ମ ହେବା ମାତ୍ରେ କେବଳ ତା' ବାହାଘର ଚିନ୍ତା । ମାମାକୁ ଏପଟ ସେପଟ କରି ବାହାଘର ବିଷୟ ବୁଲେଇ ବଙ୍କେଇ ଟାଳି ଦେଉଥିଲେ ସୁଦ୍ଧା ବାପାଙ୍କୁ କ'ଣ ଉତ୍ତର ଦେବ ସେ କଥା ସ୍ଥିର କରି ପାରୁ ନ ଥିଲା । କିଛି ଉତ୍ତର ନ ଫେରେଇ ଚୁପ୍ ରହିଲା ଅନୁକ୍ରିତି ।

ଝିଅକୁ ମୌନ ରହିବାର ଦେଖି ବିଜୟବାବୁ କହିଲେ- " ତରବର ହେବାର କିଛି କାରଣ ନାହିଁ । ମାମା ସହ ବିଚାର ଆଲୋଚନା କରି ସ୍ଥିର ଚିତ୍ତରେ ତୁ ଯାହା ନିଷ୍ପତ୍ତି କରିବୁ । କେତେ ଦିନ ହେଲାଣି ତୋ ହାତ ତିଆରି ଚା' ପିଇବାର ସୁଯୋଗ ମିଳିନି । ଯଦି ପାରିବୁ କଡକ୍ ଚା ଟିକେ କଲେ, ସମସ୍ତେ ତା'ର ମଜା ଉଠାନ୍ତେ ।" ମଲୁ ଖୋଜୁଥିଲା ଯାହା ବଇଦ ବତେଇଲା ତାହା । ମଉକା ମିଳିଗଲା ଅନୁକ୍ରିତିକୁ । ଚା' କରିବା ଆଳରେ ରୋଷେଇ ଘର ଉଦ୍ଦେଶ୍ୟରେ ଫିଟିଗଲା ସେ । ଏତେଦିନ ପରେ ସ୍ୱାମୀ ତାଙ୍କ ମନ କଥା ବୁଝି ଝିଅକୁ ବିବାହ ସକାଶେ ପ୍ରବର୍ତ୍ତାଇବା ପାଇଁ ପ୍ରୟାସ କରିଥିବାରୁ ନେହାଦେବୀ ବେଶ୍ ଉତ୍‌ଫୁଲ୍ଲିତ ହେବା ପରି ଜଣାପଡୁଥାନ୍ତି ।

ଦେଖୁଦେଖୁ ଇତିମଧ୍ୟରେ ତିନି ଦିନ ଅତିବାହିତ ହୋଇଗଲାଣି । ସକାଳ ଆଠଟାରେ କ୍ରିତି ଘରୁ ବାହାରିଯାଏ ଯେ ରାତି ନଅକୁ କ୍ଲାନ୍ତ ହୋଇ ଫେରେ । ପ୍ରସ୍ତାବ ବିଷୟ କଥା ଆଲୋଚନା କରିବେ କ'ଣ ଇଚ୍ଛା ଥିଲେ ମଧ୍ୟ ନେହାଦେବୀ ମନଖୋଲି ତା' ସହ ପଦେ କଥା ବି

ହୋଇପାରିନାହାନ୍ତି । ଦିନ କେଇଟାରେ ସେ ପୁଣି ଦିଲ୍ଲୀ ଫେରିଯିବ । ଚିନ୍ତା କରି ବ୍ୟସ୍ତ ହୋଇ ପଡୁଥିଲେ । ସ୍ତ୍ରୀଙ୍କର ମନର ଉଦ୍‌ବିଗ୍ନତାକୁ ଅନୁଭବ କରି ସୁଯୋଗ ଉଣ୍ଡି ବିଜୟବାବୁ ଝିଅକୁ କହିଲେ– "ମୁଁ କ'ଣ କହୁଥିଲି କି, ତୋ ମାମା ପାଖରେ ଥିବା ପ୍ରସ୍ତାବ ଉପରେ ଥରେ ଆଖି ପକେଇ ତୋର ପସନ୍ଦ ନାପସନ୍ଦ ବିଷୟ ଜଣେଇ ଦେଲେ ଆମକୁ ଟିକେ ହାଲୁକା ହୁଅନ୍ତା ।"

ଅନୁକ୍ରିତି ଅନୁଭବ କଲା ତା' ବିବାହ ପାଇଁ ବାପା ମା' ଦୁହେଁ ଭୀଷଣ ବ୍ୟଗ୍ର । ସେମାନଙ୍କର ମନ ବହଲେଇବା ପାଇଁ ତାଙ୍କୁ ସୁହେଇଲା ଭଳି କିଛି ଗୋଟେ ଉତ୍ତର ଦେବା ଆବଶ୍ୟକ ଭାବି କହିଲା– "ଆଜିତ ଗୁରୁବାର । ଆସନ୍ତା ଶନିବାର ମୋର ଛୁଟି । ସେଦିନ ଫୁରସତ୍‌ରେ ବସି ମାମା ସହ କଥା ହେଇଯିବି । ଆଜି ପାଇଁ କଥା ଏଇଠି ଥାଉ । ଆସନ୍ତା କାଲି ମୁଁ ଅଫିସ୍‌ରୁ ଫେରିବା ବେଳେ ମାଂସ ନେଇ ଆସିବି ଯେ ମାଟି ହାଣ୍ଡିରେ ଗୋଟେ ନୂଆ ପ୍ରକାରର ରେସିପି ଚେଷ୍ଟା କରିବି ।"

– "ଥାଉ ଥାଉ ତୋ ମାଂସ ଆଣିବା । ତୁ ତ ରାତି ଅଧକୁ ଆସିବୁ, ରାନ୍ଧିବୁ କେତେବେଳେ, ଖିଆପିଆ ହେବ କେତେବେଳେ ।" ହସିହସି କହିଲେ ନେହା ।

– "ନାଇଁ କାଲି ମୋର ଟିକେ ଫାଙ୍କା ଅଛି । ମୁଁ ସଂଧ୍ୟା ପୂର୍ବରୁ ମାଂସ ନେଇ ଆସି ପହଞ୍ଚିଯିବି । ତୁମେ ଖାଲି ମାଟି ହାଣ୍ଡିଟେ ଯୋଗାଡ଼ କରିଥବ ।" ସତକୁ ସତ ଶୁକ୍ରବାର ଦିନ ମୁହଁ ସଞ୍ଜ ହେଉହେଉ ମାଂସ ଆଣି ରନ୍ଧାକାର୍ଯ୍ୟରେ ମାତି ଯାଇଛି ଅନୁକ୍ରିତି ।

କଲିଂ ବେଲ୍ ଶବ୍ଦ ଶୁଣି ଦ୍ୱାର ଉନ୍ମୁକ୍ତ କଲେ ନେହା । ହାଲି ଉପରେ ତାଙ୍କର ପଡ଼ୋଶୀ ହୋଇ ଆସିଥିବା ସୀମାଦେବୀ ଟିଫିନ୍ ଡବାଟେ ଧରି ଠିଆ ହୋଇ ହସୁଛନ୍ତି । ଅଭିବାଦନ ଆଦାନ ପ୍ରଦାନ ପରେ ଆଗନ୍ତୁକ କହିଲେ – "ଝିଅ ଆସିବ ବୋଲି କହୁଥିଲେ ପରା । ତା'କୁ ଭଲ ଲାଗେ ବୋଲି ତା' ପାଇଁ ଦି'ଟା ଆଳୁଚପ୍ ଛାଣିକି ନେଇଆସିଛି ।" ସୀମାଙ୍କ କଥା ଶୁଣି ଡାକ ପକେଇଲେ ନେହା ।

– " କିଏ ଆସିଛନ୍ତି ଦେଖିବୁ ଆସିଲୁ କ୍ରିତି ?"

ଜନୈକ ଅପରିଚିତା ମହିଳାଙ୍କୁ ସୋଫାରେ ଦେଖି ସୌଜନ୍ୟତାମୂଳକ ନମସ୍କାର କରିବା ପରେ ଠିଆ ହୋଇ ରହିଛି ଅନୁକ୍ରିତି । ଟିଫିନ୍ ବକ୍ସ ତା' ହାତକୁ ବଢ଼େଇ ଦେଉଦେଉ ସୀମା କହିଲେ– "ଏଥିରେ କିଛି ଆଳୁଚପ୍ ଅଛି ମା' । ତମ ମା' କହୁଥିଲେ ତମକୁ ଭଲଲାଗେ ବୋଲି ତ, ସେଥିପାଇଁ ନେଇ ଆସିଲି ।"

କ୍ରିତିକୁ ନୂତନ ପଡ଼ୋଶୀ ସୀମାଦେବୀଙ୍କ ସହ ପରିଚୟ କରିଦେବା ପରେ ଗପସପ ମଧ୍ୟରେ ବିଜୟବାବୁ ଆସି ଯୋଗଦାନ କରିସାରିଥିଲେ । ଅନୁକ୍ରିତିର ମନେ ପଡ଼ିଗଲା ମାଂସ ତରକାରି ବସିଛି । ତରତର ହୋଇ ରୋଷେଇ ଘରକୁ ପଶିଗଲା ସେ । ଉଠୁଥିଲେ ସୀମା । ମାତ୍ର ମାଟିହାଣ୍ଡି ମାଂସ ତରକାରି ଟିକେ ଦେବେ ବୋଲି କହି ଅଟକାଇ ଦେଲେ ନେହା । ମନା କରିପାରିଲେନି ସୀମା । ସେମାନଙ୍କର ବାର୍ତ୍ତାଳାପ ମଧ୍ୟରେ ଆଳୁଚପ୍ ଖାଉଖାଉ ପଶିଆସିଲା ଅନୁକ୍ରିତି । ସୀମାଙ୍କୁ ଲକ୍ଷ୍ୟ କରି କହିଲା – "ଆପଣଙ୍କ ହାତର କମାଲ୍‌କୁ ମାନିବାକୁ ହେବ ଆଣ୍ଟି । ଏତେ ସ୍ୱାଦର ଆଳୁଚପ୍ କେବେ କାହିଁ ଖାଇଥିବା ମୋର ସ୍ମରଣକୁ ଆସୁନି ।" ଆଶ୍ଚର୍ଯ୍ୟ ହେଉଥିଲେ ବିଜୟବାବୁ । ବହୁଦିନ ତଳେ ବସ୍‌ରେ ଯାତ୍ରା କରୁଥିବା ବେଳେ ଏପରି ସ୍ୱାଦର ଆଳୁଚପ୍ କେବେ ଖାଇନାହିଁ ବୋଲି ସୀମାହିଁ ତାଙ୍କୁ କହିଥିଲା । ଆଜି ସେହି ସମାନ କଥା ଅନୁ ଦୋହରାଉଛି ।

ଏ ପର୍ଯ୍ୟନ୍ତ ଚୁପ୍‌ଚାପ୍ ବସିଥିଲେ ବିଜୟବାବୁ । ନିରବତା ଭଙ୍ଗ କରି ଅନୁକୁ କହିଲେ – "ଆରେ ମା' ଆଣ୍ଟିଙ୍କ ହାତର କମାଲ୍ ତ ଦେଖିଲୁ। ଏବେ ତୋ ପାଳି । ତୋ ହାତ ରନ୍ଧା ମାଂସ ତରକାରି ତାଙ୍କୁ ଚଖେଇଲେ ସିନା ତୋ ହାତର କରିସ୍ମା ଜଣା ପଡ଼ିବ । ବାପାଙ୍କ କଥା ଶୁଣି ପୁଣି ରୋଷେଇ ଘର ଆଡ଼େ ମୁହେଁଇଲା ଅନୁକ୍ରିତି ।

ସୀମାଦେବୀ ତରକାରି ନେଇ ବିଦାୟ ନେବା ପରେ ବାପା, ମା, ଝିଅ ତିନିହେଁ ଆଳୁଚପ୍‌ର ମଜା ଉଠେଇବା ଭିତରେ ଅନୁକ୍ରିତି ପଚାରିଲା– "ଆଚ୍ଛା ମାମା, ଏତେ ଅଳ୍ପ ଦିନ ଭିତରେ ତମେ ଆଣ୍ଟିଙ୍କ ସହ ଏତେ ବେଶି ଘନିଷ୍ଠ ହେଲ କେମିତି ?"

– "ସେକଥା ତୁ ତୋ ବାପାଙ୍କୁ ପଚାର ।"

ଅକଳିଆରେ ପଡ଼ିଗଲା ଅନୁକ୍ରିତି । ଜଣେ ଅଜଣା ସ୍ତ୍ରୀ ଲୋକ ସହିତ ବାପାଙ୍କର କି ସମ୍ପର୍କ ଥାଇପାରେ ଯାହା ମାମା କହିବାକୁ ଇଛା ପ୍ରକାଶ କରୁନାହାନ୍ତି । ଦ୍ୱନ୍ଦ୍ୱର ଘେରରେ ଛନ୍ଦି ହୋଇ ପ୍ରଶ୍ନବାଚୀ ନୟନରେ ଅନେଇ ରହିଥିଲା ବାପାଙ୍କୁ । ଝିଅ ମନରେ ଯେ ସନ୍ଦେହର କାୟା ବିସ୍ତାର କରିବାକୁ ଆରମ୍ଭ କରିଛି, ସେକଥା ବିଜୟବାବୁଙ୍କର ବୁଝିବାକୁ ଆଉ ବାକି ନ ଥିଲା। ତା'ର ସନ୍ଦେହ ମୋଚନ ପାଇଁ ତାଙ୍କୁ ବଖାଣିବାକୁ ପଡ଼ିଥିଲା ଅତୀତର ଏକ ଘଟଣାବହୁଳ ଦିନକୁ ।

–"ମୁଁ ଅବିବାହିତ ଥିବା ସମୟର ଘଟଣା । କଟକରେ ଅଧ୍ୟାପକ ଭାବରେ ପ୍ରଥମ ଚାକିରିରେ ଯୋଗଦେବା ପରେ ଗାଁକୁ ଛୁଟିରେ ଫେରୁଥାଏ। ବାଦାମ୍‌ବାଡ଼ିରେ ବସ୍ ଛାଡ଼ିବାକୁ ବିଳମ୍ବ ହେଉଥାଏ । ହଠାତ୍ ଅଳ୍ପ ବୟସର ଝିଅଟିଏ କୋଳରେ ଚାରି-ପାଞ୍ଚଦିନର ଶିଶୁଟିଏକୁ ଧରି ମୋ ପାଖ ସିଟ୍‌ରେ ଆସି ବସିପଡ଼ିଲା । କିଛି ସମୟ ପରେ ସେ ନଇଁ ପଡ଼ି ତା' ଗୋଡ଼ ପାଖରେ ଥିବା ବେଗ୍‌ରୁ କ'ଣ ଗୋଟିଏ ଜିନିଷ ଅତି ବ୍ୟସ୍ତ ବିବ୍ରତ ଭାବରେ ଖୋଜିବା ମଧ୍ୟରେ ଶିଶୁଟି ରାହା ଧରି ତୁହାକୁ ତୁହା କାନ୍ଦିବାକୁ ଆରମ୍ଭ କରିଦେଇଥାଏ । ଝିଅଟିର ବ୍ୟସ୍ତତା ଦେଖି ପଚାରି ବୁଝିବାରୁ ଜଣାପଡ଼ିଲା ସେ ତା'ର ଛୁଆ ପାଇଁ ଗୁଣ୍ଡଦୁଧ ଡବା ତରବରରେ ଘରେ ଛାଡ଼ିଆସିଛି । ତା' ପାଖରେ ବି ପର୍ଯ୍ୟାପ୍ତ ଟଙ୍କା ନାହିଁ ଯେ ଆଉ ଗୋଟେ ଡବା କିଣି ଆଣି ଛୁଆକୁ ଖୁଆଇ ପାରିବ । ପିଲାଟିର ବିକଳ କ୍ରନ୍ଦନ ସାଙ୍ଗକୁ ମା'ଟିର ଦୟନୀୟ ଅବସ୍ଥା ମୋତେ ଚିନ୍ତିତ କରୁଥିଲା । ଏଣୁ କିଛି ନ ଭାବି ସ୍ୱତଃପ୍ରବୃତ୍ତ ଭାବରେ ବସ୍‌ରୁ ଓହ୍ଲେଇ ଗୁଣ୍ଡଦୁଧ ଡବାଟିଏ କିଣି ଆଣି ଝିଅଟିକୁ ଦେଇଥିଲି । ବହୁଦିନ ପରେ ଘଟଣାଚକ୍ରରେ ସେଇ ଝିଅଟି ଆମର ନୂତନ ପଡ଼ୋଶୀ ଭାବରେ ତା'ର ସେଦିନର ଶିଶୁପୁତ୍ର କାହ୍ନୁକୁ ନେଇ ଏକ ଭଡ଼ା ଘରେ ଏଇ କିଛି ଦିନ ହେବ ରହିବା ଆରମ୍ଭ କରିଛି । ସେଦିନର ସେ ସାହାଯ୍ୟ ପାଇଁ ସୀମା ଆଜୀବନ ଋଣୀ ହୋଇଯାଇଛି ବୋଲି ବାରମ୍ବାର କହେ ଯଦିଓ ସେ ଅତି ଚତୁରତାର ସହ ମୋ ଠିକଣା ବୁଝି ଗୁଣ୍ଡଦୁଧ ବାବଦରେ ଟଙ୍କା ମନିଅର୍ଡ଼ର ଜରିଆରେ ପଇଠ କରି ଦେଇଥିଲା । କେମିତି ଅଦ୍ଭୁତ ସଂଯୋଗ ଦେଖ୍ ।

ସେଦିନ ବସ୍‌ଯାତ୍ରା ସମୟରେ ଆଳୁଚପ୍ କିଣି ଖାଇଲା ବେଳେ ସୀମାକୁ ଦି'ଟା ଦେଇଥିଲି ଯେ କୁଣ୍ଠାବୋଧ ସହକାରେ ଖାଇଲାବେଳେ ଏତେ ସ୍ୱାଦର ଆଳୁଚପ୍ ଆଗରୁ କେବେ ଖାଇନି ବୋଲି କହୁଥିଲା ତୁ ବି ଆଜି ସେପରି କିଛି କଥା କହୁଥିଲୁ ।"

ସବୁ କଥା ଶୁଣିବା ପରେ ଅନୁକ୍ରିତି ଭାବୁଥିଲା ଯେମିତି ଆହୁରି ବେଶ୍ କିଛି କଥା ଅକୁହା ରହିଯାଇଛି । ବାପାଙ୍କ ସଙ୍ଗେ ସେ ଆଣ୍ଟିଙ୍କର ସମ୍ପର୍କ ମାତ୍ର ଏତିକି ନା ଆଉ କିଛି !

ତରକାରି ନେଇ ଘରେ ପହଞ୍ଚିଲା ବେଳକୁ ପୁଅ କାହ୍ନା ଅଫିସରୁ ଫେରି ଅପେକ୍ଷା କରି ରହିଛି । ତରତର ହୋଇ ଖାଇବା ପରଶି ଦେଲେ ସୀମା । ମାଂସ ତରକାରି ବାସନାରେ ବିସ୍ମିତ କାହ୍ନା । ସେ ତ ମାଂସ ଆଣିନି, ତେବେ ତରକାରି ହେଲା କେମିତି ? ପୁଅ ମନରେ ଲହଡ଼ି ମାରୁଥିବା ସଂଶୟ ମୋଚନ ପାଇଁ ସୀମା କହିଲେ- "ମୁଁ ଆମର ପଡ଼ୋଶୀ ବିଜୟବାବୁଙ୍କ କଥା କହୁନଥିଲି, ତାଙ୍କରି ଝିଅ ମାଂସ ରାନ୍ଧିଥିଲାଯେ ସ୍ୱାଦ ଚାଖିବା ପାଇଁ ତାଙ୍କ ସ୍ତ୍ରୀ ପଠେଇଛନ୍ତି ।" କାହ୍ନାର ତରକାରିକୁ ଭୂରିଭୂରି ପ୍ରଶଂସା । ଖାଇବା ମଧ୍ୟରେ ଆଳୁଚପ୍ ଦି'ଟା ଆଣି ରଖୁରଖୁ ସୀମା କହିଲେ- "ବିଜୟବାବୁଙ୍କ ଝିଅର ଆଳୁଚପ୍ ପସନ୍ଦ ବୋଲି ତା' ପାଇଁ ଛାଣିଥିଲି ତ ତୋ ପାଇଁ ଦି'ଟା ରଖିଦେଇଥିଲି ।"

ମନେମନେ ଆଶ୍ଚର୍ଯ୍ୟ ହେଉଥିଲା କାହ୍ନା । ବିଜୟବାବୁଙ୍କ ପରିବାରକୁ ନେଇ ମନରେ ତା'ର ଅନେକ ପ୍ରଶ୍ନ । ଏଇ ମାତ୍ର ମାସେ ହେବ ଏ ସ୍ଥାନକୁ ଆସିଛନ୍ତି ସେମାନେ । ଏଇ ସ୍ୱଳ୍ପ ସମୟ ମଧ୍ୟରେ ସେମାନଙ୍କ ସହ ବୋଉର ଏତେ ଆନ୍ତରିକତା କେମିତି ? ପୁଅର ମନକଥା ବୁଝିପାରୁଥିଲେ ସୀମା । କଟକ ବଡ଼ ଡାକ୍ତରଖାନାରେ ନର୍ସ ଭାବରେ କାର୍ଯ୍ୟ କରୁଥିବା ବେଳେ ପରିତ୍ୟକ୍ତ ଅବସ୍ଥାରେ ତାକୁ ପାଇବା ପରେ ନିଜେ ଅବିବାହିତ ରହି ତାକୁ କିପରି ଆଜି ପର୍ଯ୍ୟନ୍ତ ଲାଳନପାଳନ କରି ଆସିଛି, ସେ ବିଷୟରେ ସେ କାହ୍ନାକୁ ଅବଗତ କରେଇଛି ସିନା, ବିଜୟବାବୁଙ୍କ ସହ ଆକସ୍ମିକ ଭେଟ ଏବଂ ତାଙ୍କର ସାହାଯ୍ୟ ବିଷୟରେ କେବେ ବି କିଛି ଆଭାସ ଦେଇନି । ସେଇ ଅଯାଚିତ ସାହାଯ୍ୟ ପାଇଁ ଜୀବନସାରା ସେ ତାଙ୍କ ନିକଟରେ ଋଣୀ ହୋଇଯାଇଛି । ସଂଯୋଗ ବଶତଃ ସେହି ବିଜୟବାବୁଙ୍କୁ ପଡ଼ୋଶୀ ଭାବରେ ପାଇବା ପରେ ସ୍ୱାଭାବିକ ଭାବରେ ତାଙ୍କ ପରିବାର ସହ ସମ୍ପର୍କ ଘନିଷ୍ଠ ହୋଇଯାଇଛି । ସବୁକିଛି ଶୁଣିବା ପରେ ବିଜୟବାବୁଙ୍କ ପ୍ରତି କାହ୍ନାର ମନ କୃତଜ୍ଞତାରେ ଭରି ଉଠୁଥିଲା ।

ସେଦିନ ରାତିରେ ବିଛଣାରେ ଗଡୁଗଡୁ ସୀମା ଆଣ୍ଟିଙ୍କ କଥାକୁ ନେଇ ଅନୁକ୍ରିତିର ମନ ଗୋଳେଇଘାଣ୍ଟି ହେଉଥାଏ । ଆଖି ପତା ପଡ଼ିବାକୁ ବେଶ୍ ବିଳମ୍ବ ହୋଇସାରିଥିଲା । ପରଦିନ ସକାଳୁ ନିଦ ତୁଟିଲା ବେଳକୁ ସୂର୍ଯ୍ୟ ସମ୍ପୂର୍ଣ୍ଣ ଉଇଁ ସାରିଥିଲେଣି । ବାତାୟନ ଦେଇ ବାହାରକୁ ଦୃଷ୍ଟି ନିକ୍ଷେପ କଲା ସେ । କଅଁଳିଆ ସୋରିଷଫୁଲିଆ ଖରା ଚତୁର୍ଦ୍ଦିଗେ ବିଞ୍ଚି ହୋଇ ପଡ଼ିଛି । କାନ୍ଥ ଘଣ୍ଟାରେ ନଅ ବାଜିବାର ସଙ୍କେତ । ଶନିବାର ବୋଲି ଅଫିସ୍ ଛୁଟି । ଆଳସ୍ୟରେ ବିଛଣା ଛାଡ଼ିବାକୁ ମନ କହୁନି । କ୍ରିତି ଡାକିଡାକି ଗୋଟେ ହାତରେ ଚା' କପ୍, ଆଉ ହାତରେ ଡାଇରି ଧରି ପଶି ଆସିଲେ ନେହା । ଝିଅ ହାତକୁ କପ୍ ବଢ଼େଇ ଦେଇ କହିଲେ-"ତୋର ତ ଦିଲ୍ଲୀ ଯିବା ସମୟ ହେଲାଣି । ସମୟ ଦେଖି ଡାଇରିରେ ଥିବା ପ୍ରସ୍ତାବ ଉପରେ ନଜର ପକା କହୁକହୁ କଲିଂ ବେଲ୍‌ର ଶବ୍ଦ ଶୁଣି ଦ୍ୱାର ଖୋଲିବାକୁ ଚାଲିଗଲେ । ସେଇ ସୁଯୋଗରେ ଚା' ପିଇସାରି ୱାସ୍‌ରୁମ୍‌ରେ ପଶିଗଲା ଅନୁକ୍ରିତି । ୱାସ୍‌ରୁମ୍‌ରୁ ବାହାରୁବାହାରୁ ନେହା କହିଲେ- " ସୀମାଦେବୀ ରାତିରେ ଡିନର ପାଇଁ ଆମ ସମସ୍ତଙ୍କୁ ନିମନ୍ତ୍ରଣ କରିଯାଇଛନ୍ତି ।"

ବାଃ, ଖୁବ୍ ବଢ଼ିଆ । ରାତି ପାଇଁ ରନ୍ଧାରନ୍ଧିର ଝିଞ୍ଜଟ ଖତମ୍ କହି ଜଳଖିଆ ପ୍ରସ୍ତୁତିରେ ମାତିଛି ଅନୁକ୍ରିତି । ଜଳଖିଆ ପରେ ଦି' ପହର ପାଇଁ ଗୋଟେ ସ୍ୱତନ୍ତ୍ର ସାଦା ରେସିପି ବନେଇବାର ବି ଯୋଜନା କରିଛି । ବାପା ମା' ଦୁହେଁ ବାହାଘର ବିଷୟରେ ଆଲୋଚନା କରିବାକୁ ଯେତେ ପ୍ରୟାସ କଲେ ମଧ୍ୟ କିଛି ନା କିଛି ଆଳରେ ସେ ସବୁକୁ ଆଡ଼େଇ ଚାଲିଛି । ମାତ୍ର ଅନୁଭବ କଲା, ସ୍ୱାମୀ-ସ୍ତ୍ରୀ ଦୁହେଁ ନଛୋଡ଼ବନ୍ଧା । ସେମାନଙ୍କ ମନ ରକ୍ଷା କରିବା ମଧ୍ୟ ବିଶେଷ ଜରୁରୀ । ଭାବିଚିନ୍ତି କହିଲା- " ମାମା ମୋତେ ଡାଇରିଟା ଦେଇଦିଅ, ମୁଁ ଦିଲ୍ଲୀ ନେଇଯିବି । ସେଇଠୁ ଚିନ୍ତା କରି ଯାହା କିଛି କହିବି ।" ଝିଅର ଏପରି ସକାରାତ୍ମକ ମନ୍ତବ୍ୟରେ ସୀମାଦେବୀଙ୍କ ମନ ଆନନ୍ଦରେ କୁଣ୍ଢେମୋଟ ।

ଦ୍ୱିପ୍ରହର ଭୋଜନ ପରେ ସମୟ ଅତିକ୍ରାନ୍ତ ହୋଇ ଚାଲୁଥିଲା । ଦୂର ଦିଗ୍‌ବଳୟରେ ସୂର୍ଯ୍ୟ ପାହୁଣ୍ଡେ ପାହୁଣ୍ଡେ ଅପସରି ଯାଉଥିଲେ । ତମସା ଧିର ମନ୍ଥର ଗତିରେ ଅବତରଣ କରି ଆସୁଥିଲା ତଳକୁ ତଳକୁ । ଅଳିକନ୍ଦି,ଗଳିଅର୍ଗଳି, ପାହାଡ଼-ପ୍ରାନ୍ତର, ବୃକ୍ଷଲତା ଚତୁର୍ଦ୍ଦିଗେ ତା'ର ହାକିମତି ଜାହିର କରି ପ୍ରଭାବ ବିସ୍ତାର କରିବାକୁ ଇଚ୍ଛା । ଦେଖୁଦେଖୁ ସଂଧ୍ୟା ସମୟ ଗଡ଼ିଗଲାଣି । ବିଜୟବାବୁ ଏବଂ ନେହାଦେବୀ ସୀମାଙ୍କ ଘରକୁ ଯିବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଅନୁକ୍ରିତି ମନକୁ କିନ୍ତୁ ସୀମା ଆଣ୍ଟିଙ୍କ କଥା ବାରମ୍ବାର ଧକ୍କେଇ ପଶି ଆସୁଛି । କେମିତି ରହସ୍ୟମୟ ବୋଧ ହେଉଥିଲେ ସେ । ବାପାଙ୍କ ସହ ତାଙ୍କର କି ସମ୍ପର୍କ ଥାଇପାରେ !

ବାପା ଏବଂ ମାମା ପ୍ରସ୍ତୁତ ହୋଇ ଅପେକ୍ଷା କରିବାର ଦେଖି ତରବରରେ ବାହାରି ପଡ଼ିଲା ଅନୁକ୍ରିତି । ସାଥୀ ହୋଇ ସମସ୍ତେ ନିର୍ଗତ ହୋଇଗଲେ ସୀମା ଦେବୀଙ୍କ ଘର ଉଦ୍ଦେଶ୍ୟରେ । କଲିଂ ବେଲ୍‌ରେ ଚାପ ଦେବା ପରେ ଯିଏ ଦ୍ୱାର ଉନ୍ମୁକ୍ତ କରି ସେମାନଙ୍କୁ ସ୍ୱାଗତ କରିଥିଲେ ତାଙ୍କୁ ଦେଖି ଆକାଶରୁ ସତେ ଯେମିତି ଭୂପତିତ ହୋଇଯାଇଥଲା ଅନୁକ୍ରିତି । ତା' ମୁଖରୁ ସ୍ୱତଃପ୍ରବୃତ୍ତ ବାହାରି ପଡ଼ିଲା - " କେଶବ, ଆପଣ ଏଠି କେମିତି ?"

- " ମୁଁ ତ ସେଇକଥା ଭାବୁଛି, ଆପଣ ଏଠି କେମିତି ?"

କାହ୍ନା ଏବଂ ଅନୁକ୍ରିତିର ପରସ୍ପର ମଧ୍ୟରେ ପୂର୍ବରୁ ପରିଚିତ ପରି ବାର୍ତ୍ତାଳାପ ଦେଖି ବିଜୟବାବୁ, ନେହା ଏବଂ ସୀମାଙ୍କର ବିସ୍ମୟର ସୀମା ନାହିଁ । ଏ ଦୁହେଁ ଦୁହିଁଙ୍କୁ ଜାଣିଲେ କେମିତି ? ପାଠପଢ଼ା ସମୟର ସାଙ୍ଗ କି ଆଉ ! ବିଜୟବାବୁ ଭାବୁଥିଲେ ତେବେ କ'ଣ କାହ୍ନା ହିଁ କେଶବ ? ସନ୍ଦେହର ବାତାବରଣ ମଧ୍ୟରେ ସମସ୍ତଙ୍କୁ ଘର ଭିତରକୁ ପାଛୋଟି ନେଇ ପୁଅର ପରିଚୟ ପ୍ରଦାନ କରି ସୀମା କହିଲେ- "ଇଏ ମୋ ପୁଅ କେଶବ, ଡାକ ନାଁ କାହ୍ନା ।"

ବିଜୟବାବୁ ଏବଂ ପରେ ନେହାଦେବୀଙ୍କୁ ପାଦସ୍ପର୍ଶ କରି ପ୍ରଣାମ

କଲା କାହ୍ନା । ଅଳ୍ପ ଦିନର ରହଣି ଭିତରେ ପ୍ରଥମ ଦେଖାରେ ତା' ବାପା, ମା'ଙ୍କ ପ୍ରତି କେଶବର ଆନ୍ତରିକତାରେ ଆଶ୍ଚର୍ଯ୍ୟ ହେଉଥିଲା ଅନୁକ୍ରିତି । ବିଜୟବାବୁ, ନେହାଦେବୀ ଏବଂ ସୀମା ବି ପ୍ରଶ୍ନବାଚୀ ନୟନରେ ଅନେଇ ରହିଥିଲେ ଦୁହିଁଙ୍କୁ । ମୂହୂର୍ତ୍ତେ ପାଇଁ ନିରବତାର ଏକ ଅସ୍ୱାଭାବିକ ବାତାବରଣ ଘରେ ବିରାଜମାନ କରୁଥିଲା । ପରିସ୍ଥିତିକୁ ସହଜ କରିବା ପାଇଁ କାହ୍ନା କହିଲା – "ଏଇ ଗତ ରବିବାର ଦିନ ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ବେଳେ ବିମାନରେ ଆମ ଦୁହିଁଙ୍କର ସିଟ୍ ପାଖପାଖ ଥିବାରୁ ସଂଯୋଗ ବଶତଃ ସେଇଠି ମାତ୍ର ଦେଖା ସାକ୍ଷାତ୍ ।"

ପାଉଁଶ ତଳର ଉଷ୍ମତା ପରି 'ସେଇଠି ମାତ୍ର ଦେଖା ସାକ୍ଷାତ୍' ଆଢୁଆଳରେ ବେଶ୍ କିଛି କଥା ଉହ୍ୟ ରହିବା ପରି ମନେ ହେଉଥିଲା ନେହା ଏବଂ ସୀମାଙ୍କର । କେଶବଙ୍କ ବ୍ୟତୀତ ସମସ୍ତଙ୍କ ମନରେ କିଛି ନା କିଛି ପ୍ରଶ୍ନ ଉଙ୍କି ମାରୁଥିବା ବେଳେ କଥାବାର୍ତ୍ତା ଏବଂ ଚା' ପାନ ମଧ୍ୟରେ ସମୟ ଗଡ଼ିଚାଲୁଥିଲା । ରାତ୍ର ଭୋଜନ ପାଇଁ ମଧ୍ୟ ବିଳମ୍ବ ହୋଇସାରିଥିଲା । ଉଠି ଠିଆ ହେଲେ ସୀମା । ତାଙ୍କୁ ଅନୁସରଣ କରି ରୋଷେଇ ଘର ଆଡ଼େ ମୁହେଁଇବା ଆରମ୍ଭ କରିଥିଲା କାହ୍ନା । ଖାଇବା ଟେବୁଲରେ ଅନୁକ୍ରିତିର ଚାପା ହସ ପରିସ୍ଥିତିକୁ ଆହୁରି ରହସ୍ୟମୟ କରି ଚାଲିଥିଲା । ଗୁଡ଼ିଏ ଅସମାହିତ ପ୍ରଶ୍ନର ଉତ୍ତର ଅନ୍ୱେଷଣ ମଧ୍ୟରେ ରାତ୍ର ଭୋଜନ ସମାପ୍ତ ହୋଇ ଆସୁଥିଲା ।

ପରଦିନ ପୂର୍ବାହ୍ନ ଏଗାରରେ ଫ୍ଲାଇଟ୍ । ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପାଇଁ ଅନୁକ୍ରିତି ଜିନିଷପତ୍ର ସଜାଡ଼ିବାରେ ବ୍ୟସ୍ତ । ଡାଇରିଟା ବଢ଼େଇ ଦେଲେ ନେହାଦେବୀ । ଦିଲ୍ଲୀ ଫେରିଯିବାର ଏକ ମାସ ଗତ ହେଲାଣି । ପ୍ରତିଦିନ କଥା ହେଉଥିଲେ ମଧ୍ୟ ଅନୁକ୍ରିତି ଡାଇରିରେ ଥିବା ପ୍ରସ୍ତାବମାନଙ୍କ ଉପରେ ତା'ର ମତାମତ ବାବଦରେ କେବେ ବି କିଛି ଆଲୋଚନା କରେନି । ଧୈର୍ଯ୍ୟ ଚ୍ୟୁତ ଘଟୁଥିଲା ନେହାଙ୍କର । ନିଷ୍ପତ୍ତି କଲେ ଆଜି ଫୋନ୍‌ରେ ଏ ବାବଦରେ ତା' ସହ କଥା ହେବେ ନିଶ୍ଚୟ । ଭାବୁଭାବୁ ଚିନ୍ତିତ ମନରେ ବସିଯାଇଥିଲେ ସେ । କଲିଂ ବେଲ୍ ଶବ୍ଦରେ ଧ୍ୟାନ ଭଗ୍ନ ହେଲା । କବାଟ ଖୋଲି ଦେଖିଲେ ପାର୍ସଲ୍‌ଟିଏ ଧରି ଡାକପିଅନ ଅପେକ୍ଷାରତ ।

ପାର୍ସଲ ଖୋଲିବା ପରେ ମନ ତାଙ୍କର ବିଷାଦଗ୍ରସ୍ତ । ଅନୁ ଡାଇରି ଫେରେଇ ଦେଇଛି । ବିମର୍ଷ ମନରେ ଡାଇରିଟିକୁ ଆଲମାରୀ ଥାକରେ ଥୋଇ ଦେଇ ଭାବୁଥିଲେ ଏ ଝିଅର ଆଉ କେଉଁ ପ୍ରସ୍ତାବ ପସନ୍ଦ ହେବ କେଜାଣି ! ପସନ୍ଦ ହୋଇଥିଲେ ତ ଖବର ଦେଇଥାନ୍ତା ନିଶ୍ଚୟ । ସ୍ୱାମୀଙ୍କୁ ଝିଅର କାର୍ଯ୍ୟକଳାପ ବାବଦରେ ଅବଗତ କରେଇ ରାତିରେ ତା' ସହ କଥା ହେବା ପର୍ଯ୍ୟନ୍ତ ମନ ମାରି ଅପେକ୍ଷା କରି ରହିବା ବ୍ୟତୀତ ଅନ୍ୟ କିଛି ଉପାୟ ନ ଥିଲା ।

ସବୁଦିନ ପରି ରାତି ନଅରେ ଫୋନ୍ କଲା କ୍ରିତି । ମୋବାଇଲ୍ ଉଠାଇ ନେହାଦେବୀ କ'ଣ ଶୁଣିଲେ କେଜାଣି ଏକମୁହାଁ ହୋଇ ଡାଇରି ଥିବା ସ୍ଥାନକୁ ଧାଇଁଲେ । ପ୍ରଥମ ପୃଷ୍ଠାରେ ଛୋଟ କାଗଜ ଖଣ୍ଡିଏ ଚାରିଚଉତା ହୋଇ ଥୁଆ ହୋଇଛି । ଭାଙ୍ଗ ଖୋଲି ଦେଖିଲେ ଅନୁକ୍ରିତି ହସ୍ତାକ୍ଷରରେ କେଇଧାଡ଼ି ଲେଖା ।

–କେଶବ ସହ ମୋର ପରିଚୟ ବାବଦରେ ତୁମମାନଙ୍କ ମନରେ ଯେ ମାନେ ପ୍ରଶ୍ନ ଉବୁଟୁବୁ ହେଉଛି, ସେ କଥା ମୋତେ ଅଜଣା ନାହିଁ । ଫ୍ଲାଇଟ୍‌ରେ ଦିଲ୍ଲୀରୁ ଭୁବନେଶ୍ୱର ଯାତ୍ରା ସମୟରେ ଆମ ଦୁହିଁଙ୍କ ସିଟ୍ ପାଖାପାଖି ଥିଲା । କିଛି ସ୍ନାକ୍ସ ଅର୍ଡ଼ର କରି ବହୁ ଖୋଜାଖୋଜି ପରେ ବି ମୋ ପର୍ସ ମୁଁ ପାଇ ନ ଥିଲି । ବୋଧହୁଏ ତରବରରେ କେଉଁଠି ମିସ୍ ହୋଇଯାଇଥିଲା । ଅଗତ୍ୟା ଅର୍ଡ଼ର ବାତିଲ ପାଇଁ କହିଲା ବେଳକୁ କେଶବ ତାଙ୍କ ତରଫରୁ ପେମେଣ୍ଟ୍ କରି ସ୍ନାକ୍ସ ଅର୍ଡ଼ର ବାତିଲ ନ କରିବାକୁ ଅନୁରୋଧ କରିଥିଲେ । ସେ ଅନୁରୋଧରେ ଏତେ ଆନ୍ତରିକତା ଥିଲା ଯେ ମୁଁ ତା'କୁ ଏଡ଼ାଇ ପାରି ନ ଥିଲି ବରଂ ସାଥି ହୋଇ ଆମେ ଦୁହେଁ ସ୍ନାକ୍ସ ଭାଗବଣ୍ଟୁରା କରି ଖାଇଥିଲୁ । କେଶବଙ୍କର ଅଯାଚିତ ସାହାଯ୍ୟ ଯୋଗୁଁ ମୁଁ ଅଯଥା ଅପ୍ରସ୍ତୁତ ହେବାରୁ ବର୍ତ୍ତି ଯାଇଥିଲି ।

ବେଳେବେଳେ ଲାଗେ ସବୁ କଥା ଯେମିତି ବିଧି ନିର୍ଦ୍ଦିଷ୍ଟ । ସମୟ ଚକ୍ରରେ କାହାର କେତେବେଳେ କେଉଁ ପରିସ୍ଥିତିରେ କାହା ସଙ୍ଗେ ଭେଟ ହେବ, କିଏ କାହା କାମରେ ଆସିବ, ସେ କଥା ହୁଏତ କେବଳ ଭଗବାନଙ୍କୁ ଜଣା । ସୀମା ଆଣ୍ଟିଙ୍କୁ ବାପା ଏବଂ ମୋତେ କେଶବ ଅସମୟରେ ବିନା ସ୍ୱାର୍ଥରେ ସାହାଯ୍ୟ କରିବା ସେମିତି କିଛି ବୋଲି ମୋର ମନେହୁଏ । ତା' ହୋଇ ନ ଥିଲେ ଆମେମାନେ ଅକସ୍ମାତ୍ ଭେଟାଭେଟି ହୋଇଥାନ୍ତୁ କାହିଁକି ? ଏଇ କିଛି ଦିନ ଭିତରେ ସବୁକଥା ତର୍ଜମା କଲାବେଳେ ବାପାଙ୍କ ମଣିଷପଣିଆ ଆଗରେ ନତମସ୍ତକ ହେବାକୁ ପଡ଼େ ।

ଲେଖା ଖଣ୍ଡିକର ଅର୍ଥ ବିଷୟରେ ଚିନ୍ତା କରୁଥିଲେ ନେହା । କ'ଣ କହିବାକୁ ଚାହେଁ କ୍ରିତି । ଭାବୁଭାବୁ ଡାଇରିରେ ପ୍ରସ୍ତାବ ସବୁ ଲେଖାଥିବା ପୃଷ୍ଠାକୁ ଓଲଟାଇ ଦେଖିବାକୁ ଲାଗିଲେ । ସମସ୍ତ ପ୍ରସ୍ତାବ ଉପରେ ଲାଲି ଛକ ମରାହେବା ପରେ ତଳକୁ କେଶବ ବୋଲି ଲେଖାଯାଇ ତା' ପାର୍ଶ୍ୱରେ ଠିକ୍ ଚିହ୍ନଟେ ମରାହୋଇଛି ।

ସବୁ ବୁଝି ପାରୁଥିଲେ ନେହା । ମନରେ ତାଙ୍କର ଅସୁମାରୀ ଆନନ୍ଦ । କ୍ରିତି ତା' ମନକଥା କହିସାରିଛି । ତା'ରି ଭାଷାରେ ବୋଧହୁଏ ସବୁକିଛି ବିଧି ନିର୍ଦ୍ଦିଷ୍ଟ । ବିଳମ୍ବ ହୋଇଯାଇଥିଲେ ମଧ୍ୟ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଧୈର୍ଯ୍ୟ ନ ଥିଲା । କାଳ କ୍ଷେପଣ ନ କରି ସ୍ୱାମୀଙ୍କୁ ନେଇ ସୀମାଦେବୀଙ୍କ ଘର ଆଡ଼େ ଗୋଡ଼ ବଢ଼େଇଲେ ସେ ।

ସଫା ତୋରା ପୂର୍ଣ୍ଣମୀ ଜହ୍ନର ଜୋଛନାରେ ରାସ୍ତାଘାଟ ବେଶ୍ ଉଜ୍ୱଳ ଦିଶୁଛି । ରୁପେଲି ଜହ୍ନର ଚମକରେ ତମସାଚ୍ଛନ୍ନ ସନ୍ଦେହ ଏବଂ ସମସ୍ତ ଉତ୍କଣ୍ଠାର ଅବସାନ ଘଟିସାରିଥିଲା । ବିଧି ନିର୍ଦ୍ଦିଷ୍ଟ ପଥରେ ଅଗ୍ରସର ହେଉଥିଲେ ନେହାଦେବୀ ଏବଂ ବିଜୟବାବୁ ।

ଏକ ନୂତନ ସ୍ୱପ୍ନରେ ବିଭୋର ହେଉଥିଲେ ଅନୁକ୍ରିତି-କେଶବ ।

*ସି- ୧୦୫, ଶୁଭମ୍ ରୟାଲ୍ ଆପାର୍ଟମେଣ୍ଟ,*
*ଘାଟିକିଆ, ଭୁବନେଶ୍ୱର*
*ଦୂରଭାଷ: ୯୯୩୮୬୧୫୬୭୧*

# ଭାବର ଠାକୁର

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

"ଆଲୋ ହୁଣ୍ଡି, ସେଇଠି ଅଟକି ଗଲୁ କାହିଁକି ? ଆ' ଚାଲି ଆ' ମୋ ସାଥିରେ । ଶ୍ରୀ ଜଗନ୍ନାଥଙ୍କୁ ଦେଖିବୁ ବୋଲି କେତେ ଛଟପଟ ହେଉଥିଲୁ ? ଆଠଦିନ ହେଲା ପୁରୀଧାମକୁ ଆସିବୁ ବୋଲି ମାଟିରେ ପାଦ ଲାଗୁ ନଥିଲା ତୋର । ଆଉ ଆଜି... ? ଅସଲ ବେଳକୁ ପଛେଇ ଯାଉଛୁ କିଆଁ ? ଆଲୋ ଆ' ବେଗି ବେଗି ଆ' । ଆଗପଛ ବେଶୀ ବିଚାର କରନା ଆଉ । ଏତେ ବାଟ ଆସିଲୁଣି ଯେତେବେଳେ ବଡ଼ ଦେଉଳରେ କଳିଆର ଭୁଜଙ୍କୁ ଦର୍ଶନ ନକରି କଣ ଫେରିଯିବୁ ? ସିଏ ପରା ଜଗତର ନାଥ ଜଗନ୍ନାଥ ? ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କ ଠାକୁର । ପତିତପାବନ ସେ । ଅସହାୟର ସହାୟ । ପୁଣି ଅଗତିର ଗତି । ଭକତର ବନ୍ଧୁ ସେ । ତାଙ୍କ ପାଖରେ ନଥାଏ ଉଚ୍ଚ ନୀଚ, ଧନୀ ଗରିବ, ଜାତି ଅଜାତି କି ଧର୍ମ ଅଧର୍ମର ଭେଦଭାବ । ତୁ କଣ ଶୁଣିନୁ ? ଯବନ ଭକ୍ତ ସାଲବେଗଙ୍କୁ ଦର୍ଶନ ଦେବା ପାଇଁ ଦିନେ ଶରଧା ବାଲିରେ ପରା ଅଟକି ଯାଇଥିଲା ତାଙ୍କ ନନ୍ଦିଘୋଷ ରଥ । ଆଲୋ ସଲ୍‌ମା, ସେଇ ଜଗନ୍ନାଥ ଏବେ ତୋ ହାତ ପାଆନ୍ତାରେ । ତାଙ୍କ ସାନ୍ନିଧ୍ୟ ଲାଭର ସୁଯୋଗକୁ ଏମିତି ଭାବ ପ୍ରବଣତାରେ ହାତଛଡ଼ା କରନା ପାଗେଳୀ ।" ଭାବ ବିହ୍ୱଳ ହୋଇ କହିଲା ମାନସୀ ।

"ସେଇ ଜଗତର ନାଥ ଜଗନ୍ନାଥଙ୍କୁ ମୋର କୋଟି କୋଟି ପ୍ରଣାମ ।" ମଥାରେ ଯୋଡ଼ହସ୍ତ ଲଗେଇ କହିଲା ସଲ୍‌ମା । "ଆଲୋ ମାନସୀ, ରତ୍ନ ସିଂହାସନ ତଳେ ଛିଡ଼ାହୋଇ ମୋ ତରଫରୁ ଯୋଡ଼ହସ୍ତରେ ମୋ ଦୁଃଖ, ମୋ ମନୋବେଦନା ତକ ତାଙ୍କୁ ଜଣେଇ ଦେବୁ ତୁ । ସିଏ ପରା ଅନ୍ତର୍ଯ୍ୟାମୀ ? ପାଟି ଫିଟେଇ କେହି କିଛି ନକହିଲେ ବି ସକଳ ପ୍ରାଣୀଙ୍କ ଅନ୍ତର କଥା ବୁଝି ପାରନ୍ତି ସେ । ମୋ ମନକଥା ଅବଶ୍ୟ ବୁଝି ପାରିବେ । ମୁଁ ଯୋଉଠି ଥାଏ, ସଦାବେଳେ ସିଏ ମୋର ହୃଦୟରେ ଅଛନ୍ତି ଆଉ ରହିଥିବେ ମଧ୍ୟ ଅନନ୍ତ କାଳ ପର୍ଯ୍ୟନ୍ତ । ଏ ପିଣ୍ଡରେ ପ୍ରାଣ ଥିବା ପର୍ଯ୍ୟନ୍ତ, ନା ନା, ମୁଁ ନେଉଥିବା ପ୍ରତିଟି ଜନ୍ମରେ ସେ ମୋର ହୋଇ ରହିଥିବେ । ଏଇ ଦୃଢ଼ ବିଶ୍ୱାସ ମୋର ଅବଶ୍ୟ ଅଛି । ଭକ୍ତ ସାଲରେ ପରା କହିଛନ୍ତି 'ସେ ତ ଭକତ ଭାବରେ ବନ୍ଧା ଲୋ, ସେ ତ ଭକତ ଜୀବନ ଧନ ।' ମୁଁ ଯୋଉଠି ଥାଇ ଡାକିଲେ ମଧ୍ୟ ମୋ ପ୍ରତି ତାଙ୍କର କରୁଣା ଊଣା ହେବନାହିଁ କେବେହେଲେ ।" ଏତକ କହିଲା ବେଳକୁ ବାଷ୍ପରୁଦ୍ଧ ହୋଇ ଆସୁଥିଲା ତା' କଣ୍ଠସ୍ୱର ।

"ଆଲୋ ସଲ୍‌ମା, ତୋର କଣ ହୋଇଛି ଆଜି ? ସତ ସତ କହ ? କେତେ ଉତ୍ସାହ ଉଦ୍ଦୀପନା ନେଇ ଘରୁ ପାଦ କାଢ଼ି ଏତେବାଟ ଧାଇଁ ଆସିଥିଲୁ ତୁ । ଯବନ ଘରେ ଜନ୍ମ ହୋଇଥିଲେ ହେଁ ପିଲାଟି ବେଳୁ ଜଗନ୍ନାଥଙ୍କୁ ହୃଦୟ ଦେଇ କେତେ ଭଲ ପାଉ ତୁ । ଅଥଚ ଏବେ ବଡ଼ ଦେଉଳରେ ପ୍ରବେଶ ନକରି ଏଇଠି ଅଟକି ଯିବାକୁ କହୁଛୁ ପୁଣି ? କେଜାଣି ହଠାତ୍ ଏମିତି କଣ ହୋଇଗଲା ଯେ ତୋର ? ସତ କହ ? କିଏ କଣ କହିଲା କି ତୋତେ ?" ବିସ୍ମିତ ଭାବେ ପଚାରିଲା ମାନସୀ ।

"କିଛି ନାଇଁ ଲୋ, ଦେଖୁନୁ ସେଇ ସାଇନ୍ ବୋର୍ଡ଼କୁ ? ଆଲୋ ସେଥିରେ ପରା ଲେଖା ଅଛି, ହିନ୍ଦୁ ବ୍ୟତୀତ ଅନ୍ୟ ଧର୍ମାବଲମ୍ବୀଙ୍କ ପାଇଁ ଶ୍ରୀମନ୍ଦିରରେ ପ୍ରବେଶ ନିଷେଧ । ଏକଥା ତୁ କଣ ଜାଣି ନଥିଲୁ ? ମୁଁ ତ ଜାଣି ନଥିଲି । ଆଉ ଜାଣି ନଥିଲି ବୋଲି ତ ଏତେ ଦୂରବାଟରୁ କେତେ ଆଶା ନେଇ ପୁରୀଧାମକୁ ଧାଇଁ ଆସିଥିଲି ଆଜି । ତୁ ହେଲେ କହ ? ଜାଣି ଜାଣି ମନ୍ଦିରରେ ଅନଧିକାର ପ୍ରବେଶ କରିବି କାହିଁକି ? ଧର୍ମଦ୍ରୋହୀ ହେବି କେମିତି ? ଯବନ କୂଳେ ଜନ୍ମ ହୋଇଛି ଯେତେବେଳେ, ଏ ଜନ୍ମରେ ଶ୍ରୀମନ୍ଦିରକୁ ପ୍ରବେଶ କରିବାର ଭାଗ୍ୟ ମୋର ନାହିଁ ଲୋ ମାନସୀ । ଗରୁଡ଼ ପଛରେ ରହି କି ରତ୍ନ ସିଂହାସନ ତଳେ ଛିଡ଼ା ହୋଇ ଏଇ ଚର୍ମଚକ୍ଷୁରେ ଜଗନ୍ନାଥଙ୍କ କଳା ଶ୍ରୀମୁଖ ଦର୍ଶନ କରିବାର ସୌଭାଗ୍ୟ ମୋର ନାହିଁ ।" ଅଶ୍ରୁ ସଜଳ ନୟନରେ ମାନସୀକୁ ଚାହିଁ କହିଲା ସଲ୍‌ମା ।

"ହଃ.. କଣ ହୋଇଗଲା ସେଇଠୁ.... ?" ସଲ୍‌ମାର କଥାକୁ ହାଲକାରେ ଫୁ କରି ଉଡ଼େଇ ଦେଲା ପରି କହିଲା ମାନସୀ "ଆଲୋ ସଲ୍‌ମା, ସେମିତି ସାଇନ୍ ବୋର୍ଡ଼ ସବୁ ଲେଖା ହୋଇଥାଏ ସବୁଠି । ହେଲେ କିଏ ମାନୁଛି ସେସବୁ ନୀତି ଆଉ ନିୟମକୁ ? ତୁ କଣ ଜାଣିନୁ, ନିୟମ ସବୁ ଭାଙ୍ଗିବାକୁ ଗଢ଼ା ହୋଇଥାଏ ଏଇ ଆମ ଦେଶରେ । ନିତିଦିନ ଏମିତି ତ ଭିନ୍ନଧର୍ମର କେତେଲୋକ ଲୁଚିଛପି ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି । କାହିଁ ସେଥିରେ ତ ଅଶୁଦ୍ଧ ହୋଇ ଯାଉନି କୋଉ ବେଦ ? ଆମ ଧର୍ମଗ୍ରନ୍ଥରେ ପରା କୁହାଯାଇଛି 'ମନ ନିର୍ମଳ ଯା'ର ଦେହୀ, ଉଦ୍ଧବ ଗଙ୍ଗାଜଳ ସେହି ।' ସଦାବେଳେ ଏଇ ଆମ ମନ ଆଉ ହୃଦୟଟା ଶୁଦ୍ଧ ନିର୍ମଳ ଥିଲେ ହେଲା । ଏମିତିରେ କେହି ନଜାଣିଲେ ବି ମୁଁ ତ ଜାଣିଛି,

କେତେ ନିର୍ମଳ; କେତେ ପବିତ୍ର ତୋର ମନ ଆଉ ହୃଦୟ। ଆଲୋ ସଲ୍‌ମା, ସେମାନଙ୍କ ପରି ତୁ ବି ଯିବୁ ମୋ ସାଙ୍ଗରେ। ଏଇ ଜନ ସମୁଦ୍ର ଭିତରେ କିଏ ଚିହ୍ନୁଛି ତୋତେ। ଜଣେ ହିନ୍ଦୁଝିଅ ପରି ତ ଦେଖା ଯାଉଛି ତୋର ବେଶ ପରିପାଟୀ। ସେଥିରେ ପୁଣି ରାତି ହେଲାଣି। ଏଇଟା ସୁବର୍ଣ୍ଣ ସୁଯୋଗ। ଆ.. ଚାଲିଆ ଚୁପ୍‌ଚାପ୍। ଠାକୁର ଦର୍ଶନ ସାରି ଫେରି ଆସିବା ଆମେ।" କହିଲା ମାନସୀ।

"ନାଇଁ ଲୋ ମାନସୀ, ମୋତେ ଆଉ ବାଧ୍ୟ କରନା।" ଅନୁନୟ ଭରା କଣ୍ଠରେ କହିଲା ସଲ୍‌ମା "ଥରେ କହିଛି ମାନେ କହିଛି। ଦେଉଳ ଭିତରକୁ ଯିବିନାହିଁ ମୁଁ। କେହି ନଜାଣିଲେ ବି ମୁଁ ତ ଜାଣିବି? ମସ୍ତବଡ଼ ଭୁଲଟିଏ କରି ପକାଇଛି ବୋଲି ମୋ ହୃଦୟ ତ ଜାଣିବ? ଆଲୋ, ଲୁଚାଛପାରେ କରା ଯାଉଥିବା ଭୁଲ୍ କଣ ଭୁଲ୍ ନୁହେଁ? ସେଇଟା ଏକ ଅକ୍ଷମଣୀୟ ଅପରାଧ, ମହାଅପରାଧ। ଜାଣି ଜାଣି ମୁଁ ସେଇ ଅପରାଧ କରି ପାରିବି ନାହିଁ କି ଅପରାଧ ବୋଧରେ ସାରା ଜୀବନ ତିଳ ତିଳ ହୋଇ ଜଳି ପାରିବିନି। ମୋତେ ଭୀରୁ କି ଦୁର୍ବଳ ବୋଲି କହିଲେ ପଛେ କହ, କିନ୍ତୁ ନିଜ ଆଖିରେ ନିଜକୁ ନିଜେ ଛୋଟ କରି ପାରିବି ନାହିଁ ମୁଁ।"

"ସେତକ ଅପରାଧ ବୋଲି କିଏ କହିଲା ତୋତେ?" ଜୋର ଦେଇ କହିଲା ମାନସୀ "ଆଲୋ ସବୁ ଧର୍ମ ପରା ସମାନ? ପ୍ରତିଟି ଧର୍ମ ହେଉଛି ଈଶ୍ୱରଙ୍କ ନିକଟକୁ ଲମ୍ୱି ଯାଇଥିବା ଗୋଟିଏ ଗୋଟିଏ ବାଟ। ଯିଏ ଯେଉ ଧର୍ମର ହୁଅନ୍ତୁ ନା କାହିଁକି, ସମସ୍ତଙ୍କ ଏକମାତ୍ର ଉଦ୍ଦେଶ୍ୟ ହେଉଛି ଈଶ୍ୱର ପ୍ରାପ୍ତି। ତୁ କଣ ଜାଣିନୁ ଆମ ଧର୍ମ କେତେ ଉଦାର? ସେତେଟା କଠୋର କି ରକ୍ଷଣଶୀଳ ନୁହେଁ। ଆମର ଯୋଗୀ ଋଷୀମାନେ ପରା ମୁକ୍ତକଣ୍ଠରେ ଘୋଷଣା କରିଛନ୍ତି, 'ବସୁଧୈବ କୁଟୁମ୍ୱକମ୍।' ସାରା ପୃଥିବୀ ଗୋଟିଏ ପରିବାର। ତଥାପି ତୁ ସେଇ ମାନ୍ଧାତା ଯୁଗର ରକ୍ଷଣଶୀଳତାରେ ବିଶ୍ୱାସ କରୁଛୁ? ଆମେ ବି ତ ତୁମର ମସ୍‌ଜିଦ୍‌କୁ ଯାଉଛୁ। ଗୀର୍ଜା, ଗୁରୁଦ୍ୱାରାକୁ ଯାଇ ଠାକୁର ଦର୍ଶନ କରି ଆସୁଛୁ। କାହିଁ କୋଉଠି ତ ଧର୍ମ ଚାଲି ଯାଉନି ଆମର? ହେଲେ ତୁ ଆଜି ଏଇଠି ପଛଘୁଂଚା ଦେଉଛୁ କାହିଁକି? ଆଲୋ, ଏତେ ଭୟ କରୁଛୁ କାହାକୁ? ତାପରେ, ଆମ ଜଗା ପାଖରେ ବି ଜାତି ଧର୍ମ ଭେଦଭାବ କିଛି ନଥାଏ।"

"ନାଇଁ ଲୋ, କାହାକୁ କାହିଁକି ଭୟ କରିବି ମୁଁ? ଏଇଟା ପରା ମୋ ଆରାଧ୍ୟ ଠାକୁର ଜଗନ୍ନାଥଙ୍କ ଘର?" ବାଷ୍ପରୁଦ୍ଧ କଣ୍ଠରେ କହିଲା ସଲ୍‌ମା "କିନ୍ତୁ ମୋ ଯୋଗୁଁ ମୋ ଜଗନ୍ନାଥଙ୍କ ନୀତିକାନ୍ତିରେ କିଛି ବିଭ୍ରାଟ ଘଟୁ, ସେତକ ମୁଁ ଚାହେଁନା। ଏଇ କଥା ମୋର ମନେ ରଖିବୁ ମାନସୀ, ବହୁଦିନରୁ ପ୍ରଚଳିତ ହୋଇ ଆସୁଥିବା ରୀତିନୀତିକୁ ଭାଙ୍ଗି କେହି କେବେ ବଡ଼ଲୋକ ହୋଇ ଯାଏନା କି ଅନ୍ୟ ଧର୍ମ ଓ ଧର୍ମଧାରାକୁ ସମ୍ମାନ ଦେଲେ କେହି କେବେ ଛୋଟଲୋକ ହୋଇ ଯାଏନା। ବରଂ ଏମିତିରେ ନିଜର ସମ୍ମାନ ବଢ଼େ। ପରସ୍ପର ଭିତରେ ପ୍ରତିଷ୍ଠିତ ହୁଏ ଭାତୃଭାବ। ତିଷ୍ଠି ରହେ ସଂହତି। ରାଜୁତି କରେ ଶାନ୍ତି। ଆଲୋ ମାନସୀ, ଆଲ୍ଲା କହ କି ଈଶ୍ୱର, ସିଏ ପରା ଏକ ଆଉ ଅଦ୍ୱିତୀୟ? ଏଇ ବିଶାଳ ପୃଥିବୀର କୋଣ ଅନୁକୋଣ ସବୁଠି ସେ ବିଦ୍ୟମାନ। ତାପରେ ମୋ ଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ମୋ ହୃଦୟରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଥିଲେ, ଭାବ ଥିଲେ ମୋତେ ଦର୍ଶନ ଦେବା ପାଇଁ ସିଏ ଆପେ ଚାଲି ଆସିବେ ମୋ ପାଖକୁ।"

ଏତିକି ବେଳେ ହଠାତ୍ ସଲମାର ଦୃଷ୍ଟି ପ ଡ଼ିଗଲା ପତିତ ପାବନ ମହାପ୍ରଭୁଙ୍କ ଉପରେ। ଭାବ ବିହ୍ୱଳ ହୋଇ ସେ କହିବାକୁ ଲାଗିଲା "ରହ ରହ ଲୋ ମାନସୀ! କ୍ଷଣେ ରହ। ଏଇଠୁ ଥରେ ଆଖି ପୁରେଇ ଦେଖିନିଏ ମୁଁ ପତିତପାବନ ମହାପ୍ରଭୁଙ୍କୁ, ଜଗତର ନାଥ ଜଗନ୍ନାଥ କାଳିଆ ସାଆନ୍ତଙ୍କୁ। ସିଏ ଏଇଠି ମୋ ଆଖି ଆଗରେ ଥାଉଁ ଥାଉଁ ତାଙ୍କୁ ଦର୍ଶନ କରିବା ଲାଳସାରେ ଶ୍ରୀମନ୍ଦିରରେ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟିକଲେ ମୋତେ ଅବା କି ଲାଭ ମିଳିବ କହୁନୁ? ମୋ ଯୋଗୁଁ ଅଯଥାରେ ଯାହା ଜଗତର ନାଥ ଜଗନ୍ନାଥ ନିନ୍ଦିତ ହେବେ ଜନ ମାନସରେ। ଥାଉ ଲୋ ମାନସୀ! ଥାଉ। ମୋ ମନ୍ଦିର ପ୍ରବେଶ ଇଚ୍ଛା ଏତିକିରେ ଥାଉ। ତୁ ଯା' ବଡ଼ ଦେଉଳ ଭିତରକୁ। ଏଇଠି ଏଇ ସିଂହଦ୍ୱାର ଠାରେ ମୋତେ ରହିବାକୁ ଦେ। ଅନୁଭବିବାକୁ ଦେ ସେଇ ପରମ କାରୁଣୀକ ମହାପ୍ରଭୁଙ୍କ ଅସୀମ କରୁଣାକୁ।" ଅତ୍ୟନ୍ତ ଭାବ ବିହ୍ୱଳ ଭାବେ ଯୋଡ଼ହସ୍ତରେ କହିଲା ସଲ୍‌ମା।

ସଲ୍‌ମାର ଯୁକ୍ତି ଶୁଣି ଭାବ ବିହ୍ୱଳ ହୋଇ ଉଠୁଥିଲା ମାନସୀ। କଣ ବା ଆଉ ଅଧୀକ କହିବ ସଲମାକୁ? ଭାବିଲା ବେଳକୁ ଚମତ୍କୃତ ହେଉଥିଲା ସେ। ବୁଝି ପାରୁ ନଥିଲା ସେ ଏଇ ସାଲମା, ଏତେ କମ୍ ବୟସରୁ ଏତେ ଭାବ, ଏତେ ଦର୍ଶନ ତତ୍ତ୍ୱ ପାଇଲା କୋଉଠୁ?ଏତେ ବୁଦ୍ଧି, ଏତେ ଜ୍ଞାନ ତା ହୃଦୟରେ ଯେଉଁ ଠାକୁର ଦେଇଛନ୍ତି; ତାଙ୍କୁ ପ୍ରଣାମ କରୁଥିଲା ସେ ମନେ ମନେ। ସଲ୍‌ମାର ତେଜୋଦୀପ୍ତ ମୁହଁକୁ ଚାହିଁ ମନକୁ ମନ ଭାବିଲା "ବୋଧହୁଏ ଠିକ୍ କହୁଛି ସଲ୍‌ମା। ଅନ୍ୟର ଧର୍ମ କି ଧର୍ମଧାରାକୁ ସମ୍ମାନ ଦେଲେ କେହି କେବେ ଛୋଟ ହୋଇ ଯାଏନା। ବରଂ ଭାତୃଭାବ ବଢ଼େ। ସଂହତି ପ୍ରତିଷ୍ଠା ହୁଏ। ଆଃ.. କି ଉଚ୍ଚ ବିଚାର? ଏତକ ହେଲେ ଆମ ମହାମାନ୍ୟମାନେ ବୁଝନ୍ତେ।"

*ଭାରତୀ କୁଟୀର, ଡୁଙ୍ଗୁରିପାଲି-୭୬୭୦୨୩, ସୁବର୍ଣ୍ଣପୁର*
*ଦୂରଭାଷ: ୮୨୪୯୮୦୭୨୬୭*

# ଗାନ୍ଧି ମଣିଷ

ଗୀତା ଦାସ

ସାନ୍ଧ୍ୟ ଭ୍ରମଣ ସାରି ଫେରୁଥିଲେ, ଦୁଃଖୀଶ୍ୟାମ ବାବୁ। ସନ୍ଧ୍ୟା ଉତୁରି ଆସୁଥିଲା ରାତି ଆସନ୍ନ ପ୍ରାୟ। ଅନାଥଶ୍ରମ 'କଳିକା ଅନ୍ତେବାସୀଙ୍କର ପ୍ରାର୍ଥନା ଶୁଭୁଥିଲା, ଅନେକ ଦୂରରୁ। 'ଆହେ ଦୟାମୟ ବିଶ୍ୱବିହାରୀ...। ଏବେତ ପିଲାଙ୍କର ପଢ଼ିବା ସମୟ। ଏତେ ଡେର ହେଲା କାହିଁକି? ପକେଟରୁ ମୋବାଇଲ କାଢ଼ିଲେ କାହିଁ ସେମିତି କିଛି ଓ ମେସେଜ ନାହିଁ?

ଜୋର୍ ଜୋର୍ କରି ପାଦ ପକେଇଲେ ଦୁଃଖୀଶ୍ୟାମ ବାବୁ। ପ୍ରବେଶ ଦ୍ୱାରରେ ଅନେକ ଜୋତା। ସେ ପୁଣି ବ୍ୟବସ୍ଥିତ ଢଙ୍ଗରେ ସଜଡା ହେଇଛି। କିନ୍ତୁ ଏଇ ଆଗନ୍ତୁକଗଣ। କିନ୍ତୁ ଦୁଇଜଣ ସସମ୍ମାନେ ଦୁଃଖୀଶ୍ୟାମ ବାବୁଙ୍କୁ ଘର ଭିତରେ ନେଇଗଲେ। ଦୁଃଖୀଶ୍ୟାମ ବାବୁଙ୍କ ବଗିଚାରେ ଏକ ଭବ୍ୟ ଆୟୋଜନର ସଭା। ଫଟୋଗ୍ରାଫର ସାମ୍ବାଦିକ ଗଣମାଧ୍ୟମ ସମସ୍ତେ ପ୍ରସ୍ତୁତ। ପିଲାମାନେ ଧାଡ଼ିକରି ଦରିରେ ତଳେ ବସିଛନ୍ତି। ପିଲାଙ୍କୁ ଘେରି ଅତିଥିମାନଙ୍କର ଆସନ। ମଞ୍ଚ ମଧ୍ୟ ପ୍ରସ୍ତୁତି। ସବୁ କେମିତି କେମିତି ଲାଗୁଥାଏ। ଏଗୁଡିକ କେମିତି ସମ୍ଭବ ହୋଇପାରିଛି। ଠିକ୍ ବୁଝିଲେ ଏସବୁ ଗୁଣବନ୍ତ ରମେଶର ସରପ୍ରାଇଜ ପ୍ରସ୍ତୁତି। ଅବଶ୍ୟ ଏଥିରେ ପିଲାମାନେ ହନୁମାନ, ଜାମ୍ବବାନ, ଅଙ୍ଗଦ ଭଳି କାର୍ଯ୍ୟ କରିଛନ୍ତି। କେତେକମ୍ ସମୟ ମଧ୍ୟରେ ଏ ସମ୍ବର୍ଦ୍ଧନା ଉତ୍ସବ। କେବଳ ଗାନ୍ଧିବାଦୀ ମଣିଷ ଦୁଃଖୀଶ୍ୟାମବାବୁଙ୍କ ସମ୍ମାନାର୍ଥେ।

ଆସନ୍ତା ଜାନୁଆୟାରୀ ଉଣେଇଶ ତାରିଖ ରବୀନ୍ଦ୍ର ମଣ୍ଡପରେ ଦୁଃଖୀଶ୍ୟାମବାବୁଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ହିସାବରେ ସମ୍ବର୍ଦ୍ଧିତ କରାଯିବ, ସ୍ୱୟଂ ରାଜ୍ୟପାଳଙ୍କ ହାତରୁ। ଆୱାର୍ଡ ହେଇଛି ଦୁଇ ହଜାର ପଚିଶିର ବେଷ୍ଟ ସିଟିଜେନ ଆୱାର୍ଡ। ନିରଳସ ସାଧନ। ତ୍ୟାଗୀ ତପସ୍ୱୀ ଗାନ୍ଧିମଣିଷଙ୍କ ସ୍ୱେଚ୍ଛାକୃତ ସମାଜ ସେବାପାଇଁ ଏହି ଆୱାର୍ଡ ସ୍ବୀକୃତ ହୋଇଛି। ଦେବୋପମ ମଣିଷ ଦୁଃଖୀଶ୍ୟାମ। ଏ ଯୁଗର ଅରିକୂଳ ଗାଁର ଗାନ୍ଧି ହିସାବରେ ସୁପରିଚିତ। ଏବଂ ପାଞ୍ଚ କିମି ଦୂରରେ ଅବସ୍ଥିତ ତାଙ୍କ ଆଶ୍ରମ କଳିକା।

ସାକ୍ଷାତକାର ସମୟ ଆରମ୍ଭ ହେଲା।

ପ୍ରଶ୍ନ ନଂ.-୧ - ପିଲାବେଳେ ଆପଣଙ୍କର କିପରି କଟିଥିଲା?

ମୋ ଜନ୍ମ ନିପଟ ମଫସଲରେ। ନଈନାଳ ଘେରା ଯାଜପୁର ଜିଲ୍ଲାର ବାଳମୁକଳି ହାଟଠାରୁ ପାଞ୍ଚ କିମି ଦୂର। ନାଁ ଅରିକୂଳ। ବନ୍ୟା ବାତ୍ୟା ପ୍ରପୀଡ଼ିତ ଚିର ପରିଚିତ ମୋ ଗାଁ। ସ୍ୱାଧୀନତା ପରେ ମୋର ଜନ୍ମ ହୋଇଥିଲା। ମାତ୍ର ଏଗାଁ ଉନ୍ନତିକ୍ରମେ ସରକାରଙ୍କ ଯୋଜନା ଏଇଠି ଅପହଞ୍ଚ ଥିଲା। ପରବାର ମୋର ଗରିବ ନଥିଲେ। ତେଣୁ ପ୍ରାଥମିକ ଶିକ୍ଷା ପରେ ବାପା ମୋତେ କଟକରେ ପଢ଼ିବାର ସମସ୍ତ ବନ୍ଦୋବସ୍ତ କରିଥିଲେ। ରେଭେନ୍‌ସା କଲେଜରୁ ବିଏସସି ପାସ୍ ପରେ ଭାରତୀୟ ସେବା ଡାକଘର ବିଭାଗରେ ଯୋଗଦେଲି। ବାପାଙ୍କ ପଇସା ଉପରେ ନିର୍ଭର ନକରି ନିଜ ଅର୍ଜିତ ପଇସାରେ କିଛି ସମାଜ ପାଇଁ କାମ କରିବି ବୋଲି ସ୍ଥିର କଲି। କିଛି ବର୍ଷ ଚାକିରି ପରେ ଜମିଦାରୀ ଉଚ୍ଛେଦ ହେଲା। ପିତୃ ବିୟୋଗ ହେଲା ମାଆ ଓ ପିଲା ବୋ୍ଉ ନଥିଲେ। ତେଣୁ ପରିବାର ସଦସ୍ୟମାନେ ଏହିଦାୟିତ୍ୱ ସମ୍ଭାଳିବାକୁ ବାଧ୍ୟ କଲେ। କିନ୍ତୁ ସ୍ୱପ୍ନ ସମାଜ ସେବା। ଏଣେ ଚାକିରି। ତେଣୁ ସାନଭାଇକୁ ଏ ଦାୟିତ୍ୱ ସମର୍ପି ମୁଁ ସ୍ୱପ୍ନକୁ ସଫଳ କରିବା ପାଇଁ ଆଗେଇଲି। ପିଲାବେଳୁ ଅତି ନିକଟରୁ ମୁଁ ଗରିବିକୁ ଅନୁଭବ କରିଥିଲି। ମୋ ଚାରିପାଖରେ ଏହି ପ୍ରକାର ଉକସୃତା ଚିତ୍କାରର ଧ୍ୱନି ଶୁଣିପାରୁଥିଲି। ଅନାଥ ପିଲାଙ୍କ ଦାୟିତ୍ୱ ନେଇ ସେମାନଙ୍କ ପାଇଁ କିଛି କରିବି ବୋଲି ସ୍ଥିର କଲି।

ପ୍ରଶ୍ନ ନଂ. ୨- ଆପଣଙ୍କ ଅନୁଷ୍ଠାନ 'କଳିକା'ର ମୂଳଲକ୍ଷ୍ୟ କ'ଣ?

ଗାନ୍ଧି ନୀତି ଆଦର୍ଶରେ ଗଢ଼ା ଏ ଅନୁଷ୍ଠାନ। ମାନବ ସେବା ହେଉଛି, ମାଧବ ସେବା। ପ୍ରଥମେ ଏ ଅନୁଷ୍ଠାନ ଗଢ଼ିବା ପାଇଁ କୌଣସି ସରକାରଙ୍କ ଅନୁଦାନ ମିଳିନଥିଲା। ମୋର ଉପାର୍ଜିତର ଗଚ୍ଛିତ ଟଙ୍କା ଓ କେତେକ ବଦାନ୍ୟବ ବ୍ୟକ୍ତିଙ୍କ ସହାୟତା ଏକ ଚାଳ ଘରେ ସାତୋଟି ପିଲାଙ୍କୁ ନେଇ ଆରମ୍ଭ କଲି। ଦୁଇ ହଜାର ଦୁଇ ମସିହା ଜୁନ୍ ମାସରେ ଏ ଅନୁଷ୍ଠାନ ସରକାରୀ ପଞ୍ଜିକରଣ ହେଲା। ତା' ପରଠୁ ଏତେଟା ଆର୍ଥିକ ଅସହାୟତା ଅନୁଭବ କରିପାରିନି। ଅସହାୟ, ଅନାଥ, ଅତ୍ୟାଚାରିତ ପିଲାମାନଙ୍କୁ ମୁଁ ଏହି ଅନୁଷ୍ଠାନରେ ରହିବାକୁ ଅନୁମତି ଦେଇଥାଏ। ପିଲାମାନଙ୍କର ସମସ୍ତ ଖର୍ଚ୍ଚ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏ ଅନୁଷ୍ଠାନ ବହନ କରିଥାଏ। ଅଧିକ ପଢ଼ିବାକୁ ଚାହୁଁଥିବା ପିଲା ନିଜେ ଟ୍ୟୁସନ କରନ୍ତି କିମ୍ବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ସହାୟତା ମିଳିଥାଏ। କିନ୍ତୁ

ସେମାନଙ୍କୁ ଏଇଠି ରହିବା ପାଇଁ ଅନୁମତି ମିଳିଥାଏ। ଅନୁଷ୍ଠାନର ମୂଳଲକ୍ଷ୍ୟ ହେଲା ଭଲ ମଣିଷ ଗଢ଼ିବା। ସେଥିପାଇଁ ଏ ଅନୁଷ୍ଠାନର ନୀତି ନିୟମ ଅନୁଶାସନ, ଶୃଙ୍ଖଳା, ସମୟଜ୍ଞାନ ଇତ୍ୟାଦି ଉପରେ ମୁଁ ଗୁରୁତ୍ୱ ଦେଇଥାଏ।

ପ୍ରଶ୍ନ ନଂ.-୩- ଏ ଅନୁଷ୍ଠାନ ପାଇଁ ଆପଣଙ୍କ ଭବିଷ୍ୟତ ଯୋଜନା କ'ଣ ?

ଆଜିର ଶିଶୁ ଆସନ୍ତାକାଲିର ନାଗରିକ। ଭବିଷ୍ୟତର କର୍ଣ୍ଣଧାର ସେମାନେ। ପିଲାମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ। ଜଣେ ଜଣେ ଉତ୍ତମ ନାଗରିକ ହେବେ। ସ୍ୱାଧୀନ ଭାବରେ ନିଜସ୍ୱ ମତ ରଖିପାରିବେ। ଦେଶର ଉନ୍ନତି କଳ୍ପେ ନିଜକୁ ସମର୍ପିତ କରିବେ। ସବୁର ମୂଳରେ କିନ୍ତୁ ସେମାନେ କେମିତି ଭଲ ମଣିଷ ହେବେ। ଆଜିକାଲି ଭଲ ମଣିଷ ଦେଖିବାକୁ ବିରଳ। ସେମାନେ ଯେ ନିଜ ଦେଶରେ ନାଁ କରିବେ। ବିଦେଶରେ କେମିତି ନାଁ କରିବେ ସେ ପାଇଁ ମଧ୍ୟ ଉଦ୍ୟମ ଜାରି ରଖିବେ। ବଳିଷ୍ଠ ବ୍ୟକ୍ତିତ୍ୱ ଦେଶର ମେରୁଦଣ୍ଡ। ଦେଶ ପ୍ରଗତିରେ ସହାୟକ ହେବ। ପ୍ରତ୍ୟେକ ମଣିଷର ସ୍ୱପ୍ନ ଥାଏ। ସ୍ୱପ୍ନ ସାର୍ଥକ ହେଲେ ନିଜକୁ ଗର୍ବିତ ମନେ କରିବ। ଏହି ଲକ୍ଷ୍ୟ ହାସଲ ପାଇଁ ଅହରହ ସାଧନା କରିବା।

ପ୍ରଶ୍ନ ନଂ.-୪- ଆପଣଙ୍କ ହାତ ଗଢ଼ା ଗାନ୍ଧି କିଏ ?

ରମେଶ। ଆପଣଙ୍କ ସାମ୍ନାରେ। ପୂର୍ବରୁ ଦୁଃଖୀ ଶ୍ୟାମ ବାବୁ ଅନେକ ଥର ସମ୍ବର୍ଦ୍ଧିତ ହେଇଛନ୍ତି ବିଭିନ୍ନ ଅନୁଷ୍ଠାନମାନଙ୍କରୁ।

ରମେଶ ଦିନେ ଆସିଥିଲା ଦୁଃଖୀଶ୍ୟାମଙ୍କ ପାଖକୁ। ଛିଣ୍ଡା ପ୍ୟାଣ୍ଟ ବୋତାମ ନଥିବା ମଇଳା ଶାର୍ଟ ପିନ୍ଧି। ମୁଣ୍ଡ ଦେହ ନୁଖୁରା ଅପରିଷ୍କାର ବି। ମାଡ ଖାଇ ତା ପିଠିରେ ନୋଳା ପଡିଯାଇଥାଏ, ସାବତ ମାଆର ଅତ୍ୟାଚାରରେ। କୋଳେଇ ନେଇଥିଲେ ଦୁଃଖୀଶ୍ୟାମ। ଛଅ ବର୍ଷର ଅଲୋଡା ଶିଶୁକୁ। ଆଜି ସିଏ ସତେଇଶି ବର୍ଷର ଯୁବକ। ଦୁଃଖୀଶ୍ୟାମଙ୍କୁ ଛାଡ଼ି କୁଆଡ଼େ ଯାଇନି। ଜଣେ ମେଧାବୀ ଛାତ୍ର ହିସାବରେ ବେଶ୍ ସୁପରିଚିତ। ଅନେକ ସମ୍ମାନର ଅଧିକାରୀ ମାତ୍ର ଚାକିରି କରିନି କେବଳ ଦୁଃଖୀଶ୍ୟାମଙ୍କୁ ଛାଡି ଯାଇପାରିବନି। ଅନେକ ଥର ବୁଝାଇଛନ୍ତି ଭବିଷ୍ୟତ ଦେଖ। ଏ ଅନୁଷ୍ଠାନ ଚାଲୁଛି ଚାଲିଥିବ, ଦୁଃଖୀଶ୍ୟାମ ବଞ୍ଚିଥିଲା ପର୍ଯ୍ୟନ୍ତ। ମାତ୍ର କଉଥିରେ ରାଜି ନୁହଁ। ସେ ଦୁଃଖୀଶ୍ୟାମଙ୍କ ଛାଇ।

କଳିକା ଅନୁଷ୍ଠାନର ପିଲାମାନେ ଦୁଃଖୀଶ୍ୟାମଙ୍କୁ ବାପା ବୋଲି ସମ୍ବୋଧନ କରନ୍ତି। ରମେଶ ମଧ୍ୟ। ସେ ଭାରି ଭଲପାନ୍ତି। ଏକଥା ବି ସମସ୍ତେ ଜାଣନ୍ତି। ପାଖଲୋକ କହିଲେ ରମେଶକୁ ବୁଝାଏ। ଦୁଃଖୀଶ୍ୟାମଙ୍କ ଆଦର୍ଶରେ ଗଢ଼ା ଗାନ୍ଧିବାଦୀ ମଣିଷକୁ କିଏ ନଜାଣେ ? ଏକ ଉତ୍ସର୍ଗୀକୃତ ଜୀବନର ଉତ୍ସକୁ ଏ ଅନୁଷ୍ଠାନ ଆଦରରେ ସମର୍ଥନ କରୁଛି। ରମେଶ ଆଦର୍ଶବାଦୀ, କର୍ମଠ, କଷ୍ଟସହିଷ୍ଣୁ ଓ ଉଚ୍ଚଚିନ୍ତାର ଅଧିକାରୀ। ରମେଶକୁ ବିବାହ କରିବା ପାଇଁ ଅନେକ ଥର ବାଧ କରିଛନ୍ତି। ମାତ୍ର ରାଜି ହେଇନି। କଳିକା ଆଶ୍ରମ ହେଉଛି ତା'ର ପତ୍ନୀ ପରିବାର ଓ ଭବିଷ୍ୟତ। ସବୁକିଛି ଭିତରେ ନିଜ ଜୀବନ ସମର୍ପିତ। ସଂକୀର୍ଣ୍ଣ ଚିନ୍ତାଧାରା ତାକୁ ଗ୍ରାସ କରିନଥିଲା। ଭଗବାନ ତାକୁ ସହାୟ ହୁଅନ୍ତୁ। ଆଶୀର୍ବାଦ ଝରିପଡେ ମନକୁ ମନ ଦୁଃଖୀଶ୍ୟାମବାବୁଙ୍କର।

ମନେ ପଡିଯାଏ ପିଛିଲା ଦିନର କଥା ଦୁଃଖୀଶ୍ୟାମଙ୍କର ନୂଆ କରି ଆସିଥାଏ। ଏ ଆଶ୍ରମକୁ। ବହୁତ ସ୍ନେହ କାଙ୍ଗାଳ ଥିଲା। ଭଲ ପାଇବା ଭିତରେ ବାନ୍ଧି ଦେଉଥିଲା ସଭିଙ୍କୁ। ବିପଦ ଆସିଲେ ନଈକୁ ଡେଇଁ ପଡ଼ିଲା ପିଲା ରମେଶ। ଦୁଇବର୍ଷର ପିଲା ଭଳି ଦୁଃଖୀଶ୍ୟାମଙ୍କ କୋଳରେ ବସିପଡେ ଗେହ୍ଲାହୁଏ। ଦୁଃଖୀଶ୍ୟାମ ନିଜ ହାତରେ ରମେଶକୁ ପରିଷ୍କାର ଗାଧୋଇ ଦିଅନ୍ତି। ଜାମା ପ୍ୟାଣ୍ଟ ପିନ୍ଧାନ୍ତି। ମୁଣ୍ଡ ସାଉଁଳେଇ ପଚାରନ୍ତି ବାପା ତୋତେ ଏ ଆଶ୍ରମ ଭଲ ଲାଗୁଛି। ମୁଣ୍ଡ ଗୁଞ୍ଜିଦିଏ ଦୁଃଖୀଶ୍ୟାମଙ୍କ ଛାତିରେ କଇଁ କଇଁ ହେଇ କାନ୍ଦି ପକାଏ। ଡରିଡରି କହେ ବାପା ତମେ ମୋତେ ମୋ ମାଆ ପାଖକୁ ପଠାଇ ଦେବନିତ ! ତାପରେ କ'ଣ ବୁଝିପାରେ କେଜାଣି ଆଖିରୁ ତା'ର ଟପଟପ ହେଇ ବରକୋଳି ଟୋପା ଲୁହ ସବୁ ଗଳିପଡ଼େ। ଆଶଙ୍କାର ଲୁହ ତାର ମୁକ୍ତା ବିନ୍ଦୁ ପରି ଲୁହରେ ଦୁଃଖୀଶ୍ୟାମଙ୍କ ଛାତି ଭିଜିଯାଏ। ବୁଝନ୍ତି ସଭିଏଁ ଏହି ଭଲ ପାଇବାରେ ବନ୍ଧା କାହିଁକି ? ଈଶ୍ୱର ଏ ପ୍ରାଣୀ ଜଗତକୁ ଏହିପରି ଭାବରେ ଗଢ଼ିଛନ୍ତି କେହି କାହାର ନୁହେଁ ସମସ୍ତେ ଏକଲା ଆସିଛନ୍ତି ଏକଲାବି ଯିବେ ତଥାପି ବାନ୍ଧିହୁଏ କେବଳ ଭଲ ପାଇବା ନେଇକି। ଏଥିରୁ ମୁକୁଳିବାର ନାହିଁ।

ଭରସା ପାଇଁ ରମେଶର କାନ୍ଦୁରା ମୁହଁଟା କେମିତି ଝାପସା ଦିଶେ। କେତେ ସମୟରେ ସାହସ ପାଇ କଥା ପଦେ କହେ। 'ବାପା ମୁଁ ମାଆ ଛେଉଣ୍ଡ, ମାଆକୁ କେବେ ଦେଖିନି ବାପା ମୋତେ ଅନେକ ସ୍ନେହ କରେ। କିନ୍ତୁ ନୂଆ ମାଆକୁ ଆଣିଲା ପରେ ବଦଳି ଯାଇଥିଲା ବାପା। ବାପାର ଚିତ୍ର ମୋ ପାଇଁ ଜଣେ ନିଷ୍ଠୁର ବ୍ୟକ୍ତି। ତା'ର କଠୋର ବ୍ୟବହାରରେ ମୁଁ ଯେତିକି କଷ୍ଟ ଅନୁଭବ କରେ ତାର ଦ୍ୱିଗୁଣ ମାଆର ଅତ୍ୟାଚାରରେ ଜର୍ଜରିତ ହେଇ ପଡେ। ଏବେ ବି ସ୍ପଷ୍ଟ ଭାବେ ମନେପଡୁନି ବାପାର ମୁହଁ। କଥା ଗାଳି ମନ୍ଦ, ମାଡ ଇତ୍ୟାଦି। ସକାଳ ଜଳଖିଆରେ ନୂଆ ମାଆ ବାଢ଼ିଦିଏ ମାଡ ବିନା ଦୋଷରେ। ଅଧିକାଂଶ ଦିନ ଉପାସରେ କଟେ। କିଏ ଦୟା କଲେ ମିଳେ ନଚେତ ନାହିଁ, ତମେ କେତେ ଭଲ ବାପା ତମେ ମୋ ବାପା ହୁଅନ୍ତିନି ମୁଁକେତେ ଖୁସି ହୁଅନ୍ତି।'

ସରଳ ନିଷ୍କପଟ ରମେଶର କଥା ଦୁଃଖୀଶ୍ୟାମଙ୍କ ହୃଦୟତନ୍ତ୍ରୀକୁ ଥରାଇଦିଏ। ହାଡ ପଞ୍ଜରା ତଳୁ ରମେଶ ପ୍ରତି ଭଲ ପାଇବା ତରଳି ଆସି ଲେସି ହେଇଥାଏ ତା ଦେହରେ ଆଖିର ଲୁହର ପ୍ରତ୍ୟୁତ୍ତରରେ ପିତୃତ୍ୱର ପରିଚୟ ଦେଇ କହନ୍ତି 'ମୁଁ ତ ତୋ ବାପା, ଖୁସିରେ ନାଚି ଯାଏ ରମେଶ ମୋ ବାପା ମୋ ବାପା ମୋ ଭଲ ବାପା ଏକଥାକୁ ବାରମ୍ବାର କହି କହି ବାରଣ୍ଡାର ଏମୁଣ୍ଡ ସେ ମୁଣ୍ଡ ଯାଏ ଆସେ ଏବେ ଦେହରକ୍ଷୀ ଭଳି ଦୁଃଖୀଶ୍ୟାମଙ୍କ ପାଖେ ପାଖେ ସେ ଭଲରେ ମନ୍ଦରେ। ସେ ମାଛିଟିଏ ବସେଇ ଦିଏନି। ଦୁଃଖୀଶ୍ୟାମଙ୍କ ଦେହରେ। ତା' ହେଲେ ରମେଶ କେଉଁ ଜନ୍ମର ପିତୃଋଣ ଶୁଝୁଛି।

ଦୁଃଖୀଶ୍ୟାମଙ୍କର ସେଇ ଚାଳଘର ଅଗଣା। କିଛି ସେ ପରିବର୍ତ୍ତନ କରିନାହାନ୍ତି। ପିଲାମାନେ ବଡ ହେଲା ପରେ (ଚାକିରି କିମ୍ବା ଧନଉପାର୍ଜନ କରିବାର ବୟସ ହେଲାପରେ ଦୁଃଖୀଶ୍ୟାମଙ୍କ ବାସଗୃହକୁ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରିଛନ୍ତି। ମାତ୍ର ଦୁଃଖୀଶ୍ୟାମ ରାଜି ହୁଅନ୍ତିନି। ଏହି ଘରକୁ ଦେଖିଲେ ମୁଁ କିଛି ମନେ ପକାଏ। ଏ ମୋ ପାଇଁ ସ୍ମୃତି।

ସ୍ମୃତି ହଜେଇ ଦେଲେ ମଣିଷ କି ବଞ୍ଚିପାରେ ? ପିଲାମାନଙ୍କ ପାଇଁ କୋଠାଘର, ବିଜୁଳି ଆଲୁଅ ପଢ଼ାଘର, ପାଠାଗାର, ଅଡିଟୋରିୟମ ହଲ, ଖେଳ ପଡିଆ, ସମ୍ବର୍ଦ୍ଧନା ଉତ୍ସବ ପାଇଁ ବିରାଟ ମଞ୍ଚ । ଫୁଲ ବଗିଚା ଓ ଫଳ ବଗିଚା, ପୋଖରୀ । ପାଣି ପାଇଁ ନଳକୂପ, ଇତ୍ୟାଦି । ଏସବୁ ଅବଶ୍ୟ ଅନେକ ସରକାର ବେସରକାରୀ ସଂସ୍ଥାଙ୍କ ବଦାନ୍ୟତା ।

ପିଲାମାନେ ମଣିଷ ହେଲାପରେ ସୁବିଧା ଦେଖି ଏ ଅନୁଷ୍ଠାନକୁ ଆସନ୍ତି । ପାଦଛୁଇଁ ପ୍ରଣାମ କରନ୍ତି ଦୁଃଖୀଶ୍ୟାମ ବାବୁଙ୍କୁ ଅନୁଷ୍ଠାନର ଅଭାବ ଅସୁବିଧା ବୁଝାନ୍ତି । ସାହାଯ୍ୟ ସହାନୁଭୂତିର ହାତ ବଢ଼ାନ୍ତି । କିନ୍ତୁ ସବୁ ଚରିତ୍ର ଭିତରେ ରମେଶ ହିଁ ନିଆରା । ତାର ସ୍ୱାତନ୍ତ୍ରତା କେବଳ ଦୁଃଖୀଶ୍ୟାମ ବୁଝିନାହାନ୍ତି । ସଭିଏଁ ଉଣା ଅଧିକେ ବୁଝିଥାନ୍ତି । କିନ୍ତୁ ଏତେ ପରିମାଣରେ ଗାନ୍ଧିବାଦକୁ ଜାବୋଡି ଧରିଥିବା ରମେଶ ପ୍ରକୃତରେ ପାଇଛି କ'ଣ ? ଦେଉଥିବା ମୂଲ୍ୟର ପରିମାଣ ହିସାବକଲେ ସିନ୍ଦୁକରେ ଜାଗା ଧରିବନି । ବେଳେବେଳେ ରମେଶ କଥା ଚିନ୍ତାକରି ଦୁଃଖୀଶ୍ୟାମ ଭାବପ୍ରବଣ ହେଇଯାନ୍ତି । ପରିଣତ ବୟସରେ ସମସ୍ତେ ମାନନ୍ତି ସମ୍ମାନ ଦିଅନ୍ତି । ମାତ୍ର ରମେଶ ପରି ଶକ୍ତ ବାଡି ହାତକୁ ବଢ଼େଇଲା ପରି କାହାକୁ ଖୋଜି ପାଆନ୍ତି ନାହିଁ । ବାଟବଣା ପଥିକର ଚିହ୍ନା ରାସ୍ତା ପରି ଠିଆ ହୁଏ ରମେଶ । ପାଞ୍ଚଖଣ୍ଡ ଗାଁରେ ସହରରେ ରାଜ୍ୟରେ ମଧ୍ୟ ଦୁଃଖୀଶ୍ୟାମଙ୍କର ସୁଖ୍ୟାତି ଅଛି । ବିଜୁଳି ପାଣି ଶିକ୍ଷା, ସ୍ୱାସ୍ଥ୍ୟ କେଉଁଥିରେ ତାଙ୍କ ମୋହର ବାଜିନି । କିନ୍ତୁ ତାଙ୍କର ସେଇ ସରଳ ନିରାଡମ୍ବର ଜୀବନ । ସକାଳୁ ନାଲି ଚା' ମୁଢ଼ି । ଖରା ବେଳେ ମୁଠାଏ ଭାତ ବାଡ଼ି ବଗିଚାରେ ମିଳୁଥିବା ସିଝା ତରକାରୀ ରାତିରେ ରୁଟି ଅମୃତଭଣ୍ଡା ସିଝା, ଗୋଟିଏ ଗ୍ଲାସ କ୍ଷୀର । ବସ୍ତ୍ର କହିଲେ ଖଦଡ଼ ଧୋତି ଶାର୍ଟ ଏତେ ବଡ ଶୀତରେ ବି ଖଦଡର ମୋଟା ଚାଦର । ଘରେ ଗାମୁଛା ଲୁଙ୍ଗି ଖୋର୍ଦ୍ଧାର । ସମସ୍ତେ ପ୍ରାୟ ତାଙ୍କୁ ଗାନ୍ଧି ମଣିଷର ସମ୍ମାନ ଦିଅନ୍ତି । ଭକ୍ତି ଓ ଶ୍ରଦ୍ଧା କରନ୍ତି । ଏବେ ବି ଏ ବୟସରେ ଅରଟରେ ସୂତା କାଟନ୍ତି । ବାଡ଼ି ବଗିଚାରେ କାମ କରନ୍ତି । ଆଶ୍ରମ ପରିବେଶରେ ଝାଡୁ ଧରି ଓଳାନ୍ତି । ଅପରିଷ୍କାର ଆଖିକୁ ଦିଶେ । ସ୍ୱଚ୍ଛତା ପରିବେଶକୁ ପ୍ରଫୁଲ୍ଲିତ କରାଏ । ସବୁକାମ ପରେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି ସର୍ବେ ଭବନ୍ତୁ ସୁଖିନଃ ଆଉ ସମୟ ପାଇଲେ ପଢ଼ାପଢ଼ି କରନ୍ତି ଏମିତି ବେଳେ ବେଳେ ବହି ଖଣ୍ଡକରେ ରାତି ପାହିଯାଏ ।

ରମେଶ ଏଇ କେତେ ମାସ ହେବ ଲକ୍ଷ୍ୟ କରୁଛି ଦୁଃଖୀଶ୍ୟାମ ସବୁବେଳେ ଅନ୍ୟମନସ୍କ ରହୁଛନ୍ତି । କ'ଣ ଚିନ୍ତା କରୁଛନ୍ତି ସିଏ । କେଉଁଅଭାବ ତାଙ୍କୁ ଘାରୁଛି । ସାହସ ବାନ୍ଧି ପଚାରେ ରମେଶ 'ବାପା ମୋତେ କହିବେନି ଆପଣ କେଉଁ କଥା ଚିନ୍ତା କରୁଛନ୍ତି । ମୋ ହାତରେ ଥିଲେ ଚେଷ୍ଟା କରିବି ।'

– 'ଆରେ ତୁତ ମୋ ଦେବବ୍ରତ । ବାପାର ଅଭାବ ପୂରଣ କରୁକରୁ ପିତାମହ ଭୀଷ୍ମ ହେଇଯିବୁ । ତୁ ସବୁ କରିଛୁ । କରୁଛୁ ମଧ୍ୟ । ଏତେ ବଡ ଅନୁଷ୍ଠାନ ସବୁତୋର ପରିଶ୍ରମର ଫଳ ।'

ବାପାଙ୍କ ପାଟିରେ ହାତ ଦେଇଦେଲା ରମେଶ 'ବାପା ମୁଁ ଆପଣଙ୍କୁ ସମ୍ମାନ କରେ । ଭକ୍ତି କରେ । ପିଲାବେଳଠାରୁ ଆଜି ପର୍ଯ୍ୟନ୍ତ ମୋର ସବୁ ଅଳି ଅର୍ଦ୍ଦଳି ଅଭାବ ଅସୁବିଧା ସହି ମୋତେ ମଣିଷ କରି ଠିଆ କରେଇଛନ୍ତି । ଆଜି ମୋ ମୁଣ୍ଡରେ ଆପଣ ଏତେ ବଡ ମୁକୁଟ କାହିଁକି ପିନ୍ଧାଉଛନ୍ତି ? ମୁଁ ଆପଣଙ୍କ ଦାସାନୁଦାସ ଅର୍ଜୁନ କେବଳ ନିମିତ୍ତ ମାତ୍ର । ଆପଣ ମୋ ପ୍ରଭୁ ଚକ୍ରଧର ।'

ରମେଶର କଥାରେ ଜୋରରେ ହସିପକେଇଲେ ଦୁଃଖୀଶ୍ୟାମ । ରମେଶର ମନ କେତେ ସ୍ୱଚ୍ଛ ପବିତ୍ର । ହୃଦୟ କେତେ ବିଶାଳ । କେତେ ଅନୁଜ୍ଞା ବହନକାରୀ ଅନୁଗାମିନୀଟିଏ । ବୁଝିପାରେ ସବୁ କିଛି । ବାନ୍ଧିଦେଉଛି କେତେ ସରାଗରେ । ଆତ୍ମୀୟ ନ ହେଲେ ବି ଆତ୍ମୀୟ ଭଳି ପ୍ରତୀତି ହେଉଛି । ଈଶ୍ୱର ତାକୁ ସହାୟ ହୁଅନ୍ତୁ । ଦୀର୍ଘଜୀବି କରାନ୍ତୁ । ବାର୍ଦ୍ଧକ୍ୟ ହେତୁ ରୋଗ ଶରୀର ଭିତରକୁ ପ୍ରବେଶ କଲାଣି । କିଏ କହିବ କେତେବେଳେ ମୃତ୍ୟୁର ପରୁଆନା ଆସିବ ?

ସବୁଦିନ ଡାଏରୀ ଲେଖନ୍ତି ଦୁଃଖୀଶ୍ୟାମ । ସେ ଜୀବନରେ ଅନେକ ଚରିତ୍ର ସଂସ୍ପର୍ଶରେ ଆସିଛନ୍ତି । ପ୍ରାୟ ସବୁକଥା ଟିକେ ଟିକେ ଲେଖି ଦିଅନ୍ତି । କିନ୍ତୁ ରମେଶ ପାଇଁ ନିଶ୍ଚୟ ଦୁଇଚାରି ଧାଡ଼ି । ସେହି ରୂପ ସେହି କଥା ବାରମ୍ବାର ହୃଦୟପଟକୁ ଆସେ । ବାରମ୍ବାର ଖିନଭିନ କରେ ଅସ୍ତବ୍ୟସ୍ତ କରେ । ସମାଜରେ ଏହିଭଳି ଚରିତ୍ରମାନଙ୍କୁ ସାହାରା ଦେବ କିଏ । ଜନ୍ମଗତ ଅଧିକାରକୁ ମଧ୍ୟ ସେମାନେ ସାବ୍ୟସ୍ତ କରିବାରେ ଅସମର୍ଥ । ରମେଶର ସେଇ ଅଧାଲଙ୍ଗଳା ବେଶ ଆଖି ଆଗରେ ଭାସି ଆସେ ବିନା ତେଲର ଚୁଟି ଫୁରୁଫୁରୁ ଅସନା ପିଲାଟା ବାପା ବାପା ଡାକି ପଶିଆସେ ଆଶ୍ରମର ଅଗଣା ଭିତରକୁ । ଦୁଃଖୀଶ୍ୟାମଙ୍କ ହୃଦୟ ଦୁଃଖରେ ଭିଜିଯାଏ । ସମାଧାନର ରାସ୍ତା ଖୋଜି ପକାନ୍ତି ।

ଦୁଃଖୀଶ୍ୟାମ ବାବୁଙ୍କୁ ସେଇ ଅଞ୍ଚଳର ଲୋକମାନେ ଗାନ୍ଧି ବୋଲି କହିଥାନ୍ତି । ଚଳଣି ଅତି ମାମୁଲି । କିନ୍ତୁ ଏହି ଚରିତ୍ର ପାଖକୁ ଖୁବ ନାମୀଦାମୀ ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ରହୁଥିବା ବ୍ୟକ୍ତିମାନେ ଧାଇଁ ଆସନ୍ତି । ପରାମର୍ଶ ଲୋଡନ୍ତି । ରାଜନୀତି, ଧର୍ମନୀତି ଉପରେ ଆଲୋଚନା କରନ୍ତି । କି ନିକର୍ଷ ପାନ୍ତି କେଜାଣି । ସେମାନଙ୍କର ଯିବା ଆସିବା ଚାଲିଥାଏ ଦୁଃଖୀଶ୍ୟାମ ବାବୁ ଚାଳଘରେ ରହନ୍ତି । ସାଧାରଣ ଦେଖାଯାଉଥିଲେ ମଧ୍ୟ ଅସାଧାରଣ । ଏମିତି ଦେଖିଲେ ମନେହୁଏ ସେ ସ୍ୱଚ୍ଛ ହୃଦୟର ମଣିଷ ଜଗତର ହିତ ପାଇଁ ଏ ପୃଥିବୀକୁ ଆସିଛନ୍ତି । ତଥାପି ଲୋକଙ୍କର ଅନେକ ପ୍ରଶ୍ନ ଅବଶ୍ୟ ଭିତରେ ରଖନ୍ତି ସେ । ସେ କ'ଣ ବିବାହିତ ? ନା ସଂସାର ବୈରାଗୀ ? ଯଦି ବିବାହିତ ତା'ହେଲେ ତାଙ୍କର କ'ଣ ବିବାହ ବିଚ୍ଛେଦ ହେଇଛି କି ? ସ୍ତ୍ରୀ ପିଲା ଏବେ କଉଠୁ ? ସନ୍ଦେହ ଘେରରେ ରହିଯାନ୍ତି ଜନତା । ଏପରିକି ଆପଣାର ମନେ ହେଉଥିବା ଚରିତ୍ର ରମେଶର ବି ତାଙ୍କୁ ସନ୍ଦେହ ଘେରରେ ରଖେ । ପ୍ରଶ୍ନ ପଚାରିଛନ୍ତି ରମେଶ କେଉଁଠି ଅଛନ୍ତି ସେମାନେ ।ଏପରିଣତ ବୟସରେ ମଧ୍ୟ ଆବଶ୍ୟକତା ଅଛି ଦୁଃଖୀଶ୍ୟାମଙ୍କର । ହେଲେ ନିରୁତ୍ତର ମଣିଷ ଦୁଃଖୀଶ୍ୟାମଙ୍କ ନିକଟରେ ନିଜକୁ ଦୋଷୀ ଦୋଷୀ ଭାବେ ମନକୁ ମନ । ଆଜି କାହିଁକି ଏ ପ୍ରଶ୍ନ ପଚାରି ଦୁଃଖ ଦେଲା ବାପାକୁ ।

କାଲିଠୁ ଭୀଷଣ ଜ୍ୱର ଦୁଃଖୀଶ୍ୟାମ ବାବୁଙ୍କୁ । ସମସ୍ତେ ଲାଗି ପଡିଛନ୍ତି ସେବାରେ । ଡାକ୍ତର ଆସିଛନ୍ତି । ପରୀକ୍ଷା ନିରୀକ୍ଷା ବି କରିଛନ୍ତି ରିପୋର୍ଟ ବି ଦେଇସାରିଲେଣି । ସେମିତି କିଛି ବି ନୁହେଁ କେବଳ ବାର୍ଦ୍ଧକ୍ୟ ଦୋଷ । ବେଳେବେଳେ ବିକଳ ହେଇ ଚାହିଁଥାନ୍ତି । ମନେମନେ ଗୁଣୁଗୁଣୁ

ହେଉଥାନ୍ତି। ହାତଯୋଡି ପ୍ରାର୍ଥନା କରୁଥାନ୍ତି। ରମେଶ କିନ୍ତୁ ଆଣ୍ଠୁମାଡି ସେଇଠି ପ୍ରାର୍ଥନା ନିରବରେ ବାପା ଶୀଘ୍ର କେମିତି ଆରୋଗ୍ୟ ହୁଅନ୍ତୁ। ଦୁଇଦିନ ପରେ ଦୁଃଖୀଶ୍ୟାମ ବାବୁ ଖଟରେ ତକିଆକୁ ଆଉଜି ବସିଥାନ୍ତି। ରମେଶ ଉଷୁମ କ୍ଷୀର ଗୋଟିଏ ଗ୍ଲାସ ଦୁଇ ଖଣ୍ଡ ବିସ୍କୁଟ ଧରି ଖାଇବାକୁ ବାଧ୍ୟ କଲା। ହାତ ହଲାଇ ମନା କଲେ ଦୁଃଖୀଶ୍ୟାମ ବାବୁ। ରମେଶ ସଂଗେ ସଂଗେ କହିଲା ଆପଣ ଠିକ୍ ଏମିତି ମୋତେ ବାଧ୍ୟ କରୁଥିଲେ ମୁଁ କ'ଣ ମାନିନଥିଲି। ରୋଗିଣା ଚେହେରାରେ ହସ ଧାରେ ଖେଳିଗଲା। ସେ ତ ଆଗରୁ ମାନିନେଇଥିଲେ ସମସ୍ତଙ୍କ ଭଲ ପାଇବା ଭିତରେ ରମେଶର ଭଲ ପାଇବା ନିଆରା। ଗମ୍ଭୀର ସ୍ୱଭାବର ଦୁଃଖୀଶ୍ୟାମ ବାବୁ ଥରଥର ହେଇ ହାତ ବଢ଼ାଇଥିଲେ। ରମେଶ କିନ୍ତୁ ହାତରେ ଧରି ତାଙ୍କୁ ପିଆଇଲା। ଦୁଇ ଢୋକ ପରେ ରାଜି ନଥିଲେ ଦୁଃଖୀଶ୍ୟାମ ବାବୁ।

ସୁବିଧାବେଳ ଦେଖି ରମେଶ ଜାଣିବାକୁ ଚାହୁଁଛି 'ବାପା ଆପଣଙ୍କ ସ୍ୱାସ୍ଥ୍ୟ ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ଏବେ ଆପଣଙ୍କୁ କହିବାକୁ ପଡ଼ିବ ଆପଣଙ୍କ ପରିବାର ବିଷୟରେ ଯଦି ଅଛନ୍ତି ଏବେ କଉଠି ?

ପୁଣି ବୋଧେ ଜ୍ୱର ଲେଉଟିଲା। ଦେହରେ ଖଇ ଫୁଟା ତାତି। ବାଉଳି ଚାଉଳି ହେଉଛନ୍ତି। ବାଉଳି ଚାଉଳି ହେଇ କାହା ନାଁ ଧରୁନାହାନ୍ତି। ରମେଶର ହିଁ ନାଁ। ରମେଶ ଘର ସଂସାର କଲାନି। ତା ପ୍ରତି ଅନ୍ୟାୟ ହେଉଛି। ଲୋକମାନେ କ'ଣ ତାଙ୍କୁ ଦୋଷ ଦେବେନି କି ? ନିଜ ସ୍ୱାର୍ଥ ଲାଗି ରମେଶକୁ ଅନାଥାଶ୍ରମର ଭବିଷ୍ୟତ ପାଇଁ ବାନ୍ଧି ରଖିଲା। ଏଥର ସ୍ଥିର କଲେ ରମେଶ ସହିତ କମିଟିର ସଭ୍ୟମାନେ ଦୁଃଖୀଶ୍ୟାମ ବାବୁଙ୍କୁ ଭୁବନେଶ୍ୱର ଏମ୍ସକୁ ନିଆଯିବ। ସେଠିକାର ଡାକ୍ତର ସନାତନ ଏଇଠି ରହି ପଢୁଥିଲା। ଠିକ ରମେଶ ଭଳି ପରିବାରରେ ଅତ୍ୟାଚାରିତ ଥିଲା। ବଡ ହେଲା ପରେ ତା' ବାପା ପଢ଼ିବା ପାଇଁ ଅନେକ ସହାୟତା କରିଛନ୍ତି। ଆଜି ସେଥିପାଇଁ ଡାକ୍ତର ସିଏ। ସେ ଆଜି ତା'ର ସ୍ୱତନ୍ତ୍ର ଗାଡିରେସେଠାକୁ ନେବ ଓ ଚିକିତ୍ସା କରିବ। ରମେଶ ଆଖିରୁ ନିଦ ହଜିଛି। ଏଠିକାର ଦାୟିତ୍ୱ ରଘୁନାଥକୁ ଦେଇ ରମେଶ ବାପାଙ୍କ ସହ ଭୁବନେଶ୍ୱର ଯିବ। ଟିକିଏ ବୋଧେ ଭଲ ଲାଗିଲା। କ'ଣ ଗୋଟେ ଖୋଜିଲା ଖୋଜିଲା ହେଉଥିଲେ। ଚାହିଁଲେ ରମେଶକୁ ପାଦ ପାଖରେ ବସିଛି। ଗୋଡ ହାତ ଆଉଁଶି ଦେଉଛି। ରମେଶକୁ କହିଲେ ତୁ ମତେ ଅନେକ ଥର ପଚାରି ସାରିଲୁଣି। ଉତ୍ତର ଦେଇନି ବୋଲି ମନରେ ଅଭିମାନ କରିଥିଲୁ। ବହି ଆଲମାରିରେ ଅଛି ସବୁଜରଙ୍ଗର ମୋଟା ମଲାଟ ଥିବା ଡାଏରୀଟିଏ। ପଢ଼ିନେବୁ।

ରାତି ଅନେକ ହେଲାରି। ଦିନ ସାରା ଏପଟ ସେପଟ ହେଇ ରମେଶର ଆଖିପତା ଲାଗିଯାଇଛି। ଛାଇ ନିଦ କେମିତି ଗାଢ଼ ନିଦ ହେଇଯାଇଛି। ଦୁଃଖୀଶ୍ୟାମ ବାବୁ ଡାକୁଛନ୍ତି 'ରମେଶ ଏ ରମେଶ ମୁଁ ଚାଲିଲି। ତତେ ତ ମୋର ଅନେକ ଭରସା। ସବୁ ଦାୟିତ୍ୱ ନେଉଛୁ ନେବୁ ବି!' ନିଦ ହଠାତ୍ ଭାଙ୍ଗିଗଲା ରମେଶର। ବାପା ବାପା କହି ଦୁଃଖୀଶ୍ୟାମଙ୍କ ଦେହରେ ହାତ ମାରିଲା ବେଳକୁ କତରାଲଗା ଶରୀରଟା ଧୀରେ ଧୀରେ ହେମାଳ ହେଇଯାଉଛି। ରାତି ପାହିବାକୁ ଆହୁରି ଅନେକ ଡେରି। ସନାତନ ଆସିବ ଗାଡି ନେଇ। ବାପାଙ୍କୁ ନେବ ଭୁବନେଶ୍ୱର। କିଛି ଏ ପର୍ଯ୍ୟନ୍ତ ସ୍ଥିର କରି ପାରିଲାନି ରମେଶ। କଉଠି ତାଙ୍କ ପରିବାର, ପରିବାରଠୁ ଦୂରେଇ ସନ୍ନ୍ୟାସୀ ହେଲେ ବି କାଳେ ପରିବାର ଥିବ। ଖବର ଦେବା ରମେଶର କର୍ତ୍ତବ୍ୟ। କଉଠି କିଛି କେବେ ଓ ତା କାନରେ ପଡିନି। ମନେ ପଡିଗଲା ଡାଏରୀ କଥା। ଧାଇଁ ଗଲା ବହି ଆଲମିରା ପାଖକୁ। ଖୋଜି ପକାଇଲା ସବୁଜ ମଲାଟ ମଡା ମୋଟା ଡାଏରୀଟିକୁ। ଦରାଣ୍ଡି ପକାଇଲା ଡାଏରୀର ପ୍ରଥମ ପୃଷ୍ଠାରୁ ଶେଷ ପୃଷ୍ଠା ପର୍ଯ୍ୟନ୍ତ। କିନ୍ତୁ କାହିଁ କଉଠି ବି ଜଣାନାହିଁ। କେବଳ ଠିକଣା ସ୍ଥାନରେ ଲେଖାଅଛି। ଦୁଃଖୀଶ୍ୟାମ ସାମଲ, ଗ୍ରାମ-ଅରିକୁଳ, ସାମଲ ସାହି ପୋଷ୍ଟ ଅଫିସ ବାଲମୁକୁଳି ଜିଲ୍ଲା ଯାଜପୁର।

ତଥାପି ତନ୍ନ ତନ୍ନ କରି ଏକଲୟରେ ପଢ଼ି ପକାଉଥାଏ ରମେଶ ମାତ୍ର କଉଠି ବି ନିଜ ପରିବାର ବିଷୟରେ ଲେଖାଯାଇନି। ବରଂ ସବୁ ପୃଷ୍ଠାର ଆରମ୍ଭ ଓ ଶେଷରେ ରମେଶ ବିଷୟରେ ଲେଖାଯାଇଛି। ଏ ଅନୁଷ୍ଠାନକୁ ଆସିଲା ସମୟଠାରୁ ଆଜି ପର୍ଯ୍ୟନ୍ତ। ଆଖିରୁ ଅଭିମାନିଆ ଲୁହ ସବୁ ନିଗିଡ଼ି ପଡୁଛି ବାପା ତାକୁ ଆଜି କେଉଁ ସ୍ଥାନରେ ବସାଇଛନ୍ତି କେତେ ବଡ ମୁକୁଟ ମୁଣ୍ଡରେ ପିନ୍ଧାଇଛନ୍ତି ଅଥଚ ବାପାଙ୍କୁ ତାଙ୍କ ପରିବାର ବିଷୟରେ କହି ତାଙ୍କୁ ଆଘାତ ଲାଗିଥିବ ନିଶ୍ଚୟ। ଦୁଃଖୀଶ୍ୟାମ ବାବୁଙ୍କୁ ଭୁବନେଶ୍ୱରରୁ ଫେରିଲାପରେ ପଚାରିବି ଓ କ୍ଷମା ମଧ୍ୟ ମାଗିନେବି।

ରାତି ପାହି ଆସୁଥିଲା ସକାଳର ସୂର୍ଯ୍ୟକିରଣରେ କେବଳ ଶୁଭୁଥିଲା ଅସ୍ପଷ୍ଟ ଭାବେ ରମେଶ ଆଉ ରମେଶ। ତଥାପି ଅପେକ୍ଷା କରିବି ସନାତନର ସ୍ପେସିଆଲ ଆମ୍ବୁଲାନ୍ସ ଓ ଡାକ୍ତର ସନାତନକୁ।

*ଫିରିଙ୍ଗି ବଜାର, କଟକ-୯*
*ମୋ: ୯୪୩୭୩୧୯୧୫୩*

# ଦୃଷ୍ଟି

## ରୀନାରାଣୀ ରାଉତରାୟ

ମ୍ୟୁଜିକ୍ ସିଷ୍ଟମରେ ଜୋର୍‌ରେ ଗୀତ ବାଜୁଥାଏ । ଗୀତର ତାଳେ ତାଳେ ସେମାନେ ନାଚୁଥିଲେ । ପୁଅଘର ଆଉ ଝିଅଘର ମିଶି ଦୁଇଦଳ ହୋଇ ନାଚୁଥିଲେ । କିଛିଲୋକ ପଛରେ ନିଜ ନିଜ ଚେୟାର୍‌ରେ ବସି ଏ ସୁନ୍ଦର ଦୃଶ୍ୟକୁ ଉପଭୋଗ କରୁଥିଲେ ।

ସୁନିଧିର ଶାଶୁଘର ଲୋକେ ଚାହିଁଲେ ଯେ ଏକାଠି ମିଶି ସଙ୍ଗୀତର ଆୟୋଜନ ହେବ । ସେଥିପାଇଁ ଆଜି ଏ ଆୟୋଜନ ଚାଲିଛି । ଘର ପାଖରେ ହେଲେ ବି ସେଠି ପହଞ୍ଚିଲା ବେଳକୁ ଟିକେ ଡେରି ହୋଇଗଲା। ସୁନିଧି ବାରମ୍ବାର ଫୋନ୍‌କରି ଡାକିଥିଲେ। ଶେଷରେ ତାଙ୍କ ମା ଆସି ଡାକିନେଲେ । ସୁନିଧି ରାଗରେ ଥରେ ଚାହିଁ ମୁହଁ ଫେରେଇ ନେଲେ । ମାଉସୀ କହିଲେ ସିଏ ରାଗିବନି । ହଷ୍ଟେଲରୁ ଫେରିଲେ ପରା ଆମ କାହା ସାଙ୍ଗେ କଥା ନ ହୋଇ କହିବ ଆଗେ ଭାଉଜଙ୍କ ସାଙ୍ଗେ ଦେଖା କରିକି ଆସେ । ଆଉ ତମେ ଝିଅ ଏତେ ଡେରି କରିଦେଲ ।

ବାହାରୁ ଶୁଣିଲେ ଲାଗିବ ଯେମିତି କାନ ଫାଟିଯିବ । ଭିତରେ ସେ ରଙ୍ଗୀନ ଆଲୋକ ସଜ୍ଜା ଭିତରେ ଗୀତ ନାଚର ଆସରରେ ସେମିତି କିଛି ଲାଗୁନଥିଲା । ତାକୁ ଲାଗୁଥିଲା ଯେ ପରିବେଶ ବଡ ବିରକ୍ତିକର ଲାଗିବ। ତେଣୁ ଟିକେ ଡେରିକରି ଯିବ ।

ପୁରା ଘର ତାଙ୍କର ଲୋକ ଭର୍ତ୍ତି । ବାହାରେ ଖାଇବା ପିଇବା ବ୍ୟବସ୍ଥା ହୋଇଛି । ଭିତରେ ବସି ଦେଖିବା ପାଇଁ ସୁନ୍ଦର ସାଜସଜ୍ଜା ହୋଇଛି । ସୁନିଧିଙ୍କ ସାଙ୍ଗମାନେ ସମସ୍ତେ ଏକାଠି ଥିଲେ । ସେଇମାନେ ହିଁ ନାଚଗୀତ କରୁଥିଲେ । ବହୁତ ବଢିଆ ନାଚୁଥିଲେ ସେମାନେ । ସିନେମା ହଲ୍ ପରି ଲୋକଙ୍କ ଭିଡ ଭିତରେ ବାହାରେ । ଆଖପାଖରେ ବି କିଛି ଲୋକ ଥିଲେ। ତା ଜାଣିବାରେ ଚିହ୍ନା ଲୋକ ହାତ ଗଣତି । ସମସ୍ତେ ତାଙ୍କର ବନ୍ଧୁ ବାନ୍ଧବ ଥିଲେ । ସମସ୍ତେ ସୁନିଧିର ସଙ୍ଗୀତ କାର୍ଯ୍ୟକ୍ରମକୁ ଭାରି ତାରିଫ୍ କରୁଥିଲେ । ଲୋକେ କଥା ହେଉଥିଲେ ଗୁଡାଏ ଟଙ୍କା ଖର୍ଚ୍ଚ କରୁଛି ଲୋକଟା । ଆଜିକୁ ତିନିଦିନ ହେଲାଣି ଭୋଜିଭାତ ଲାଗିଛି । ତାଙ୍କ ସମୁଦି ଘର ଲୋକ କୁଆଡେ ଭାରି ଶିକ୍ଷିତ ଓ ଭଦ୍ର । ମନ ପସନ୍ଦର ବନ୍ଧୁଘରଟିଏ ବୋଲି ଖୁସିରେ ଏତେ ଖର୍ଚ୍ଚ କରୁଛନ୍ତି ।

ସଙ୍ଗୀତର ମଝିରୁ ସମସ୍ତେ ବାହାରକୁ ଯାଉଛନ୍ତି ପୁଣି ଆସୁଛନ୍ତି । ସୁନିଧି ବି ମଝିରୁ କେତେବେଳେ ବାହାରକୁ ଚାଲିଯାଇଛନ୍ତି । ନିଜ ନିଜ ଜଣାଶୁଣା ଲୋକମାନଙ୍କ ସହିତ ସମସ୍ତେ କଥାବାର୍ତ୍ତାରେ ବ୍ୟସ୍ତ । ତାଙ୍କ ସାଙ୍ଗମାନେ ନୂଆ ନୂଆ ଗୀତରେ ନାଚୁଥାନ୍ତି ।

ମଝିରେ ହଠାତ୍ କେମିତି ଘର ଭିତରଟା ଖାଲି ଖାଲି ଲାଗିଲା । ଆହୁରି ତ ଦୁଇଘଣ୍ଟା ବାକି ଅଛି । ତା ପରେ ଖାଇବାକୁ ଡାକିବେ । ଅଧାଲୋକ କୁଆଡେ ପଳେଇଲେଣି । ତାଙ୍କ ଘରେ ବନ୍ଧୁ ବାନ୍ଧବଙ୍କୁ କିଏ ଜାଣିଛି ଯେ ତାଙ୍କ ସାଙ୍ଗରେ କଥା ହେବ । ଏତିକି ବେଳେ ମଉସା ବାହାରେ କିଛି ଖୋଜିଲା ପରି ଦେଖୁଥାନ୍ତି । ତାକୁଦେଖି ଦୁରରୁ କଣ କହିଲେ । ଏତେ ପାଟି ତୁଣ୍ଡ ଭିତରେ କିଛି ଶୁଭୁ ନ ଥାଏ । ପାଖକୁ ଯିବାରୁ କହିଲେ ମାଉସୀଙ୍କ ଦେହ ଖରାପ । ତାଙ୍କ ପାଖରେ ଟିକେ ରୁହ।

ଏଇନେ ତ ଘଣ୍ଟାଏ ତଳେ ଦେଖିଥିଲି ଖୁସିରେ ସବୁକାମ ବୁଝାବୁଝି କରୁଥିଲେ । ସାଙ୍ଗେ ସାଙ୍ଗେ ଦେହ କେମିତି ଖରାପ ହୋଇଗଲା । ପାଖକୁ ଗଲା ବେଳକୁ ତାଙ୍କ ରୁମରେ ଲୋକ ଭର୍ତ୍ତି । କିଏ କଣ କହୁଛି କିଛି ଶୁଭୁ ନ ଥାଏ । ଦେଖିଲି ମାଉସୀ ଶୋଇଛନ୍ତି । ଏହା ଭିତରେ ଡାକ୍ତର ଆସି ଦେଖିକି ଗଲେଣି । ମାଉସୀଙ୍କର ହାଇ ବି.ପି ଯୋଗୁଁ ଅଗଣାରେ ଖସି ପଡିଲେ । ଦେହରୁ ଝାଳ ବୋହି ଯାଉଥାଏ । ତାଙ୍କ ବନ୍ଧୁ ବାନ୍ଧବ କିଏ ଜଣେ କହିଲେ ବାହାଘର ନିଶାରେ ଆଜିକୁ ତିନି ଚାରି ଦିନ ହେଲା ମେଡିସିନ ଖାଇ ନାହାନ୍ତି । ସେଥିପାଇଁ ଏମିତି ହେଲା । ସୁନିଧିକୁ ଛାଡିଦେଲେ ଆମ ପାଖ ପଡୋଶୀ ଏବଂ ତାଙ୍କ ବନ୍ଧୁ ବାନ୍ଧବମାନେ ସେଠି ଯିବା ଆସିବା କରୁଥାନ୍ତି । ମାଉସୀ ମେଡିସିନ ଖାଇବାର ଅଧଘଣ୍ଟାଏ ପରେ ଏବେ ଟିକେ ସୁସ୍ଥ ଅନୁଭବ କଲେଣି ।

ଇଆଡେ ସୁନିଧି କୋଉଠି ନାହାନ୍ତି । ତାଙ୍କୁ ସମସ୍ତେ ଘର ଲୋକେ ଖୋଜିଲେଣି । ମଉସାବି ମନେ ମନେ ବ୍ୟସ୍ତ ହୋଇପଡିଲେଣି । ଗୋଟିଏ ଅଜଣା କୌତୁହଳ ସମସ୍ତଙ୍କୁ ଆଚ୍ଛାଦିତ କରି ରଖିଛି । ମାଉସୀଙ୍କ ଅବସ୍ଥା

ଦେଖି କେହି କିଛି କହୁନାହାନ୍ତି । ତଥାପି କିଛି ଲୋକଙ୍କ ପ୍ରକୃତି ସେମିତିଆ । କାହାର ଦୁଃଖ ହେଉକି ସୁଖ ସେମାନଙ୍କର କିଛି ଯାଏ ଆସେ ନାହିଁ । ସେମାନେ ତାଙ୍କର ଖୁସି କରିବେ । ତେଣିକି ଯାହା ହେଉଛି ହେଉ ।

ତାଙ୍କ ଘର ପାଖରେ ରୂପା ନାନୀ, ସିତୁ ଭାଉଜ, ବୀଣା ଅପା, ଟୁନି ଖୁଡି, ସାବି ମାଉସୀ ଆହୁରି ଅନେକ ତାଙ୍କୁ ବେଢିଥାନ୍ତି । କଥାଟିକୁ ଯେମିତି ସର୍ବସାଧାରଣ ଯାଗାରେ ପକାଯିବ ସେଇକଥା ଭାବୁଥାନ୍ତି । ଟୁନିଖୁଡି ଏମିତିଆ କାମକୁ ଭାରି ଧୁରନ୍ଧର । ସେ ମୁଣ୍ଡ ଉପରକୁ ଓଢଣା ଉଠେଇ ନେଇ ଆଗେ ପଚାରିଲେ ହଇଓ ନାନୀ କାହିଁ ମୁଁ ଆମ ସୁନିକୁ ତ ଦେଖୁନି । କୋଉଠି ଅଛନ୍ତି କହିବଟି । ଏ କଥା ଶୁଣି ସାବି ମାଉସୀଙ୍କ ଫର୍ଚ୍ଚା କାନ ଦୁଇଟା ଆଉ ଟିକେ ବଡ ହୋଇଗଲା । ତାଙ୍କର ଗାର ପଡିଯାଇଥିବା ଗାଲ ଦୁଇଟି ସାମାନ୍ୟ ଫୁଲି ଉଠିଲେ । ଲମ୍ବା ଦୀର୍ଘକାୟ ନାକଟି ଖୁସିରେ କୁଞ୍ଚିତ ହେଲାପରି ମନେ ହେଲା । ସେ ଆରମ୍ଭ କଲେ ଆଜିକାଲି ଏ ଝିଅ ଗୁଡା ଭାରି ଅବିଗୁଣିଆ । ମାଆ ବାପାଙ୍କୁ କଣ ସତ କଥା କହିବେ । ମନଇଛା କାମ କରିବେ ପରା ।

ସେଠି ଠିଆହେଇଥିବା ସବୁଠାରୁ ଡେଙ୍ଗା ଜଣାପଡୁଥିବା ବୀଣା ଅପା ଏଭଳି ସୁଯୋଗର ଅପେକ୍ଷାରେ ଥିଲେ ଯେମିତି । ତାଙ୍କର ଆରକ୍ତ ବର୍ଣ୍ଣ ମୁହଁରୁ ଯେମିତି ଖୁସି ନିଗିଡି ପଡୁଛି । ସେମିତି ନିଜ ଓଠକୁ ଚାପି ଅଳ୍ପ ଅଳ୍ପ ହସି ଶୀତ ଦିନିଆ ଚା ପିଇଲା ପରି ମଜା ଉଠେଉଥିଲେ । ସମସ୍ତେ ଶାନ୍ତ ହେବାକୁ ସେ ଯେମିତି ଅପେକ୍ଷା କରୁଥିଲେ । ଯେମିତି ଟିକେ ଚୁପଚାପ ହେଲା ବୀଣା ଅପା କହିଲେ ନାନୀ ମ ସୁନା ଗହଣା ତକ ଟିକେ ଦେଖନ୍ତନି । ସେତକ ଅଛି ନା ସିଏ ବି କୁଆଡେ ନେଇକି ଗଲାଣି । ମୁଁ କହୁନଥିଲି ନାନୀ ମୋ ଝିଅର ତ କୁଆଡେ ବାହାଘର ହେଲାନି ତମେ ବି ରଖିଦିଅ । ଝିଅକୁ ଆରବର୍ଷ କରିବ । ଶୁଣିଲେନି ଏଇନେ କଣ କରିବ ।

ମାଉସୀଙ୍କ ମୁହଁରେ କୌଣସି ପ୍ରତିକ୍ରିୟାର ଚିହ୍ନବର୍ଣ୍ଣ ନାହିଁ । ବଡ ଅଡୁଆ ଲାଗୁଥିଲା । ଭୟ ବି ଲାଗୁଥିଲା । ମାଉସୀ ଏଇନେ ଉଠି ବସିପଡିବେ ଆଉ ତାଙ୍କ ଝିଅ କଥା କହୁଥିବା ମୁହଁ ଗୁଡାଙ୍କୁ ଭୟଙ୍କର ଭାବରେ ରାଗି ଚୁପ୍ କରେଇଦେବେ । କିନ୍ତୁ ମାଉସୀ ସେମିତି କିଛି କରୁନଥିଲେ । ରାତି ପାହିଲେ ବାହାଘର ହେବ । ଝିଅଟା ନିଜ ପସନ୍ଦ ଅନୁସାରେ ସବୁ କିଣାକିଣି କଲା । ମେହେନ୍ଦି ସଙ୍ଗୀତ ତା ଇଛାନୁସାରେ ହେଲା । ସେପଟେ ସାଙ୍ଗମାନେ ନାଚଗୀତରେ ବ୍ୟସ୍ତ । ମାଉସୀଙ୍କର ଦେହ କେତେ ଖରାପ । ଝିଅଟା କେମିତି କୁଆଡେ ଗଲା । ଶାଶୁଘର ଲୋକେ ସେପଟେ ବସିଛନ୍ତି । ଏଇନେ ଖୋଜିବେ ଯଦି । ଏଇ ଲୋକମାନେ କୁଆଡେ ଆସିଛନ୍ତି କେଜାଣି । ଯୋଉଠି ଯାହାର ଖୁସିର ଫସଲ ଦେଖିବେ ଉଜାଡିବାକୁ ଚାଲିଆସିବେ । ଏଇ ଅବସ୍ଥାରେ ଏତେ ଲୋକଙ୍କ ସାମ୍ନାରେ ତାଙ୍କୁ ଏମାନେ କେମିତି କହୁଛନ୍ତି । ମାଉସୀଙ୍କ ସାମ୍ନାକୁ ଯାଇ ତାଙ୍କ ସହ କଥା ହେବାକୁ ଇଛା ହେଉ ନଥିଲା । ଠାକୁରେ ସୁନିଧିକୁ ତା ମାଙ୍କ ପାଖକୁ ପଠେଇ ଦିଅ । ତା ମା'ର ବଳ ହୋଇ ସେ ଠିଆ ହେଉ ।

ବାହାର ଚଉକିରେ ମଉସା ବସିଥାନ୍ତି । ଡର ମାଡୁଥାଏ ତାଙ୍କ ପାଖ ଦେଇ ଯିବାକୁ । ସୁନିଧି କଥା ଯଦି ପଚାରିବେ କଣ କହିବ ତାଙ୍କୁ । ବେଳବୁଡିବାକୁ ବସିଲାଣି । କ'ଣ ଗଣ୍ଡେ ଖାଇଥିବେ କି ନାହିଁ । ଯାହା ଜଣା ପଡୁଛି ମାଉସୀଙ୍କୁ ସୁନିଧି ଯେମିତି ସବୁ କହିଛନ୍ତି । ନହେଲେ ଏତେ ଚୁପ ସିଏ ରହୁନଥାନ୍ତେ ।

ଏଇ ଯୋଉମାନେ ତାଙ୍କର ଏମିତି ଅସମୟରେ ଖୁସି ହେଉଛନ୍ତି ଏମାନଙ୍କ ବିଷୟରେ ଏଇ ଗାଁରେ ସମସ୍ତେ ଜାଣନ୍ତି । ସେଇ ଟୁନି ଖୁଡ଼ିଙ୍କ ଝିଅ ଯୋଉଠି କାମ କରୁଥିଲା ସେଠି ଗୋଟେ ପୁଅକୁ ବାହା ହୋଇଗଲା । ଏ ଘଟଣାକୁ ଛଅମାସ ପୁରିନି ସେ ଏଠି ଆସି କେତେ ଖୁସି ହେଉଛନ୍ତି ।

ବୋହୁର ଅତ୍ୟାଚ଼ର ସହି ନପାରି ସାବି ମାଉସୀଙ୍କ ଶାଶୁ ଘର ଛାଡ଼ି ପଳେଇଥିଲେ । ତାଙ୍କୁ ଗାଁ ଲୋକେ ବୁଝାବୁଝି କରି ଫେରେଇ ଆଣିଛନ୍ତି । ସାବି ମାଉସୀଙ୍କୁ ତାଗିଦ୍ କରିଛନ୍ତି ବୁଢ଼ୀକୁ ଯେମିତି ଆଉ କିଛି ହଇରାଣ ହରକତ ନକର । ସେ ବି ଏଇ ସୁଯୋଗକୁ ହାତଛଡ଼ା କରୁ ନାହାନ୍ତି । ଏଭଳି କହିବା ଦ୍ୱାରା ଯେମିତି ତାଙ୍କୁ ଅପାର ଆନନ୍ଦ ମିଳୁଛି ।

ଆଉ ସେ ବୀଣା ଅପା ଭୁବନେଶ୍ୱରରେ ଚାକିରୀ କରନ୍ତି । ଏକା ଏକା ରହୁଛନ୍ତି । ତାଙ୍କ ସ୍ୱାମୀଙ୍କ ସହିତ କେବେବି ପଡ଼େନି ତାଙ୍କର । ସେଠିକୁ ତାଙ୍କୁ ଯିବାକୁ ମନା । ଲୋକେ କୁହନ୍ତି ବୀଣା ଅପା ନିଜର ଦେହ ଛଡ଼ା ଆଉ କାହାକୁ ପ୍ରିୟ ଭାବନ୍ତି ନାହିଁ । ସେଥିପାଇଁ ବୟସ ତାଙ୍କ ପାଖରେ ପରାସ୍ତ ସବୁବେଳେ । ଘରେ ତାଙ୍କର ସର୍ବଦା କୋଳାହଳ । ଏମାନେ ଦୁଃଖରେ ଥିବା ସେ ମାଉସୀଙ୍କ ସାମ୍ନାରେ ଆଜି କେମିତି କଥା କହୁଛନ୍ତି, ସିଏ ପୁଣି ତାଙ୍କୁ ଡ଼ାକିଛନ୍ତି ତାଙ୍କ ଖୁସିରେ ସାମିଲ୍ ହେବାକୁ ଆଉ ଏମାନେ ନିଆଁ ଲଗଉଛନ୍ତି ।

ଏତିକି ବେଳେ ତାଙ୍କ ଶାଶୁଘର ଲୋକେ ଭିତରକୁ ଆସିଲେ । ମାଉସୀଙ୍କ ସମୁଦୁଣୀ ତାଙ୍କର ଦୁଇଝିଅ ଏବଂ ପୁଅ । ସେ ମାଉସୀଙ୍କ ପାଖରେ ବସିଲେ । ପଚାରିଲେ ସମୁଦୁଣୀ ଏବେ ଦେହ କେମିତି ଲାଗୁଛି ? ମାଉସୀ ମୁହଁ ଖୋଲିବାକୁ ଚେଷ୍ଟା କରୁଥିଲେ ବୋଧେ । କିନ୍ତୁ କିଛି କହିପାରୁନଥିଲେ । ସେ କହିଲେ ଆମେ ଏବେ ଶୁଣିଲୁ ଆପଣଙ୍କ ଦେହ ହଠାତ୍ ଖରାପ ହୋଇଗଲା । ସେପଟେ ସଙ୍ଗୀତ କାର୍ଯ୍ୟକ୍ରମ ସରିଯିବ । ପିଲାମାନେ କ୍ଳାନ୍ତ ହୋଇଗଲେଣି । ଆମେ ମଜା କରୁଛୁ । ଅଥଚ ଏଠି ଆପଣଙ୍କର ଦେହ କେତେ ଖରାପ । କାଲି ବାହାଘର ଆଜି ଆପଣଙ୍କୁ ଏମିତି ଦେଖି ଦୁଃଖ ହେଉଛି । ମାଉସୀ ନୀରବ ହୋଇ ଚାହିଁଥାନ୍ତି ।

ସମସ୍ତେ ଭାବୁଥାନ୍ତି ଝିଅ ବିଷୟରେ ଶୁଣି ତାଙ୍କ ସମୁଦୁଣୀଙ୍କର ଅବସ୍ଥା କ'ଣ ହେବ ? କିଏ ବାରୁଦ ଗଦାରେ ଆଗେ ନିଆଁ ଧରେଇବ ସେଇ କଥା ଭାବୁଥାନ୍ତି । ରୂପାନାନୀ ହାତରେ ବୀଣାଅପାଙ୍କୁ ଟିକିଏ ଚିମୁଟି ଦେଲେ । ପଛକୁ ବୁଲିପଡ଼ି ଚାହିଁଲାବେଳକୁ ସେ ତାକୁ ଠାରୁଥାଏ ଏତିକିବେଳେ କଥାଟା ପକେଇଦେ । ସତେ ଯେମିତି ଆଗକୁ ଘଟିବାକୁ ଥିବା ଘଟଣା କିଛି ବିରଳ ଖୁସି ଆଣିଦେବ । ସେଥିପାଇଁ ଏମାନେ ସେଇ ସୁଯୋଗ ଅପେକ୍ଷାରେ ଏଠି ଅଛନ୍ତି । ରୂପାନାନୀ ବିଷୟରେ ବେଶୀ କିଛି ଜଣାନାହିଁ । ଦେଖିବାକୁ ପୁରା ଗୋରା ଡ଼ଉଲ ଡ଼ାଉଲ ପୋଟଳ ପରି

ଚେହେରା । ସିତୁ ଭାଉଜ କହୁଥିଲେ ତାକୁ ସମସ୍ତେ ମନ୍ଥରା ବୋଲି ଡ଼ାକନ୍ତି ।

ମାଉସୀଙ୍କ ସମୁଦୁଣୀ ବୁଝଉଥିଲେ କାଲିସୁଦ୍ଧା ଆପଣ ଭଲ ହୋଇଯିବେ । ବ୍ୟସ୍ତ ହୁଅନ୍ତୁ ନାହିଁ । ଦେଖିବେ ଆପଣ କାଲି ସବୁ କାମ କରିପାରିବେ । ରୂପାନାନୀର ପ୍ରୋତ୍ସାହନରେ ବୀଣା ଅପାର ଓଠ ବୋଲ ମାନୁ ନଥିଲା । ସେ କହି ପକେଇଲେ ସବୁ ପରା ତାଙ୍କରି ଝିଅ ପାଇଁ ହେଲା । କ'ଣ କରିବେ ଆଉ । କେତେ କଷ୍ଟରେ ପୁଅଝିଅ ପାଇଥିଲେ । ଦେଖୁନ ସେ ଛୁଆମାନେ କଣ କରୁଛନ୍ତି ।

ଏକଥା ଶୁଣି ତାଙ୍କ ସମୁଦୁଣୀ ଟିକେ ଆଶ୍ଚର୍ଯ୍ୟ ହେଲେ । ବାହାରଲୋକଙ୍କ କଥା ଟିକେ ଟିକେ ତାଙ୍କୁ ଶୁଭୁଥାଏ । ସେ କହିଲେ ସମୁଦୁଣୀ ଝିଅ ପରା ଷ୍ଟେସନରୁ ଫେରିଲାଣି । ଏବେ ଅଧାବାଟ ଆସି ସାରିଲାଣି । ଆପଣଙ୍କୁ ସୁନିଧି କିଛି କହିନି । ମାଉସୀଙ୍କ ଆଖିରେ ସମୁଦ୍ର ଲହଡ଼ି ଭାଙ୍ଗୁଥାଏ । ସେ ତାଙ୍କ ସମୁଦୁଣୀଙ୍କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ଖଟର ବାହିକୁ ଆଉଜି ବସିବାକୁ ଚେଷ୍ଟା କଲେ ।

ତାଙ୍କ ସମୁଦୁଣୀ କହୁଥିଲେ ଆପଣ ଭାବିଲେ ଆମେ କିଛି ଜାଣିନୁ । ସେପଟେ ମୋ ପୁଅ ଗୀତନାଚରେ ଧ୍ୟାନ ନଦେଇ ମୋବାଇଲରେ ଗପୁଥାଏ । କିଛି ସମୟ ପରେ ଆମେ ତାକୁ ମୋବାଇଲ ରଖିବାକୁ କହିଲୁ । ଆମେ ଭାବିଲୁ ସିଏ ଅନ୍ୟ କାହା ସାଙ୍ଗେ କଥା ହେଉଛି । ସେ କହିଲା ସୁନିଧି କଲ୍ କରିଛି । ତା ହଷ୍ଟେଲରୁ ଆସିଥିବା ସାଙ୍ଗ ମାନଙ୍କ ଭିତରୁ ଜଣେ ପିଲାର ବାପାଙ୍କର ଦେହାନ୍ତ ହୋଇଗଲା । ପିଲାଟି ଘରର ବଡ଼ପୁଅ । ତାକୁ ତାର ଘରଲୋକ ଚାହିଁ ବସିଛନ୍ତି । ତାର ଘରକୁ ଯିବାକୁ ତାକୁ ଷ୍ଟେସନ ଯାଏଁ ସେ ଛାଡ଼ିବାକୁ ଯିବ । ଅନ୍ୟ କିଛି ବି ପିଲା ଯାଉଛନ୍ତି । କିଛି ପିଲା ଫେରିବେ ଆଉ କିଛି ତା ସହିତ ଘରକୁ ଯିବେ । ପିଲାଟି ଭାଙ୍ଗି ପଡ଼ିଛି । ଅଥଚ ବୋଉକୁ କହିବାରୁ ବୋଉ ରାଜି ହେଉନି । ତମେ ହେଲ୍‌ପ କଲେ ମୁଁ ଯାଇ ଫେରିଆସିବି ।

ପୁଅ ତାକୁ କହିଲା ହଉ ଯାଅ ଆମେ ଅପେକ୍ଷା କରିଛୁ । ଟ୍ରେନ୍ ଲେଟ୍ ହେଲା ବୋଲି ତାର ଡ଼େରି ହେଉଛି । ଏ କଥା ସେ ବାରମ୍ବାର ପୁଅକୁ କହୁଥିଲା । ଜାଣିଛ ସମୁଦୁଣୀ ତା କଥା ଶୁଣି ମୁଁ କିଛି କହିବା ପୂର୍ବରୁ ମୋ ବଡ଼ଝିଅ କହିଲା ମା' ଆମ ଭାଉଜ କେତେ କେୟାରିଂ ଏବଂ ସେନ୍ସିଟିଭ । ଆଉ ସ୍ୱାର୍ଥପର ଜମାରୁ ନୁହନ୍ତି । ଯଦି ସେ ସବୁ ଶୁଣି ଏଠି ଏନଜଏ କରିଥାନ୍ତେ ମତଲବୀ ଝିଅ ବୋଲି ଜଣାପଡ଼ିଥାନ୍ତା । ଯାହେଉ ସେ ବିଲକୁଲ୍ ସେମିତି ନୁହନ୍ତି । ଏକଥା ଶୁଣି ମାଉସୀଙ୍କ ହାତ ଦୁଇଟି ଆପେ ଆପେ ଯୋଡ଼ି ହୋଇଗଲା ।

ତାଙ୍କ ସମୁଦୁଣୀ ତାଙ୍କୁ କହୁଥିଲେ – ଏଇ କଥାକୁ ଆମେ କଣ ଭାବିବୁ କାଳେ ବନ୍ଧୁଘର ଭାଙ୍ଗିଯିବ ସେଇକଥା ଭାବୁଥିଲେ ନା । ବଡ଼ ଦୁଃଖ ଲାଗୁଛି ସମୁଦୁଣୀ ଆମେ ଛଅମାସ ହେଲା ପରସ୍ପରକୁ ଜାଣିଲେଣି । ଶେଷରେ ଆପଣ ଆମକୁ ଏତେ ତଳ ସ୍ତରର ବୋଲି ବୁଝିଲେ । ଆମର ଚିନ୍ତାଧାରା ଏତେ ନିମ୍ନମାନର ବୋଲି ଭାବିଲେ । ମୋର ଘରେ ସୁନିଧି ସାଙ୍ଗର ଦୁଇଟି ଝିଅ ଅଛନ୍ତି । ଆଜିକାଲି ପିଲାମାନଙ୍କ ଚାଲିଚଳଣି ଆମକୁ ଭଲଭାବେ ଜଣା । ସେଥିରେ କଣ ଭାବିବାର ଅଛି । ସେ ତାର ଦାୟିତ୍ୱ ତୁଲେଇ ପାରୁଛି ଆମେ ଭାରି ଖୁସି । ସେଥିପାଇଁ ତ ସବୁକଥା ପରି ଏଇକଥାକୁ ବି ସେ ପୁଅକୁ କହିଲା । ଆପଣ ଖାଲିଟାରେ ଭୟ କରୁଛନ୍ତି ।

ମଉସା କବାଟ ପାଖରେ ଠିଆହୋଇ ସବୁ ଶୁଣୁଥିଲେ । ସେନୀରବରେ ମାଉସୀଙ୍କୁ ଚାହିଁରହିଥିଲେ । ତାଙ୍କ ଆଖିର ଭାଷା ସହଜରେ ପଢ଼ି ହେଉଥିଲା । ମଉସା ଭାବୁଥିଲେ ଏ ଘରର ଟେନ୍‌ସନ୍ ମୋତେ ନଦେଇ ନିଜେ ନିଜେ ତମେ କେତେ ସମ୍ଭାଳି ପାରିବ । ମଉସା ତାଙ୍କ ସମୁଦୁଣୀଙ୍କୁ ଡ଼ାକି କହିଲେ – ଆପଣଙ୍କ ଦୃଷ୍ଟିରେ ଏମିତି ଅମୃତ ବର୍ଷୁଥାଉ ସମସ୍ତଙ୍କ ପାଇଁ ସବୁବେଳେ । ଆମେ ଭାଗ୍ୟବାନ୍ ଆପଣଙ୍କ ପରି ବିବେକି ଏବଂ ସହୃଦୟ ମଣିଷଙ୍କୁ ବନ୍ଧୁ ଭାବରେ ପାଇଥିବାରୁ । ମାଉସୀ ଯୋଡ଼ ହସ୍ତରେ କାନ୍ଥରେ ଥିବା ଜଗନ୍ନାଥଙ୍କୁ ଚାହିଁ ରହିଥିଲେ । ଆଉ ଜଗନ୍ନାଥ ସେମିତି ଅଧାଅଧା ହସୁଥିଲେ । ମାଉସୀ କଣ ବୁଝୁଥିଲେ କେଜାଣି ?

*କରଡ଼ାପଲ୍ଲୀ, ଗୋବରା, ତାଳଚେର-୭୫୯୧୦୩*

# 'ଜାନକାମ୍ମା' : ଗୋଟେ ପାରିବାରିକ ବନ୍ଧନର ମେଇଖୁ

ଶ୍ରୀ ଅକ୍ଷୟ କୁମାର ଜେନା

କଥାବସ୍ତୁ ଓ ଚରିତ୍ର ଚିତ୍ରଣ :

ମୋ ଜାଣିବାରେ 'ଜାନକାମ୍ମା' ଉପନ୍ୟାସଟି ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ କୃତି ମଧ୍ୟରେ କ୍ଷୁଦ୍ରତମ, ସମ୍ଭବତ ତାଙ୍କ ଜୀବଦ୍ଦଶାରେ ପ୍ରକାଶିତ ଶେଷ ପୁସ୍ତକ । ନାମକରଣରୁ ବୁଝାପଡ଼େ ଯେ ଏହା ଏକ ତେଲଗୁଭାଷୀ ନାରୀ ଚରିତ୍ରର ଜୀବନକଥା । ଏହା ମଧ୍ୟ ସତ୍ୟ । ଜାନକାମ୍ମାର ଜନ୍ମ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର କୌଣସି ଏକ ଗ୍ରାମାଞ୍ଚଳରେ,ମାତ୍ର ଜୀବନର ଅଧିକ ସମୟ କଟିଛି-ଓଡ଼ିଶାର ଏକ ପୁରୁଣା ସହର ବ୍ରହ୍ମପୁରରେ । ବାସ୍ତବରେ 'ଜାନକା' ନାଆଁରେ ପୁଅ କିମ୍ବା 'ଜାନକୀ' ନାମ୍ନୀ କୌଣସି ଝିଅର ମା' ନୁହେଁ ସେ, ତେବେ ସ୍ନେହରେ ତା'ମା'-ବାପା ନାଆଁ ଦେଇଥିଲେ-ଜାନକାମ୍ମା ଏବଂ ଓଡ଼ିଶାରେ ସେ 'ଜାନକାମା' ଭାବେ ପରିଚିତା । ଚାଷୀକୁଳରେ ଜନ୍ମ, ଜାତି କ୍ଷତ୍ରୀୟ । ଯୌବନରେ ସେ ବି ସ୍ୱପ୍ନ ଦେଖିଥିଲା-ଚାଷୀଘରର ଘରଣୀ ହୋଇ ଦିନ କାଟିବ । ତାହା ମଧ ଘଟିଲା । ମାତ୍ର, ତା'ର ବର ଯୋଗୁଲୁ ଥିଲା-ଦୋହଲବେଇ । ଯୋଗୁଲୁର ସ୍ତ୍ରୀ ରୋଗରେ ପଡ଼ି ଆରପୁରକୁ ଚାଲିଯାଇଥିଲା ସତ,ଏପୁରରେ ଛାଡ଼ି ଯାଇଥିଲା କୋଡ଼ିଏ ବର୍ଷର ପୁଅ ସୋମେୟା ଓ ଷୋଳ ବର୍ଷର ଝିଅ ସାବିତ୍ରୀକୁ । ଅବଶ୍ୟ ସାବିତ୍ରୀର ବାହାଘର ସରିଯାଇଥିଲା-ଦୁଇବର୍ଷ ତଳୁ । ଜାନକାମ୍ମାର ବାପା-ମା' ଯୋଗୁଲୁର ଚେହେରା ଓ ଧନସମ୍ପତ୍ତିକୁ ଦେଖି ବାହାଦେଇଥିଲେ । ଯୋଗୁଲୁର ବୟସ ଚାଳିଶି ହେଲେବି ସେ ଥିଲା-ସ୍ୱାସ୍ଥ୍ୟବନ୍ତ ଓ ଉତ୍ତମ ସ୍ୱଭାବର । ଜାନକାମ୍ମାକୁ ସେତେବେଳେ ବୟସ ହୋଇଥିଲା-ମାତ୍ର ଅଠର ।

ଜାନକାମ୍ମାର ଶାଶୁଘର ଥିଲା-ବହୁକୁଟୁମ୍ବୀ । ସମସ୍ତେ ତାକୁ କିନ୍ତୁ ଆପଣାର ଭାବୁଥିଲେ । ତା'ଦେହରେ ଛେଇ ଦେଇଥିଲେ- ଆଳି ଅଳଙ୍କାର । ଘରେ ଖଞ୍ଜା ହୋଇଥିଲା-କୋଠିଆ,ମୁଳିଆ,ହଳିଆ । ସବୁଥିଲା ଭରପୂର । ହେଲେ ବର୍ଷ କେଇଟାରେ ବଦଳିଗଲା ସବୁ । ମନମାଳିନ୍ୟରୁ ଭାଇ ଭାଇ ହେଲେ ଭିନ୍ନ । ତଥାପି ଲାଗିରହିଲା କୋର୍ଟ-କଚେରୀର ଝମେଲା । କେସ୍-ବାସ୍ ଯୋଗୁଁ ଜାନକାମ୍ମାର ଅଳଙ୍କାର ସବୁ ଚାଲିଗଲା; ଜମିବାଡ଼ି,ଗୋରୁ ମହିଷୀ ବିକ୍ରି ହେବା ପର୍ଯ୍ୟନ୍ତ କଥାଗଲା । ଆଗପଛ ହେଇ ଚାରିପୁଅ ମରିଗଲେ । " ବଳିଲା ଦୁଇମାଣ ଜମି, ତିନିବଖରା ଘର । ସେତକ ସୋମେୟାକୁ ଧରେଇ ଦେଇ ଜାନକାମ୍ମା ଓ ଦୁଇବର୍ଷର ଝିଅ ରାଙ୍ଗାମ୍ମାକୁ ସାଙ୍ଗରେ ଧରି ଯୋଗୁଲୁ ତା'ଗାଁର ଦୁଇଜଣ ଲୋକଙ୍କ ସହିତ ଚାଲିଆସିଲା"-ବଢ଼ି ଉଠୁଥିବା ଓଡ଼ିଶାର ଏଇ ବରହମ୍ପୁର ସହରକୁ । ସେ ଜାଣିଥିଲା-ତା'ଅଞ୍ଚଳରୁ ଆହୁରି ଅନେକ ଆସି ବସ୍ତିଗଢ଼ି ରହିଛନ୍ତି ଏଠାରେ । ସେଇଠି ସେ ଖାପିଗଲା । ପ୍ରଥମେ କୁଡ଼ିଆଟିଏ ଭଡ଼ାନେଇ ରହିଲା, ପରେ ନିଜର ଗୋଟେ ଅଲଗା କୁଡ଼ିଆ ତିଆରି କରିଥିଲା । ପ୍ରଥମେ କେବଳ ଯୋଗୁଲୁ ଗୋଟେ କାଠଗୋଲାରେ କରତିଆ କାମ କରୁଥିଲା,ପରେ ଘରର ଆବଶ୍ୟକତା ଦୃଷ୍ଟିରୁ ଜାନକାମ୍ମା ବି ଅନ୍ୟ ସ୍ତ୍ରୀ ଲୋକଙ୍କ ପରି ବାବୁଘରେ ପାଇଟି କରିବାକୁ ଗଲା । ପ୍ରଥମେ ପ୍ରଥମେ ଅବଶ୍ୟ ଯୋଗୁଲୁ ମନାକରୁଥିଲା ଜାନକାମ୍ମାକୁ- ମର୍ଯ୍ୟାଦାକୁ ଚାହିଁ ଏବଂ କୋଳରେ ଛୋଟ ଝିଅଟି ଥିବା ଦୃଷ୍ଟିରୁ । ଯୋଗୁଲୁ ଦିନକୁ ମଜୁରୀ ପାଉଥିଲା ଅଢ଼େଇଟଙ୍କା । ସେଥିରୁ କିଛି ସଂଚୟ କରି ସୋମେୟାର ବାହାଘର ସାରିଦେଲା ଗାଁରେ । ହାତରେ ପଇସା ରହିଲା ନାହିଁ । ବାଧହୋଇ ଜାନାକାମ୍ମାକୁ ପଦାକୁ ଛାଡ଼ିଲା । ରାଙ୍ଗାମ୍ମାକୁ ଯେତେବେଳେ ତିନିବର୍ଷ ହୋଇଥିଲା ସେତେବେଳେ ଆଉ ଗୋଟିଏ ଝିଅ ଜନ୍ମ ହେଲା- ତା' ନାଆଁ ଦେଲେ ଗଙ୍ଗାମ୍ମା । ଏତିକିବେଳେ ଦରକାର ପଡ଼ିଥିଲା ନିଜର କୁଡ଼ିଆଟିଏ । କରିଥିଲା ବି ।

ଜାନକାମ୍ମା ପ୍ରଥମେ ମାସକୁ ପନ୍ଦର ଟଙ୍କାରେ ଜଣେ ଭଦ୍ରଲୋକଙ୍କ ଘରେ କାମକଲା । ପରେ ଆଉ ଦୁଇଟା ଘର । ସେଠୁ ଘରକା ମିଳିଲା ଦଶଟଙ୍କା । ଯୋଗୁଲୁର ମାସକୁ ପଁଷଠି ଟଙ୍କା । ରୋଜଗାର ବଢ଼ିଲା,ବଢ଼ିଲା ଲୋକସଂପର୍କ । ରାଙ୍ଗାମ୍ମା ବି କାମକୁ ଗଲା । ତାକୁ ଯେତେବେଳେ ଆଠବର୍ଷ ସେତେବେଳେ ଜନ୍ମନେଲା ରାଜେଶ୍ୱରୀ । କ୍ରମଶଃ ଗଙ୍ଗାମ୍ମା ବି କାମକୁ ଗଲା । ରୋଜଗାର ବଢ଼ିଲା । ଜାନକାମ୍ମା ଦେହରେ ଗହଣା ନାଇଲା,

ବଡ଼ଝିଅ ରାଙ୍ଗାମ୍ମାକୁ ପିନ୍ଧେଇଲା । କିଛି ପଇସା ବସ୍ତିରେ ସୁଧକୁ ଲଗେଇଲା। ହଠାତ୍ ଦିନେ ଖବର ଆସିଲା-ସୋମେୟା କଲେରାରେ ମରିଗଲା । ଗାଁକୁ ଯାଇ ତା' କ୍ରିୟାକର୍ମ କଲେ । ସୋମେୟାର ସ୍ତ୍ରୀ ତା' ବାପଘରକୁ ଚାଲିଗଲା, ଆଉ ଫେରିଲା ନାହିଁ । ତା'ର କିଛି ଛୁଆପିଲା ନଥିଲେ । ଯୋଗୁଲୁ ଓ ଜାନକାମ୍ମା ଭବିଷ୍ୟତକୁ ଚାହିଁ ହତାଶ ହୋଇପଡ଼ିଲେ। ଯୋଗୁଲୁ ଭାଙ୍ଗିପଡ଼ି ମଦକୁ ଆଶ୍ରାକଲା । ତାକୁ ସମ୍ଭାଳିବା ଜାନକାମ୍ମା ପକ୍ଷରେ ଅସମ୍ଭବ ହୋଇପଡ଼ିଲା । ଯୋଗୁଲୁ ଭାବିଥିଲା ସୋମେୟା ଆସାମରେ ରହି ଦି'ପଇସା କମଉଛି,ଜମିବାଡ଼ି କିଣିବ, ସେମାନେ ଗାଁକୁ ଫେରିଯାଇ ଚାଷବାସ କରି ସୁଖରେ ରହିବେ । କିନ୍ତୁ ହେଲା କ'ଣ ? ଦିନକୁ ଦିନ ଯୋଗୁଲୁର ସ୍ୱାସ୍ଥ୍ୟ ବିଗିଡ଼ିବାକୁ ଲାଗିଲା । ଆଖିକୁ ଭଲ ଦେଖାଗଲାନି,ଆଣ୍ଠୁ ଗଣ୍ଠି ଧରିଲା, ହାତଗୋଡ଼ ଫୁଲିଲା, ଥରିଲା। ସେ କାମ କରିବାକୁ ଅସମର୍ଥ ହେଲା । ପଇସା ଅଭାବରୁ ନିଶା ପାଣିରେ ବାଧା ଉପୁଜିଲା । ତଥାପି ତାକୁ ଖୁସି ରଖିବାକୁ ଯାଇ ଜାନକାମ୍ମା ତା' ରୋଜଗାରରୁ ଅଳ୍ପ ହେଲେବି ସାଇରୁ ମଦ କିଣିଆଣି ଦିଏ । ତାକୁ ସରକାରୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଏ । ପୂଜା ଉପବାସ ବି କରେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଯୋଗୁଲୁର ଗୋଟିଏ ଆଖି ଅପରେସନ୍ ହେଲା ମାଗଣାରେ । କିନ୍ତୁ ଯୋଗୁଲୁର ଅସାବଧାନତା ହେତୁ ଆଖିଟା ନଷ୍ଟ ହେଇଗଲା । ଆର ଆଖିଟାବି ନଷ୍ଟ ହେବାକୁ ବସିଲା । ଡାକ୍ତର ଅପରେସନ୍ କଲେ,କିନ୍ତୁ ଡେରି ହେଇଯିବା ଦୃଷ୍ଟିରୁ କିଛି ଲାଭ ହେଲାନି । ଯୋଗୁଲୁ ସଂପୂର୍ଣ୍ଣ ଅନ୍ଧ ହୋଇଗଲା । ଅନ୍ଧ ସ୍ୱାମୀର ଦାୟିତ୍ୱ ପଡ଼ିଲା ଜାନକାମ୍ମା କାନ୍ଧରେ । ଜାନକାମ୍ମା ଯେତେ କଷ୍ଟ ସହିଲେ ବି ବାହାରକୁ ଜଣେଇ ଦିଏନି । ଲୋକ ଜାଣିଲେ ଦୟା କରିପାରନ୍ତି କିମ୍ବା ମିଛ ସମବେଦନା ବି ଦେଖେଇ ପାରନ୍ତି । ତେଣୁ ସେ ନିଜ ଦୁଃଖକୁ ଚାପି ଚଳିଲା । ତା'ଦେହର ଅତୁଟ ଯୌବନରେ ଆକର୍ଷିତ ହୋଇ କେତେ ଲୋକ ତା'ର ପିଛା ଧରନ୍ତି, କିନ୍ତୁ ସେ କାହାର ଇସାରାରେ ଭୁଲେନା, ବରଂ ଓଲଟି ଫଁ ଦେଖାଏ । ମାନସିକ ଭାବେ ସେ କାହା ପ୍ରତି ଦୁର୍ବଳ ହୋଇଯାଏ ବେଳେବେଳେ, କିନ୍ତୁ ନିଜକୁ ଆପଟି ନିଏ ।

ଅନ୍ଧ ଅର୍ଥର୍ବ ସ୍ୱାମୀ,ଘରେ ଖାଇବାକୁ ଚଳିବାକୁ ଆହୁରି ତିନିଜଣ,ଝିଅ ତିନିଙ୍କୁ ବିଭା ଦେବାକୁ ପଡ଼ିବ, ଗାଁରେ ଭାଙ୍ଗିପଡ଼ିଥିବା ଘରର ମରାମତି ହେବ,ଏଣେ ବରହମ୍ପୁରରେ ବସ୍ତି ଭାଙ୍ଗିବା ପାଇଁ ସରକାରଙ୍କ ତରଫରୁ ଘଡ଼ିକି ଘଡ଼ି ଧମକ । କେତେବେଳେ କ'ଣ ହେବ କିଛି କହିହେଉନି । ହାତରେ ଦି'ପଇସା ରହିଲେ ଗାଁରେ ଚାଷଜମି କିଣି ଗାଁକୁ ଚାଲିଗଲେ ସମସ୍ୟା ରହିବନାହିଁ । ଏ ସମସ୍ତ କଥା ଚିନ୍ତାକରି ଜାନକାମ୍ମା ମନ୍ଥି ହେଉଥିଲା। ତହିଁରେ ନାନା ଘଳିଆ ଫିଟୁଥିଲା ବାରମ୍ବାର । ଭାବୁଥିଲା-ସୋମେୟା ଚାଲିଗଲା, ଚାଲିଗଲେ ତା' ଚାରିପୁଅ । ଯେତେ ଦମ୍ଭ ଧରିଲେ ବି ଦୁର୍ବଳ ହେଇଯାଏ ଭିତରେ ଭିତରେ । ମଝିରେ ମଝିରେ ଦେହର ବଳ ଖସିଯିବା ପରି ଲାଗୁଥାଏ । ବେମାର ବି ପଡୁଥାଏ । ତା'ସତ୍ତ୍ୱେ ବି ଭାଙ୍ଗିପଡୁ ନଥାଏ । ଲୋକଙ୍କର ପାଇଟି କରିବାରେ ଅବହେଳା କରେନି। ରାଙ୍ଗାମ୍ମା ବି ସାହାଯ୍ୟ କରେ । ଏମିତି ମାସକୁ ତିନିଶହ ଭଳି ରୋଜଗାର ହୁଏ । କିଛି ବଳେ । ସାନଝିଅ ରାଜେଶ୍ୱରୀ ବି ତା'ର ବଦଳା କାମ କରିଦିଏ।

ବଡ଼ଝିଅ କିନ୍ତୁ ଅଲଗା ସ୍ୱଭାବର । ନା ତା'ମା'ର ବଦଳା କାମ କରେ ନା ବୋଲରେ ଥାଏ, ବରଂ ମୁହେଁ ମୁହେଁ ଜବାବ ଦିଏ, ସାହି ଝିଅଙ୍କ ସଙ୍ଗେ ମିଶି ଏଣେତେଣେ ବୁଲେ, ବଜାରକୁ ଯାଏ, ଫୁର୍ତ୍ତିକରେ,ଖର୍ଚ୍ଚ କରେ । ଜାନକାମ୍ମା ଚାହେଁ- ରାଙ୍ଗାମ୍ମା ଯାହା ରୋଜଗାର କରୁଛି ସବୁ ଆଣି ତା'ହାତରେ ଦେଉ । କିନ୍ତୁ ସେପରି ହୁଏନା । ତା'ବି ସହିବାକୁ ପଡ଼େ,କାରଣ ସେ ଜାଣେ ରୋପିଲା ଗଛ ବଡ଼ିଲେ ତାକୁ କୁଣ୍ଟେ ପାଏନାହିଁ । ତାକୁ ପୁଣି ବାହା କରେଇବାକୁ ହେବ । ପାତ୍ର ମଧ ଖୋଜାଚାଲିଛି । ଏଣେ ଗାଁର ଅବସ୍ଥା ଭଲ ନୁହଁ । ସଂଜ ହେଲେ ମଦ,ମାଇକିନିଆ,ଜୁଆ,ସଇତାନୀ । ଗାଁ ମାଇପେ କେବେଠାରୁ କହିଲେଣି-ତୋ ବଡ଼ଝିଅକୁ କଟକଣାରେ ରଖ, ନହେଲେ ନେଡ଼ିଗୁଡ଼ କହୁଣିକୁ ବୋହିଯିବ। ସେଥିପାଇଁ ସେ ରାଙ୍ଗାମ୍ମା ଉପରେ ଗାଳି ବର୍ଷେ । ରାଙ୍ଗାମ୍ମା ବି ଫେରସ୍ତ ଗାଳି ଦିଏ,ସବୁ ଫାଙ୍କିଦିଏ । ତା'ର ପ୍ରତିକ୍ରିୟାରେ "ଅନ୍ଧ ଅଥର୍ବ ଯୋଗୁଲୁ ରାଗରେ ରଡ଼ିଛାଡ଼େ-ମା'କୁ,ଝିଅକୁ,ସାହିପଡ଼ିଶାଙ୍କୁ,ଅଜଣା ଶତ୍ରୁଙ୍କୁ ଗାଳିଦିଏ,କାନ୍ଦେ, ସ୍ଥିର ହୁଏ"। ରାଙ୍ଗାମ୍ମା ଆପଣା ପ୍ରବୃତ୍ତିରେ ଚାଲେ। ଚାଲୁ ଚାଲୁ ଚହଲି ଯାଏ । ସାହିର ଛତରା ଟୋକାଙ୍କ ପାଲରେ ପଡ଼ି ପାଲଟେ ଅଇଁଠା । କେଇ ମୁହୂର୍ତ୍ତର ସୁଖକୁ ସ୍ୱର୍ଗ ମଣେ । ଜାନକମ୍ମା କୈଫତ୍ ମାଗିଲେ ମିଛ କହି ଖସିଯାଏ । କ୍ରମଶଃ "ତା' ମୁହଁର ସରଳତା,ନିରୀହତା ଓ ସହଜ ଲାବଣ୍ୟ ଉଭେଇ ଯାଇ ଫୁଟିଉଠେ ଗୋଟେ ଚତୁର ସନ୍ଦେହୀ କର୍କଶତା" । ଆରମ୍ଭ ହୁଏ ଗନେରିଆ। ଭୟପାଇ ଆଉଜିଯାଏ ମା' ଆଡ଼କୁ । ଜାନକାମ୍ମା ଡାକ୍ତର ଦେଖାଏ । ରୋଗ ଦବିଯାଏ । ତଥାପି ତା'ର ଓଲେଇ ପ୍ରକୃତି ଯାଏନାହିଁ । ଜାନକାମ୍ମାକୁ ରାଙ୍ଗାମ୍ମା ପାଇଁ ବରପାତ୍ର ମିଳିଯାଏ । ତା' ଅଞ୍ଚଳର,ଚାଷୀବନ୍ଦି ଘରର । କିଛି ପୈତୃକ ସଂପତ୍ତି ଅଛି, ବେଳେବେଳେ ମୁଲକୁ ଯାଏ । ଘଣ୍ଟା ଓ ସାଇକେଲ୍ ତା'ର ଦାବି । ଜାନକାମ୍ମା ନିଜର ଅଣ୍ଟିକୁ ଚାହିଁ ରାଜି ହୋଇଯାଏ । ରାଙ୍ଗାମ୍ମା ବାହାହୋଇ ଶାଶୁଘର ଚାଲିଯାଏ ।

ତା' ଦି'ମାସ ପରେ ଗଙ୍ଗାମ୍ମା ପାଇଁ ବିଭା ସମ୍ବନ୍ଧ ଆସିଯାଏ, ସେଇ ଆନ୍ଧ୍ରରୁ । ପୁଅଘର ଲୋକେ ରେଳ ଯୋଗେ ଆସି କଥା ପକ୍କାକରି ଗଙ୍ଗାମ୍ମାକୁ ତାଙ୍କ ଗାଁକୁ ନେଇଯାନ୍ତି । ଗଙ୍ଗାମ୍ମା କାନ୍ଦେ । ଗାଁରେ ହୁଏ ବାହାଘର । ବରଟି ସୁଶ୍ରୀ, ସ୍ୱାସ୍ଥ୍ୟବାନ, ସାମାନ୍ୟ କିଛି ପଢ଼ିଛି । ଭାଇ-ଭଉଣୀ,ବାପା-ମା' ଅଛନ୍ତି, ଚାଷଜମି ଅଛି । ତଥାପି ଜାନକାମ୍ମାର ଅଣ୍ଟିରୁ ବହୁ ଅର୍ଥ ଖସିଯାଏ । ପାଞ୍ଚମାସ ପରେ ଗଙ୍ଗାମ୍ମାକୁ ଧରି ତା'ବର ରାମାୟା ବରହମ୍ପୁର ଆସେ । ସେଇ କୁଡ଼ିଆ ଘରେ ରହିଯାଏ କିଛିଦିନ । ସେଇ ଦିନମାନଙ୍କରେ ଶ୍ୱଶୁର ଘରକୁ ନିଜ ଘର ଭାବି ମୁଲଲାଗି ଅର୍ଥ କମାଏ । ଜାନକାମ୍ମାକୁ ଭଲ ଲାଗେ । ପନ୍ଦର ଦିନ ପରେ ସେମାନେ ଫେରିଯାଆନ୍ତି ଆନ୍ଧ୍ର ।

ରାଙ୍ଗାମ୍ମା ହଠାତ୍ ଦିନେ ଫେରିଆସେ, କହେ-ତା'ସ୍ୱାମୀ ତା'କୁ ହତାଦର କଲା, ପିଟିଲା; ଶାଶୁ-ଶ୍ୱଶୁର ଦୂର୍-ଦୂର୍ କଲେ,ଶେଷରେ ଘରୁ ତଡ଼ିଦେଲେ ସବୁଦିନ ପାଇଁ । ସେମାନେ ତା'ଠିଁ ଦୋଷ ଦେଖିଲେ । ହେଲେ

କି ପ୍ରକାର ସେଇ ଦୋଷ ଜାନକାମ୍ମା ଜାଣିବାକୁ ଚେଷ୍ଟାକଲା । ସେ ଶ୍ରୀକାକୁଲମ୍ ଯାଇ ଲୋକବାକ ନେଇ ବଡ଼ସମୁଦି ଘରକୁ ଗଲା । କିନ୍ତୁ କିଛି ଫଳ ହେଲାନାହିଁ । ଓଲଟି ସେମାନେ ତା'ଝିଅର ଚରିତ୍ର ବିରୁଦ୍ଧରେ ନାନା ଦୋଷ ଦେଇ ଅପମାନିତ କଲେ । ଜାନକାମ୍ମା ଫେରିଆସିଲା । ରାଙ୍ଗାମ୍ମାକୁ ଗାଳିଦେଲା, ଗାଳିଦେଲା ଆପଣାକୁ,ଭାଗ୍ୟକୁ । ତା'ପରେ ନିଜକୁ ବୁଝେଇ ପୁଣି କାମରେ ଲାଗିପଡ଼ିଲା । ରାଙ୍ଗାମ୍ମା ବି କାମକୁ ବାହାରିଲା । ଗୋଟିଏ ଘର ଧରୁ ଧରୁ ଚାରୋଟି ଘର କାମ ପାଇଗଲା । ଦରମା ବି ବଢ଼ିଯାଇଥିଲା । ଘରପିଛା ଏବେ କୋଡ଼ିଏରୁ ତିରିଶ ଟଙ୍କା । "ଫେରି ଆସିବାର ହତାଶା ଓ ଅପମାନ ରାଙ୍ଗାମ୍ମାକୁ ବାଧିଥିଲା, ଅଥଚ ସେ ନିଜର ତ୍ରୁଟି,ଗ୍ଲାନି ଅନୁଭବ କଲାନାହିଁ । ନିଜର ଦୋଷ ଦେଖି ପାରିଲା ନାହିଁ ।

ଜାନକାମ୍ମା କିନ୍ତୁ ରାଙ୍ଗାମ୍ମା ପାଇଁ ବର ଖୋଜିବାରୁ ନିବୃତ୍ତ ରହିଲାନାହିଁ । ସହରର ଚିହ୍ନାଜଣାଙ୍କୁ ଲଗେଇଲା ସେ ଦିଗରେ । ରିକ୍ସାବାଲା ନାର୍ସୟା ମାଧ୍ୟମରେ ଯୋଗାଡ଼କଲା ଜାଗ୍ରେୟାକୁ । ନୂଆକରି ଆସିଥାଏ ତାଙ୍କ ଅଂଚଳରୁ । ତାଙ୍କରି ଜାତିର । ଶ୍ରମିକ ଭାବରେ କାମ କରୁଥାଏ । ଗାଁରେ ଜମିବାଡ଼ି ନାହିଁ,ଭାଇମାନେ ପଚାରନ୍ତିନାହିଁ । ରହୁଥାଏ ଜଣକ ପିଣ୍ଡାରେ । ଜାନକାମ୍ମା ତାକୁ ନିଜ ପିଣ୍ଡାରେ ଆଶ୍ରୟ ଦେଲା, ରାନ୍ଧିବାଡ଼ି ଖାଇବାକୁ ଦେଲା । ସ୍ୱାସ୍ଥ୍ୟବାନ,ବିନୟୀ,ପରିଶ୍ରମୀ, ଶାନ୍ତ,ସଂଯତ ଓ ମଧୁର । ଜାନକାମ୍ମା ତା' ବିଷୟରେ ଖୋଜ୍ ଖବର ନେଲା । ଶେଷରେ ରାଙ୍ଗାମ୍ମା ସହିତ ତା'ର ବାହାଘର କରି ତାକୁ ଘରଜ୍ୱାଇଁଆ ହିସାବରେ ରଖିଲା । ସେମାନଙ୍କ ପାଇଁ ଆଉ ଗୋଟିଏ ଟିକି ବଖରା ଠିଆକଲା ।

ରାଙ୍ଗାମ୍ମାକୁ ଆଗଠାରୁ ଆହୁରି ସ୍ୱାଧୀନ ମନେହେଲା, କାରଣ ଜାଗ୍ରେୟା ଥିଲା-ରାଙ୍ଗାମ୍ମାର ବାଧ୍ୟ,ଅନୁଗତ । ଏବେ ପରପୁରୁଷଙ୍କ ସଙ୍ଗେ ମିଶି ଗର୍ଭବତୀ ହେଲେବି ତା'ର ଡରନାହିଁ । ନାର୍ସେୟା ଜାଗ୍ରେୟାକୁ ରିକ୍ସା ଟାଣିବାକୁ ପରାମର୍ଶ ଦେଲା,କାରଣ ସେଥିରେ ରୋଜଗାର ବେଶି । ତାକୁ ରିକ୍ସା ଟଣା ବି ଶିଖେଇଲା । ଜାନକାମ୍ମାକୁ କହି ଋଣକୁ ରିକ୍ସାଟିଏ ବି ଯୋଗାଡ଼ କରିଦେଲା । ଦି'ମାସ ଗଲା । ଦିନେ ଜାଗ୍ରେୟା ରିକ୍ସା ନେଇ ବାହାରିଗଲା ଯେ ଆଉ ଫେରିଲା ନାହିଁ । ବହୁ ଖୋଜା-ଖୋଜି ପରେ ଥାନାରେ ଏତେଲା ଦିଆଗଲା । କିଛି ଖବର ମିଳିଲାନାହିଁ । ବାରଦିନ ପରେ ଜଣାପଡ଼ିଲା ଯେ ଜାଗ୍ରେୟା ଜଣକୁ ଛ'ଶ ଟଙ୍କାରେ ରିକ୍ସା ବିକିଦେଇ ରସିଦ୍ ଲେଖି କୁଆଡ଼େ ଚାଲିଯାଇଛି । ଏଇ କଥାକୁ ନେଇ ନାର୍ସେୟା ପରିବାର ସହିତି ବି ଅପଡ଼ ହୋଇଗଲା । ରାଙ୍ଗାମ୍ମା ତା' ମା' ଉପରେ ଦୋଷ ଲଦିଲା, କିନ୍ତୁ ମନର ଆଗ ସରାଗ ଆଉ ରହିଲା ନାହିଁ । କାମ ନଥିଲେ ଘରୁ ବାହାରିଲା ନାହିଁ, ମା' ଯାହା କହିଲା ତା' କଥା ମାନିଲା । କିନ୍ତୁ କେଇଟା ଦିନପରେ ପୁଣିସବୁ ପୂର୍ବଗତକୁ ଫେରିଆସିଲା ।

ଜାନକାମ୍ମା ଝିଅର ଦୁର୍ଭାଗ୍ୟ ପାଇଁ ହନ୍ତସନ୍ତ ହୁଏ,କିନ୍ତୁ ହାତଗୋଡ଼ ଜାକି,ଆପଣା ଭାଗ୍ୟକୁ ଆଦରି ପଡ଼ିରହେ । ସ୍ୱାମୀ ବୁଢ଼ା ହୋଇ ବାଳକ ପରି ପୋଷ୍ୟ । ରୋଜଗାର ତ ନାହିଁ, ତା'ଉପରେ ଔଷଧର ବୋଝ । ମଥା ଉପରେ ରିକ୍ସା ଋଣ । ରୋଜଗାର କରିବାକୁ ମାତ୍ର ଦୁଇଜଣ-ରାଙ୍ଗାମ୍ମା ଆଉ ସେ । ରାଜେଶ୍ୱରୀକୁ ଏକୁଟିଆ କେହି ନିଯୁକ୍ତି ଦିଅନ୍ତି ନାହିଁ । ପିଲାଲୋକ । ତେଣୁ ରାଙ୍ଗାମ୍ମା ଉପରେ କର୍ତ୍ତୃତ୍ୱ ଜାରି କରୁ କରୁ ସେ ଆଗପଛ ଭାବେ,କୋହଳ ହୋଇଯାଏ । ସେ ଲକ୍ଷ୍ୟକରେ ରାଙ୍ଗାମ୍ମା ଗୋଟେ ଟୋକା ସାଙ୍ଗରେ ବେଶି ମିଶୁଛି । ଯାତ୍ରା,ସିନେମା ଯାଉଛନ୍ତି ସାଥିରେ । ପଚାରିଲାରୁ କହିଲା- "ତୁ ମୋ ପାଇଁ ଦି'ଦି ଥର ବର ଠିକଣା କରି ଯାହା କଲୁ ତ ଜାଣିଲୁ । ଏଥର ମୋ ଭାଗ୍ୟ ମୁଁ ଠିକଣା କରିବି"। ଜାନକାମ୍ମା ଖୋଜ ଖବର ନେଲା । ପିଲାଟା ଜାତିରେ ହରିଜନ । ଜାନକାମ୍ମା ରାଜି ହେଲାନି । ଦିନେ ରାତି ପାହିଲା ବେଳକୁ ରାଙ୍ଗାମ୍ମା ସେ ଟୋକା ସହିତ କୁଆଡ଼େ ଫେରାର୍ ହୋଇଗଲା । ଜାନକାମ୍ମା ସେମାନଙ୍କର ସଂଧାନ ନେଲା । ପନ୍ଦରଦିନ ପରେ ସେମାନଙ୍କର ଠାବ ମିଳିଲା । ହେଲେ ରାଙ୍ଗାମ୍ମା ସେ ଟୋକାକୁ ଛାଡ଼ି ଫେରିଆସିଲା ନାହିଁ । ଜାନକାମ୍ମା ଫେରି ଆସିଲା, କାନ୍ଦିକାନ୍ଦି ।

ଘର ଚଳେଇବାକୁ ସେ ଜଣେ,  ବଜାରଭାଉ ବଢ଼ିବାରେ ଲାଗିଛି । ବେମାର,ଉପାସ ଓ ଅଖାଦ୍ୟ ଖାଇ ତା'ର ସ୍ୱାସ୍ଥ୍ୟ ବିଗିଡ଼ିଗଲା । ତଥାପି ସେ କଳ ପରି କାମ କରିଚାଲିଥାଏ । ତାକୁ ଆନନ୍ଦ ଲାଗେ ସାନଝିଅ ରାଜେଶ୍ୱରୀକୁ ଦେଖିଦେଲେ । ତା'ର କଅଁଳ ଯୌବନ-ଛନଛନ ଦେହ ଓ ବୋଲକରା ମନ ଜାନକାମ୍ମା ଭିତରେ ଆଶା ଜଗାଏ । ମା'ର ବଦଳା ହୋଇ କାମରେ ସାହାଯ୍ୟ କରେ । ତା'ରି ଯୋଗୁଁ ସେ ଆଜି ସାତଟି ଘରେ କାମ କରିପାରୁଛି ।

ମାସକ ପରେ ଦିନେ ଖରାବେଳେ ହଠାତ୍ ଆସି ପହଞ୍ଚିଗଲା ରାଙ୍ଗାମ୍ମା । ଲାଗିଗଲା କନ୍ଦାକଟା,କୋଳାକୋଳି । ରାଙ୍ଗାମ୍ମା ଖାଇଲା-ପିଇଲା, ରହିଲା । ପୁଣି ସେ କାମ ଖୋଜି ବାହାରିଲା । କାମ ବି ମିଳିଗଲା । କିନ୍ତୁ ତା'କୁ ସେଠାରେ ରହିବାକୁ ପଡ଼ିଲା । ତିନିମାସ ପରେ ରାଙ୍ଗାମ୍ମାକୁ ବନ୍ଦିପରି ଲାଗିଲା । ସେ ସ୍ୱାଧୀନତା ଚାହେଁ । ଛ'ମାସ ଜାକିଜୁକି କଟେଇଲା ପରେ ସେଠୁ ବାହାରି ଆସି ମା'ସାଙ୍ଗରେ ଠିକା କାମ କଲା । ଜାନକାମ୍ମା ଖବର ନେଇ ଜାଣିବାକୁ ପାଇଲା ଯେ ସେ ଯାହା ଘରେ ରହି କାମ କରୁଥିଲା ତାଙ୍କ ଚାକର ଟୋକା ସାଙ୍ଗରେ ଲଟ୍‌ପଟ୍ ହେବାରୁ ତାକୁ କାଢ଼ିଦେଲେ । "ଜାନକାମ୍ମା ମନେମନେ ମରିଗଲା । ଲୁହ ପୋଛି ପୋଛି ଭାବିଲା- କି କପାଳ ଝିଅଟାର !" ତା' ସହିତ ସେ ବି ଧନ୍ଦି ହେଉଛି ।

ଦିନେ ସାହିକୁ ଆସିଲା- ମାଗିଖାଇ ସ୍ତ୍ରୀଲୋକଟିଏ । ଛାତିରେ ତା'ର ଦେଢ଼ବର୍ଷର ହୃଷ୍ଟପୁଷ୍ଟ ପୁଅଟିଏ । ସ୍ତ୍ରୀଲୋକଟି ଆନ୍ଧ୍ରର । କହିଲା, ସେ ତା'ପୁଅକୁ ବିକିବ । ଦରକରି ରାଙ୍ଗାମ୍ମା କିଣିନେଲା ଚାଳିଶି ଟଙ୍କାରେ । ନାଆଁ ରଖିଲେ 'ଧର୍ମରାଜୁ', ଡାକିଲେ ଧର୍ମାୟା । ଜାନକାମ୍ମା ଭାବିଲା- ହୁଏତ ଏହି ହେବ ପରିବାରର ଭବିଷ୍ୟ,ଭରସା । ରାଙ୍ଗାମ୍ମା ତାକୁ ଛାତିରେ ଜାକି କୋଳରେ ଖେଳେଇ ମା'ର ସୁଖ ଅନୁଭବ କଲା,କିନ୍ତୁ ନିଜର ବଦସ୍ୱଭାବକୁ ଛାଡ଼ିପାରିଲା ନାହିଁ । ତାହାହିଁ ଜାନକାମ୍ମାର ଚିନ୍ତାର ବିଷୟ ହୋଇ ରହିଗଲା । ମନେ ମନେ ଠାକୁରଙ୍କୁ ଡାକେ, ନିଜକୁ ସମୀକ୍ଷା କରେ- କେଉଁଠି ରହିଗଲା ତା'ର ତ୍ରୁଟି ? ସ୍ୱାମୀ,ପିଲା,ଗାଁ,ସମାଜ,ସବୁକୁ ସେ ନଜର ଦେଇ ଚଳିଆସିଛି । ନିଜର କର୍ତ୍ତବ୍ୟରେ ଅବହେଳା କରିନି । କେହି ତାକୁ ମନ୍ଦ ବୋଲି କହିନାହିଁ । ତଥାପି ତା'ର ଦୁଃଖ ଅପ୍ରମିତ, ଅଶେଷ ।

ଅନ୍ଧ ଅଥର୍ବ ରୁଗ୍‌ଣ ଜରାଗ୍ରସ୍ତ ଯୋଗୁଲୁ ଭାବେ– ତା'ର ବହୁତ ସଂପତ୍ତି ଥିଲା,ଏମାନେ ସବୁ ଉଡ଼େଇ ଦେଲେ । ତା'କଥା ଶୁଣିବାକୁ କେହିନାହିଁ । ବେଳେବେଳେ ରାଗିଯାଇ ପାଟିକରେ,ଗାଳିଦିଏ,କାନ୍ଦେ । ଜାନକାମ୍ମା କାମରୁ ଫେରିଲେ ତା'କୁ ବୁଝାଏ,ତା'ର ସେବାଯତ୍ନ କରି ତା' ମନକୁ ବଦଳାଏ, ହେଲେ ନିଜ ଆଖିରୁ ଲୁହ ବୋହିଲେ ପୋଛିପକାଏ ।

ରାଜେଶ୍ୱରୀ ଭାବେ–ଆଉ କେଇଟା ଦିନପରେ ହୁଏତ ସେ ପରଘରୀ ହେଇଯିବ । କେତେ ଟୋକା ତା'ଉପରେ ଆଖି ପକେଇଲିଣି । ସେ କିନ୍ତୁ ମା'ର କାନିକୁ ଧରି ନିରାପଦ ଦୂରତ୍ୱରେ ଥାଏ ।

ସହରର ଲୋକେ ଦେଖନ୍ତି–ସବୁଦିନେ ବଡ଼ି ସକାଳୁ ଜାନକାମ୍ମା ତା'ଦି' ଝିଅଙ୍କୁ ଧରି ଠିକା ଚାକରାଣୀଙ୍କ ଦଳରେ ମିଶିଯାଇ କାମକୁ ବାହାରିଯାଏ । ତା'ପରେ ଖେଳେଇ ହେଇଯାଆନ୍ତି ଯେ ଯାହା ବାଟରେ, ଅଳସେଇବାକୁ ଫୁରୁସତ ନଥାଏ । ଖରା,ବର୍ଷା,ଶୀତକାକର,ସବୁକୁ ଦେହରେ ମେଣ୍ଟେଇ କାମ ମୁଣ୍ଡ ଲଗାନ୍ତି । କିଛି ଅଭିଯୋଗ ନଥାଏ ।

ଏତିକିବେଳେ କବାଟରେ ଖଡ଼ଖଡ଼ ଶବ୍ଦ ହୁଏ, କିଏ ଡାକୁଥାଏ– "ଆମ୍ମା,କବାଟ ଖୋଲ୍" । ଜାନକାମ୍ମାର କଥା ବନ୍ଦ ହେଇଯାଏ ।

ଉପସଂହାର :

ଉକ୍ତ ଉପନ୍ୟାସର ମୁଖ୍ୟ ଚରିତ୍ର 'ଜାନକାମ୍ମା' ଜଣେ ନାରୀ,ଯିଏ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ,ଗ୍ରୀଷ୍ମରୁ ବସନ୍ତ ଯାଏ ଜଣେ ଠିକା–ଚାକରାଣୀ ଭାବେ ଜୀବନ ବଂଚିଛି । ଶେଷଅଙ୍କ ତା'ପାଇଁ କିଛି ସକାରାତ୍ମକ ପରିବର୍ତ୍ତନ ଆଣିନାହିଁ । ଜାନକାମ୍ମାର ପରିବାର ଛୋଟ କିନ୍ତୁ ଦୁଃଖୀ । ଗୋଟାକ ପରେ ଗୋଟାଏ କରି ଚାରିପୁଅ ମଲେ, ସ୍ୱାମୀ ଅଥର୍ବ ଅନ୍ଧ ହୋଇ ବେଡ଼ି ଉପରେ କୋରଡ଼ା ପରି ପଡ଼ିରହିଛି । ବଡ଼ଝିଅ ସ୍ୱାମୀ ପରିତ୍ୟକ୍ତା, ସାନଝିଅ ଏବେବି ମଥା ଉପରେ ବୋଝ । ଜନ୍ମମାଟିକୁ ଛାଡ଼ି ଭଲରେ ରହିବେ ବୋଲି ପର ପ୍ରଦେଶକୁ ପଳେଇ ଆସିଲେ, କିନ୍ତୁ ହେଲା କ'ଣ ? ଏକଦା ମାଲିକାଣୀ ବୋଲାଉଥିବା ଜାନକାମ୍ମା ଚାକରାଣୀ ଭୂମିକାରେ ଅଭିନୟ କଲା । ପରିବାରର ମିଳିତ ଚେଷ୍ଟାରେ ଅବସ୍ଥା ସୁଧୁରିଯାଏ,କିନ୍ତୁ ସମୟଚକ୍ରରେ ଦୁରାବସ୍ଥାର ଅନ୍ଧାର ଘୋଟିଆସେ ଘଡ଼ିଘଡ଼ି ।

ଜାନକାମ୍ମାର ମନେହୁଏ–ଦମ୍ଭଧରି ପାଦଥାପି ଜୀବନର ବିପଦ ସଂକୁଳ ଚଲାପଥରେ ଚାଲିବାଟାହିଁ ସତ୍ୟ,ଚିରନ୍ତନ; ଏଥିରେ ନୂତନତ୍ୱ ନାହିଁ । ନୂଆ ଖାଲି ନିଜେ ନିଜକୁ ଦେଖିବାର ଭଳିଭଳି ମାୟାର ଭେଳିକି ଏବଂ ଦିହ ଭିତରେ ମରି ନ ମରୁଥିବା କାମନା ଓ ସ୍ୱପ୍ନର ଇସାରା । ରକ୍ତରୁ ଅଲଗା ହୋଇଯାଇଥିବା କଣିକା ଘୂରି ଘୂରି କ୍ଷୟ ଯାଇ ଯାଇ ତଥାପି ସରିଯାଇନଥିବା ଅକ୍ଷୟ ବୀଜର ଅତୁଟ ଆକର୍ଷଣ ଏଇ ପରିବାର । କାଲି ଯାହାକୁ କୋଳରେ,କାଖରେ,ହାତରେ ଖେଳଉଥିଲା କଣ୍ଢେଇ ଭାବି, ଆଜି ସିଏ ସମୟ ହାତରେ କଣ୍ଢେଇ ସାଜି ନାଚି ନାଚି ଥକିପଡ଼ି ଫେରିଆସିଛି କୋଳକୁ । ତା'ଡାକରେ କବାଟ ଖୋଲିବ ହିଁ ଖୋଲିବ । କବାଟ ଆଉ କ'ଣ କି ? ମମତାର ପରଦାଟିଏ । ସେ ଉଠେ,ପଡ଼େ ।

*ଆଶ୍ଚର୍ଯ୍ୟନଗର, ଭଦ୍ରକ*
*ଦୂରଭାଷ: ୮୭୬୩୩୫୧୪୦୯*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



**ଗଳ୍ପ ସଂକଳନ**
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ**
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଈ

**ସଂପାଦନା**
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ତ୍ରୟୋଦଶ ବର୍ଷେ କୁମାରୀଗିରି ବକ୍ଷେ ଗୁମ୍ଫା ଖୋଦନ

ମୂଳ ବ୍ରାହ୍ମୀ ଲିପିର ପାଲି ଶବ୍ଦ ନଗର ଅଖଣ୍ଡାଂଶ ଉଚ୍ଚାରଣ କରନ୍ତି - "...[ବା]ସିନୋ ବସିକରୋତି [।।] ତେରସମେ ଚ ବସେ ସୁପବତ ବିଜୟ ଚକେ କୁମାରୀ ପବତେ ଅରହତେ [ହି] ପଖିନ ସଂସିତେହି କାୟନିସୀଦିୟାୟ ୟାପଞ୍ଜାପକେହି ରାଜଭିତିନଂ ଚିନବତାନଂ ବାସାସିତାନଂ ପୂଜାନୁରତ ଉବାସଗ [ଖା] ରବେଳ ସିରିନା ଜୀବଦେହ ସୟିକା ପରିଖାତା [।।]"

ଏହି ତ୍ରୟୋଦଶ ପଦଟିର ଅର୍ଥ ହେଉଛି, [କେତେକ ଲୋକମାନଙ୍କୁ ନିଜର କବଳିତ କଲେ ଏବଂ ତ୍ରୟୋଦଶ ବର୍ଷରେ ଉପାସକ ଶ୍ରୀ ଖାରବେଳ ଧର୍ମଚକ୍ର ପ୍ରବର୍ତ୍ତିତ ହୋଇଥିବା କୁମାରୀ ପର୍ବତରେ ତ୍ୟାଗୀ ୟପନାପକ ଅର୍ହତମାନଙ୍କ ପାଇଁ ସୂକ୍ଷ୍ମବସ୍ତ୍ର, ରାଜକୀୟ ପ୍ରୋତ୍ସାହନ ସହିତ ଚତୁର୍ମାସ୍ୟାରେ ଆଶ୍ରୟପାଇଁ ଗୁମ୍ଫା ଖୋଦନ କରନ୍ତି।

ନଗର ଅଖଣ୍ଡାଂଶ ପୂର୍ବାପର ସମ୍ବନ୍ଧ ରଖି କହିଚାଲିଛନ୍ତି। ବାସ୍ତବରେ ସିଂହାସନ ଲାଭ କରିବାର ଏଇଟା ତ୍ରୟୋଦଶ ବର୍ଷ। ବିଗତ ବାରବର୍ଷ ମଧ୍ୟରେ ଶ୍ରୀଖାରବେଳ ଅନେକ କାର୍ଯ୍ୟ ସମ୍ପାଦନ କରିସାରିଛନ୍ତି। ସେଗୁଡ଼ିକ ପ୍ରଧାନତଃ ସାମରିକ ଏବଂ ଦିଗ୍‌ବିଜୟଜନିତ କାର୍ଯ୍ୟ। ତଥାପି କଳିଙ୍ଗ ଏବଂ ସନ୍ନିକଟରେ, ପଶ୍ଚିମ ଆଟାଭି ବା କଳିଙ୍ଗସଲଗ୍ନ ଅଠରଟି ବିଦ୍ୟାଧର ରାଜ୍ୟଗୁଡ଼ିକୁ ନେଇ କିଛିଟା ମନୋମାଳିନ୍ୟ ରହିଥିଲା। ନିଜେ ଖାରବେଳ ଏଗୁଡ଼ିକ ସମାଧାନ କରିବାକୁ ଉଦ୍ୟମ କରିଥିଲେ ଏବଂ କୃତକାର୍ଯ୍ୟ ହୋଇଛନ୍ତି। ଏହି ବଶୀକରଣ କାର୍ଯ୍ୟ ପାଇଁ ତାଙ୍କୁ ବି କିଛି ଚାପ ପକାଇବାକୁ ପଡ଼ିଛି।

ଏବେ ମହାମେଘବାହନ ଖାରବେଳ ନିଜର ସାମରିକ କାର୍ଯ୍ୟ ସମାପନ କରି ପ୍ରଶାସନ ଏବଂ ଧର୍ମକାର୍ଯ୍ୟରେ ମନ ଦେଲେ। ସେ ନିଜର କୁଳଧର୍ମ ବିଷୟରେ ସଚେତନ ଥିଲେ ମଧ୍ୟ ଜଣେ ନୃପତି ହିସାବରେ ସବୁଧର୍ମରେ ବିଶ୍ୱାସ କରନ୍ତି। କିନ୍ତୁ ତାଙ୍କ ପର୍ଯ୍ୟବେକ୍ଷଣରେ କଳିଙ୍ଗ ହେଉଛି ବର୍ଦ୍ଧମାନ ମହାବୀରଙ୍କର ଧର୍ମପ୍ରଚାରର ଗୋଟିଏ ପବିତ୍ର ସ୍ଥାନ। ସ୍ୱୟଂ ମହାବୀର ଏହି ଉଦୟଗିରି ଶୀର୍ଷରେ ହାତୀଗୁମ୍ଫା ଉପରେ ଠିଆ ହୋଇ ଜୈନ ଧର୍ମର ପାଞ୍ଚଗୋଟି ମୂଳତତ୍ତ୍ୱ ଧର୍ମବାଣୀ ପ୍ରଚାର କରିଥିଲେ।

'ସୁପବତେ ବିଜୟ ଚକେ କୁମାରୀ ପବତେ' ପାଲିର ଆକ୍ଷରିକ ଓଡ଼ିଆ ହେଉଛି 'ସୁପର୍ବତରେ ବିଜୟଚକ୍ର କୁମାରୀପର୍ବତେ' ଯାହାକି ମହାବୀର ଚତୁର୍ବିଂଶତମ ଏବଂ ଅନ୍ତିମ ତୀର୍ଥଙ୍କର ଭାବରେ କଳିଙ୍ଗଭୂମିରେ ଏହି ହାତୀଗୁମ୍ଫା ଉପରେ ପରିମାର୍ଜିତ ଜୈନଧର୍ମ ଧର୍ମଚକ୍ର ଭାବରେ ପ୍ରବର୍ତ୍ତନ କରିଥିଲେ। ଜୈନମାନେ ନିଜ ଧର୍ମକୁ ଆଦିଧର୍ମ ଭାବରେ ଗ୍ରହଣ କରନ୍ତି ଏବଂ ଏଥିରେ ଜୀବଦୟା ପରମ ଧର୍ମ ଭାବରେ ଗୃହୀତ।

ପାର୍ଶ୍ୱନାଥ ତ୍ରୟବିଂଶତମ ତୀର୍ଥଙ୍କର ଭାବରେ ଚତୁର୍ଗୁଣର ଉପାଖ୍ୟାନ କରିଛନ୍ତି - ଅହିଂସା, ଅସ୍ତେୟ, ଅଚୌର୍ଯ୍ୟ ଏବଂ ଅପରିଗ୍ରହ। ସେ ମଧ୍ୟ କୁମାରୀଗିରିରେ ମହାବୀରଙ୍କର ତିନିଶତାବ୍ଦୀ ପୂର୍ବରୁ ଏହା ପ୍ରଚାର କରିଥିଲେ। ମହାବୀର ପଞ୍ଚମ ଗୁଣଟି ଯୋଗ କରିଛନ୍ତି, ତାହା ହେଲା - ବ୍ରହ୍ମଚର୍ଯ୍ୟ।

ଖାରବେଳ ଜୈନ ଅର୍ହତ ଓ ସନ୍ନ୍ୟାସୀମାନଙ୍କର ପୂଜକ ବା ପୂଜାନୁରତ ଥିଲେ। ଜୈନଧର୍ମରେ ଅର୍ହତ, ସିଦ୍ଧ, ଶ୍ରମଣ, ଯତି, ତାପସ ପ୍ରକାରଭେଦର ଧର୍ମଗୁରୁ ଅଛନ୍ତି। ସବୁଠାରୁ ସିଦ୍ଧପୁରୁଷ ହେଉଛନ୍ତି ତୀର୍ଥଙ୍କର। ଜୀବନରେ ଏହି ତୀର୍ଥଙ୍କରମାନେ ଏତେ ଅଭିଜ୍ଞତା ଏବଂ ସତ୍‌କର୍ମର ପନ୍ଥା ଅନ୍ୱେଷଣ କରନ୍ତି, ତାହାର ଆଦିଅନ୍ତ ନାହିଁ। ଏମାନେ ଧର୍ମପଥରେ ଗୋଟିଏ ଗୋଟିଏ ସ୍ରୋତସ୍ୱିନୀ ନଦୀ ସଦୃଶ। ଚବିଶଜଣ ଜୈନ ତୀର୍ଥଙ୍କର ଜଣେ ଜଣେ ବିଶାଳ ଜୈନ ତୀର୍ଥ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଖାରବେଳ ଦିଗବିଜୟ ସମାପ୍ତ ପରେ ଯେତେବେଳେ କୁମାରୀଗିରି ଗସ୍ତ କରନ୍ତି, ସେତେବେଳେ ସେଠାରେ ଅନେକ ୟପନାପକ ବା ୟପଞ୍ଜାପକ ମୁନି ବର୍ଷା ଚାରିମାସ ଚତୁର୍ମାସ୍ୟା (ଆଷାଢ଼, ଶ୍ରାବଣ, ଭାଦ୍ରବ, ଆଶ୍ୱିନ) ବର୍ଷାକାଳୀନ ଆଶ୍ରୟ (ବସସିତାନାମ) ନିଅନ୍ତି। କଳିଙ୍ଗ ରାଜକୋଷରୁ ଏମାନେ ରାଜଭିତିନାମ୍ ବା ରାଜକୀୟ ପୃଷ୍ଠପୋଷକତା ଲାଭ କରନ୍ତି। ଖାରବେଳଙ୍କ ଶାସନକାଳ ପୂର୍ବରୁ ଏମିତିକି କରକଣ୍ଡଙ୍କ

ସମୟରୁ ଅନେକ ଗୁଡିଏ ପ୍ରାକୃତିକ ହାତୀଗୁମ୍ଫା, ପାତାଳପୁରୀ, ଜୟାବିଜୟା, ଅଳକାପୁରୀ ଆଦି ପୁରାତନଗୁମ୍ଫା ସେମାନଙ୍କର ବର୍ଷାବାସସ୍ଥଳୀ ଥିଲା।

ଖାରବେଳ ଏହି ଯପନାପକ ମୁନିମାନଙ୍କ ପାଇଁ ବିଶେଷ ଅନୁରକ୍ତ ଥିଲେ କାରଣ ଏମାନେ ଅତିଧର୍ମୀ; ନିଜର ଭରଣପୋଷଣ ଏବଂଖାଦ୍ୟ ଆଦି ତ୍ୟାଗ କରିଥାନ୍ତି। ଅତି କଠିନ ଜୀବନଚର୍ଯ୍ୟାର ବଶବର୍ତ୍ତୀ ଏହି ଯପନାପକ ମୁନିମାନଙ୍କ ପାଇଁ ତ୍ରୟୋଦଶ ବର୍ଷରେ ଖାରବେଳ ବର୍ଷାବାସ ନିମନ୍ତେ କିଛି ଗୁମ୍ଫା ଖୋଦନ ପାଇଁ ନିଜର ନିର୍ମାଣ ସଚିବ କମ (କର୍ମ ସଚିବ ବା କର୍ମ ମନ୍ତ୍ରୀ)ଙ୍କୁ ଆଦେଶ କରନ୍ତି। ତା ସହିତ ଅନେକ ଅର୍ହତମାନଙ୍କୁ ଶ୍ୱେତ ପରିଧାନ ବା ଚିନାବତନମ୍ ପ୍ରଦାନ କରନ୍ତି।

ସ୍ୱୟଂ ଖାରବେଳ ତଦାନୀନ୍ତନ ଜୈନଧର୍ମଧାରାର ଦୁଇ ଗୋଷ୍ଠୀ – ଶ୍ୱେତାମ୍ବର ଜୈନ ଏବଂ ଦିଗମ୍ବର ଜୈନ ମଧ୍ୟରୁ ସମ୍ଭବତଃ ଶ୍ୱେତବସ୍ତ୍ର ପରିହିତ ଶ୍ୱେତାମ୍ବର ଜୈନ। ତାଙ୍କ ସମୟକୁ ଏହି ଦୁଇଗୋଷ୍ଠୀ ମଧ୍ୟରେ ଏମିତି ପ୍ରଖର ନୀତିଭେଦ ନଥିଲା ଏବଂ ପ୍ରାୟ ତିନିଶହ ବର୍ଷ ପୂର୍ବରୁ ଏହି ବିଭାଜନ ପ୍ରଥାର ଅୟମାରମ୍ଭ ହୋଇଥିଲା ଏବଂ ଦୁଇ ଗୋଷ୍ଠୀ ମଧ୍ୟରେ ମିଶ୍ରଣର ଆଶା ମଉଳି ନଥିଲା। ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନକାଳରେ ତାଙ୍କ ଧର୍ମଗୁରୁ ଭାରତବର୍ଷର ତଦାନୀନ୍ତନ ଉଚ୍ଚତମ ଜୈନଗୁରୁ ଭଦ୍ରବାହୁ କିଛି କାଳ ପାଇଁ ଦକ୍ଷିଣଭାରତ ଗସ୍ତ କରିଥିଲେ। ଦୁର୍ଭିକ୍ଷ ସମୟରେ ମଗଧ ଏବଂ ଉତ୍ତରଭାରତରେ ଥିବା ଗୋଟିଏ ଗୋଷ୍ଠୀ ବସ୍ତ୍ର ବିବର୍ଜିତ ହୋଇ ଯପନାପକ ବା ଦିଗମ୍ବର ଭାବରେ ପରିଚୟ ପାଉଥିଲେ।

ଏହି କୁମାରୀଗିରିର ଗୁମ୍ଫାନିର୍ମାଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅନେକ ନୂତନ ଗୁମ୍ଫା ବା ଲେନମ୍ ଖୋଦନ ଚାଲିଛି। ଜୟାବିଜୟା ଗୁମ୍ଫା ଆଉ ପାଖ ଅଳକାପୁରୀ ମରାମତି ହେଉଛି। ପଥର ଖୋଦିତ ପାହାଚ ତୀଖ ହୋଇଯାଇଥିଲା, ପଥର ଖୋଦକମାନେ ଏହାକୁ ଯପନାପକ ଅର୍ହତମାନେ ସରଳ ଓ ସହଜରେ ଚଢ଼ିପାରିବାର ଅନୁମାନରେ ଗଢ଼ି ପ୍ରସ୍ତୁତ କରୁଛନ୍ତି। ତଳେ ଅନେକ କଳିଙ୍ଗବାସୀ ଏହି ଶିଳାକାର୍ଯ୍ୟ ଦେଖି ଯେତିକି ଆନନ୍ଦିତ ହେଉଛନ୍ତି, ଏଇଟା ସାଧାରଣ କଳିଙ୍ଗ ଶିଳ୍ପୀର ସାଧନା ବୋଲି ଜାଣି ସମସ୍ତଙ୍କ ମନରେ ଗର୍ବ ଆସୁଛି। ସେମିତି ଧାରଣା ଦେଇଛନ୍ତି ମହାରାଜା ଖାରବେଳ। କଳିଙ୍ଗର ସମସ୍ତ କୃତିତ୍ୱ ଜନସାଧାରଣଙ୍କର । ସମରଠାରୁ ଆରମ୍ଭ କରି ସାଗର ବ୍ୟାପର ପର୍ଯ୍ୟନ୍ତ ସବୁ ଜୀବନମୂର୍ଚ୍ଛା ପ୍ରତିଦାନରେ ସମୃଦ୍ଧ। ଏହା ତାଙ୍କ ଉଦାରତମ ଭାଷା।

ଜନାକୀର୍ଣ୍ଣ ହୋଇଛି କୁମାରୀଗିରି। କେବଳ କଳିଙ୍ଗ ଜନସାଧାରଣ ନୁହନ୍ତି, ସାରା ଭାରତର ଶିଳ୍ପୀ, ସାଧକ, ଶାସକ, ଧାର୍ମିକ ଓ ପରିବ୍ରାଜକ ବ୍ୟକ୍ତିବିଶେଷ କୋଳାହଳମୟ କରନ୍ତି ଏହି କୁମାରୀଗିରିକୁ। ମହାନୁଭବ କଳିଙ୍ଗାଧିପତି ଧର୍ମାନ୍ଧ କି ଧର୍ମ-ସଂକୁଚିତ ନୁହଁନ୍ତି। ସେଥିପାଇଁ ଦୂରଦେଶରୁ ବି ବହୁ ଲୋକ ଏଠାରେ ଠୁଳ ହୋଇଛନ୍ତି। କେତେ କୁଆଡେ ଶିଳ୍ପୀମାନେ ନିଜ ନିଜ କାମରେ ବ୍ୟସ୍ତ। କେଉଁଠି ସମ୍ରାଟଙ୍କର କିଏ ଦର୍ଶନପ୍ରାର୍ଥୀ।

ଅନେକ କଳିଙ୍ଗନଗରୀ ଅଧିବାସୀ ଓ ଦୂରର ଗ୍ରାମବାସୀ ଏଠାରେ ଠୁଳ ହୋଇଛନ୍ତି। ଏମାନେ ବି ବୁଝନ୍ତି କଳିଙ୍ଗର ରାଜନୀତି, ଅର୍ଥନୀତି ଆଉ ଆଜିକାର କଳିଙ୍ଗାଧିପତିଙ୍କର ଶାସନର ଦିଗ। ସେମାନେ ଆଲୋଚନା କରୁଛନ୍ତି, ମଗଧ ବିଜୟ ପରେ କଳିଙ୍ଗରେ ଗାଁ ଗାଁରେ ପୁରପଲ୍ଲୀରେ ଆନନ୍ଦର ଲହରି ଖେଳିଯାଇଛି। ବୟସ୍କ କଳିଙ୍ଗ ଲୋକମାନଙ୍କର ମନରେ ବଡ ଗ୍ଲାନି ଥିଲା। ଅନେକ ବର୍ଷଧରି କଳିଙ୍ଗ ମଗଧକୁ କରଦ ରାଜ୍ୟ ଭାବରେ ଅର୍ଥ ଦେଇ ଦେଇ ଗରିବ ହେବାକୁ ବସିଥିଲା। ଏବେ କଳିଙ୍ଗର ଯୋଗ୍ୟତମ ଦାୟାଦ କେବଳ କଳିଙ୍ଗର ଅଧିଷ୍ଠାତା କଳିଙ୍ଗ ଜୀନାଙ୍କୁ ସମୁକୁଟ ମଗଧରୁ ଫେରାଇ ଆଣିନାହାନ୍ତି, ତା ସହିତ ମଗଧ ଓ ଅଂଗ ରାଜ୍ୟର ରାଜକୋଷ ବିଜେତା ଭାବରେ ରାଜ୍ୟକୁ ଫେରାଇ ଆଣିପାରିଛନ୍ତି ବିଗତ ଦୁଇ ଶତାବ୍ଦୀର ଆମଠାରୁ ଆଦାୟ କରି ମଗଧରାଜକୋଷରେ ଭର୍ତ୍ତି କରିଥିବା ସମୁଦାୟ ରାଜସ୍ୱ ! ସାରା ଦେଶରେ ମୌର୍ଯ୍ୟ ଛିଦ୍ରିତ ମୁଦ୍ରା ପ୍ରଚଳିତ ଥିବା ବେଳେ ଅନେକ ରାଜ୍ୟଜୟ କରି କଳିଙ୍ଗର ଭଣ୍ଡାରକୁ ପୂର୍ଣ୍ଣ କରିଛନ୍ତି। ଅର୍ଥାଗାରରେ ସ୍ଥାନାଭାବ; ଏତେ ମୁଦ୍ରା କେଉଁ ଭଣ୍ଡାରରେ ମହଜୁଦ କରିବେ। ରାଜାଙ୍କର ଗୁପ୍ତ ଆଦେଶ, କୁମାରୀଗିରି ନିର୍ମାଣ, ରାଜ୍ୟର ଅନେକ ଜନହିତକର କାର୍ଯ୍ୟ ପରିଚାଳନା ଏବଂ ଉଦ୍ୟାନ ଗଠନ। ଅନେକଟା ବଳକା ଅର୍ଥ କେଉଁ ଅଜ୍ଞାତ ସ୍ଥାନରେ ସଞ୍ଚୟ କରି ରଖି ଦିଅ। କଳିଙ୍ଗନଗରୀ ବାହାରେ, କୁମାରୀଗିରି ବା କୌଣସି ଅଜ୍ଞାତ ସ୍ଥାନରେ ସଂରକ୍ଷିତ କର।

ବିଗତ ବାରବର୍ଷର ଶାସନ ତାଙ୍କର ଏକ ଶତ ବର୍ଷର ଶାସନ ପରି ବୋଧ ହେଉଛି। କଳିଙ୍ଗ ସେନା କେବେ କଳିଙ୍ଗରୁ ବାହାରକୁ ଗୋଡ଼ କାଢୁ ନଥିଲେ। ବିଗତ ଦଶବର୍ଷରେ ରାଜ୍ୟର ପୂର୍ବଦିଗ କଳିଙ୍ଗ ସମୁଦ୍ର ବ୍ୟତୀତ ଏକାଧିକ ବାର ଯୁଦ୍ଧ କରିବାକୁ ତିନି ଦିଗକୁ ଯାଇ ଜିତାପଟ ହୋଇ ଆସିଛନ୍ତି। ଏହି ସମୟରେ ମହାସେନାନୀ ଆଉ ସେନାପତି ଦୁହେଁ ମହାରାଜାଙ୍କର ଅବାଧ ସନ୍ତାନ ହୋଇଛନ୍ତି। କଳିଙ୍ଗ ଲଢ଼ିଛି ମାନବିକତାର ଯୁଦ୍ଧ, କୂଟନୀତିର ଯୁଦ୍ଧ। ମୃତାହତ ନଗଣ୍ୟ। ଛୋଟ ଛୋଟ ସମରବାହିନୀ କଳିଙ୍ଗର ଲକ୍ଷାଧିକ ଚତୁରଙ୍ଗ ଆଗରେ ଆତ୍ମ ସମର୍ପଣ କରିବାଛଡା ଆଉ କଅଣ ଉପାୟ ହୋଇପାରେ ? ଏଇଟା ଖାରବେଳଙ୍କର କଳିଙ୍ଗ ସମରସୂତ୍ର ପାଲଟିଛି। ଖାରବେଳଙ୍କର ଆଶ୍ଚର୍ଯ୍ୟଜନକ ଯୁଦ୍ଧ ପଦ୍ଧତି – ହଠାତ୍ ଦୁଇଲକ୍ଷ ଚତୁରଙ୍ଗ ଆଣି ସୀମାରେ ଦଣ୍ଡାୟାମାନ କରିଦେବେ, ଆତ୍ମ ସମର୍ପଣ ନକରି ଶତ୍ରୁପକ୍ଷ ଯିବ କୁଆଡେ ? ନା ଯୁଦ୍ଧ, ନା ମୃତ୍ୟୁ। ଏହା ମହାମେଘବାହନ ଖାରବେଳଙ୍କ ସମର।

କିନ୍ତୁ ଦୁଇ ଶତାବ୍ଦୀ ପୂର୍ବର ଚଣ୍ଡାଶୋକକୃତ କଳିଙ୍ଗ ସମର ଗୋଟିଏ ନରପିଶାଚର କାର୍ଯ୍ୟ। ପାଞ୍ଚଥର ମୌର୍ଯ୍ୟରାଜାମାନେ କଳିଙ୍ଗକୁ ଚିଟାଉ ଦେଇଛନ୍ତି। ମଗଧରେ ଆତ୍ମସମର୍ପଣ କରି ମିଶିଯାଅ। ନଚେତ୍ କଳିଙ୍ଗକୁ ଧୂଳିସାତ୍ କରିଦେବୁ। ଏଥିରେ ଥିଲା ଚଣ୍ଡାଶୋକଙ୍କର ଜେଜେବାପା ଆଉ ବାପାଙ୍କର ଧମକ। କଳିଙ୍ଗ ରହିଲା ନିରୁତ୍ତର। ଚଣ୍ଡାଶୋକ ରକ୍ତ ଗରମଥିବା ବେଳର ତିନୋଟି ଚରମ ପତ୍ର। କଳିଙ୍ଗରାଜ ମକଚି ଫୋପାଡି ଦେଲେ ତାହା ପତ୍ରବାହୀ ମଗଧ ଲେହହାରକ ସାମନାରେ। ଲକ୍ଷାଧିକ ସେନା କଳିଙ୍ଗ ବକ୍ଷରେ ଯୁଦ୍ଧପ୍ରସ୍ତୁତି ପ୍ରଦର୍ଶନ କଲେ। କଳିଙ୍ଗସେନା

ନିଜ ବୀରତ୍ୱର ପରିଚୟ ଦେଇ ଶତ୍ରୁକୁ ଠିକଣା ଜବାବ ଦେଇଛି, ଅମାନବିକ ଚଣ୍ଡାଶୋକ ଯୁଦ୍ଧୋତ୍ତର ଅମାନୁଷିକ ଆବାଳବୃଦ୍ଧବନିତା ଗଣହତ୍ୟା କରି ଜୟଲାଭ କରିଛି।

କଳିଙ୍ଗ କାଉଁରିଆ କାଠି ପରି ସଳଖ, ବାଙ୍କିବ ନାହିଁ କି ଆତ୍ମସମର୍ପଣ କରିବନାହିଁ।

ହାତୀଗୁମ୍ଫା ଉପରେ ମାଙ୍କଡା ପଥରରେ ଦେବମନ୍ଦିର ସ୍ଥାପନ କାର୍ଯ୍ୟ ବେଶ୍ ଆଗେଇଛି। କଳିଙ୍ଗର ଭାରବାହୀ ହାତୀ ବହନ କରି ଉପରକୁ ଆଣୁଛନ୍ତି ପଥର। ଶିଳ୍ପୀମାନେ ପଥର ଯୋଡାଇ ମନ୍ଦିର ଓ ପ୍ରାର୍ଥନା ଗୃହ ନିର୍ମାଣ କରୁଛନ୍ତି। କର୍ମସଚିବ କମ ସବୁ ନିର୍ମାଣ ତଦାରଖ କରି କିଛିଟା ପରିବର୍ତ୍ତନ ଆଦେଶ ଦେଉଛନ୍ତି। ଏହି ପଥରକାମ ସହିତ ବହୁ କାଠ କାରିଗର ବି ମନ୍ଦିର ପାଇଁ କବାଟ, ଝରକା, କାଠ ଖମ୍ବ ଗଢିବାରେ ଲାଗିପଡିଛନ୍ତି। ସବୁର ତଦାରଖ କରୁଛନ୍ତି ସେଇ କମ।

ଦେବାଳୟ ହାତୀଗୁମ୍ଫା ଉପରେ, ଧୀରେ ଧୀରେ ପଶ୍ଚିମପଟରୁ ତଳକୁ ଓହ୍ଲାଇ ଆସିଲେ ଏହି ଛଅଜଣ। ହାତୀଗୁମ୍ଫା ତଳେ ସ୍ୱୟଂ କଳିଙ୍ଗାଧିପତି ଉପବିଷ୍ଟ। ଅନେକ ବାହାର ରାଇଜର ମୁକୁଟପିନ୍ଧା ରାଜା, ସାମନ୍ତରାଜା ଆଉ ପାର୍ଷଦଗଣ ମହାରାଜାଙ୍କର ଶରଣାପନ୍ନ। କେଉଁଠି ଆକ୍ରମଣ ଭୟ ତ କେଉଁଠି ପ୍ରତିବେଶୀ ରାଜାଙ୍କର ଜୁଲମ। ମହାରାଜା କୂଟନୈତିକ ଉପାୟରେ ଏଗୁଡିକର ସମାଧାନ କରନ୍ତି। ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରାୟ ଆବଶ୍ୟକ ହୁଏନି। କିନ୍ତୁ ମହାରାଜାଙ୍କର ଅଦେଖାରେ ଗୋଟିଏ ବିଶାଳ ବାହିନୀ ଏମିତି ଭାରତବର୍ଷର କଳିଙ୍ଗ ବାହାରର ରାଜ୍ୟ ବିଷୟ ବୁଝିଥାଏ।

ଏବେ ସାମନା କୁମାରଗିରିର ଧର୍ମମୁଖ୍ୟ କଳ୍ପବିଜ୍ଞାନୀ ମହାରାଜାଙ୍କର ଦର୍ଶନପ୍ରାର୍ଥୀ। ମହାରାଜା ସମସ୍ତଙ୍କୁ ପଛେଇଦେଇ ଜୈନ ସାଧୁଙ୍କୁ ନିଜର ଉପସ୍ଥିତି ପ୍ରତିପାଦନ କରିବାର ପ୍ରାର୍ଥନା କରୁଛନ୍ତି। ସାଧୁ କଳିଙ୍ଗାଧିପତିଙ୍କୁ ସାଧୁବାଦ ଜଣାଇଛନ୍ତି ଋଷଭନାଥଙ୍କୁ ମଗଧରୁ ମୁକ୍ତ କରିଥିବାରୁ। ଯିଏ ଠାକୁର ଗଢିଛି, ସିଏ ଠାକୁର ମର୍ଯ୍ୟାଦା ଦେବା ଜାଣେ। ଦ୍ୱିତୀୟବାର ସାଧୁବାଦ ଜଣାଇଛନ୍ତି ଠାକୁରଙ୍କୁ ଦୂର ପିଥୁଣ୍ଡାରେ ପ୍ରତିଷ୍ଠା ନକରି କୁମାରୀଗିରି ଶିଖରରେ ପ୍ରତିଷ୍ଠା କରିବା ନିଷ୍ପତ୍ତିନିମନ୍ତେ। ଯେଉଁ ସ୍ଥାନରେ ପାର୍ଶ୍ୱନାଥ ଧର୍ମ ପ୍ରବାହ ସୃଷ୍ଟି କରିଥିଲେ, ପୁନରାୟ ଯେଉଁଠି ବର୍ଦ୍ଧମାନ ମହାବୀର ଜୈନଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ସେଇଠି ପ୍ରତିଷ୍ଠା ହେବ କଳିଙ୍ଗ ଅଗ୍ରଜିନାଙ୍କ ଦେବାଳୟ। ଏହି ଧାର୍ମିକ ନିଷ୍ପତ୍ତିକୁ ଖୁବ୍ ପ୍ରଶଂସା କରିଛନ୍ତି କଳ୍ପବିଜ୍ଞାନୀ। ତା ସହିତ ଆଶା ବ୍ୟକ୍ତ କରିଛନ୍ତି, ସାରା କୁମାରୀଗିରିର ଶିଳା ବକ୍ଷରେ ମହାରାଜା ନିଜ କୃତିତ୍ୱର ପରାକାଷ୍ଠା ଖୋଦନ କରିବାକୁ।

ଏବେ ପରିଚାଳକ କମ ଓ କ୍ଷୀଣଙ୍କ ସହିତ ଚୂଳକମ ବି ତଳକୁ ଓହ୍ଲାଇ ଆସିଛନ୍ତି। ଚୂଳକମ କର୍ମ ବିଭାଗର ସର୍ବମୁଖ୍ୟ। ତଥାପି କମ ହେଉଛନ୍ତି କାର୍ଯ୍ୟକାରୀ ମୁଖ୍ୟ। ସେମାନେ ଶୁଣିପାରିଛନ୍ତି କଳ୍ପବିଜ୍ଞାନୀଙ୍କ ଆଳାପ। କମ ନିଜର ସାହସ ସଞ୍ଚୟ କରି କଳିଙ୍ଗାଧିପତିଙ୍କୁ କହନ୍ତି, ମହାରାଜ, ସାରା କୁମାରୀଗିରିରେ ହାତୀଗୁମ୍ଫା, ଅର୍ହତ ଆଶ୍ରୟ ପାଇଁ ତଳେ ତିନି ଚାରୋଟି ଗୁମ୍ଫା ବ୍ୟତୀତ ବହୁ ଅକ୍ଷୁଣ୍ଣ ପ୍ରସ୍ତର ଖଣ୍ଡ ରହିଛି। ସେଗୁଡିକରେ ଅଧିକ ଗୁମ୍ଫା ଗଢିବାକୁ ଆଦେଶ ମିଳିଲେ, ଆମର ଶିଳାନଗରୀର ପଥର କଟାଳିମାନେ ଗୁମ୍ଫା ଖୋଳିଦେବେ। ଆଜି ଦିନରେ ଏଇଠି ଦେଶରେ ମଗଧ, ପଇଥାନ, ତକ୍ଷଶିଳା ଆଦି କେନ୍ଦ୍ରଗୁଡିକରେ ବିସ୍ମୟକର ଶିଳାଶିଳ୍ପୀମାନେ କାର୍ଯ୍ୟକରୁଛନ୍ତି ତଥା କଳିଙ୍ଗ କାରିଗରମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏମାନଙ୍କ ଜ୍ଞାନର ସଦୁପଯୋଗ କରାଯାଇ ପାରିବ ଏଠାରେ। ମୋର ବି ଆହୁରି କେତେ ପରିକଳ୍ପନା ରହିଛି, ଆପଣଙ୍କର ଜୀବନୀକୁ ମୁଖ୍ୟ ଶିଳାଶିଳ୍ପର ଆଧାର ଦେବାକୁ। କେବଳ ଆପଣଙ୍କର ସମ୍ମତି ଓ ଆଦେଶ ଅପେକ୍ଷାରେ ରହିଛି।

ପ୍ରକୃତପକ୍ଷେ କଳିଙ୍ଗରେ ଖାରବେଳ ଏବେ ଦିଗ୍‌ବିଜୟ ଅନ୍ତେ, ବହୁ ଅଭିନବ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ କଳିଙ୍ଗନଗରୀରେ ଅନେକ ନିର୍ମାଣକାର୍ଯ୍ୟ ହାତକୁ ନେଇଛନ୍ତି ଏବଂ କିଛି ଗୋଟାଏ ଆଖିଦୃଶିଆ ନିର୍ମାଣ କରିବାକୁ ନିଜର ନିର୍ମାଣ ସଚିବଙ୍କ ସହିତ ପରିକଳ୍ପନା କଲେଣି। ପୂର୍ବର କାଠ ଆଉ ଛାଟିମାଟିର ଗୃହଗୁଡ଼ିକ ଯେପରି ପଥରରେ ନିର୍ମିତ ହୋଇ ଅପେକ୍ଷାକୃତ ଦୀର୍ଘସ୍ଥାୟୀ ହେବ, ସେ ଉତ୍ତରପଥ ଓ ଉତ୍ତର ଭାରତରେ ଦେଖି ସେହି ଧାରାରେ କଳିଙ୍ଗରେ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

କଳିଙ୍ଗ ପ୍ରଶାସନକୁ ଦୃଢ଼ ଏବଂ ପ୍ରଜାଭିମୁଖୀ କରିବାକୁ ନିଜର ମନ୍ତ୍ରୀପରିଷଦରେ ଆଲୋଚନା କଲେଣି। ଅନେକ ଗମନାଗମନ ପଥକୁ ପରିଷ୍କାର ଏବଂ ଖରାବର୍ଷା ସବୁ ଋତୁରେ ବ୍ୟବହାରଯୋଗ୍ୟ କରିବାକୁ ଘୋଷଣା କଲେଣି। ଅନେକ ଗଭୀର ଚତୁଷ୍କୋଣ କୂପ ବା ବାମ୍ଫୀ ଏବଂ ପୋଖରୀ (ତଡାଗ) ଖନନ କରାଗଲାଣି।

କୁମାରୀଗିରି ଉପକଣ୍ଠରେ ଏକ ଶିଳାଶିଳ୍ପ ଗବେଷଣା କେନ୍ଦ୍ରରେ ଅନେକ କଳିଙ୍ଗ କାରିଗର ଗୁମ୍ଫାଖନନ, ଶିଳାଚିତ୍ର ଖୋଦନ ଏବଂ ବ୍ରାହ୍ମୀ ଲିପିରେ ପାଲିଭାଷାରେ କୌଣସି ବକ୍ତବ୍ୟ ଖୋଦନ ଇତ୍ୟାଦି ବିଷୟରେ ଅନେକ ଉତ୍ତରପଥ ଆଉ ମଥୁରା, ବାରହୁତ ଓ ସାଞ୍ଚି (ମଗଧ) ରୁ ଅନେକ ଶିଳାଶିଳ୍ପୀ, ଶିଳାଶିଳ୍ପ ଆଚାର୍ଯ୍ୟ ପ୍ରଶିକ୍ଷଣରେ ବ୍ୟସ୍ତ। ମୌର୍ଯ୍ୟବଂଶର ତୃତୀୟ ସମ୍ରାଟ ପିୟଦଶୀ ରାଜା ଅଶୋକ ବର୍ଦ୍ଧନ ମୌର୍ଯ୍ୟ ଶିଳାଶିଳ୍ପର ଯେତିକି ବିକାଶ କରିଥିଲେ, ତା ପରଠାରୁ ଆଉ କେହି ସେ କାମରେ ଧ୍ୟାନ ଦେଇନାହାନ୍ତି। କିନ୍ତୁ ମଞ୍ଚ ଅଭିନେତା ଓ ଗନ୍ଧର୍ବବେଦ ବୃନ୍ଦ ଭାବରେ ଖାରବେଳଙ୍କ ମୁଣ୍ଡକୁ ଗୋଟିଏ ନୂଆ କଥା ପଶିଛି।

ମଗଧର ଶିଳା କମକୂଟ ତ ସବୁଆଡେ ଦେଖାଯାଉଛି। ସାଞ୍ଚି, ବାରହୁତ, ନାସିକ ସବୁଠାରେ ଏକା ପ୍ରକାର ଫୁଲ କି ଚିତ୍ରର ଧାଡି ରହିଛି। କିନ୍ତୁ ଆମ କଳିଙ୍ଗର ଅନେକ ସୁଦୃଶ୍ୟ ରହିଛି। ସିଂହାସନ ଆରୋହଣ, ପଶୁପକ୍ଷୀ ଏବଂ ନରନାରୀ ମଧ୍ୟରେ ଭାବ ବିନିମୟ ଏଗୁଡିକ ତ ସାଧାରଣ କାରୁକାର୍ଯ୍ୟ। କିନ୍ତୁ ଗୋଟିଏ ନୃତ୍ୟନାଟିକାର ଶିଳାଶିଳ୍ପରେ ପ୍ରଦର୍ଶନ ଏକ ନୂତନ ଆଭିମୁଖ୍ୟ।

ନିଜେ ତୌର୍ଯ୍ୟାତ୍ରିକ ବିଶେଷଜ୍ଞ ଗନ୍ଧର୍ବବେଦ ବୃନ୍ଦ ସେମାନଙ୍କୁ ନିଜର ଦୂରଦୃଷ୍ଟି ବତାଉଛନ୍ତି। ଗୋଟିଏ ଚିତ୍ରରେ ଜଣେ ଅପହୃତା ରାଜକନ୍ୟାଙ୍କୁ ଜଣେ ରାଜକୁମାର ଉଦ୍ଧାର କରିବାର ଦୃଶ୍ୟ କିପରି ଚିତ୍ରିତ କରିବ। ପାଞ୍ଚଟି ଚଉଡା ଚିତ୍ର ଲମ୍ବା କାନ୍ଥରେ କରାଯାଉ। ପ୍ରଥମଟିରେ ହାତୀପଲରୁ ହାତୀଛୁଆଟିଏ ଧରିବାକୁ ଅନେକ ଚେଷ୍ଟା କରିଛନ୍ତି, ମାଆହାତୀ ଆକ୍ରମଣ

କରୁଛି, ତାକୁ ଅନେକ ମାଡ ଦେଉଛନ୍ତି। ଦ୍ୱିତୀୟ ଚିତ୍ରରେ ଆହତ ଜଣେ ପୁରୁଷ ରାଜକନ୍ୟାଙ୍କ ଦ୍ୱାରା ଚିକିତ୍ସିତ ହେଉଛି, ଜଣେ ଆତତାୟୀ ଆସି ଆହତଙ୍କୁ ହତ୍ୟା କରି ରାଜକନ୍ୟାଙ୍କୁ ଅପହରଣ କରୁଛି। ତୃତୀୟ ଚିତ୍ରରେ ଜଣେ ଶିକାରୀ ରାଜା ଧନୁଶର ଧରି ବଣକୁ ଶିକାର କରିବାକୁ ଆସି ଗୋଟିଏ ମୃଗ ଶିକାର କରିଛନ୍ତି। ସେହି ମୃଗ ଗୋଟିଏ ଗଛତଳେ ଛଟପଟ ହେଉଛି। ସେହି ଗଛରେ ଆତତାୟୀ ଆତ୍ମଗୋପନ କରିଥିବା ବେଳେ ଶିକାରୀ ରାଜାର ସନ୍ଧାନ ପାଇ ପଳାୟନ କରିଛି ଏବଂ ଅତି ଦୟନୀୟ ବେଶରେ ରାଜକନ୍ୟା ଶିକାରୀରାଜାଙ୍କ ଶରଣାପନ୍ନ। ଅଭୟ ସଂକେତ ଦିଅନ୍ତି ଧନୁର୍ଦ୍ଧର ରାଜନ୍ ଏବଂ ରାଜକନ୍ୟାଙ୍କୁ ଉଆସକୁ ନେଇ ଆସନ୍ତି। ଉଆସରେ ରାଜକନ୍ୟାଙ୍କ ଉପଲକ୍ଷେ କଳିଙ୍ଗ ନୃତ୍ୟକଳା ପରିବେଷଣ କରନ୍ତି କେତେଜଣ ମହିଳା ନୃତ୍ୟାଙ୍ଗନା, ମୃଦଳବାଦିକା, ବଂଶୀବାଦିକା। ପଞ୍ଚମ ଚିତ୍ରଟି ହେବ ଗନ୍ଧର୍ବ କିନ୍ନର ଏବଂ ଆନନ୍ଦମୟ ଉତ୍ସବ। ଏଇ କଳ୍ପିତ ଅଙ୍କନର ପ୍ରସ୍ତାବ ଦିଅନ୍ତି କଳିଙ୍ଗାଧିପତି, ଯାହା ଖୋଦନ କରିବାର ପ୍ରତିଶୃତି ଦିଅନ୍ତି କଳିଙ୍ଗ ଶିଳାଶିଳ୍ପୀଗଣ।

ଆଉ ମଧ୍ୟ ଶିଳାଙ୍କନ କର ବୃକ୍ଷପୂଜା, ପୂଜାଥାଳି ସହ ପୂଜକ, ଜଣେ ଯୁବକ ଗୋଟିଏ ସୁନ୍ଦର ଆମ୍ର ଥୋଲାଟିଏ ଧରି ଜଣେ ଅପରୂପା ଯୁବତୀଙ୍କୁ ଅର୍ପଣ କରିବା ସମୟରେ ଉଭୟଙ୍କ ମୁହଁରେ ଦିଶୁଛି ପ୍ରେମର ପରିଭାଷା।

ଏପରି ସାମାଜିକ ଚିତ୍ର ଶିଳା ବକ୍ଷରେ ଅଙ୍କନ ହେବା ସମ୍ଭବ କି ? ଅବଶ୍ୟ କିଛି ସମୟସାପେକ୍ଷ। ନିଶ୍ଚୟ ଖୋଦନ କରି ପ୍ରଦର୍ଶନ କରିବେ ଶିଳାଶିଳ୍ପୀଗଣ।

ବହୁ ଉତ୍ତରପଥ କାରିଗର ମୂକ ହେବାବେଳେ, ମଥୁରା କାରିଗର ମୁହଁରେ ନୈରାଶ୍ୟର ଛାୟା; କିନ୍ତୁ କଳିଙ୍ଗ ଶିଳାଶିଳ୍ପୀ କୁହନ୍ତି, ଆମେ ସମର୍ଥ କଳିଙ୍ଗାଧିପତି, ଆମର ନିହାଣ ମୂନରେ ଆମେ ଆପଣଙ୍କର ଇପ୍ସିତ ସମସ୍ତ ସାମାଜିକ ଚିତ୍ର, ନୃତ୍ୟନାଟିକା ଆମେ ଗୁମ୍ଫାକାନ୍ଥରେ ଉପସ୍ଥାପନ କରିପାରିବୁ। ଆପଣଙ୍କ ସମସ୍ତ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ କରିବୁ ଶିଳାବକ୍ଷରେ। ଆପଣ ଅମର ହୋଇ କଳିଙ୍ଗାଧିପତି ଭାବରେ କାଳକାଳକୁ ରହିଥିବେ।

କଳିଙ୍ଗାଧିପତିଙ୍କ ସହିତ ରହିଛନ୍ତି ନିର୍ମାଣ ସଚିବ କମ। କମ କଳିଙ୍ଗର ଶିଳାଶିଳ୍ପୀମାନଙ୍କର ଗଭୀର ବିଶ୍ୱାସ ଦେଖି କହନ୍ତି, ତୁମେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ନିଅ, କିପରି କଳିଙ୍ଗର କଥିତ ପାଲି ଭାଷାରେ ବ୍ରାହ୍ମୀ ଲିପିରେ ଶିଳାରଚନା କରିପାରିବ। ଆମର ବହୁତ ଗୁଡିଏ କାର୍ଯ୍ୟ ରହିଛି। ସେଗୁଡିକ ମୁଁ ଯଦି ଏବେ ତାଲିକା କରେ, ତାହା ପୋଥିଟିଏ ହେବ। ତଥାପି କଳିଙ୍ଗାଧିପତିଙ୍କ ସାମନାରେ ତୁମମାନଙ୍କୁ ଜଣାଇ ଦେଉଛି।

ତୁମେମାନେ ହାତୀଗୁମ୍ଫା ସାମନା ପାହଚର ବାମପାର୍ଶ୍ୱରେ ପାତାଳପୁରୀ ଗୁମ୍ଫାର ମରାମତି ସରିଆସିବା ଦେଖୁଛ। ତା ପାଖରେ ମଞ୍ଚପୁରୀ ଗୁମ୍ଫା ବା ମର୍ତ୍ତ୍ୟପୁରୀ ଲେନମ୍‌ର ଭିତର କାନ୍ଥ ବେଶ୍ ଲମ୍ବା। ଏଥିରେ କୁମାରୀଗିରି ତୀର୍ଥର ଗୋଟିଏ ପୂଜା ଦୃଶ୍ୟ ଖୋଦନ କରିବ। ଉତ୍ତର ଦିଗରେ କଳିଙ୍ଗଜିନାଙ୍କ ମୂର୍ତ୍ତିପୂଜା କରୁଥିବା ରାଜପୁରୋହିତ, କଳିଙ୍ଗାଧିପତି, ରାଣୀ ଦୁଇଜଣ ଏବଂ ଉପରୁ ସ୍ୱର୍ଗୀୟ ବାତାବରଣ ସୃଷ୍ଟି କରୁଥିବେ ଉଡ୍ଡୀୟମାନ ଗନ୍ଧର୍ବ, କିନ୍ନର ଓ ଐରାବତ।

ଏଇଟା କରିପାରିବ ?

କଳିଙ୍ଗ ଶିଳ୍ପୀମାନେ ନିଃସଙ୍କୋଚରେ ଦୃଢକଣ୍ଠରେ ନିଜର ସାମର୍ଥ୍ୟ ପ୍ରକାଶ କଲେ।

ନିର୍ମାଣ ସଚିବ କମ ପୁଣି ପଚାରିଲେ, ଜୟାବିଜୟା ଗୁମ୍ଫା ଆମର ପ୍ରବେଶପଥର ପ୍ରଥମ ଲେନମ। କେବଳ କଳିଙ୍ଗର ନୁହେଁ, ଭାରତବର୍ଷର ଯେତିକି ରାଜାରାଜୁଡ଼ା କଳିଙ୍ଗ ପରିଦର୍ଶନରେ ଆସିବେ ପ୍ରଥମେ ହିଁ ସେହି ଗୁମ୍ଫାରେ ପଶିବେ। ସେଇଟିକୁ କିପରି ଅତିଥି ଅଭ୍ୟାଗତମାନଙ୍କର ଅଭ୍ୟର୍ଥନା ଗୁମ୍ଫାର ରୂପ ନେବ କିଏ କହି ପାରିବ ?

କଳିଙ୍ଗର ମୁଖ୍ୟଶିଳାଶିଳ୍ପୀ ନିଜ ଦଳର ଚାରିଜଣ ଦକ୍ଷ କାରିଗରଙ୍କ ସହିତ କହିଲେ, ଆମ କଳିଙ୍ଗାଧିପତି ଆମକୁ ସାଞ୍ଚି ଓ ବାର୍‌ହୁତର ଶୀଳାକୀର୍ତ୍ତି ବିଷୟରେ ତାଙ୍କ ପସନ୍ଦର କାରୁକାର୍ଯ୍ୟ ବିଷୟ ଜଣାଇ ଉତ୍ସାହିତ କରିଛନ୍ତି। ଆମର ପରିକଳ୍ପନା, ଏହି ଗୁମ୍ଫାର ପଶ୍ଚିମ ଦ୍ୱାରବନ୍ଧରେ ଗୋଟିଏ ଅସ୍ତ୍ରଧାରୀ ପୁରୁଷ ଜଗୁଆଳ ଏବଂ ପୂର୍ବ ଦ୍ୱାରବନ୍ଧରେ ଗୋଟିଏ ଅପୂର୍ବ ସୁନ୍ଦରୀ ସ୍ୱାଗତିକା କଳିଙ୍ଗକନ୍ୟା ଖୋଦିତ ହେବ। କଳିଙ୍ଗ ପରିପାଟୀରେ ସଜ୍ଜିତ ହୋଇ ଅତିଥିଙ୍କୁ ସ୍ୱାଗତ କରିବ।

ଆମ କଳିଙ୍ଗର ସବୁଠାରୁ ସୁନ୍ଦରୀ କଳିଙ୍ଗାଧିପତିଙ୍କ ଗନ୍ଧର୍ବ ଅନୁଷ୍ଠାନରୁ ପୁରସ୍କୃତ ବିଜୟିନୀ କଳିଙ୍ଗକନ୍ୟାଙ୍କୁ ପ୍ରତିରୂପ ଭାବରେ କଳିଙ୍ଗ ଶାଢି ପରିହିତ ସ୍ୱାଗତିକାର ମୂର୍ତ୍ତି ଜୟାବିଜୟା ପୂର୍ବଦ୍ୱାରରେ ଖୋଦିତ ହେବ। ତାଙ୍କର ଶାଢି ପିନ୍ଧା ଓ କେଶବିନ୍ୟାଶ କଳିଙ୍ଗ ଢଙ୍ଗର ହେବ ନିଶ୍ଚୟ ଏବଂ ସିଏ ଜଣେ ଆମନ୍ତ୍ରଣକାରିଣୀ ଭାବରେ ଡାହାଣହାତ ପାପୁଲିରେ ଶୁଆଟିଏ ବସାଇ ଦର୍ଶକ ତଥା ଅତିଥିମାନଙ୍କୁ ଶୁଆ ଆମନ୍ତ୍ରଣ କରୁଥିବ।

କର୍ମସଚିବ ଖୁବ୍ ପ୍ରସନ୍ନ ହେଲେ ଶିଳ୍ପୀମାନଙ୍କ ପରିକଳ୍ପନାରେ। କୌତୂହଳବସତଃ ପଚାରିଦେଲେ, ଆଉ କଅଣ ଶିଳାଶିଳ୍ପ ଦୃଷ୍ଟିରୁ କରାଯାଇ ପାରିବ ଭାବିଚିନ୍ତି କହିବ କି ?

କାରିଗର କହିଲେ, ଆମେ ଯେତେଦୂର ଶୁଣିଲୁ, ଆମର କଳିଙ୍ଗାଧିପତି ଚାହାନ୍ତି କଳିଙ୍ଗ ଶିଳାଶିଳ୍ପରେ ଗୋଟିଏ ଶାଳଭଞ୍ଜିକା ସୃଷ୍ଟି କରାଯାଉ। ଏହି ଶାଳଭଞ୍ଜିକା ଆମେ ଆମର ଏହି ପ୍ରବେଶପଥର ଜୟବିଜୟା ଗୁମ୍ଫାରେ ସ୍ୱାଗତିକା ଉପରେ ଗୋଟିଏ ଉଡନ୍ତା ଚିତ୍ରଭାବରେ ଉପସ୍ଥାପନ କରିବୁ। ଶାଳଭଞ୍ଜିକା ବିଷୟରେ ଏବଂ ଆମ କଳିଙ୍ଗାଧିପତିଙ୍କର ଶାଳଭଞ୍ଜିକା ପ୍ରସ୍ତର ମୂର୍ତ୍ତି ଉପରେ ଅହେତୁକ ଆକର୍ଷଣ ରହିଛି, ସେ ଆମକୁ ଶୁଣାଇଛନ୍ତି, କହୁଛି –

କଳିଙ୍ଗାଧିପତି ଦିଗ୍‌ବିଜୟରେ ଯେତେ ଧନରତ୍ନ, ଅଶ୍ୱ, ହସ୍ତୀ, ରଥ ଲାଭ କରିଥିଲେ, ତା ଠାରୁ ଅନେକ ଗୁଣରେ ଶିଳ୍ପକଳା କଳିଙ୍ଗକୁ ଆମଦାନୀ କରିଥିଲେ। ମୌର୍ଯ୍ୟ ଓ ସୁଙ୍ଗବଂଶର ଶିଳାନୈପୁଣ୍ୟ ଶିଳ୍ପୀ ମାନଙ୍କୁ କଳିଙ୍ଗର ନିଜସ୍ୱ କାରିଗର ମାନଙ୍କ ସହିତ ପ୍ରଶିକ୍ଷଣର ବ୍ୟବସ୍ଥା କରିବା ଆମେ ଦେଖିବାରେ ଭୁକ୍ତଭୋଗୀ। ମାସିଡୋନିଆ ରାଜ୍ୟର ଓ ପାରସ୍ୟ ରାଜ୍ୟର କାରିଗର ଯେଉଁମାନେ ମୌର୍ଯ୍ୟ ପ୍ରଶାସନରେ ଭାରତୀୟ ଶିଳାଶିଳ୍ପର ବିକାଶ କରିଥିଲେ, ତାହାର ସୁଯୋଗ ନେଇଥିଲେ ଖାରବେଳ।

ନିଜର ବିଜିତ ରାଜ୍ୟମାନଙ୍କରୁ ପ୍ରସ୍ତରଶିଳ୍ପୀ ମାନଙ୍କୁ ଆମନ୍ତ୍ରିତ କରି କଳିଙ୍ଗକୁ ଶିଳାଶିଳ୍ପର ଉତ୍କର୍ଷ ସାଧନ ନିମନ୍ତେ ଉପଯୋଗ କରିଥିଲେ। ସିଏ ସାଞ୍ଚିର ଓ ପାଟଳୀପୁତ୍ର ବାରହୁତ୍‌ର ଶାଳଭଞ୍ଜିକା ଦେଖି ତନ୍ମୟ ହୋଇଯାଇଥିଲେ। ଏହି ଶାଳଭଞ୍ଜିକା ମାନେ ପ୍ରକୃତିରେ ସୌନ୍ଦର୍ଯ୍ୟ ଓ ଜୀବନରେ ଉର୍ବରତାର ପ୍ରତୀକ। କଳିଙ୍ଗକୁ ସୁଜଳା ସୁଫଳା କରିବାକୁ ମନାସିଥିବା କଳିଙ୍ଗାଧିପତି କେବଳ ମଥୁରାର କଳ୍ପବଟ ଆଣି ନାହାନ୍ତି, ଶାଳଭଞ୍ଜିକା ତାଙ୍କର ପ୍ରିୟ ଜୟା-ବିଜୟା ଗୁମ୍ଫା ପ୍ରବେଶ ପଥରେ ଖୋଦନ କରିବାର ଆମକୁ ପ୍ରୋତ୍ସାହନ ଦେଇ ନିଜର ଉଚିତ ମାନସିକତାର ପରିଚୟ କରିଛନ୍ତି।

ଶିଳାଶିଳ୍ପୀ ଶୂନ୍ୟରେ କୌଣସି ମୂର୍ତ୍ତିର ଜୀବନ୍ୟାସ ଦିଅନ୍ତି ନି। ଆମକୁ ଶାଳଭଞ୍ଜିକା ଟିଏ ଖୋଦନ କରିବା ପାଇଁ ଜଣେ ଚଳଚଞ୍ଚଳ କଳିଙ୍ଗ କନ୍ୟାର ଶରୀର ଓ ମାନସିକତା ନେଇ ଜୟାବିଜୟା କାନ୍ଥଚିତ୍ରରେ ଭରିଦେଇ ସେ ମୂର୍ତ୍ତିଟିକୁ ଅମର କରିଦେବାର ମାନସିକତା ଆମର ରହିଛି। ଆମର ଶିଳାରଚିତ ସବୁ ପୁରୁଷ, ସ୍ତ୍ରୀ, ବିଦ୍ୟାଧର, ଗନ୍ଧର୍ବ ଓ କିନ୍ନର ଏମିତି ଖୋଦିତ ହେବେ। ହୃଦୟରେ ଦୃଢ କଳିଙ୍ଗାନୁରାଗୀ। ପ୍ରବେଶ ଦ୍ୱାରରେ ଶାଳଭଞ୍ଜିକା ଆଗନ୍ତୁକଙ୍କ ମନକୁ ଏମିତି ଆନନ୍ଦିତ କରିବ, ତାଙ୍କର ମନ୍ଦିର, ଗୁମ୍ଫା ଭିତରେ ଥିବା ଦୃଶ୍ୟ ବା ଦେବଦେବୀଙ୍କୁ ଶାନ୍ତମନରେ ଗ୍ରହଣ କରିବେ, ଥରକୁ ଥର ମନ୍ଦିରକୁ ଦର୍ଶନ ପାଇଁ ଆସିବାର ଦୁର୍ବାର କାମନା ରହିବ !

ମୁଖ୍ୟଶିଳାଶିଳ୍ପୀ କହିଲେ - ସ୍ୱୟଂ କଳିଙ୍ଗାଧିପତି ଖାରବେଳ ଯେତେବେଳେ ନିଜ ଶକ୍ତିର ଉତ୍କର୍ଷ ସ୍ଥାନରେ ଆରୋହଣ କରିଥିଲେ, ସାରା ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ କିଛି ଗାରିମା କଳିଙ୍ଗ ବକ୍ଷରେ ରୋପଣ କରିବାର ମାନସିକତା ନେଇଥିଲେ। ତା ଭିତରେ ବୃକ୍ଷଦେବତା, ପୁଷ୍ପଫଳ ଭରା ବୃକ୍ଷର ସୌନ୍ଦର୍ଯ୍ୟ ତାଙ୍କ ମନ ମୋହି ନେଉଥିଲା। ଏମିତି ଦୂର ରାଇଜରୁ କଳ୍ପତରୁ, ପୁଷ୍ପିତ ତରୁଲତାଭରା ନୂତନ ଉଦ୍ଭିଦ କଳିଙ୍ଗକୁ ବୋହି ଆଣୁଥିଲେ।

ତାଙ୍କ ଦେଖିବାରେ ମଗଧର ସାଞ୍ଚି ଓ ବାରହୁତ୍ ବୌଦ୍ଧ ସ୍ତୂପ ଓ ଶିଳ୍ପ ଭାସ୍କର୍ଯ୍ୟରେ ଗୋଟିଏ ଅପୂର୍ବ ଦୃଶ୍ୟରେ ସେ ଲାଖି ରହିଥିଲେ। ଶିଳାଶିଳ୍ପର କଳାକୃତି ଭିତରେ ସାଞ୍ଚିସ୍ତୂପର ଦୋଳାୟମାନ ଶାଳଭଞ୍ଜିକା ଦେଖି ଚକିତ ହୋଇ ରହି ଯାଇଥିଲେ ସେଠାରେ ଅପଲକ ନୟନରେ। ଅନୁସନ୍ଧାନ କରି ଉପଲବ୍ଧି କଲେ, ଏହି ଶିଳାବାଳିକା ସତୀ, ଅବିବାହିତା, ପ୍ରଚଣ୍ଡ ସୌନ୍ଦର୍ଯ୍ୟର ଅଧିକାରିଣୀ। ଧର୍ମକ୍ଷେତ୍ରରେ ଏମାନଙ୍କର ଉପସ୍ଥିତି ସୁନ୍ଦରମୟ ପରିବେଶ ଗଢିଥାଏ। ନିଜର ସୌନ୍ଦର୍ଯ୍ୟ ଓ ସତୀତ୍ୱ ବଳରେ ବୃକ୍ଷର ଡାଳ ସ୍ପର୍ଶ କଲେ, ତାହା ସ୍ୱତଃ ଫୁଲଫଳରେ ବୃକ୍ଷଟି ଭରିଉଠେ। ଏମାନେ ପ୍ରକୃତିର ସମ୍ପ୍ରସାରିଣୀ, ସବୁଜିମାର ପ୍ରତୀକ। ଦର୍ଶକ ମନରେ ଶ୍ରଦ୍ଧାଭାବର ଲହରି ଖେଳାଇ ଦିଅନ୍ତି। ପରସ୍ପରକୁ ପବିତ୍ର ଦୃଷ୍ଟିରେ ଦେଖିବାର ଉନ୍ମାଦନା ସୃଷ୍ଟି କରନ୍ତି। ଶାଳଭଞ୍ଜିକା ଦୈବୀଶକ୍ତି ପରିହିତା।

ଅନେକ ପରିକଳ୍ପନା କଳିଙ୍ଗାଧିପତିଙ୍କ ମନରେ। ସିଂହାସନଲାଭ ପରଠାରୁ ଯୁଦ୍ଧ ହିଁ ଯୁଦ୍ଧରେ ଜୀବନ ବିତୁଛି। ଲକ୍ଷ୍ୟ ରହିଛି ଗୋଟିଏ। ଅପହୃତ କଳିଙ୍ଗର ଅଗ୍ରଜୀନଙ୍କୁ କଳିଙ୍ଗ ଫେରାଇଆଣିବାକୁ ଯାହା ପ୍ରତିଜ୍ଞା ଥିଲା ତାହା ସମ୍ପାଦନ ହୋଇସାରିଛି। ଏବେ ପ୍ରତିଦିନ ଯୁଦ୍ଧ ପରିକଳ୍ପନାରୁ ମୁକ୍ତ ହୋଇ କଳିଙ୍ଗର ଗୀତିମୟ ନୃତ୍ୟମୟ ସ୍ୱାଧୀନ ଜୀବନ ପାଇଁ ଆଶାୟୀ। କଳିଙ୍ଗର ପ୍ରକୃତି ବକ୍ଷରେ ଆଣିବେ ଭବିଷ୍ୟତ ପାଇଁ କିଛି ସଂଳାପ। ମାଟିର ମଣିଷ ଗୋଟିଏ ପୁରୁଷରେ ନିଶ୍ଚିହ୍ନ ହୁଏ ସିନା, ପଥରର ଲିଖନ ଶତପୁରୁଷର ଅବଧି ଆୟୁଷ ପାଏ। କଳିଙ୍ଗର କୁମାରଗିରି ଓ କୁମାରୀଗିରି ନିଜର ସୁକୋମଳ ପଥର ରଖିଛି ତାଙ୍କର ମାନସିକତାର ରୂପ ଦେବାକୁ। ସେଥିରେ ଦେଶଦଶର ଶିଳାଲିଖନରେ ଭରିଦେବେ କଳିଙ୍ଗର ଭାବ, ସଂସ୍କୃତି ଆଉ ଭାଷାର ଆଲୋକ। ଧିମେଇ ପାରେ କଳିଙ୍ଗର ତେଜ, ହୋଇଯାଇ ପାରେ କଳିଙ୍ଗର ଅଧିବାସୀ ଶାସକର ଦାସ, ଦାଣ୍ଡର ଭିକାରୀ ଅବା ସ୍ୱାଭିମାନ ଅନ୍ୱେଷଣରେ ପରିଚୟହରା, କେହି ବି ତ ଦିନେ ଏହି ଅପୂର୍ବ ପରିବେଶକୁ ଅନୂଦିତ କରି ଦର୍ଶାଇବେ ସୁବର୍ଣ୍ଣ ଐତିହ୍ୟ। ସ୍ୱାଭିମାନର ଉଜ୍ଜ୍ୱଳ ଆଲୋକ। ସେ ପର୍ଯ୍ୟନ୍ତ ଖାରବେଳଙ୍କର ମାନସ ଜୀବନ କୁମାରୀଗିରି ଶୀର୍ଷରୁ କୁମାରଗିରି ଶୀର୍ଷକୁ ଲମ୍ଫଦେବାରେ ବ୍ୟସ୍ତ ରହିଥିବ।

ଅଭିଳାଷୀ କଳିଙ୍ଗ ନୃପତିଙ୍କର ମାନସିକତା, ଜୟା-ବିଜୟା ଗୁମ୍ଫା ଦ୍ୱାରଦେଶରେ ଜଣେ ବିନୀତ ଶିଳାଭଞ୍ଜିକା ଖୋଦନ। କାଳକ୍ରମେ ଅନେକ ଶିଳାଭଞ୍ଜିକା, ଦ୍ୱାରପାଳିକା, ଗନ୍ଧର୍ବ, ଅପ୍ସରା ଓ ଦିଶିଧାରିକା ଆସିବେ। ଗୋଟିଏ ପୂର୍ଣ୍ଣମା ତିଥିରେ ଜୀବଦାନ କରାଯିବ ସେ ଶାଳଭଞ୍ଜିକାକୁ। ଭବିଷ୍ୟତରେ ଶାଳଭଞ୍ଜିକା ସହିତ ସବୁ ଶିଳାମୂର୍ତ୍ତି ସହସ୍ରବର୍ଷର ପାର୍ଥିବ ଶିଳାଶରୀରରେ ମନୁଷ୍ୟତ୍ୱର ସତ୍ତା ଅନୁଭବ କରିବେ, ଅନେକ ଦୈବଯୋଗରେ ମାନବୀୟ ମାଦକତା ବି ଅନୁଭବ କରିପାରନ୍ତି।

ସବୁ ଶୁଣିବା ପରେ ନିର୍ମାଣ ସଚିବ କମ କହିଲେ ଏଗୁଡିକ ନିଶ୍ଚିତଭାବେ କଳିଙ୍ଗରାଜ୍ୟର ଧର୍ମକ୍ଷେତ୍ର କୁମାରୀପର୍ବତକୁ ଏକ ଭୂସ୍ୱର୍ଗରେ ପରିଣତ କରିଦେବ। କିନ୍ତୁ ତାଙ୍କୁ କହିଛନ୍ତି କଳିଙ୍ଗାଧିପତି ଯେମିତି ହେଲେ କେହି ଏହି ପର୍ବତ ବକ୍ଷକୁ ପରିଦର୍ଶନକଲେ ଯେମିତି ଅନୁଭବ କରିବେ କଳିଙ୍ଗର ନୃତ୍ୟନାଟିକା, ହାସ୍ୟରସ ଏବଂ ପ୍ରକୃତିର ଗମାତିଆ ଦୃଶ୍ୟ। ଏଥିପାଇଁ ନିର୍ମାଣ ସଚିବ ପ୍ରଶ୍ନ କରନ୍ତି ଶିଳାଶିଳ୍ପୀଙ୍କୁ, "କାରିଗର ଶ୍ରେଷ୍ଠ ତୁମର କିଛି ଅବଦାନ ରହିବ, କଅଣ କିପରି ତୃତୀୟ ମହାମେଘବାହନଙ୍କର ଆକାଂକ୍ଷା ପୂରଣ କରିବ ? ପାରିବ ତ ?"

"ନିଶ୍ଚୟ ଆଜ୍ଞା," କହି ଉଠିଲେ ଶିଳ୍ପୀ ବିଶିଷ୍ଟ, "ଆମର ସେ ଦିଗକୁ ବହୁ ନକ୍‌ସା ରହିଛି। ଆପଣମାନେ ସବୁ ଅଛନ୍ତି। ଗୋଟିଏ କାମରେ ଦୁଇଟା ଉଦ୍ଦେଶ୍ୟ ସାଧନ ସମ୍ଭବ। ମହାମହିମ ଚାହାନ୍ତି କଳିଙ୍ଗରାଜକର୍ମଚାରୀ ସମସ୍ତେ ଶିଳାଶିଳ୍ପରେ ମଣ୍ଡିତ ହେବେ, ରାଜପ୍ରାସାଦର ସମସ୍ତେ ବି ପ୍ରସ୍ତର ଛାୟା ଭାବରେ କାଳକାଳକୁ ରହିବେ। ପୁନଶ୍ଚ କଳିଙ୍ଗର ପର୍ବପର୍ବାଣୀ ଚାଲିଚଳଣ ଯାନିଯାତ୍ରା ସବୁ ଲିପିବଦ୍ଧ ହେବ।"

"ହଁ ସେ ସବୁ ତ ବିଭିନ୍ନ କାନ୍ଥ, ବାଡ ଆଉ ଖାଲକାନ୍ଥରେ ଗଢିଦେବ। ମନ୍ତ୍ରୀ, କଟୁଆଳ, ସେନାପତି, ଦ୍ୱାରପାଳ, ନାଚ, ବାଜାବାଲା, ବଂଶୀବାଦିକା, ମର୍ଦ୍ଦଳ ବାଦିକା। ଦେଖନ୍ତୁ ଆମର ମହିଳା କଳିଙ୍ଗନୃତ୍ୟ ପରିବେଷିକା କିପରି ଆନନ୍ଦରେ ନୃତ୍ୟ ସମ୍ପନ୍ନ କରନ୍ତି। ସେମାନଙ୍କର

ପାଦର ଘୁଙ୍ଗୁର ତାଳରେ ସେମାନଙ୍କର କେଶ ବି ନୃତ୍ୟରତ ଥାଏ। ସେମିତି ଗୋଟିଏ କାରୁକାର୍ଯ୍ୟ ଗୁମ୍ଫା କାନ୍ଥରେ ରଖିବ। ଯୁଗ ପରେ ଯୁଗ ଚାଲିଥିବ, କାଳ ପରେ କାଳ ଚାଲିଥିବ କିନ୍ତୁ କଳିଙ୍ଗକନ୍ୟା କଳିଙ୍ଗନୃତ୍ୟରେ ମଜି ରହି ଏ ଜାତିକୁ ନୃତ୍ୟଗୀତ ପ୍ରିୟ ପରିଚୟ ପ୍ରଦାନ କରୁଥିବେ," ଏ କଥା କହିଲେ ନିର୍ମାଣ ସଚିବ।

"ପଚାରୁଛନ୍ତି ଆଜ୍ଞା, ଆମେ ସେ ଧାରା କରିବାର ଅନୁମାନ କଲୁଣି। ଆପଣ କାମ ଦେଖିବେ। ମହାମହିମଙ୍କର ପ୍ରଶିକ୍ଷଣର ବିଶାଳ ଅର୍ଥବ୍ୟୟ ଆମେ କାରିଗରକୁଳ ନିଶ୍ଚୟ ଦେଖାଇଦେବୁ। ଆଉ କହୁଛି ସେ ହାସ୍ୟରସାତ୍ମକ କୁମାରୀପର୍ବତ ପରିବେଶ। ସେଇଟା ପ୍ରବେଶ ପଥର ଅତ୍ୟୁଚ୍ଚ ପାହାଚ ଚଢ଼ି ହାତୀଗୁମ୍ଫା ସମ୍ମୁଖରେ ପହଞ୍ଚଗଲେ, ଜଣେ ନ ହସି ରହିପାରିବ ନାହିଁ। ଗୋଟିଏ ବୈଠକଖାନା ହେବ। ହାତୀ, ବାଘ, ଭାଲୁ, ସାପ, ବେଙ୍ଗ ସବୁ ମିଶି ପରିବେଶ, ଦେଶ ଦଶ ଆଉ ଭବିଷ୍ୟତର ଏକ ଆଲୋଚନା କରିବେ, ତାହା କାଳକାଳକୁ ଦେଖଣାହାରୀଙ୍କ ମନରେ ସ୍ପନ୍ଦିତ ହେଉଥିବ। ଆଜି ଯୁଗରେ ଆଜିର କଥା, ଅନ୍ୟ ଯୁଗରେ ସେ ସମୟର ସମସ୍ୟା। ଏମିତି ବନ୍ୟଜନ୍ତୁମାନେ ଯେ ମଣିଷ ସମାଜର ଅବିଚ୍ଛେଦ୍ୟ ଅଂଶ ତାହା କାଳକାଳକୁ ପ୍ରମାଣ ରହିଯିବ।" ଏହା କହି ଟିକିଏ ଦମ୍ ନେଲେ ଶିଳ୍ପୀମୁଖ୍ୟ ?

"ତା ସାଙ୍ଗକୁ କଳିଙ୍ଗ ବିବରଣ ରହିବ ଏହି ହାତୀଗୁମ୍ଫାର ମଥାନରେ। ସେଇଟା ନିଶ୍ଚୟ ସବୁ ଶିଳାଶିଳ୍ପ କାର୍ଯ୍ୟ ସମାପନ ପରେ ରଚିତ ହେବ। କଳିଙ୍ଗର ଅତୀତ ଇତିହାସ ସହିତ ମହାମେଘବାହନ ପରିବାରର ବୃତ୍ତାନ୍ତ, ଦିଗ୍‌ବିଜୟୀ ଖାରବେଳଙ୍କର ଶାସନକାଳ ଏବଂ ଲେଖା ସରିବା କାଳର ବିଶଦ ବିବରଣୀ ସେଇ ମଥାନରେ ସ୍ଥାନ ପାଇବ। ଆଗନ୍ତୁକମାନେ ନିଶ୍ଚିତ ଭାବରେ ହାସ୍ୟରସ ଭାବରେ କଳିଙ୍ଗର ଗାରିମାରେ ଆପ୍ୟାୟିତ ହେବେ।" କହି ନିଜର କଥା ସାରିଦେଲେ ଶିଳ୍ପୀମୁଖ୍ୟ।

ଆରେ ଶିଳ୍ପୀବୃନ୍ଦ, ତୁମେ ସେହି ମଥୁରା ଶିଳାଲିପି ରଚକ ମାନଙ୍କ ପାଖରୁ ଲିପି ଗୁଡିକର ପୁଙ୍ଖାନୁପୁଙ୍ଖ ଜ୍ଞାନ ଆହରଣ କରିପାରିଲ ତ ? ଆମର ହାତୀଗୁମ୍ଫାର ରଚନା ବ୍ରାହ୍ମୀ ଲିପିରେ ରଚିତ ହେଲେ ହେଁ ତାହା କଳିଙ୍ଗାଧିପତିଙ୍କ ପସନ୍ଦ ଅନୁସାରେ ହେବ।

ମୂଳ ଶିଳାଲିପିକାରକ ନିଜେ ହିଁ ପ୍ରଧାନ ଶିଳାଶିଳ୍ପୀ, ଯିଏ ସବୁ ଚାରୁକଳା ପ୍ରସ୍ତର କାନ୍ଥରେ ଖୋଦନ କରିବେ। ସେ କହିଲେ, ଏ ବିଷୟରେ ସ୍ୱୟଂ ମହାମହିମ ଖାରବେଳ ତାଙ୍କୁ ରାଜପ୍ରାସାଦ ଡକାଇ ଆଦେଶ ଦେଇଛନ୍ତି। କହିଲେ ଆମ କଳିଙ୍ଗବାସୀ ତ କଳିଙ୍ଗରେ ତୃତୀୟ ମୌର୍ଯ୍ୟ ସମ୍ରାଟ ପିୟଦଶୀ ରାଜାଙ୍କ ରଚନା ଦେଖିବାକୁ ପରାଙ୍ମୁଖ। ତଥାପି ତାଙ୍କ ମଗଧ ଲିପିରଚକ ସେଠାକୁ ଯାଇ ସେଇ ଲିପିର ପଠନ କରି ଯାହା କହିଲେ, ତାହା ତ ପ୍ରଜାପାଳନର ପ୍ରସ୍ତର ରଚନା। କିଏ ପଢ଼ିବ ନା ତାଙ୍କୁ ବୁଝିବ। ଆମର ସେହି ଆଦେଶ, ଦଣ୍ଡାଦେଶ, ନିର୍ଦ୍ଦେଶ ପଢ଼ିବାର ଆଗ୍ରହ ନାହିଁ। ଆମର କିନ୍ତୁ କଳିଙ୍ଗ ନାଚତାମସା ପରି ଗୀତିସ୍ୱରରେ ଏହି ହାତୀଗୁମ୍ଫା ସନ୍ଦର୍ଭ ରଚିତ ହୋଇଛି। ଗୀତ ପରି ଶ୍ରୁତିମଧୁର, ଆକର୍ଷଣୀୟ ଏବଂ ହୃଦୟସ୍ପର୍ଶୀ। ଏହା କେବଳ କଳିଙ୍ଗର ତେର ବର୍ଷର ଦିଗବିଜୟ ଏବଂ ପ୍ରଶାସନ ନୁହେଁ, ଏହା ବିଗତ ଏକ ସହସ୍ରାବ୍ଦର ଅନୁଶୀଳନ ଏବଂ ସମ୍ବନ୍ଧ ରକ୍ଷାକରେ,କଳିଙ୍ଗର ଗାରିମା ଊର୍ଦ୍ଧ୍ୱରେ ରଖେ ତଥା କଳିଙ୍ଗବାସୀଙ୍କର ସାମାଜିକ କାର୍ଯ୍ୟକ୍ରମର ଏକ ଜ୍ୱଳନ୍ତ ଧାରା ପ୍ରଦାନ କରେ।

ସେ ମୋତେ ପିଠି ସାଉଁଳେଇ କହିଛନ୍ତି, ତୁମ ଶିଳାଶିଳ୍ପୀ ଦଳ ଯଦି ହାତୀଗୁମ୍ଫା ଶିଳାଲିଖନ ଆଉ ସମସ୍ତ ଗୁମ୍ଫାର ନୂତନ ପରିଚୟ ସୃଷ୍ଟି କରିପାରିବ, ତୁମକୁ ରାଜକୀୟ ସମ୍ମାନ ସହ ମନବୋଧ ପୁରସ୍କାର ରାଜକୋଷରୁ ପ୍ରଦାନ କରାଯିବ।

ଏହା ସହିତ ଆମର ବି ଅଧିକ କିଛି କରିବାର ଅଛି। କୁମାରଗିରିକୁ ତ ସେମିତି ଛାଡି ଦେବୁନି। କଳିଙ୍ଗାଧିପତିଙ୍କର ପ୍ରାପ୍ତବୟସ୍କ ହେଲେ ସେ ହିଁ ତାପସ ଜୀବନ ପାଇଁ ସେଠାରେ ଉପନୀତ ହେବେ। ସେଠାରେ ତାଙ୍କର ପଦମୂଳିକା ନିମନ୍ତେ ଏକ ଲେନମ୍ ସୃଷ୍ଟି କରି ଅନେକ ଶିଳାଚତ୍ର ସହିତ ସେଠାରେ ଶୁଆ ଚିହ୍ନ ରଖିବାକୁ ପରିକଳ୍ପନା ରହିଛି। ଅନନ୍ତ ଗୁମ୍ଫାରେ ମହାମେଘବାହନ କାଳର ଅନେକ ସାଂସ୍କୃତିକ ସଂକେତ ରହିବ। କଳିଙ୍ଗର ଚାଲିଚଳଣ, ଦେବାଦେବୀ ଆଉ ଅନେକ କାରୁକାର୍ଯ୍ୟର ନମୁନା ଏହି ଅନନ୍ତ ଗୁମ୍ଫାରେ ପରିଦର୍ଶିତ ହେବ।

କୁମାରଗିରି କୁମାରୀଗିରି ଅପେକ୍ଷା ସିଦ୍ଧିଲାଭ ନିମନ୍ତେ ଅନେକ ତାପସଙ୍କର ଧ୍ୟାନସ୍ଥଳୀ। ଏଠାରେ ଗମନାଗମନ ସୀମିତ ଏବଂ କୁମାରୀଗିରି ପରି କୋଳାହଳମୟ ନୁହେଁ, ଏଠାରେ ଏତେ ଶିଳାଶିଳ୍ପର ଆବଶ୍ୟକତା ନାହିଁ। ତଥାପି ଯେତିକି ମହାମହିମ ଆଦେଶ ଦେଇଛନ୍ତି, ତାହା ଆମର ଶିରୋଧାର୍ଯ୍ୟ।

ଆମେ ସେହି ମନୋବୃତ୍ତିରେ କାର୍ଯ୍ୟ କରିବୁ। ଏହା ଅନ୍ୟୂନ ଗୋଟିଏ ଯୁଗ ଲାଗିଯିବ। ତା ପରେ ସ୍ୱୟଂ କଳିଙ୍ଗାଧିପତି ଏହାର ମୂଲ୍ୟାୟନ କରିବେ।

ତା ପରଠାରୁ କୁମାରୀଗିରି ଗୋଟିଏ ଚଳଚଞ୍ଚଳ ଶବ୍ଦାୟମାନ ନଗରୀ ପରି ପ୍ରତୀୟମାନ ହୁଏ।

*ସମାରୋହ, ୧୨୮, ଢୁମୁଢୁମା (କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

୦୦୦

*କ୍ରମଶଃ...*




# ମାଢୁ ମୂଲିଆ

**ପିନାକୀ ମିଶ୍ର**

ଆଉ ଅଛି କି !
ଜମି ଚଷୁଥିଲା
ଜମିତଳେ ଶୋଇଛି
ଛ ଟା ଶୀତ ଗଲାଣି ।

ଗୋସେଇଁଘର ମୂଲିଆ
ଜାଣିବ ତ ପୁଅ
ଚାରିମାଣିଆପାଇରେ ମାପିଦବଯେ'
ଦିପଉଟି ଧାନ ସଫା,
ମୁଣ୍ଡାଟା ହେଇ କେଡ଼େ ଧୀର, ନିର୍ଭୁଲ୍ ।

ସଂଜସରି ବିଡ଼ା ବାଂଧୁଥିବ
କେଣ୍ଡାଟେ ପଡ଼ିଥିଲେବି
କଳେଇଭାର ନୁଆଁଇ ଉଠେଇନେବ,
ମଗୁଶୁର ଲିପାଖଳାରେ
ଦିମଣିଷ ଉଚ୍ଚା ଲାଗି ଲାଗି ଧାନବଧାଡ଼ି,
ଆଣ୍ଠୁଜାକି ବାଂଧୁଥାଏ କଳେଇବିଡ଼ା, କଚଡ଼ାବିଡ଼ା
ଭାରିଯାକୁ ସୁତୁରାଏ
ନନା ଦେଇଛି ଟଙ୍କା, ବଏଲର ଆଣିଦେବି
ବିଲରୁ ବିଡ଼ା ଉଠେଇନେବା ଲ
ରାତିକୁ ଭରସା ନାଇଁ ।

ସାହୁଘର ମୂଲିଆ ତି, ଘର, ବାଡ଼ି, ଖଳା,
ବୁଧୁବଳଦ ମୂଲିଆଭୂଇଁ ସବୁ ପାଇଛି
ପୁଅଠୁ ଅଧିକ ପା
କାନକୁହା ଶୁଣେନି
ଭାତମଂଜି ସାହୁଘରକୁ ଖଂଜେଇଛି
ନାଁ ପକେଇନି କେବେ ହାଟରେ କି ବାଟରେ,
ସଂଜକୁ ହାଣ୍ଡିଆବେଳେ ଢେର୍
ଚିଁ ଚିଁ ଆଲୁଅ ଜଳୁଥାଉ,
ସେ ବିଛଣା ଧରେ, ପାହାନ୍ତାରୁ ପୁଣି ବିଲମୁହାଁ ।

ଗୋଟେ ମୁଣ୍ଡାକୁ
ଶହେପଡ଼ିଶା ସରିହେଲେନି ହୋ,
ଅପାଠୁଆଟା ସିନା, କାଂଧବଧିଆ,
ମାଟିରେ ସୁନା ଫଳେଇ ନିଜେ ବି ସୁନା
ଦିଝିଅ ଖଣ୍ଡେ ପୁଅକୁ ଦିହାତ ବି କଲା ।

ତିରିଶବର୍ଷରେ କେତେ ଯେ' ଘଟଣା
ପୁଅ ଚିନ୍ତାରେ ତିରିଲା ଗଲା
ଗୋସେଇଁ ସାହୁ ତା ବାପ
ମା'ମାଟି ତା' ଭାତବେଲା
ପଖିଆ ତାଙ୍କ ଅସରାରେ ବି ପାଣିକାଟିଛି ବିଲରୁ
ଏକଲା ଝାଙ୍କିରେ ନେଇ ଖତ ଫିଙ୍ଗିଛି ।

ଛାତି ଘା ଶୁଖିଲାନି ଜମା
ପୁଅଟା ବି ଚାଷକୁ ମନଦେଲାନି
ଦଶରୁ ଦିପଉଟିକୁ ଖସିଲା ଅମଳ
ଦିନେ ରାତିରେ ନଖାଇ ଶୋଇଛି,
ଆଉ ଉଠିଲାନି
ଗଲାପଛେ ମାଟିଖଣ୍ଡେ ମାଗିନି ବଖୁରେ ପାଇଁ
ଥକିପଡ଼ି ଶୋଇଛି ବିଲତଳ ନାଳଧାରେ
ସାହୁଘର ଦେଲାରୁ ହାଣ୍ଡିଆପାଚିଲା ଦଶଦିନ କାମରେ ।

*ଦୂରଭାଷ: ୯୪୩୮୧୧୮୩୯୭*

# ସେ ନ ଆସିଲେ

**ପ୍ର. ଗିରିଜା ଶଙ୍କର ଶର୍ମା**

ସେ ନ ଆସିଲେ ବାଟ ଓଗାଳେ ଅଂଧାର
କେଉଁଠୁ ଖବର ପାଆନ୍ତି କେଜାଣି
ବାଟବଣା ଦୁଃଖ ସବୁ ମାଡ଼ି ଆସନ୍ତି
ଲେସି ହେବାକୁ
କୋଠରୀ କାନ୍ଥରେ, ଛାତରେ ।
ଗ୍ରୀଷ୍ମରେ ଗୀତ ଗାଉଥିବା
ଏକାନ୍ତ ପକ୍ଷୀର ସ୍ୱର
ଆହୁରି କରୁଣ ହୁଏ

ମୁହୂର୍ତ୍ତ ଗୁଡ଼ିକ ସ୍ଥିର ହେଲା ପରି ଲାଗେ ।
ସେ ଛୁଇଁ ଥିବା ପ୍ରତିଟି ବସ୍ତୁ
ଗୁଡ଼େଇ ହୋଇ ଯାଆନ୍ତି ମନ ଭିତରେ
ସାଇତା ହୋଇଥିବା ସ୍ମୃତିରେ ।

ସଂଧ୍ୟାର ଅଧା ଅଧା ଅଂଧାରରେ
ସେ ଯେବେ ଆସି ଠିଆ ହୁଏ
ମୋ ସାମନାରେ
ଜୀବନ ନଈରେ ଅସଂଭବ ଜୁଆର ଆସେ ।
ଛାତି ଫୁଲିଉଠେ ମୋହରେ
ଅନାବନା ସଙ୍ଗୀତର ଆରୋହ ଅବରୋହରେ
ତାଳ ପକାଇ ପାରେନା ତାନପୁରା କି ତବଲା
ମୁହୂର୍ତ୍ତ ପ୍ରାଣମୟ ହୁଏ ।

ଜୀବନର ଶ୍ୟାମ ବନରେ
ବଡ଼ ବର୍ଷା ନହେଲା ନାହିଁ
ଛୋଟ ଛୋଟ ଅସରା ପଡୁଥାଉ
ବର୍ଷା ସ୍ନାତ ସବୁଜିମା ପବିତ୍ର ଲାଗୁଥାଉ ।
ସ୍ମୃତି ଅନୁଭୂତିର କକଟେଲରେ
ସମୟ ଧିରେ ଧିରେ ଚାଲିଥାଉ ।

*ଧନକଉଡ଼ା, ସମ୍ବଲପୁର-୭୬୮୦୦୬*
*ଦୂରଭାଷ: ୮୯୧୭୪୯୪୦୯୫*

ତୁ ବିଭୋର ହେଉ
ଉଦବାସ୍ତୁର ଯନ୍ତ୍ରଣାକୁ ଟିକେ କମ୍ କରେ ।

ତୁ ଅଛୁ ସ୍ୱପ୍ନରେ
ଯୋଉ ସ୍ୱପ୍ନ
ସୂର୍ଯ୍ୟ ଜହ୍ନ ତାରା ପରି
ସାଥି ହେଇ ଚାଲିଥାଏ...

ତୁ ଅଛୁ
ଆମ ଭଲ ସମୟର ସ୍ମୃତିରେ
ନବାନ୍ନ, ପୁଷପୁନିର ଖିରିପିଠା ବାସ୍ନାରେ
ଆମ କଥାର ମଧୁରତାରେ
ମହାନଦୀ ପାଣିର ଖଲ ଖଲ ସକାଳରେ
ବେଲବୁଡ଼ାର ହମ୍ବାରଡ଼ିରେ...

ତୁ ଏବେ ଯେମିତି ବି ଅଛୁ
ନିଜ ବୁଡ଼ି ଯାଇଥିବା ଗାଁରେ
ସବୁଜ ହେଇଅଛୁ

ଶୁଖିଗଲେ ବି ସ୍ମୃତି
ଚନ୍ଦନ କାଠ ପରି ମହକୁଥିବ
ଶେଷ ରକ୍ତ ବିନ୍ଦୁରେ ।

*କଲ୍ୟାଣୀ ରେସିଡେନ୍ସି, ୨୦୩, ଫାର୍ମ ରୋଡ଼, ସମ୍ବଲପୁର-୨*
*ଦୂରଭାଷ: ୮୧୪୪୨୨୮୨୦୨*

# ବୁଡ଼ି ଅଞ୍ଚଳର ଲୋକ

**ସୁଶୀଲ କୁମାର ପାଣିଗ୍ରାହୀ**

ତୁ ଅଛୁ
ତୋ ବାପାଙ୍କ ହଲିଆ ଗୀତରେ
ଯାହା ଅନୁରଣିତ ତୋ ଭିତରେ

କେତେ ସୁନ୍ଦର ଭାବେ
ଗାଁକୁ ଜୀଆଁଇ ଦେଉ
ଏବେ ତୁ ବି ସେ ଗୀତରେ ।

ତୁ ଅଛୁ
ଉପାଡ଼ି ଆଣିଥିବା
ବାଡ଼ିର ନିମ୍ବ ଗଛର ଛାଇରେ
ସେ ଛାଇ ତୋ ଭିତରକୁ ଯାଏ
ମାଟିର ସୁଗନ୍ଧ ଦିଏ

# ସୂର୍ଯ୍ୟମୟୀ

**ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ**

ଅଧାଲେଖା କବିତା ଓ ହାତରେ କଲମ ଧରି
ଢୁଳେଇ ହେଉଥିଲା ବେଳେ ହଠାତ୍ ସାମନାକୁ ଋହିଁଲା ।
କେହି ଜଣେ ମୋ ନିକଟକୁ ଋଲି ଆସୁଥିଲା ।
ଆଖି ଖୋଲି ଡବ ଡବ ହେଇ ଋହିଁଲି, ଆରେ ଏ ତ ସୂର୍ଯ୍ୟମୟୀ ।
ତା ବାହାଘର ବେଳେ ମୋ ଝିଅ ବାହାଘର
ତେଣୁ ଯାଇପାରିନଥିଲି ।
ସୂର୍ଯ୍ୟା ନଇଁ ପଡ଼ି ମୁଣ୍ଡିଆ ମାରିଲା, ଆଉ କହିଲା-
ଯେତେବେଳେ ଦେଖତ କବିତା କଲମ
ମୁଁ କହିଲି ତୁ ଅନ୍ୟ ଆଡ଼ଟା ଦେଖିନୁ ।
ଅନେକ ଦିନ ହେଇଗଲାଣି ଦେଖାତ ହେଇନି
ଏଇ ସୂର୍ଯ୍ୟା ମୋ ହାତ ଧରି ଋଲି ଶିଖିଥିଲା

ମୋ ଝିଅ ରାଣୀର ଜିଗିରି ଦୋସ୍ତ । ଯେତେବେଳେ ଦେଖିବ
ଖେଳ ଆଉ ଅନ୍ତାକ୍ଷରୀ । ଦୁହେଁ ଏକ ସଙ୍ଗେ ଏକ ବିଷୟରେ
ବି.ଏ. କଲେ । ତା'ପରେ ଦି'ବର୍ଷ ବାଣୀ ବିହାର
ପିଜି ପରେ ପରେ ବାହାଘର । ଚାକିରୀ ନକରେଇ ବିବାହ
ଦେଇ ଦେଲି ବୋଲି ଆଜିଯାଏ ମୋ ଝିଅର ଖୁଣ୍ଟା । ଯଦିଓ
ସେ ଜାଣିଛି ସ୍ୱାମୀର ସ୍ତ୍ରୀ ହେଇ ଘର ସମ୍ଭାଳିବା
ମୁଁ ପସନ୍ଦ କରେ ।
ସୂର୍ଯ୍ୟା ପଚାରିଲା, ରାଣୀ ଏବେ କେଉଁଠି ? ମୁଁ କହିଲି
ହାଇଦ୍ରାବାଦରେ । ଆମେ ପୁଅ ବୋହୂ ଧରି ଏଇଠି ଅଛୁ ।
ନାତୁଣୀ ଲଣ୍ଡନରେ, ତା ଶିକ୍ଷା ସରିନି ।
ସୂର୍ଯ୍ୟାର ଆଖି ଖୋଳେ ଖୋଳେ
ପଶି ଯାଇଛି । ତା କଥା କହିଲା ଖୁବ୍ ଲୁଚେଇ ଛପେଇ ।
ମୁଁ ଅନୁଭବ କଲି, ନୀରବ ରହିଲି,
ସୂର୍ଯ୍ୟା ମୋ ଝିଅ ପରି
ଶ୍ରୀରାମ କରନ୍ତୁ, ତା ଜୀବନ ସୁଖମୟ ହେଉ ।

*ପ୍ଲଟ ନଂ.- ଡି-୯୯୩, ସେକ୍ଟର-୬, ମର୍କତ ନଗର*
*ଦୂରଭାଷ: ୯୮୬୧୬୩୪୪୯୩*

# ରେବତୀ

**ଡଃ. କୃଷ୍ଣ ଚନ୍ଦ୍ର ରଥ**

ତୁମ ଆଭାମଣ୍ଡଳ
ଲୁହାକୁ ଚୁମ୍ବକ ଟାଣିଲା ପରି
ଟାଣି ନେଉଛି ମୋତେ
ତୁମ ନୀଳପଦ୍ମ ଆଖି
ଜହ୍ନ ଠାରୁ ଅଧିକ ନୀଳିମା ବାଣ୍ଟୁଛି ।

ତୁମ ପଲାଶ ରଙ୍ଗର ଓଠ
ଦ୍ୱିପହର ଖରାକୁ ବରଫ କରି
ଥରାଇ ଥାଏ ମୋ ଦେହ
ତୁମର ଗେହୁଆ ରଙ୍ଗର ଦେହ
ଗଭୀର ସମୁଦ୍ରର ଭ୍ରମ ଆଣେ ମନରେ
ତୁମ ନାଭିର ଗଭୀରତା
ବାଇ ଚଢ଼େଇ ବସା ପରି
ଦୋହଲୁ ଥାଏ ମୋ ଆଖି ଆଗରେ

ତୁମ ଚଳମାନ କଟିର ଢେଉ
ଛାତିରେ ଫୁଟାଏ ଉଡ଼ି ଯାଇଥିବା
ଅଳତାର ଚିତ୍ରପଟ
ତୁମ ପାଦ ପାଉଁଜିର ଧ୍ୱନ
ହଲାଇ ଦିଏ ରନ୍ଧ୍ର ଗହ୍ୱରେ
ଘୁମେଇ ପଡ଼ିଥିବା
ସପ୍ତଫେଣୀ ନାଗର ପଞ୍ଜରା
ସୁ...ସୁ... କରୁଥାଏ ପୃଥିବୀ
କମ୍ପାଇ କ୍ଷୀର ସମୁଦ୍ର
ବିଛେଇ ଦେଇଛ ତୁମେ
କେତେ ରଙ୍ଗ କେତେ ସ୍ୱପ୍ନ ବାନ୍ଧି ଆଣିଛ ତୁମ
ପଣତ କାନିରେ କେତେ ପ୍ରଜାପତି
ମନ ଯମୁନାର ଉଜାଣିର
ବିଚିତ୍ର ନାଟ ।
'ରୋହିଣୀ' କେବେ ଆସିବ ତୁମେ ?
ଚାହିଁ ବସିଛି ବାଟ, ଦିଗ୍‌ବଳୟରେ
କେବେ ଗଢ଼ି ଉଠିବ ଘାଟ ?

*ଦୂରଭାଷ: ୯୪୩୭୧୬୩୭୬୩*

# ଶ୍ରୀମନ୍ଦିରରେ ସଂଧ୍ୟା

**ସରୋଜିନୀ ମିଶ୍ର, ଏମ୍.ଏ.**

ସଂଜ ଆସେ ନଇଁ ଶ୍ରୀ ନୀଳାଚଳରେ
ଶ୍ରୀମନ୍ଦିର ରୂପ ଦେଖ ମନବାରେ ।
ବାଇଶି ପାହାଚ ପାଟ ଅଗଣାର ଦୃଶ୍ୟ
ଦେଖି ଦେଖି ଆଖି ଲାଖିଯାଏ
ହୃଦୟରେ ଭରେ ଭକ୍ତିର ଭାବ ।

ଶ୍ରୀକୃଷ୍ଣ ଚୈତନ୍ୟ, ଦାସିଆ, ଜଗନ୍ନାଥ
କାହିଁ କେତେ ଭକ୍ତ କେଉଁଆଡ଼େ ଗଲେ
ତଥାପି ନ ଛାଡ଼େ ସ୍ମୃତିର ଗନ୍ଧ ।
ମନ୍ଦିର ବେଢ଼ାରେ ଭକ୍ତଙ୍କ ଗହଳି
ପୂଜା ପ୍ରବଚନ ଠାଆକୁଠାଆ ।
ଘଣ୍ଟ କରତାଳ ଖଞ୍ଜଣୀର ମାଡ଼
ବର୍ଣ୍ଣିବାକୁ କେହି ଅକ୍ଷମ ଯାହା ।

କେହି ସାଧୁଜନ ପୁରାଣ ଶୁଣାଏ
କେହି ଭକ୍ତ ଏଠି ଜଳାଏ ଦୀପ
କେହି ଦୁଃଖିନୀ ଗପଇ ଲୁହ
ପ୍ରଭୁଙ୍କ ଆଗରେ ଜଣାଏ ଦୁଃଖ ।

ନୀଳଚକ୍ରେ ନେତ ଉଡ଼େ ଫରଫର
ବିସ୍ତାରିତ କରି ତାହାର ପକ୍ଷ
ନେତର ସୌନ୍ଦର୍ଯ୍ୟ ଦରଶନ କରି
ପତିତ ଜନତା ଲିଭାଏ ପାପ।

ଆନନ୍ଦ ବଜାରେ ଭାରି ଭିଡ଼ ଦେଖ
ଅବଢ଼ା ପସରା ଧାଡ଼ି କି ଧାଡ଼ି
ନିର୍ମାଲ୍ୟ କଣାଏ ପାଇବା ପାଇଁକି
ଲୋକମାନେ ସବୁ ବାଡ଼ିଆ ବାଡ଼ି।

ଆରିସା କାକରା ଖଜା ଲଡୁ ଗଜା
ଶୁଖିଲା ଭୋଗ ଯେ କେତେ ସମ୍ଭାର
ଅବଢ଼ା ଡାଲିରୁ ଲୋଭ ନ ଛାଡ଼ଇ
ସୁଆରଙ୍କ ପାଖେ ଲୋକ ଗହଳ।

*କ୍ୱାର୍ଟର ନଂ.- କେ/୬ଏ, ଏମ୍.ଆଇ.ଜି.-୩୫,*
*କଳିଙ୍ଗ ବିହାର, ଭୁବନେଶ୍ୱର*
*ଦୂରଭାଷ: ୯୭୭୮୮୨୪୬୦୦*

## ଗଦ୍ୟ – ଗୀତି :
# ଅଜଣା ଅତିଥି

**ମୂଳଗଳ୍ପ – ଶ୍ରୀ ଶାନ୍ତନୁ ଆଚାର୍ଯ୍ୟ**
**ରୂପାନ୍ତର : ଚିନ୍ମୟ ରାୟ**

ସକାଳୁ ଗୋବରପାଣି ସିଞ୍ଚିଲି ଦାଣ୍ଡ ଦୁଆରେ, ମୁଁ ପରେ
ଚଉରା ଧୋଇଲି। ବାଡ଼ିରୁ ଟଗର ମନ୍ଦାର, କନିଅର ତୋଳିଲି
କେତେ କାଠଚମ୍ପା ଉପର ଡାଳରେ ଫୁଟିଛି
ଥାଉ କାଲି ନେବି
ଆଜିର ସକାଳ କାହିଁ କେମିତି ଲାଗୁଛି
ସିଏ ସଂକୀର୍ତ୍ତନ ଦଳ ନେଇ ଦୂରଗାଁରେ
ମୋ' ଦେହପା' କଥା ପଚାରିଥିଲେ ଦି ଦିନ ତଳେ ଫୋନ୍‌ରେ
ଆଜି କିଛି ଘଟିବକି ? କେହି ଆସିବେ କି ? ନା କେହି ନୁହେଁ...
ଯାଏଁ ଢିଙ୍କି ଉପରେ ଫୁଲ ଦି'ମୁଠା ଥୋଇ ଆସେ ବାଡ଼ିପଟେ
ଶାଳଘରେ
ଏଁ ତୁମେ ଦିହେଁ କିଏ ରେ ? ଏଠିକି କେମିତି ଆସିଲ
ଆରେ କା' ଘର ପୁଅ, କୋଉ ଗାଁରୁ ଆସିଛ
ଏଇ ତୋ' ନାଁ କଣ, ସାଙ୍ଗିଆ କ'ଣ ?
ଯାଁଳା ଭଳି ଦିଶୁଛ ହଁ ଜଣେ ଗୋରା, ଜଣେ କାଳିଆ
କିଛି ନୂତନ କ'ଣ ?
ଏ ଘନିଆଁ, ଡମ୍ବରୁ, କାଳୁ ଆସିଲ ଶୀଘ୍ର ଢିଙ୍କିଶାଳକୁ
ଧାନବସ୍ତା, ମୁଗପେଟି ପରେ ଥାକ ମାରିବ, ଆସିଲ
ଏଇ ପିଲା ଦୁହିଁଙ୍କୁ ଦେଖ ଭଲକି ପଚାରିବୁଝ
ଏମାନେ କିଏ, କୋଉଠୁ, କାହିଁକି ଆସିଛନ୍ତି ?
ତିନି ଭାଗୁଆଳି ଯେତେ ପଚାରିଲେ ମୁହଁ ଖୋଲିଲେ ନାହିଁ ଦୁହେଁ
ବଡ଼ପାଟିଆ ଡମ୍ବରୁ କହିଲା ତେମେ ଦିହେଁ କ'ଣ ମୂକ ?
ଦୁହେଁ ବିଡ଼ିବିଡ଼ି ହୋଇ ତଳକୁ ଚାହିଁ ଗୁମ୍ ରହିଲେ
ଢିଙ୍କିଶାଳେ ଅଜଣା ପିଲା ଦେଖି ଗହଳି ବଢ଼ିଲା
ସାହିରୁ ସାହି ସାତସାହି ପବନରେ ସଂଚରିଗଲା ଖବର
ଗାଁର ଉଚ୍ଚଶିକ୍ଷିତ ଧ୍ରୁବପତି ପିଲାକୁ ଦେଖିଲେ
ହସି କହିଲେ ଭାଉଜ ପିଲାଦିହେଁ ଆମ ଭାଷା ବୁଝୁନାହାନ୍ତି
ନିଶ୍ଚେ ବାହାର ରାଜ୍ୟରୁ ଆସିଛନ୍ତି...
ଏଁ କଣ କହୁଛ ଧ୍ରୁବ
ସାହି ମୁରବୀ ଘନିଆ ପଣ୍ଡା ମତଦେଲେ ନାନୀ !
ଗୁଜୁରାଟ ରାଜ୍ୟର ଗୋଧ୍ରାଦଙ୍ଗା ପରେ
ଯୋଉ ରେଳ ପୁରୀ-ଓଖା ଏକ୍ସପ୍ରେସ୍ କାଲି ରାତିଠୁ
ଆମର ଏଇ ମାଳତୀପାଟପୁର ଟେସନରେ ଅଟକିଛି
(ବୋଧେ) ସେଥିରେ ଆସି ଏ ଦିହେଁ ଗଡ଼ି ଆସିଛନ୍ତି ଏଠିକି
ଦୀର୍ଘଶ୍ୱାସ ଛାଡ଼ି ଢିଙ୍କି ଶାଳରୁ ଘର ଭିତରକୁ ଯାଇ
ଚିନିଖଇ, ଲଡୁ, ଖଜା ଆଣି ହସି କହିଲେ
ଧ୍ରୁବ ଯିଏ ବା ହୁଅନ୍ତୁ ଏ ଦିହେଁ
ଏ ଭୋଗେଇ ନିଅ ପିଲାଙ୍କୁ ଦିଅ କେଡ଼େ ଶୁଖିଲା ଦିଶୁଛନ୍ତି
ପିଲା ଦିହେଁ ଖାଇଲେ ନାହିଁ କିଛି କହିଲେ ନାହିଁ
ତଳସାହି ଟିଙ୍ଗା ମରଦ ଶୁକୁଟା ପାଖକୁ ଯାଇ ଦିହିଁଙ୍କୁ କିଛି
ପଚାରିଲା: କିଛି ନ ଶୁଣିବାରୁ
ଠାଏକିନା ଚଟ୍‌କଣି କଷିଦେଲା ଜଣକ ଗାଲରେ
ଆରଜଣକ ଥରିଯାଇ ମୁତି ପକାଇଲା ପ୍ୟାଣ୍ଟ୍ ଭିତରେ
ତା'ର ଭିଜିଲା ପ୍ୟାଣ୍ଟକୁ ଉତାରିଦେଇ
ଢିଙ୍କି ପାଖକୁ ଉଠିଯାଇ ଶୁକୁଟା କଚାଡ଼ି ପଡ଼ିକହିଲା
ସବୁ ସରିଗଲା ଲୋ ବଡ଼ଖୁଡ଼ୀ ସରିଗଲା
ଏଁ ଶୁକ କ'ଣ ହେଲା, ଏମିତି କାହିଁ କହିଲ
ଖୁଡ଼ି ଏ ଦି'ଟା ଯବନ ଛୁଆ ହଁ ଯବନ ଛୁଆ
ଏଁ କ'ଣ କହୁଛୁ ଶୁକ, କ'ଣ କହୁଛ
ହଁ ଆଜି ଉଭାହେଲେ ତୋ' ଢିଙ୍କି ଶାଳରେ
ପୂଜା ପାର୍ବଣରେ ଦିଅଁପାଇଁ ଚାଉଳଚୁନା
ପଠାଯାଏ ଏ ଶାଳରୁ ମଠକୁ, ମନ୍ଦିରକୁ
ଘଣ୍ଟାଏ ପରେ ଜମିଗଲେଣି ସାତସାହି, ପାଖ ଗାଁର ଲୋକେ

ଏସବୁ ଶୁଣି ଆଖି ମୁଦି ବ୍ରାହ୍ମଣି ବସିଗଲା ବାଡ଼ିପଟ ପିଣ୍ଡାରେ
ଗହଳି ଭିତରୁ ଶୁଭୁଥାଏ ହଁ ହଁ ଭଲ କି ଦେଖ ଭଲ କି ଦେଖ
ଦିହିଙ୍କ ସୁନା ସୁନ୍ନତ ହୋଇଛି ହଁ ସୁନ୍ନତ ହୋଇଛି
ଗଳାରେ କଳାସୂତାରେ ପିନ୍ଧିଛନ୍ତି ତାବିଜ
ସାତ ଆଠଛଅ ଖୋଦେଇ ହୋଇଛି
ମନ୍ଦିରନନା, ମଠ ମହନ୍ତ, ପୁରାଣପଣ୍ଡା, ଗ୍ରହଗୋସାଇଁ ପହଁଚିଲେଣି
ଓଢ଼ଣା ଟାଣି, ଜୁହାର ହୋଇ ଠିଆ ଢିଙ୍କିଶାଳ ମାଲିକାଣିକୁ
ଶୁଣାଇଲେ ନୀତିନିୟମର ବିଧାନ
ସଂକୀର୍ତ୍ତନିଆ ତୋ' ଗେରସ୍ତକୁ ଏଇ କଥା ଜଣାଇଦେ
ସେ ଆସିଲେ ଦିହେଁ ଗୋବର ପାଣି ପିଇବ
ଏଇ ଶାଳଘରେ ଗଙ୍ଗାପାଣି ସିଞ୍ଚି
ଦାଣ୍ଡବାରି ଭଲକି ଧୋଇବ
ପୁରସ୍ତମରୁ ମହାପ୍ରସାଦ ଆଣି
ଗାଁ ଲୋକଙ୍କୁ ଖୁଆଇ ଶୁଦ୍ଧିହେବ
ଏତେ ନିୟମ, ନିର୍ଦ୍ଦେଶ ଶୁଣି ଗୁମ୍ ରହିଲା ସେ
କାହାକୁ କିଛି କହିଲା ନାହିଁ
(ଯେମିତି) ଛୁଆ ଦୁହିଁଙ୍କୁ ସମସ୍ତେ ମିଶି କହିଲେ
ଆଜି ରବିବାର, ଏଠୁ ଯାଇ ଇସ୍କୁଲ ଘରେ ବସିଥାଅ
ପରେ ଯାହା ବିଚାର ହେବ...
ଏତକ ଶୁଣି ପିଣ୍ଡାରୁ ଉଠି ହାତ ହଲାଇ ଝିଙ୍ଗାସିଲା
ବ୍ରାହ୍ମଣି ବାର ବର୍ଷ ହେଲା ମୋ' କୋଳ ବାଳୁତଶୂନ୍ୟ
ବନ୍ଧ୍ୟା, କୁଲକ୍ଷଣି କହି ଦେଖିଲେ
ସକାଳ ସଂଜେ ଯାଅ ମୁହଁ ବୁଲାଇ
ଆଃ ବାଳୁତ କୁମର ଆଜି ଭେଟିଦେଲେ ମୋତେ ଠାକୁର
ଦିହିଁଙ୍କ ଉଭା କଲେ ମୋ' ଢିଙ୍କିଶାଳରେ
ହଁ ଭଲକି ଶୁଣିକି ଯାଅ, ମନେ ରଖିଥାଅ
ନାଁ ମୁଁ ଗୋବରପାଣି ପିଇବି
ନା ମୁଁ ପୁରସ୍ତମରୁ ମହାପ୍ରସାଦ ମଗାଇବି
ସାରା ଗାଁ ଏକ ଘରକିଆ କର କି ନିଆଁପାଣି ବାସନ୍ଦ
ଖାତିର ନାହିଁ ମୋ'ର
ଅଜଣା ଅତିଥି ଆଜି ଆସିଛନ୍ତି ଦୁଆରକୁ ମୋ'ର
ଜଣେ ଗୋରା, ଜଣେ କାଳିଆ
ଦିହେଁ ମୋ'ର ଜଗା-ବଳିଆ
ଏଇ ପରିଚୟରେ ଆମେ ଦିହେଁ ପାଳିବୁ ଦୁହିଁଙ୍କୁ
ଏତିକି ଉଚ୍ଚକଣ୍ଠେ କହି ଛ, ସାତବର୍ଷର ସେ ଯାଁଳା ଦୁହିଁଙ୍କୁ
କାଖେଇ ନେଲା ଗୃହିଣୀ
ଆଖିରୁ ଲୁହ, ଦେହରୁ ଝାଳ ଯାଉଥାଏ ବୋହି
ପୁତ୍ର-ପ୍ରାପ୍ତି ଆନନ୍ଦରେ କୋହ ଉଠୁଥାଏ ରହି ରହି
ଏମିତି ନିଷ୍ପତ୍ତି ରୋକ୍‌ଠୋକ୍ ଶୁଣି
ଗୋଟି ଗୋଟି ଚାଲିଗଲେ ନିୟାମକମାନେ ତଳମୁହାଁ ହୋଇ
ଗହଳି ଭାଙ୍ଗିଲା, ସତେକି ବାଡ଼ି ଅଗଣାରେ
ରୁନ୍ଧି ହୋଇଥିବା ପବନ ଜୋରରେ ବହିଲା
ବ୍ରାହ୍ମଣି କାଖରେ ଥାଇ ଯବନବାଳୁତ ଦୁହେଁ
ଜୁଲୁ ଜୁଲୁ ଚାହିଁଥା'ନ୍ତି ମୁର୍କିହସା ହୋଇ
ନିଃଶ୍ୱାସରେ ଆସିଲା ଉଶ୍ୱାସ
ନୂଆ ମାଟିରେ ନୂଆ ମା'କୁ ପାଇ
ହଁ ନୂଆ ମା'କୁ ପାଇ।

*ଅଧ୍ୟାପକ, ବି.ଜେ.ବି. ହାଇଅର ସେକେଣ୍ଡାରୀ, ଭୁବନେଶ୍ୱର-୧୪*
*ଦୂରଭାଷ: ୯୭୭୬୪୯୨୫୮୧*

# ଭାଇ

**ସନ୍ତୋଷିନୀ ଦାଶ (ଗିରି)**

ଗୋଟିଏ କଂସାରେ ଖାଇଲାବେଳେ
କେତେ ମାଡ଼ଗୋଳ
କେତେ ହୋହଲ୍ଲା
ଭାଇର ପୁରୁଣା ଜାମା ପିନ୍ଧି
ଆଇନାରେ ବାରମ୍ବାର
ନିଜକୁ ଦେଖିଲାବେଳେ
କେଜାଣି କାହିଁକି
ଖୁବ୍ ଭଲ ଲାଗେ
ଅଥଚ ସମୟର କଷଟି ପଥରରେ
ବେଳେବେଳେ ସମ୍ପର୍କକୁ ନେଇ
ପ୍ରଶ୍ନବାଚୀଟିଏ
ସୃଷ୍ଟି ହୁଏ
ସେତେବେଳେ ଅତୀତ
ଆତ୍ମଗୋପନ କରେ
କୋଉଠି କେଜାଣି
ଭାଇ ଭାଇ ଭିତରେ
ଟଣାହୁଏ ସୀମାରେଖା
ସବୁଠୁ ନିଜର ମଣିଷ
ଶତ୍ରୁ ପରି ଦିଶୁଥାଏ
ହେଲେ କେବେ ଥରେ
ନିଜକୁ ପଚାର
ସତରେ କଣ ଭାଇ କେବେ

ଭଗାରି ହେଇପାରେ
ଭାଇ କଣ ରହେଁ
ଭାଇର ଘୃଣାଭାବ
ଆରେ ସେଇ ଭାଇ ଯେତେବେଳେ
ଛୋଟଟିଏ ଥାଏ
ଲାଗେ ସତେ ଯେମିତି
ଅବିକଳ ନିଜ ପରି
ଆଉ କିଏ
ହଁ ଭାଇ ନୁହେଁ
ନିଜ ଦେହର ଛାଇ ସିଏ
ତେବେ କାହିଁକି ମନରେ
ଏତେ ହିଂସା, କାହିଁକି ନୁହେଁ
ପୂର୍ବ ଆଉ ପଶ୍ଚିମ ଦିଗ
ଭାଇ କେବଳ ମଣିଷଟେ ନୁହେଁ
ଭାଇ ଏକ ନିବିଡ଼ ଆବେଗ।

*ଗୋପାଳପୁର, ବଡ଼ପଶି, କେନ୍ଦୁଝର*
*ଦୂରଭାଷ: ୬୩୭୦୫୬୦୫୫୪*

# ପୂର୍ଣ୍ଣତା

**ଡ. ସୁନନ୍ଦା ମିଶ୍ର ପଣ୍ଡା**

କିଏ କହେ, ତୁମେ ଏବେ ମୋ' ଭିତରେ ନାହଁ।
ଆରମ୍ଭରୁ ତ ସେମିତି ଥିଲ
ଏବେ ବି ଠିକ୍ ସେମିତି ରହିଛ
ମୋ' ଓଠ ମୋ' ମୁହଁ ଓ ଶରୀର ଛାପରେ।

ଏ ଜୀବନେ ଯଦି ତୁମ ବିନା,
ଏକା ଠିଆ ହୋଇଥା'ନ୍ତି,
ସତେ ବୁଝି ତ ପାରିନଥାନ୍ତି
ଭିଜା ମାଟିର ବାସ୍ନାକୁ ଫୁଲର ସୁଗନ୍ଧକୁ
କି ବସନ୍ତର କାକଳିକୁ।

ସମୟର ପରିଧିରେ ଘୂରି ବୁଲି
ସମ୍ପର୍କର ସଂଜ୍ଞା ବାଣ୍ଟିଚି
ସ୍ନେହ ଓ ପ୍ରେମର ଗଭୀରତା ମାପିଚି
ଜନ୍ମ ଜନ୍ମାନ୍ତରରୁ ବିଭାଜିତ
ଅତୃପ୍ତ ସୂତା ଖିଅଟିଏ
ସତେ ରକ୍ତର ଏ କି ଆକର୍ଷଣ!

ଚିରା ଫଟା ଜୀବନ ପୃଷ୍ଠା ସବୁ
ଲୁଚକାଳି ଖେଳୁଥାଏ
ଆଖିରେ ଓଠରେ
ହସରେ, କାନ୍ଦରେ
ଜୀବନ ଏକ ମହାର୍ଘ ଅନୁଭବ।

ପ୍ରାପ୍ତିର ପାହାଚ ଚଢ଼ୁ ଚଢ଼ୁ
ଅପ୍ରାପ୍ତିର ଅଦୃଶ୍ୟ ଇଲାକା
ଅଜ୍ଞାତରେ ସ୍ପର୍ଶ କରେ
ଅବିଶ୍ୱାସ ଭେଟିଟିଏ
ଚରମ ଦୁର୍ଭାଗ୍ୟର ରଙ୍ଗରେ ରଙ୍ଗେଇ।

ଆକାଶୁ ଝରୁଛି ଆଜି
ଚୁନା ଚୁନା ଆଶାର କବିତା
ପୃଥିବୀ ହସୁଚି
ଚନ୍ଦ୍ରମା ପ୍ରୀତିର ନିର୍ଯ୍ୟାସ ପିଇ
ମୋ' ଜୀବନର ସବୁ ସରଳ ଓ ବକ୍ରରେଖାର
ତୁମେ...
ତୁମେ ହିଁ ତ,
ଶେଷତମ ବିନ୍ଦୁ।

ସବୁ ପାର୍ଥିବ ସୁଖ ଦୁଃଖରୁ ବିଚ୍ଛିନ୍ନ ହୋଇ
ସ୍ୱପ୍ନର ଗର୍ଭରେ ଲୀନ ହୋଇଯିବି
ପୂର୍ଣ୍ଣତାରେ...।

*ଟରୋଣ୍ଟୋ, କାନାଡ଼ା*

# ମୋ' ଭାବନାରେ

**ସୌଦାମିନୀ ସାହୁ**

ଭାବୁଛି ଭୁଲି ଯିବି
ଭାବନାରେ ଅଛି
ଯେତେ ସ୍ମୃତି,
ଭୁଲିଯାଏଁ ଭୁଲ୍‌ରେ
ଭ୍ରମରେ ପଡ଼ି ମୁଁ ନିତି।

ଭସା ଭସା ବଉଦରେ
ଭାସିଯାଏ ମନଭେଳା ମୋର,
ଭୀତତ୍ରସ୍ତ ମନ ହୁଏ
ଭୟଙ୍କର ସ୍ୱପ୍ନମାନେ

ଯେବେ ହୁଅନ୍ତି ସବାର ।

ଭଲଲାଗେ ଆକାଶରେ
ଆଙ୍କିବାକୁ ସୁନ୍ଦର ତୋ
ଅପରୂପ ଛବି,
ଭିଡ଼ଥାଏ ତାରାଙ୍କର
ଫେରିଆସେ ଅଭିମାନେ
ତୁମ କଥା ଭାବି ।

ମୋ' ଭାବନାରେ ତୁମେ ଆଜି
ସମ୍ମୋହନେ ବଂଶୀର ନିନାଦ
ଅନୁଭବେ ପ୍ରୀତି ନଈତୁଠେ,
ଅନୁରାଗ ଅଭାବ କି ସତେ
ଅଲୋଡ଼ା ଚିରଦିନ ମୁଁ କି ?
ଶବ୍ଦ ନାହିଁ ସେହି ନାଳି ଓଠେ ।

*ସଫା, ଟାଙ୍ଗୀ, କଟକ*
*ଦୂରଭାଷ: ୯୬୬୮୫୪୫୭୧୫*

# ମାୟା ସିନ୍ଧୁରେ ପୂର୍ଣ୍ଣ ଇନ୍ଦୁ

**ଜ୍ୟୋତି ପ୍ରକାଶ କର**

ବିନ୍ଦୁ ବିନ୍ଦୁ ମାୟାସିନ୍ଧୁ ଲହରୀରେ
ଭାସି ଭାସି ଆସୁଛନ୍ତି ପୂର୍ଣ୍ଣଇନ୍ଦୁ
ଗହଣରେ ଗହଳ ଲଗାଇ,
ଈଶ୍ୱର ଠୁ ଇତର, ସମସ୍ତେ ଆତୁର
ନୀଳାଚଳ ନାୟକଙ୍କ ନୀରାଜନାରେ,
ଅନ୍ତରାତ୍ମାରେ ଅଙ୍ଗାଙ୍ଗୀତା ପାଇଁ
ସମସ୍ତେ ଅଧୀର - ଅଧୀ ରୂଢ଼
ଅଧୀଶ୍ୱରଙ୍କ ଅଧରାମୃତ ଦର୍ଶନେ ।
ପ୍ରତୀକ୍ଷାରେ ଜଗତ, ଜଗଦୀଶଙ୍କର
ତଲ୍ଲୀନ ଏକାତ୍ମଭାବେ
ବିଭୋର ବିଭୁଙ୍କ ବିଭୁତାରେ,
କରତାଳ, କରତାଳି କାହାଳୀ
ହରିବୋଲ ହୁଳହୁଳିରେ
ପ୍ରତିଧ୍ୱନିତ ସେ ଅଭିମନ୍ତ୍ରିତ ସ୍ୱର ।
ଦେଖ, ଦେବଭୂମି ସ୍ୱର୍ଗ ଭୂମିର

ଘରୁ ଚିତ୍ରପଟ - ଚନ୍ଦ୍ରଶାଳାରୁ ଚନ୍ଦ୍ରାତପ
ଭବଭୟହାରୀଙ୍କ ଭଜନ ଚିନ୍ତନରେ
ମୁହୂର୍ତ୍ତେ ମାତ୍ରକ ଆଡ଼ ନେତ୍ର ପାଇଁ
କଣିକାଏ କରୁଣା ନିମନ୍ତେ
କୃତାଞ୍ଜଳି କରେ ।
କୋଟି ସୁରୂଜର ଶୋଭାରେ ଉଭା
ବ୍ରହ୍ମାଣ୍ଡର ବ୍ରହ୍ମ ବିଜେ ବ୍ରହ୍ମଘୋଷରେ
ଆମେ ଆରାଧକଙ୍କ ଆଳତି ପ୍ରଣତି ପ୍ରଣିପାତରେ
ଉର୍ଦ୍ଧ୍ୱବାହୁ ମଥାନତ ସମର୍ପିତ ମୁଦ୍ରାରେ ।

ନନ୍ଦିଘୋଷେ ଘନଶ୍ୟାମ ଘୋଷଯାତ୍ରାରେ
ଶରଣରେ ଚରଣାଶ୍ରିତମାନେ
ଅରୂପଙ୍କ ସ୍ୱରୂପ ତ ଏବେ ଅପରୂପେ
ନରନାରାୟଣଙ୍କ ନୟନୋତ୍ସବରେ ।

*ପ୍ଲଟ ନଂ- ୪୯/ସି, ଶକ୍ତିନଗର,*
*କଟକ-୭୫୩୦୧୨*
*ଦୂରଭାଷ: ୯୪୩୮୫୩୨୪୫୭*

# ଅପରାହ୍ନର ଫଗୁଣ

**ପ୍ରଭାତ କୁମାର ଆଚାର୍ଯ୍ୟ**

ଥରୁଟିଏ ବି ପଛକୁ ନ ଚାହିଁ
ଏମିତି ମୁହଁ ଫେରେଇ ଚାଲିଯିବା କ'ଣ
ଠିକ୍ ହେଲା ସତରେ... ?

ଯାଅ...
ତମ ଯିବାରେ ତ ମୋର,
ଆପତ୍ତି ନ ଥିଲା କେବେହେଲେ ॥

ଯିବା ପୂର୍ବରୁ ଅନ୍ତତଃ ମୋତେ
ମୁକୁଳାଇ ଯିବାର ଥିଲା ପଞ୍ଜୁରୀରୁ
ତମ ଛାତିତଳ ଅଂଧାରରୁ;
ଫେରେଇ ଦେବାର ଥିଲା
ମୋ ନିଶଉଠା ବେଳର ସ୍ୱପ୍ନ ସମୂହ
ଆଉ ତମ ବକ୍ଷ ଉପତ୍ୟକାରେ
ଉଇଁ ଆସୁଥିବା ଜହ୍ନଆଲୁଅରେ ଲେଖିଥିବା
ମୋ ଆତ୍ମ ଯୌବନର ସଂଗୀତକୁ
ନିଃ ସଂକୋଚରେ ମୋ ହାତରେ ॥

ସେ’ କବିତାରୁ ସ୍ରବିଥିବା ମୁହୂର୍ତ୍ତର
ପୁଲକ ସବୁକୁ,
ମୋ ପ୍ରତିଟି ପ୍ରୀତିମୟ ସାୟାହ୍ନର
ଉତ୍ଥାପିତ ଇନ୍ଦ୍ରଧନୁଙ୍କୁ, ଉନ୍ନିଦ୍ର ରାତିଙ୍କୁ,
ଅସମାହିତ ଉଚ୍ଚାଟକୁ
ତମର ଫେରେଇ ଦେବାର ଥିଲା ଯିବାବେଳେ ॥

ଯାଅ...
ତମର ଯିବାରେ ତ
କେବେ ମୋର ଆପତ୍ତି ନ ଥିଲା,
ହଁ, ଏତିକି କହିପାରେ ଯେ’-
ଆପତ୍ତି ଥିଲା...
ତମ ରଡନିଆଁ ପ୍ରାୟ ତତଲା ଯୌବନର ଚୁଲି କୁ ଆବୋରି ନିଜେ
ରୁଟି ପରି
ସେକି ସାକି ହୋଇ ଲେଖିଥିବା,
ମୋ ଉଷ୍ମତାର ଇତିହାସକୁ
ଲୁହର ଲହୁଣିରେ ଲହସିଥିବା
ମୋ କବିତାର ଫର୍ଦ୍ଦକୁ ତମେ,
କାଗଜ ଡଙ୍ଗା କରି ଏକା ଏକା ମୋତେ ଭସେଇ ଦେବାରେ ॥

ଆପତ୍ତି ଥିଲା,
ତମ ଆଉଟାସୁନା ରଂଗର ଦେହ କାଳେ
ତରଳି ପଡ଼ିବ ବୋଲି କାହା ନଜରରେ,
ନିଜକୁ ଛତାଟିଏ କରି ମୋ’ ଡାଙ୍କିବା ପ୍ରୟାସକୁ
ଛିଃ’ ମାଛିଟିଏ କହି ଏଡ଼ାଇ ଦେବାରେ ॥

ପ୍ରତିବାଦ ଥିଲା,
ତମର ମୋତେ ବୁଝି ନ ପାରିବାରେ;
ଯିବା ପୂର୍ବରୁ ଆମ ହିସାବ ଖାତାରୁ
ସବୁ ହିସାବ ନିକାଶ ନ କରିବାରେ,
ତମ ଚୌହଦୀରେ ମୁଁ ପୋତିଥିବା
ନାରଙ୍ଗୀ ରଂଗର ବାନାଟିକୁ ନ ଓପାଡ଼ି
ନିସ୍ପୃହରେ ଆଗକୁ ମାଡ଼ିଯିବାରେ ॥

ଏବେ ବି,
ତମେ କୋଉଠି ନା କୋଉଠି
ପାଉଁଶ ତଳର ନିଆଁ ପରି ଚମକୁଥାଅ,
ମୋ କବିତାର ସୁର ଲହରରେ;
ବୋଧହୁଏ
ତମେ ଆଜି ମଧ୍ୟ ବେଶ ହୁଅ

କେଉଁ ଅପରାହ୍ନର ଫଗୁଣରେ
ଏକାକୀ ମୌନ ନୀରବରେ!!

ତମେ, ସେ ଦିନ ହଠାତ୍ ଏକା କରି
ଚାଲିଗଲା ପରେ, ଅଂଧାର ସୁଅରେ
ମୁଁ ଭାସିଚାଲିଚି ଅମୁହାଁ ମୂଳକରେ;
ମୋ’ କବିତାର ପୃଷ୍ଠା ସବୁ ପବନରେ
ନିଜ ନାଁ ଗାଁ ଠିକଣା ଘର, ସଂସାର ଦେଶ
ଭୁଲି ସାରିଚି କେଉଁକାଳୁ।
ଏବେ, ସବୁ ଘର, ମୋ’ ଘର
ସବୁ ଲୋକ ଆପଣାର
ସବୁ ଗାଁ, ଦେଶ, ଧର୍ମ ମୋର
ମୋ ଜୀବନ ଏବେ, ବାନପ୍ରସ୍ଥରେ
ଏଇ ଫଗୁଣର ଅପରାହ୍ନରେ ॥

*ଏଲ୍.ଆଇ.ସି. କଲୋନୀ, ପ୍ରଥମ ଗଳି, ଭଞ୍ଜନଗର,*
*ଗଞ୍ଜାମ-୭୬୧୧୨୬*
*ଦୂରଭାଷ: ୯୪୩୭୨୯୫୬୨୭*

# କେହି ଜଣେ ଜଳିଯାଉଛି !

**ଅକ୍ଷୟ ପାତ୍ର**

କେହି ଜଣେ ଜଳିଯାଉଛି !

ନାକଗୁଡ଼ା ମୋର କି ଏକ ସନ୍ଦିଗ୍ଧତାର
ଦାରୁଣ ସଂକ୍ରମଣରେ
ରୁଦ୍ଧି ହୋଇଯାଉଛି !
ରକ୍ତରେ ମୋର ସତେକିବା
କା’ର ଜ୍ୱଳନର ପ୍ରତିକ୍ରିୟା
ବିସ୍ମୟ ବିଦ୍ୟୁତ ସଞ୍ଚାରୁଛି !

ଓଃ !
କେହିଜଣେ ନିର୍ଘେଁ ଜଳିଯାଉଛି !

ବୈଶାଖୀ ଖରା
ଦିବସ ସାରା
ଏବେ ତ ଜୁଇଜାଳି ବସିଛି;
କା’ର ପାର୍ଥିବ ଅଭିଳାଷର ଅବଶିଷ୍ଟାଂଶକୁ

କା'ର ଅହଂ ଓ ଆଟୋପର ନିରର୍ଥକତାକୁ
ଜାଳିବାର ଥାଏ ତା'ର କେଜାଣି ?
ଧାତ୍ରୀ ଧରିତ୍ରୀ ବୁକୁରୁ ମମତାର ଝର
ଶୁଖି ଶୁଖି ଯାଉଛି !

ଏ ବେଳେ
ହୁଏତ କେହି ଜଣେ
ଅଦୃଶ୍ୟରେ ଅଦୃଶ୍ୟରେ ଜଳିଯାଉଛି
ଜଳି ଜଳି ଧୂସର ସାଜି
ଜ୍ୱାଳାମୟ ଅନୁଭବକୁ
ଅବ୍ୟୟ ଭାବ
ଓ ଅବ୍ୟକ୍ତ ଅନୁରାଗର
ଇଜିଲାସରେ ଥାପି
ସତେକିବା ଆପେ ଆପଣାଠୁଁ
ନିଷ୍କୃତି ଲୋଡୁଛି !

ହଁ,
କେହି ଜଣେ ଜଳିଯାଉଛି
ଅଦୃଶ୍ୟରେ ଅଦୃଶ୍ୟରେ
ଧୂମହୀନ ଜ୍ୱଳନର ତୀବ୍ର ଡହକରେ
ସତେକିବା ଆପଣା ଛଦ୍ମରୁ
ମୁକତି ଲୋଡୁଛି;
ଦଗ୍ଧ ସତ୍ତାକୁ ସାନ୍ତ୍ୱନା ଦେବାକୁ ଯାଇ
ନିଜେ ନିଜ ରଇ ଶୀତଳାଇବାକୁ
ସାହସ ଲୋଡୁଛି !

*ବିଭାଗ ମୁଖ୍ୟ, ଇଂରାଜୀ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,*
*ଖଜୁରିଆକଟା, ଢେଙ୍କାନାଳ-୨୦*
*ଦୂରଭାଷ: ୭୦୭୭୯୮୪୯୬୦*



Looking forward to our association in Rotary
Rtn. Jayashree Rtn. Tanmay Mohanty
Rotary Club of Bhubaneswar
Web: www.luminousinfoways.com Email: jaya@lipl.in, tanmay@lipl.in Contact No.: +91 9238426536
Proud to be associated with
Luminous Infoways
Delivering values through qualitative thinking
ସୂଚନା ଅଧିକାର
RTI Central Monitoring Mechanism
e-Blood Bank
An Integrated Blood Bank Automation System
e-nirman
Online Project Monitoring System
Dedicated to Personalized e-Governance

ତନ୍ମାତ୍ର



# "ମହାରାଜ"
# ଜଣେ ସମାଜ ସୁଧାରକର କାହାଣୀ

ନିର୍ଦ୍ଦେଶକ ସିଦ୍ଧାର୍ଥ ମାଲହୋତ୍ରା ତାଙ୍କର ପ୍ରଥମ ଫିଲ୍ମ 'ହିଚକି'ର ସଫଳତା ପରେ ଉତ୍ସାହିତ ହୋଇଥିଲେ ଯଶରାଜ ଫିଲ୍ମସ ପ୍ରଯୋଜିତ 'ମହାରାଜ' ଚିତ୍ରଟି ତିଆରି କରିବାରେ। ବ୍ରିଟିଶ ଶାସନାଧୀନ ଭାରତ ବର୍ଷରେ ୧୮୬୨ ରେ "ମହାରାଜ ମାନହାନି ମକଦ୍ଦମା"ର କଥାବସ୍ତୁ ଉପରେ ଆଧାରିତ ସତ୍ୟ କାହାଣୀ ହେଲା ଚିତ୍ରଟିର ବିଷୟବସ୍ତୁ। ଜଣେ ଆତ୍ମଘୋଷିତ କିନ୍ତୁ ସମାଜରେ ସମସ୍ତଙ୍କ ଦ୍ୱାରା ପୂଜିତ ସମ୍ମାନାସ୍ପଦ ତଥାକଥିତ ଧର୍ମଗୁରୁଙ୍କର ପ୍ରବଞ୍ଚନାପୂର୍ଣ୍ଣ ଆଚରଣ ଓ ଚରିତ୍ରର ଖୁଲାସା କରିବା ଆମ ଦେଶର ରାଜନୈତିକ ବାତାବରଣ ପରିପ୍ରେକ୍ଷୀରେ ଥିଲା ଏକ ବିରାଟ ଆହ୍ୱାନ। ଆଇନଗତ ସମସ୍ୟାଠାରୁ ଆରମ୍ଭ କରି ରାଜନୈତିକ ବିରୋଧର ମଧ୍ୟ ଭରପୂର ସମ୍ଭାବନା ଥିଲା। ତେବେ ମୂଳ କାହାଣୀର କଥାବସ୍ତୁରେ ସାମାନ୍ୟ କିଛି ମୋଡ଼ ଦେଇ ନିର୍ଦ୍ଦେଶକ ପୁରା ଦମ୍‌ରେ ଚେଷ୍ଟାକଲେ ସ୍କ୍ରିପ୍ଟକୁ ଆଇନଗତ ସମସ୍ୟାରୁ ଊର୍ଦ୍ଧ୍ୱରେ ରଖିବାକୁ। ଏ ସବୁକୁ ଆଖିରେ ରଖି ଚିତ୍ରଟିକୁ ହଲରେ ରିଲିଜ ନକରି ନେଟ୍‌ଫ୍ଲିକ୍ସରେ ଆନ୍ତର୍ଜାତିକ ରିଲିଜ୍ କରିବାର ମଧ୍ୟ ଯୋଜନା ହୋଇ ତାହା କାର୍ଯ୍ୟକାରୀ ହେଲା। ପୂର୍ବ ସନ୍ଦେହକୁ ସତ୍ୟ ପ୍ରମାଣିତ କରି କିଛି ବ୍ୟକ୍ତି ଓ ସଂସ୍ଥା ଆଇନଗତ ଯୁଦ୍ଧରେ ମଧ୍ୟ ବ୍ୟାପୃତ ହୋଇଗଲେ। ଯଶରାଜ ଫିଲ୍ମସ୍ ଚଳଚ୍ଚିତ୍ରଟିର ନିର୍ମାତା ହୋଇଥିବାରୁ ନିର୍ଦ୍ଦେଶକ ସାହସର ସହିତ ଆଗକୁ ବଢ଼ିଥିଲେ ଏବଂ ନେଟ୍‌ଫ୍ଲିକ୍ସ ମଧ୍ୟ ଏଥିରେ ନିଜର ସହାୟତାର ହାତ ବଢ଼େଇଦେଇଥିଲେ।

କରସନ ଦାସ ମୁଲ୍‌ଜୀ ନାମକ ମୁମ୍ବାଇର ବାଇକୁଲାରେ ବାସ କରୁଥିବା ଜଣେ ବାଇଶିବର୍ଷ ଯୁବକ ସମାଜରେ ସଂସ୍କାର ଆଣିବାର ଚେଷ୍ଟା ଓ ସେଥିପାଇଁ କରିଥିବା ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ ଚିତ୍ରଟି ପ୍ରସ୍ତୁତ। ଏଥିରେ କରସନ ଦାସ ଭୂମିକାରେ ଅଭିନୟ କରିଛନ୍ତି ନବାଗତ ଜୁନେଦ ଖାଁ। ସିଦ୍ଧାର୍ଥଙ୍କ କହିବା ଅନୁଯାୟୀ ଜୁନେଦ ସୁପରଷ୍ଟାର ଅମୀର ଖାଁଙ୍କର ପୁତ୍ର ହେଲେ ମଧ୍ୟ ସେଥିପାଇଁ ସେ କୌଣସି ସୁପାରିଶ ତାଙ୍କଠାରୁ ପାଇନଥିଲେ। ଜୁନେଦଙ୍କ ସହିତ ତାଙ୍କର ବ୍ୟକ୍ତିଗତ ପରିଚୟ, ତାଙ୍କର ଅଭିନୟ ଦକ୍ଷତା ଓ ଚରିତ୍ର ସାଙ୍ଗରେ ଖାପ୍ ଖାଉଥିବା ଚେହେରା ପାଇଁ ସେ ତାଙ୍କୁ ଏହି ଭୂମିକାଟିରେ ଅଭିନୟ କରିବାକୁ ବାଛିଥିଲେ। ଜଣେ ବାଇଶିବର୍ଷରେ ସତ୍ୟନିଷ୍ଠ ଯୁବକ ଯିଏ କି ସମାଜର କୁସଂସ୍କାରକୁ ନାପସନ୍ଦ କରେ ଓ ତାହାକୁ ହଟାଇବାକୁ ଚାହେଁ, ସାମନା ସାମନି ହୋଇଛି ଜଣେ ତଥାକଥିତ ଭଣ୍ଡ ଧର୍ମଗୁରୁଙ୍କର ଯୌନ ବ୍ୟଭିଚାର ଓ ଶୋଷଣର। ତା'ର ଯୁବ ସୁଲଭ ପ୍ରତିବାଦକୁ ସମାଜ ସମର୍ଥନ ନକଲେ ମଧ୍ୟ କିଛି ବୁଦ୍ଧିଜୀବିଙ୍କର ସହାୟତାରେ ସେ ସାହସର ସହିତ ଆଗେଇଯାଇଛି ମହାରାଜର ଚରିତ୍ରକୁ ସର୍ବଜନସମକ୍ଷକୁ ଆଣିବାକୁ। ଏହି ବ୍ୟଭିଚାରର ପ୍ରତିବାଦ ପାଇଁ ମଧ୍ୟ ସେ ଯଥେଷ୍ଟ ଚେଷ୍ଟା କରିଛି ଅନ୍ୟମାନଙ୍କୁ ବୁଝେଇବା ପାଇଁ। ପରିସ୍ଥିତି ଏଭଳି ହୋଇଛି ଯେ ମହାରାଜ ମାନହାନି ମୋକଦ୍ଦମା କରିଛନ୍ତି କରସନ ବିରୁଦ୍ଧରେ। ସାକ୍ଷୀ ପ୍ରମାଣ ସମସ୍ତଙ୍କୁ କରାୟତ୍ତ କରି ମହାରାଜ ମକଦ୍ଦମା ଜିତିବା ପାଇଁ ସମସ୍ତ ଚେଷ୍ଟା କରିଥିଲେ ମଧ୍ୟ କରସନ ଦାସ ତା'ର ହିତୈଷୀମାନଙ୍କ ସହାୟତାରେ ଅଦାଲତରେ 'ମହାରାଜ'ର ମୁଖା ଖୋଲିଦେଇଛି। ମକଦ୍ଦମାରେ ଏହି ଭଣ୍ଡ ବ୍ୟକ୍ତି ବିରୁଦ୍ଧରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ମିଳିବା ସହିତ 'ମହାରାଜ'ର ବ୍ୟଭିଚାରର ଅନ୍ତ ଘଟିଛି କରସନର ବିଜୟ ସହିତ।

କାହାଣୀ ସତ ହୋଇଥିଲେ ମଧ୍ୟ ହିନ୍ଦୁ ଧର୍ମରେ ପ୍ରଚଳିତ ଧର୍ମଗୁରୁ ବ୍ୟବସ୍ଥା ଓ ପରଦା ଉହାଡ଼ରେ ଧର୍ମ ନାମରେ ଚାଲିଥିବା ବ୍ୟଭିଚାରକୁ ଲୋକଲୋଚନକୁ ଆଣିବା କିଛି ଅତି ରକ୍ଷଣପନ୍ଥୀ ଧର୍ମ ସମର୍ଥକମାନଙ୍କୁ ଅସନ୍ତୁଷ୍ଟ କରିଛି। ଏବଂ ଚଳଚ୍ଚିତ୍ରଟିକୁ ସାରା ଦେଶରେ ବିଭିନ୍ନ ହଲ୍‌ରେ ରିଲିଜ କରିବାରେ ବାଧକ ହୋଇଛି। ଏହା ସତ୍ତ୍ୱେ ବକ୍ସ ଅଫିସର ତଥ୍ୟ ଶୂନ୍ୟ ହୋଇଥିଲେ ମଧ୍ୟ ନେଟ୍‌ଫ୍ଲିକ୍ସରେ ସାରା ବିଶ୍ୱରେ ଏହା ଅଣ ଇଂରାଜୀ ଚଳଚ୍ଚିତ୍ରମାନଙ୍କ ମଧ୍ୟରେ ଦ୍ୱିତୀୟ ଶ୍ରେଷ୍ଠ ଆୟ ପ୍ରଦାନକାରୀ ଚଳଚ୍ଚିତ୍ରର ମାନ୍ୟତା ପାଇଛି। କହିବା ବାହୁଲ୍ୟ ଯେ ନୂଆ ହିରୋ ଜୁନେଦଙ୍କର ଏହା ଏକ ପ୍ରଚଣ୍ଡ ସଫଳତା ଓ ସେ ଦର୍ଶକମାନଙ୍କର ପୁରା ଆଦୃତି ଲାଭ କରିଛନ୍ତି।

କରସାନ ଦାସ ଭୂମିକାରେ ଜୁନେଦ୍, ମହାରାଜା ଭୂମିକାରେ ଜୟଦୀପ ଆଲହାଟ ଚମତ୍କାର ଅଭିନୟ କରିଥିଲାବେଳେ ଅଭିନୟରେ ସଫଳ ସହଯୋଗ ଦେଇଛନ୍ତି ଶାଳିନୀ ପାଣ୍ଡେ, ଶର୍ବରୀ ୱାଗ, ଜୟ ଉପାଧ୍ୟାୟ, ସ୍ନେହ ଦେଶାଇ, ବିରାଟ ପଟେଲ, ସଂଜୟ ଗୋରାଡିଆ ପ୍ରମୁଖ। ଚଳଚ୍ଚିତ୍ରଟି ଇଂରାଜୀ, ସ୍ପାନିସ, ତାମିଲ, ତେଲୁଗୁ ଓ ଫ୍ରେଞ୍ଚ ଭାଷାରେ ବର୍ଣ୍ଣିତ ହୋଇଥିଲାବେଳେ ଏଥିରେ ଅନୁବାଦ (Subtitle) କରାଯାଇଛି ଆରବୀୟ, ଗ୍ରୀକ୍, ଇଂରାଜୀ, ଇଟାଲୀୟ, ଭିଏତନାମୀ ଓ ଚାଇନିଜ ଭାଷାରେ।

ଚଳଚ୍ଚିତ୍ରଟିକୁ ଆନ୍ତର୍ଜାତିକ ସଫଳତା ଆମଦେଶରେ ଚାଲିଥିବା ରକ୍ଷଣଶୀଳଙ୍କର ବିରୋଧକୁ ପ୍ରାୟତଃ ନିଷ୍ପ୍ରଭ କରିଦେଇଛି।

**ଖେଳ ଓ ଖେଳାଳୀ**

# ଟି-୨୦ ବିଶ୍ୱକପ୍
# ଏକ ଐତିହାସିକ ବିଜୟ

ବିଶ୍ୱକ୍ରୀକେଟରେ ସଫଳତା କ୍ଷେତ୍ରରେ ଭାରତର ମୁକୁଟରେ ଆଉ ଏକ ପର ଯୋଡ଼ି ହୋଇଛି ଟି-୨୦ ବିଶ୍ୱକପ୍ ବିଜୟ ପରେ। ଟି-୨୦ ଫର୍ମାଟ୍‌ରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ହାସଲ କରି ଭାରତୀୟ ଦଳ ହାସଲ କରିଛି ଏକ ନୂଆ କୀର୍ତ୍ତିମାନ। ୨୦୦୭ ରେ ଅନୁଷ୍ଠିତ ପ୍ରଥମ ଟି-୨୦ ବିଶ୍ୱକପ୍ ଭାରତ ଧୋନିଙ୍କ ଅଧିନାୟକତ୍ୱରେ ଜିତିବା ପରେ ଥରେ ମାତ୍ର ଫାଇନାଲକୁ ଯାଇ ରନର୍ସଅପ୍ ହୋଇପାରିଥିଲା ୨୦୧୪ ରେ। ଏହାପରେ ୧୭ ବର୍ଷର ବ୍ୟବଧାନରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ହାସଲ କରିଛି ୨୦୨୪ ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍। ଏହାକୁ ମିଶାଇଲେ ଦୁଇଟି ଲେଖାଏଁ ଏକଦିବସୀୟ ଓ ଟି-୨୦ ବିଶ୍ୱକପ୍ ଜିତି ଭାରତ ଏହି ସଂଖ୍ୟାକୁ ୪ କୁ ବୃଦ୍ଧି କରିଛି। ଏ ପର୍ଯ୍ୟନ୍ତ ଖେଳାଯାଇଥିବା ୯ଟି ଟି-୨୦ ବିଶ୍ୱକପ୍ ମଧ୍ୟରୁ ଭାରତ, ଇଣ୍ଡିଜ ଓ ଇଂଲଣ୍ଡ ଦୁଇଥର ଲେଖାଏଁ ବିଜୟୀ ହୋଇଛନ୍ତି ଏବଂ ଅଷ୍ଟ୍ରେଲିଆ, ପାକିସ୍ତାନ ଓ ଶ୍ରୀଲଙ୍କା ମାତ୍ର ଗୋଟିଏ ଥର ଲେଖାଏଁ କପ୍ ବିଜୟୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଥରେ ଲେଖାଏଁ ଫାଇନାଲ୍‌ରେ ପହଞ୍ଚିଥିଲେ ମଧ୍ୟ ରନର୍ସ କପ୍ ସହିତ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ବାଂଲାଦେଶ ଥରେ ହେଲେ ମଧ୍ୟ ଫାଇନାଲରେ ପ୍ରବେଶ କରିନାହିଁ। ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଶ୍ରୀଲଙ୍କା ପ୍ରତ୍ୟେକ ୩ ଥର ଲେଖାଏଁ ଫାଇନାଲ ପ୍ରବେଶ କରିଥିଲା ବେଳେ ପାକିସ୍ତାନ ଓ ଇଣ୍ଡିଜ ୨ ଥର ଲେଖାଏଁ ଓ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ଥରେ ଲେଖାଏଁ ଫାଇନାଲ ପ୍ରବେଶ କରିଛନ୍ତି।

ଏଇ ୨୦୨୪ ବିଶ୍ୱକପ୍‌ରେ ଭାରତୀୟ ଦଳ ଶେଷ ପର୍ଯ୍ୟନ୍ତ ଏକମାତ୍ର ଅପରାଜିତ ଦଳର ଗୌରବ ଅର୍ଜନ କରିଥିଲା। ଲିଗ୍ ପର୍ଯ୍ୟାୟରେ ଭାରତ ଆୟର୍ଲାଣ୍ଡକୁ ୮ ଉଇକେଟରେ, ଆମେରିକାକୁ ୭ ଉଇକେଟରେ, ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଥିବା ବେଳେ କାନାଡ଼ା ବିପକ୍ଷରେ ବର୍ଷା ନିମନ୍ତେ ଫଳାଫଳ ମିଳିପାରିନଥିଲା। ଗ୍ରୁପ୍‌ରେ ଶ୍ରେଷ୍ଠ ଦଳ ଭାବରେ ଭାରତ ଏହି ଗ୍ରୁପ୍ ଲିଗ୍‌ରେ ଖେଳିଥିଲା ଅଷ୍ଟ୍ରେଲିଆ, ଆଫଗାନିସ୍ତାନ ଓ ବାଂଲାଦେଶ ବିପକ୍ଷରେ। ଆଫଗାନିସ୍ତାନକୁ ୪୭ ରନ୍‌ରେ, ଅଷ୍ଟ୍ରେଲିଆକୁ ୨୪ ରନ୍‌ରେ ଓ ବାଂଲାଦେଶକୁ ୫୦ ରନ୍‌ରେ ପରାସ୍ତ କରି ଭାରତ ଉନ୍ନୀତ ହୋଇଥିଲା ସେମିଫାଇନାଲକୁ। ଏଇ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ବିପକ୍ଷରେ ରୋହିତଙ୍କର ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ଥିଲା ଶ୍ରେଷ୍ଠ ଆକର୍ଷଣ ଏବଂ ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ଇନିଂସ ମଧ୍ୟ।

ସେମିଫାଇନାଲରେ ଇଂଲଣ୍ଡକୁ ମାତ୍ର ୧୦୩ ରେ ସୀମିତ ରଖି ୬୮ ରନ୍‌ରେ ବିଜୟ ଲାଭ କରିବାରେ ଥିଲା ଭାରତୀୟ ବୋଲରମାନଙ୍କର ଅନନ୍ୟ ଭୂମିକା। ଶକ୍ତିଶାଳୀ ଇଂଲଣ୍ଡ ବ୍ୟାଟିଂକୁ ଧରାଶାୟୀ କରି ୧୭୧ ରନ୍ ଠାରୁ ବେଶ ଦୂରତ୍ୱରେ ରଖିଦେଇଥିଲେ ଭାରତୀୟ ସ୍ପିନ ବାହିନୀ। ଫାଇନାଲରେ ଭାରତ ମୁକାବିଲା କରୁଥିଲା ପ୍ରତିଯୋଗିତାର ଅନ୍ୟତମ ଅପରାଜିତ ଦଳ ଦକ୍ଷିଣ ଆଫ୍ରିକା ସହିତ। ୩୦ ବଲ୍‌ରେ ୩୦ ରନ୍‌ର ଆବଶ୍ୟକତା ସହିତ ୭ଟି ଉଇକେଟ ହାତରେ ଥାଇ ଦକ୍ଷିଣ ଆଫ୍ରିକା ବିଜୟର ଦ୍ୱାରଦେଶରେ ପ୍ରାୟତଃ ପହଞ୍ଚିଯାଇଥିଲା। ବୁମରାଙ୍କର ଶାଣିତ ବୋଲିଂ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ମାପିଚୁପି ବୋଲିଂ ସହ ସୂର୍ଯ୍ୟକୁମାର ଯାଦବଙ୍କର ଏକ ଅବିଶ୍ୱସନୀୟ କ୍ୟାଚ ଭାରତକୁ ବିଜୟୀ କରିଥିଲା ମାତ୍ର ୭ ରନ୍‌ରେ। ଏହି ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ଦଳର ଦଳୀୟ ମନୋବୃତ୍ତି, ନିଷ୍ଠା ଓ ସମବେତ ଅବଦାନ ନିମନ୍ତେ ହିଁ ଭାରତ ବିଜୟୀ ହୋଇଥିଲା। ଦଳଗତ ଭାବରେ ଶ୍ରେଷ୍ଠ ପ୍ରଦର୍ଶନ ଏବଂ ପ୍ରତ୍ୟେକ ଖେଳାଳୀଙ୍କର ଅବଦାନ ବିଜୟରେ କିଭଳି ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଫାଇନାଲ ମ୍ୟାଚ୍ ଥିଲା ତା'ର ଏକ ଜ୍ୱଳନ୍ତ ଉଦାହରଣ। ସମଗ୍ର ଭାରତବର୍ଷ ବିଶ୍ୱର ସବୁ କୋଣ ଅନୁକୋଣରେ ଥିବା ଭାରତୀୟ କ୍ରୀକେଟ ପ୍ରେମୀ ଆଜି ବିଜୟ ଉତ୍ସବ ମନାଉଛନ୍ତି ଖେଳାଳୀଙ୍କର ଅନନ୍ୟ ପ୍ରଦର୍ଶନ ନିମନ୍ତେ।

ନବମ ବିଶ୍ୱକପ୍‌ରେ ସୃଷ୍ଟି ହୋଇଛି ଅନେକ ଗୁଡ଼ିଏ ନୂଆ ରେକର୍ଡ଼-

୧. ଫାଇନାଲରେ ଭାରତର ୭ ଉଇକେଟ ବିନିମୟରେ ୧୭୬ ଯେକୌଣସି ଫାଇନାଲରେ ସର୍ବଶ୍ରେଷ୍ଠ ସ୍କୋର।

୨. ୩୭ ବର୍ଷ ୩ ମାସ ବୟସରେ ରୋହିତ ଶର୍ମା ହେଲେ ବିଶ୍ୱକପ୍ ହାସଲ କରିବାରେ ସବୁଠାରୁ ବର୍ଷିୟାନ ଅଧିନାୟକ।

୩. ପ୍ରତିଯୋଗିତାରେ ସର୍ବାଧିକ ଅଠରଟି ଉଇକେଟ ଦଖଲ କରିବା ମଧ୍ୟ ଥିଲା ଏକ ରେକର୍ଡ଼। ଭାରତର ଅର୍ଶଦୀପ ସିଂହ ଓ ଆଫଗାନ ବୋଲର ଫଂଜଲକ୍ ଫାରୁକ ହେଲେ ଏଇ ରେକର୍ଡ଼ର ଯୁଗ୍ମ ଅଧିକାରୀ।

୪. ବୁମରାଙ୍କର ସର୍ବଶ୍ରେଷ୍ଠ ବୋଲିଂ ହାର ୮.୩ ମଧ୍ୟ ଥିଲା ଏକ ରେକର୍ଡ଼। ସେ ଦକ୍ଷିଣ ଆଫ୍ରିକାର ନୋକିଆଙ୍କର ୮.୫ ହାରକୁ ଅତିକ୍ରମ କରି ଏଇ ରେକର୍ଡ଼ ପ୍ରତିଷ୍ଠା କରିଛନ୍ତି।

୫. ନ୍ୟୁଜିଲାଣ୍ଡର ଫର୍ଗୁସନ ଗୋଟିଏ ମ୍ୟାଚ୍‌ରେ ୪ଟି ଓଭରରେ ବିନା ରନ୍‌ରେ ୩ଟି ଉଇକେଟ ହାସଲ କରିବା ମଧ୍ୟ ଥିଲା ଅନନ୍ୟ କୀର୍ତ୍ତିମାନ।

୬. ଏହି ବିଶ୍ୱକପ୍ ପ୍ରତିଯୋଗିତାରେ ସର୍ବାଧିକ ୫୧୭ ଟି ଛକା ମରାଯାଇଛି। ଇଣ୍ଡିଜର ନିକୋଲାସ ପୁରନ ମଧ୍ୟ ୧୭ଟି ଛକା ମାରି ଗେଲଙ୍କର ୧୬ ଛକାର ରେକର୍ଡ଼କୁ ଭାଙ୍ଗିଛନ୍ତି।

**ଭାରତୀୟ ବ୍ୟାଟର ଓ ବୋଲରଙ୍କ ପ୍ରଦର୍ଶନ:-**

| ନାମ | ଇନିଂସ | ରନ୍ | ସର୍ବୋଚ୍ଚ | ହାରାହାରି | ନାମ | ଇନିଂସ | ଓଭର | ରନ୍ | ଉଇକେଟ୍ |
|---|---|---|---|---|---|---|---|---|---|
| ହାର୍ଦ୍ଦିକ ପାଣ୍ଡ୍ୟା | ୬ | ୧୪୪ | ୫୦ | ୪୮.୦୦ | ବୁମରା | ୮ | ୨୯.୪ | ୧୨୪ | ୧୫ |
| ରୋହିତ ଶର୍ମା | ୮ | ୨୫୭ | ୯୨ | ୩୬.୭୫ | ଅର୍ଶଦୀପ | ୮ | ୩୦ | ୨୧୫ | ୧୭ |
| ସୂର୍ଯ୍ୟ କୁମାର | ୮ | ୧୯୯ | ୫୩ | ୨୮.୪୨ | କୁଲଦୀପ | ୫ | ୨୦ | ୧୩୯ | ୧୦ |
| ରଷଭ ପନ୍ତ | ୮ | ୧୭୧ | ୪୨ | ୨୪.୪୨ | ପାଣ୍ଡ୍ୟା | ୮ | ୨୫ | ୧୯୧ | ୧୧ |
| ଅକ୍ଷର ପଟେଲ | ୫ | ୯୨ | ୪୭ | ୨୩.୦୦ | ଅକ୍ଷର ପଟେଲ | ୮ | ୨୨ | ୧୭୩ | ୯ |
| ଶିବମ ଦୁବେ | ୮ | ୧୩୩ | ୩୪ | ୨୨.୧୬ | ଜାଦେଜା | ୭ | ୧୪ | ୧୦୬ | ୧ |
| ବିରାଟ କୋହଲୀ | ୮ | ୧୫୧ | ୭୬ | ୧୮.୮୭ | ସିରାଜ | ୩ | ୧୧ | ୫୭ | ୧ |



ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୭/୨୦୨୪ ରୁ ତା: ୧୪/୮/୨୦୨୪)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ମାସଟି ଆପଣଙ୍କ ନିମିତ୍ତ ଶୁଭାଶୁଭ ମିଶ୍ରିତ ଫଳ ବହନ କଲେବି ମାସର ପ୍ରଥମାର୍ଦ୍ଧରେ ଶୁଭଫଳର ମାତ୍ରା ଅଧିକ ଘଟିବା ଯୋଗେ ପ୍ରଫୁଲ୍ଲିତ ହୋଇପାରନ୍ତି। ଦ୍ୱିତୀୟାର୍ଦ୍ଧଟି ଆପଣଙ୍କ କର୍ମାନୁସାରି ଫଳ ପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ଗତି ଚଞ୍ଚଳ ହେବା ଯୋଗେ ଲକ୍ଷ୍ୟପ୍ରାପ୍ତି ସହଜ ହେବ। ଶତ୍ରୁମାନେ ପୃଷ୍ଠଭଙ୍ଗ ଦେବାଫଳରେ ଉତ୍ସାହିତ ହେବେ। ସରକାରୀ କଳରୁ ଲାଭବାନ ହୋଇପାରନ୍ତି। ବକେୟା କର୍ମକୁ ପୂର୍ଣ୍ଣତା ଦେବେ। ବିବାଦୀୟ କ୍ଷେତ୍ରରେ ନିଜପକ୍ଷ ସବଳ ରହିବ। ସାମାଜିକ ସ୍ତରରେ ମାନ୍ୟତା ବୃଦ୍ଧି ଘଟିବାର ସୂଚନା ମିଳୁଛି। ବେପାର ବାଣିଜ୍ୟର ସ୍ଥିତି ଆଶାଜନକ ହେବ। ଆର୍ଥିକ ଦିଗ ଦୁର୍ବଳ ହେବାର ନାହିଁ। ସମୟର ସଦୁପଯୋଗ କରି ଆତ୍ମ ସନ୍ତୋଷ ପ୍ରାପ୍ତ ହେବେ। ଚେଷ୍ଟା ଚରିତ୍ରଯୋଗେ ରଙ୍ଗୀନ ସ୍ୱପ୍ନ କରାୟତ୍ତ ହେବ। ବନ୍ଧୁ ସମାଗମ ଯୋଗେ ଆନନ୍ଦିତ ହେବେ। ଆଧାତ୍ମିକ କ୍ଷେତ୍ରରେ ମନୋନିବେଶ କରି ମାନସିକ ଶୁଦ୍ଧତା ଆଚରଣ କରିବେ। ପଡ଼ୋଶୀ ସଂପର୍କରେ ସୁଧାର ଆସିବ। ନିଷ୍ପତ୍ତିମୂଳକ କ୍ଷେତ୍ରରେ ଶାନ୍ତଚିତ୍ତ ହେବା ଆବଶ୍ୟକ। ପେଟରୋଗ ଓ କାଶ ରୋଗର ଶିକାର ହୋଇପାରନ୍ତି। ପାରିବାରିକ ଜୀବନରେ ଶାନ୍ତି ଓ ଆତ୍ମୀୟତା ବୃଦ୍ଧି ପାଇବ। ମହିଳାମାନେ ସବୁ ଦିଗରୁ ଅନୁକୂଳ ପାଇବେ। ଯୋଜନା ଫଳବତୀ ହେବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ।

ଅଶୁଭ ଦିବସ:- ୨୮, ୨୯, ୪, ୫ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୩, ୧୪ ଘାତଚନ୍ଦ୍ର:- ୨୮, ୨୯ ବାକିଦିନ ଶୁଭ।



**ବୃଷ:-** ଆପଣଙ୍କ ପକ୍ଷେ ମାସଟି ଶୁଭଫଳ ଦେବାର ସଙ୍କେତ ପ୍ରଦାନ କରୁଛି। ଅସ୍ଥିରତା ଓ ଅବ୍ୟବସ୍ଥିତତା ଅପସରି ଯିବା ସହିତ କର୍ମରେ ନୂତନ ଉତ୍ସାହ ଓ ଉଦ୍ଦୀପନା ଦେଖାଦେବ। ସୁସ୍ଥ ଦେହ ଓ ସୁସ୍ଥ ମନନେଇ କର୍ମପଥରେ ଅଗ୍ରସର ହେବେ। ଆତ୍ମ ସନ୍ତୋଷର ଅଧିକାର ମିଳିବ। ଶତ୍ରୁମାନେ ପଛରେ ପଡ଼ିବା କାରଣରୁ ସାମୟିକ ଉଦ୍‌ବେଗ ଦେଖାଦେଲେବି ତାହା କ୍ଷଣସ୍ଥାୟୀ ହେବ। ଲୋକସଂପର୍କରେ ଉନ୍ନତି ଘଟିବା ଯୋଗେ କାର୍ଯ୍ୟ ହାସଲ ନିମନ୍ତେ ସହଜ ଅନୁଭବ କରିବେ। ଆର୍ଥିକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ସାମାଜିକ ସ୍ତରରେ ପତିଆରା ବୃଦ୍ଧି ପାଇବ। ବିବାଦୀୟ କ୍ଷେତ୍ର ଅସହଜ ହେବନାହିଁ। ବେପାର ବାଣିଜ୍ୟରେ ନୂତନ ପଥ ଆବିଷ୍କାର କରିବେ। ସୁଭେଚ୍ଛୁ ମାନଙ୍କ ସହାୟତାରୁ ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧି ପାଇବ। ଦେବ ଦର୍ଶନରେ ଆଗ୍ରହୀ ହେବେ। ଖାଦ୍ୟ ଓ ପୋଷାକ ପ୍ରତି ରୁଚି ବଢ଼ିବ। ଆୟ ତୁଳନାରେ ବାୟାଧିକ୍ୟ ହୋଇପାରେ। ଆପଣାରମାନେ ଈର୍ଷା କରିପାରନ୍ତି। ମୋହ ମାୟାରେ ପଡ଼ିବାର ସମ୍ଭାବନା ଅଛି। ପିତ୍ତଶ୍ଳେଷ୍ମା ଯୋଗେ ପୀଡ଼ା ଅନୁଭବ କରିବେ। କ୍ଳାନ୍ତି ଓ ଦୁର୍ବଳତା ଅନୁଭୂତ ହେବ। ପାରିବାରିକ ସ୍ଥିତି କଳୁଷିତ ହେବାର ନାହିଁ। ମହିଳାମାନେ ନିଜର ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରଖିବେ। ସାମାଜିକ ପଦମର୍ଯ୍ୟଦା ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ଉନ୍ନତି ନିମନ୍ତେ ଯୋଜନାବଦ୍ଧ ହେବେ।

ଅଶୁଭ ଦିବସ:- ୨୨, ୨୩, ୧, ୨, ୩, ୬, ୭ ଅଷ୍ଟମଚନ୍ଦ୍ର:- ୧୯, ୨୦, ୨୧ ଘାତଚନ୍ଦ୍ର:- ୮, ୯, ୧୦ ବାକିଦିନ ଶୁଭ।



**ମିଥୁନ:-** ମାସଟି ଆପଣଙ୍କୁ ସହାୟକ ହେବାଫଳରେ କର୍ମକ୍ଷେତ୍ରରେ ଉତ୍ସାହ ପୂର୍ବକ ପରିଶ୍ରମ ଦେଇ କର୍ମରେ ସଫଳତା ଅର୍ଜନ କରିବେ। ଅଗ୍ରଗତିରେ ବାଧା ଉପୁଜିବ ନାହିଁ। ଲକ୍ଷ୍ୟସ୍ଥଳ ନିକଟରେ ହେବ। ଶତ୍ରୁ ଜନିତ ପୀଡ଼ାର ବିଲୟ ଘଟିପାରେ। କିଛି ଶୁଭଚିନ୍ତକ ଓ ମିତ୍ରଗୋଷ୍ଠୀଙ୍କର ସାହାଯ୍ୟ ସହଯୋଗ ଯୋଗେ ସମ୍ମାନବୃଦ୍ଧି ଘଟିବାର ଆଶା ଉଜ୍ଜ୍ୱଳ। ଆର୍ଥିକ ସମସ୍ୟାର ସମାଧାନ ସାଙ୍ଗକୁ ମାନସିକ ସ୍ୱଚ୍ଛଳତାର ପରିପ୍ରକାଶ ଘଟିବ। ସାମାଜିକ ସ୍ତରରେ ଭାବମୂର୍ତ୍ତିରେ ମଇଳା ଲାଗିବାର ନାହିଁ। ବିବାଦୀୟ କ୍ଷେତ୍ର ସପକ୍ଷରେ ରହିବ। ବେପାର ବାଣିଜ୍ୟରେ ଆଗ ଧାଡ଼ିରେ ରହିବେ। ସରକାରୀ ସ୍ତରରୁ ଉପକୃତ ହେବାର ଅଛି। ନିର୍ମାଣ କାର୍ଯ୍ୟରେ ତତ୍ପରତା ବୃଦ୍ଧିପାଇବ। ସୌଖୀନ ଓ ବିଳାସ ଦ୍ରବ୍ୟ ପ୍ରତି ରୁଚି ବଢ଼ିବ। ଆକସ୍ମିକ ଅର୍ଥଲାଭ ସହିତ ନୂତନ ବନ୍ଧୁ ମିଳିପାରନ୍ତି। ପରୋପକାର ଓ ଦେବ କାର୍ଯ୍ୟରେ

ନିଜକୁ ସାମିଲ କରିବେ। ଅର୍ଥ କାରବାରରେ ଶ୍ରଦ୍ଧା ବଢ଼ିବ। ଗୁରୁଜନମାନଙ୍କ ଯୋଗେ ଚିନ୍ତିତ ହେବେ। ଶ୍ଲେଷ୍ମାଦୋଷ ଓ ସ୍ନାୟବିକ ଦୋଷ ଦେଖାଦେବ। ପାରିବାରିକ ସ୍ତରରେ ସମସ୍ତଙ୍କ ସହିତ ମନମିଳାଇ ଗଠନମୂଳକ କାର୍ଯ୍ୟରେ ଲାଗିପଡ଼ିବେ। ମହିଳାମାନେ ପ୍ରାଚୁର୍ଯ୍ୟପୂର୍ଣ୍ଣ ଜୀବନ ବିତାଇବେ। ସାଙ୍ଗଠନିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବିଦ୍ୟାର୍ଥୀମାନେ ଚଞ୍ଚଳ ମନା ହେବେ।

ଅଶୁଭ ଦିବସ:- ୪, ୫, ୮, ୯, ୧୦ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୨୪, ୨୫ ବାକିଦିନ ଶୁଭ।



**କର୍କଟ:-** ଆପଣଙ୍କ ନିମିତ୍ତ ମାସଟି ସୁଖଦୁଃଖର ମିଶ୍ରିତ ଅନୁଭୂତି ଦେଇ ଗତିକରିବ। କର୍ମପଥରେ ବାଧାବିଘ୍ନ ଉପୁଜିବା କାରଣରୁ ଗତି ବିଳମ୍ବିତ ହେବ। ସରକାରୀ କଳରୁ କାର୍ଯ୍ୟ ହାସଲ ନିମିତ୍ତ ସମୟର ଆବଶ୍ୟକତା ଅଛି। ମନର କଥା ମନରେ ମାରିବାଛଡ଼ା ଅନ୍ୟ ଉପାୟ ନାହିଁ। ଉପରିସ୍ଥ ମାନଙ୍କଠାରୁ ପ୍ରେରଣା ପ୍ରାପ୍ତ ହୋଇ ଦୁର୍ବଳ ମନକୁ ସକ୍ରିୟ କରିବେ। ବେପାର ବାଣିଜ୍ୟରେ ପରିଶ୍ରମ ତୁଳନାରେ ଲାଭର ମାତ୍ରା ଅଳ୍ପ ହେବ। ସାମାଜିକ ସ୍ତରରେ ଇଜ୍ଜତ ହରାଇବା ଭଳି ପରିବେଶ ସୃଷ୍ଟିହେବ ନାହିଁ। ଛୁଆପିଲା ମାନଙ୍କର ସ୍ୱାସ୍ଥ୍ୟ ସାମୟିକ ଦୁଶ୍ଚିନ୍ତାର କାରଣ ହେବ। ବିବାଦୀୟ କ୍ଷେତ୍ରରେ ସମାଧାନ ନିମିତ୍ତ ବିଳମ୍ବ ହୋଇପାରେ। ଆର୍ଥିକ ଦିଗ କାମଚଳା ପାଇଁ ଅସମର୍ଥ ହେବନାହିଁ। ଇଷ୍ଟଦେବଙ୍କ କୃପାରୁ ସମସ୍ୟାର ଅନ୍ତ ଘଟିବ। ନିଜକୁ ଶାନ୍ତ, ନମ୍ର ଓ ଧୈର୍ଯ୍ୟବାନ କରିପାରିଲେ ଦୁଶ୍ଚିନ୍ତାର ଶିକାର ହେବେ ନାହିଁ। କର୍ମ ଯୋଗାଡ଼ରେ ତତ୍ପରତା ବୃଦ୍ଧିପାଇବ। ଗଣ୍ଠିଦରଜ ସାଙ୍ଗକୁ ଅମ୍ଳପିତ୍ତ ଦୋଷର ଶିକାର ହେବେ। ପାରିବାରିକ ସ୍ତରରେ ଆପୋଷ ବୁଝାମଣା ଯୋଗେ ଶାନ୍ତି ମିଳିବ। ମହିଳାମାନେ ସଂସାର ଜଞ୍ଜାଳକୁ ଗୁରୁବୋଝ ମଣିଲେବି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବେ। ଭୋଗ ବିଳାସ ପ୍ରତି ଦୁର୍ବଳତା ଦେଖାଦେବ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟ ପଥରେ ମନ୍ଥରଗତି ଧାରଣ କରିବେ।

ଅଶୁଭ ଦିବସ:- ୧୫, ୧୬, ୨୬, ୨୭, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୪, ୨୫ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ।




**ସିଂହ:-** ଆପଣଙ୍କ ନିମିତ୍ତ ମାସଟି ଶୁଭାଶୁଭ ମିଶ୍ରିତ ଫଳ ବହନ କରିବ। କେତେକ କ୍ଷେତ୍ରରେ କର୍ମାନୁସାରି ଭଲମନ୍ଦ ଫଳର ଉପଭୋକ୍ତା ହେବେ। ଗତିପଥରେ ବାଧାବିଘ୍ନ ଦେଖାଦେଲେବି କର୍ମରେ ବାଧା ଉପୁଜିବ ନାହିଁ। ରାସ୍ତାଘାଟ ଓ ଯାନବାହାନାଦିରେ ସତର୍କତା ଅବଲମ୍ବନ କରିବା ଜରୁରୀ। ମନକୁ ଶାନ୍ତ ଓ ଆବଶ୍ୟକୀୟ ଧୈର୍ଯ୍ୟ ଧାରଣ କଲେ କର୍ମ ନିମିତ୍ତ ଚିଡ଼ିଚିଡ଼ାରୁ ଉଦ୍ଧାର ପାଇବେ। ଉପରିସ୍ଥ ମାନଙ୍କଠାରୁ ସାହାଯ୍ୟ ସହଯୋଗ ଆଶା କରିହେବ। ସତ୍‌ସଙ୍ଗ ଓ ଉତ୍ତମ ଚିନ୍ତନ ଦ୍ୱାରା ଶାନ୍ତି ପାଇବେ। ପଇସାପତ୍ର କାରବାରରେ ସତର୍କତା ଲୋଡ଼ା। ଆପଣାରମାନେ ଚିନ୍ତାର ବୋଝ ପାଲଟିପାରନ୍ତି। ବେପାର ବାଣିଜ୍ୟ ଧିର ଗତିରେ ଆଗେଇ ଚାଲିବ। ବକେୟା ଅର୍ଥ ହାତକୁ ଆସିପାରେ। ସାମାଜିକ ସ୍ତରରେ ସ୍ଥାନମାନ ରକ୍ଷା କରିବା ନିମିତ୍ତ ଚତୁରତାର ଆବଶ୍ୟକତା ଅଛି। ଭ୍ରମଣଯୋଗେ ଶାନ୍ତି ମିଳିବ। ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିବେ। ସମୟ ଅଭାବରୁ ଭୋଗ ବିଳାସ ଦିଗପ୍ରତି ଅବହେଳିତ ହୋଇପାରନ୍ତି। ମଝିରେ ମଝିରେ ସନ୍ତାନମାନଙ୍କ ନିମିତ୍ତ ଚିନ୍ତିତ ହେବେ। ଅଧିକ ଖଟଣୀ ଯୋଗେ ସ୍ୱାସ୍ଥ୍ୟଦିଗ ପ୍ରତି ଅବହେଳା ହୋଇପାରେ। ଅଣ୍ଟା ଆଣ୍ଠୁ ଓ ଗଣ୍ଠି ଦରଜର ଶିକାର ହେବେ। ପାରିବାରିକ ଜୀବନ ଆୟତ୍ତରେ ରହିବ। ମହିଳାମାନେ ନିଜର କ୍ଷମତା ଜାହିର କରିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଅବସ୍ଥା ସୁଧାର ହେବ। ବିଦ୍ୟାର୍ଥୀମାନେ ସୁଯୋଗର ସଦୁପଯୋଗ କରିବେ।

ଅଶୁଭ ଦିବସ:- ୧୭, ୧୮, ୨୮, ୨୯, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୬, ୨୭ ଘାତଚନ୍ଦ୍ର:- ୨୨, ୨୩ ବାକିଦିନ ଶୁଭ।



**କନ୍ୟା:-** ଆପଣଙ୍କ ପକ୍ଷେ ମାସଟି ମଧ୍ୟମ ଶୁଭଦାୟକ ହେବ। ଅଟକିଯାଇଥିବା କାର୍ଯ୍ୟ ହାତକୁ ନେଇ ତାହାର ପୂର୍ଣ୍ଣତା ଦେବାରେ ପ୍ରଯତ୍ନଶୀଳ ହେବେ। ଗଡ଼ି ଚାଲିଥିବା ନକାରାତ୍ମକ ଚିନ୍ତାଧାରା ଓ ସ୍ଥାଣୁତାରୁ ମୁକ୍ତହୋଇ କର୍ମପଥରେ ଆଗୁସାର ହେବେ। ନିଜର କର୍ମ କୁଶଳତା ପ୍ରୟୋଗ କରି ଅନେକ ସ୍ଥଳରେ ପରିବର୍ତ୍ତନ କରିବେ। ଆସୁଥିବା ବିପରୀତ ପରିବେଶକୁ ଆୟତ୍ତ କରି ଅନୁକୂଳରେ ପରିବର୍ତ୍ତନ କରି ଆତ୍ମତୃପ୍ତି ଲାଭ କରିବେ। ପୁରାତନ ସମସ୍ୟାରୁ ସମ୍ୟକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାରେ ମନ ଆନନ୍ଦ ରହିବ। ସାମାଜିକ ସ୍ତରରେ ନିଜର ସମ୍ମାନ ଅକ୍ଷୁର୍ଣ୍ଣ ରଖିବେ। ପଇସାପତ୍ର କାରବାରରେ ଚଉଆଖିଆ ହେବା ଦରକାର। ଆର୍ଥିକ ଦିଗ ଦୁର୍ବଳ ହେବାର ନାହିଁ। ବେପାର ବାଣିଜ୍ୟରେ ଧିରେ ସୁସ୍ଥେ ଆଗେଇବେ। ଆତ୍ମୀୟଙ୍କ ମେଳରେ ଜୀବନ ସହଜ ଓ ଆନନ୍ଦମୟ ହେବ। ସାଙ୍ଗଠନିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ଦେବଦର୍ଶନ ଯୋଗ ଅଛି। ଭ୍ରମଣରୁ ଶାନ୍ତି ପାଇବେ। ବ୍ୟକ୍ତିତ୍ୱର ବିକାଶ ନିମିତ୍ତ ପଥ ଉନ୍ମୁକ୍ତ ଅଛି। ପୁରାତନ ରୋଗରୁ ଉଦ୍ଧାର ପାଇବେ। ଅବୟବରେ ପୀଡ଼ା ଜାତହେବ। ପାରିବାରିକ ଜୀବନ ଦୁଃଶ୍ଚିନ୍ତାଗ୍ରସ୍ତ ହେବାର ନାହିଁ। ମହିଳାମାନେ ଉଚ୍ଚ ସମ୍ମାନ ଓ ଉଚ୍ଚ ଅଧିକାର ଯୁକ୍ତ ହେବେ। ପରିବାରରେ ମୁଖ୍ୟ ଭୂମିକା ନିର୍ବାହ କରିବେ। ବିଦ୍ୟାର୍ଥୀମାନେ ପଛରେ ପଡ଼ିଯିବାର ଆଶଙ୍କା ନାହିଁ।

ଅଶୁଭ ଦିବସ:- ୧୯, ୨୦, ୨୧, ୨୨, ୨୩, ୩୦, ୩୧, ୬, ୭ ଅଷ୍ଟମଚନ୍ଦ୍ର:- ୨୮, ୨୯ ଘାତଚନ୍ଦ୍ର:- ୧, ୨, ୩ ବାକିଦିନ ଶୁଭ।



**ତୁଳା:-** ମାସଟି ଆପଣଙ୍କ ନିମିତ୍ତ ଆରାମପ୍ରଦ ହେବାଯୋଗେ କର୍ମକ୍ଷେତ୍ରରେ ନୂତନ ଆଗ୍ରହ ଓ ଉତ୍ସାହର ସହିତ ଅଗ୍ରସର ହେବେ। ଅଭିଳଷିତ ବସ୍ତୁ ହାତକୁ ହାସିବାର ସୂଚନା ମିଳୁଛି। ଉପରିସ୍ଥ ମାନଙ୍କଠାରୁ ପ୍ରେରଣା ପାଇବା ଯୋଗେ ପ୍ରଫୁଲ୍ଲିତ ହେବେ। କେତେକ ଶୁଭଚିନ୍ତକ ଓ ଆପଣାରମାନେ ସହଯୋଗର ହାତ ବଢ଼ାଇବା ଦ୍ୱାରା କର୍ମର ଧାରା ସାବଲୀଳ ହେବ। ପଡିଆରା ବୃଦ୍ଧି ଘଟାଇବାର ମଉକା ଉପସ୍ଥିତ। ଗୃହ ଓ ଜମିଭୂମି କର୍ମରେ ନିଜକୁ

ନିୟୋଜିତ କରିପାରନ୍ତି । ବକେୟା ଅର୍ଥ ହାତକୁ ଆସିବା ଯୋଗେ ନୂତନ ଯୋଜନା କାର୍ଯ୍ୟକାରୀ କରିବେ । ସାମାଜିକ ସ୍ତରରେ ମର୍ଯ୍ୟଦା ବୃଦ୍ଧି ପାଇବ । ଶତ୍ରୁମାନେ ଲଜ୍ଜିତ ହେବେ । ନିରୁପଦ୍ରବ ଜୀବନଚର୍ଯ୍ୟା କରି ଆତ୍ମ ସନ୍ତୋଷ ଉପଲବ୍ଧି କରିବେ । ବେପାର ବାଣିଜ୍ୟରେ ପଛେଇ ଯିବାର ଆଶଙ୍କା ନାହିଁ । ମୋଟା ଅଙ୍କର ଅର୍ଥ ପ୍ରାପ୍ତି ଅଥବା କର୍ମରେ ପଦୋନ୍ନତିର ଉପଯୁକ୍ତ ସମୟ । ଦେବାଶୀର୍ବାଦରୁ ସଫଳତା ମିଳିବ । ବାତଶ୍ଲେଷ୍ମା ଉପସର୍ଗକୁ ବାଦ୍‌ଦେଲେ ବଡ଼ ଧରଣର ରୋଗ ଭୋଗିବାର ନାହିଁ । ପାରିବାରିକ ଜୀବନ ଉପଯୁକ୍ତ ହେବ । ମହିଳାମାନେ ଭୋଗ ବିଳାସ ମଧ୍ୟେ ସମୟ ବିତାଇବେ । କୌଣସି ସୂତ୍ରରୁ ଅର୍ଥ ଉପାର୍ଜ୍ଜନ କରିବାର ମଉକା ମିଳିବ । ଗୃହ ସଜ୍ଜାରେ ମନୋନିବେଶ କରିବେ । ବିଦ୍ୟାର୍ଥୀମାନେ ନୂତନ ଆଗ୍ରହର ସହିତ କର୍ତ୍ତବ୍ୟରେ ଆଗେଇବେ ।

ଅଶୁଭ ଦିବସ:- ୨୪, ୨୫, ୧, ୨, ୩, ୮, ୯, ୧୦ ଅଷ୍ଟମଚନ୍ଦ୍ର:- ୩୦, ୩୧ ଘାତଚନ୍ଦ୍ର:- ୧୯, ୨୦, ୨୧ ବାକିଦିନ ଶୁଭ ।



**ବିଛା:-** ଶୁଭାଶୁଭ ଫଳ ସ୍ଥିତିରେ ମାସଟି ଅତିକ୍ରମ କରିବ । ଅଶୁଭଫଳ ଅପେକ୍ଷା ଶୁଭଫଳର ମାତ୍ରା ଅଧିକ ଅନୁଭୂତ ହେବ । କିଛି ସରକାରୀ ସମସ୍ୟା ଦେଖାଦେଲେବି ତାହା ଅଳ୍ପ ସମୟ ମଧ୍ୟରେ ଅତିକ୍ରମିଯିବ । ସାମର୍ଥ୍ୟ ଓ ପ୍ରତିଭାର ବିନିଯୋଗ କରି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯଶମାନର ଅଧିକାରୀ ହେବେ । ନିଜର ଆଚରଣ ବ୍ୟବହାର ଓ ନିଷ୍ଠାପରତା ଯୋଗେ କର୍ମର ଗତିକୁ ବୃଦ୍ଧି ଘଟାଇବା ସମ୍ଭବ ହେବ । ବାହାର ଶତ୍ରୁମାନଙ୍କ ବିରୋଧାଭାଷ ଓ କ୍ରିୟାଶୀଳତା କ୍ରମଶଃ ହ୍ରାସ ପାଇବା ଯୋଗେ ଚିନ୍ତିତ ହେବେ । ବନ୍ଧୁବାନ୍ଧବ ଓ ପଡ଼ୋଶୀ ସଂପର୍କରେ ଶିଥିଳତା ପ୍ରକାଶ ପାଇବ । ବେପାର ବାଣିଜ୍ୟ ପୂର୍ବ ତୁଳନାରେ ସୁଧାର ହେବ । ସାମାଜିକ ସ୍ତରରେ ତଳ ପାହାଚକୁ ଖସିବାର ନାହିଁ । ଯାନବାହାନ ଅଥବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ । ଦୈବୀ କୃପା ଯୋଗେ ଅବାଞ୍ଛିତ ମନସ୍ତାପ ଦୂରୀଭୂତ ହେବ । ଆର୍ଥିକ ଦିଗ ସବଳ ରହିବ । ସୃଜନଶୀଳ ଚିନ୍ତାଧାରା ଧାରଣ କରି କୀର୍ତ୍ତିସ୍ଥାପନ କରିପାରନ୍ତି । ଦେବ ଦର୍ଶନର ଯୋଗଥିବାର ଅନୁମାନ କରାଯାଇପାରେ । ଥଣ୍ଡା ଜ୍ୱର ଓ ଦନ୍ତମୂଳ ରୋଗ ଦେଖାଦେବ । ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ବଢ଼ାଇପାରେ । ପାରିବାରିକ ଜୀବନ ଶାନ୍ତିପ୍ରଦ ହେବ । ମହିଳାମାନେ ଖଟଣୀରେ ପେଶି ହୋଇ ବିଭ୍ରାନ୍ତର ଶିକାର ହେବେ । ଅଏସ ଆରାମରୁ ବଞ୍ଚିତ ହେବାର ନାହିଁ । ଅତିଥି ଚର୍ଚ୍ଚାରେ ସମୟ ବିତିବ । ବିଦ୍ୟାର୍ଥୀମାନେ ପରିଶ୍ରମ ଦ୍ୱାରା ଫଳପ୍ରାପ୍ତ ହେବେ ।

ଅଶୁଭ ଦିବସ:- ୧୫, ୧୬, ୨୬, ୨୭, ୪, ୫, ୧୧, ୧୨ ଅଷ୍ଟମଚନ୍ଦ୍ର:- ୧, ୨, ୩ ଘାତଚନ୍ଦ୍ର:- ୩୦, ୩୧ ବାକିଦିନ ଶୁଭ ।



**ଧନୁ:-** ସୁଖ ଦୁଃଖ ବାଣ୍ଟି ମାସଟି ଗତିକରିବ । କର୍ମକ୍ଷେତ୍ରରେ ବାଧାବିଘ୍ନ ଲାଗି ରହିବା ଫଳରେ ଗତି ସାମାନ୍ୟ ମନ୍ଥର ଗତି ଧାରଣ କରିବ । ମନରେ ନାନା ପ୍ରକାରର ଦୁଶ୍ଚିନ୍ତା ଓ ଅସ୍ଥିରତା ଲାଗି ରହିପାରେ । ଉପରିସ୍ଥ ମାନଙ୍କର ପ୍ରିୟପାତ୍ର ହେବା ସମୟରେ କିଛି ଆପଣାର ଲୋକ ଗୋଡ଼ ଟାଣିପାରନ୍ତି । ମନକୁ ସୁନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ କୁଶଳତାର ଆବଶ୍ୟକତା ଅଛି । ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସଂପୂର୍ଣ୍ଣ କରିବା କଷ୍ଟକର ହେବ । ଅନିଚ୍ଛା ସତ୍ତ୍ୱେ କିଛିଟା ଭୁଲ ଭଟକା ହୋଇଯାଇପାରେ । ମାସର ଶେଷ ଭାଗରେ ସମସ୍ତ ପ୍ରକାରର ବାଧାବିଘ୍ନକୁ ଏଡ଼ାଇ ନିର୍ମଳ ପରିବେଶ ବୃଦ୍ଧି କରିପାରିବେ । ସାମାଜିକ କ୍ଷେତ୍ରରେ ପଦମର୍ଯ୍ୟଦା ବୃଦ୍ଧି ଯୋଗେ କିଛି ଈର୍ଷାଳୁ ଅସହିଷ୍ଣୁ ହୋଇପାରନ୍ତି । ବେପାର ବାଣିଜ୍ୟ ଯଥାରୀତି ଚାଲୁ ରହିବ । ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ ହେବ । ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ନିଜକୁ ନିରାପଦ ରଖିପାରିବେ । ମନର ଦୁର୍ବଳତା ଯୋଗେ ଶାରୀରିକ ଅସୁସ୍ଥି ବୋଧ କରିପାରନ୍ତି । ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହେବେ । ପାରିବାରିକ ଖଟ୍‌କା ଲାଗିବାର ନାହିଁ । ମହିଳାମାନେ ସମସ୍ତ ପରିବେଶରେ ନିଜକୁ ଆୟତ୍ତ କରିବେ । ଅର୍ଥ ସଞ୍ଚୟ କରିବାର ପ୍ରବୃତ୍ତି ଲାଗିରହିବ । ପରିଚାଳନାରେ ସିଦ୍ଧହସ୍ତ ହେବେ । ବିଦ୍ୟାର୍ଥୀମାନେ ମନକୁ ଶାନ୍ତ ରଖି ଆଗକୁ ମାଡ଼ିଚାଲିବାର ପ୍ରଚେଷ୍ଟା ଜାରି ରଖିବେ ।

ଅଶୁଭ ଦିବସ:- ୧୭, ୧୮, ୨୨, ୨୩, ୨୮, ୨୯, ୧୩, ୧୪ ଅଷ୍ଟମଚନ୍ଦ୍ର:- ୪, ୫ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ ।



**ମକର:-** ଶୁଭାଶୁଭ ମିଶ୍ରିତଫଳ ମାସଟିରେ ପ୍ରାପ୍ତହେବେ । ସାମାଜିକ ଭାବମୂର୍ତ୍ତି ପୂର୍ବ ତୁଳନାରେ ଅଧିକ ହେବ । ଉପରିସ୍ଥ ମାନଙ୍କର ସ୍ନେହ ସଦିଚ୍ଛା ଲାଭକରି କର୍ମପଥରେ ଆଗେଇବେ । ସରକାରୀ କଳ ପ୍ରତି ସତର୍କତା ଅବଲମ୍ବନ ନ କଲେ ଦୁଶ୍ଚିନ୍ତାର ଶିକାର ହୋଇପାରନ୍ତି । ନିର୍ମାଣ ମୂଳକ କାର୍ଯ୍ୟରେ ଆଖିଦୃଶିଆ ଅଗ୍ରଗତି କରିବେ । ବିବାଦୀୟ କ୍ଷେତ୍ରରୁ ଲାଭବାନ ହେବେ । ସାଙ୍ଗଠନିକ କର୍ମରେ ନିଜକୁ ପୂର୍ଣ୍ଣ ନିବେଶ କରି ସାମାଜିକ କ୍ଷେତ୍ରରେ ଆଗଧାଡ଼ିରେ ନିଜକୁ ଅବସ୍ଥାପିତ କରିବେ । ମନର କଥା ମନରେ ମାରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଆର୍ଥୀକ ଦିଗ ପ୍ରତି ବ୍ୟସ୍ତ ହେବେନାହିଁ । ବର୍ଷାକୁ ଦେଖି ଛତା ଧରିବାକୁ ହେବ । ଯୋଜନା ବଦ୍ଧତା ମଧ୍ୟେ ସତର୍କତାର ସହିତ ଉଚିତ ପଦକ୍ଷେପ ଗ୍ରହଣ କରି ଅନେକ ଗୁଡ଼ିଏ କାର୍ଯ୍ୟର ପରିସମାପ୍ତି କରିବେ । ଲୋକ ହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଭ୍ରମଣ ଯୋଗର ସୂଚନା ମିଳୁଛି । ବାୟୁ ପ୍ରକୂପିତ ରୋଗ ସାଙ୍ଗକୁ ଚକ୍ଷୁପୀଡ଼ା କଷ୍ଟଦାୟକ ହେବ । ବେପାର ବାଣିଜ୍ୟରେ ଭଟ୍ଟା ପଡ଼ିବାର ନାହିଁ । ପାରିବାରିକ ଜୀବନ ଆନନ୍ଦ ମୁଖର ହେବ । ଗୃହରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ । ମହିଳାମାନେ ଗୋଷ୍ଠୀ କର୍ମରେ ନିଜକୁ ସାମିଲ କରିବା ସହିତ ସୃଜନ ମୂଳକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ । ଗୁରୁ, ଗୁରୁଜନମାନଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ଜାତହେବ । ବିଦ୍ୟାର୍ଥୀମାନେ ପ୍ରଗତି ଦିଗରେ ନିଜକୁ ସାମିଲ କରିବେ ।

ଅଶୁଭ ଦିବସ:- ୧୯, ୨୦, ୨୧, ୨୪, ୨୫, ୩୦, ୩୧ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ ।



**କୁମ୍ଭ:-** ଆପଣଙ୍କ ପକ୍ଷେ ମାସଟି ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେଲେବି ଅଧିକାଂଶ ସମୟ ଉଦ୍‌ବେଗ ଓ ଦୁଶ୍ଚିନ୍ତାଯୁକ୍ତ ହେବ । ପ୍ରଥମାର୍ଦ୍ଧ ପରେ ଦ୍ୱିତୀୟାର୍ଦ୍ଧରେ କିଛିଟା ଶୁଭତ୍ୱ ଅନୁଭବ କରିବେ । ନିଜ ଶିଙ୍ଗରେ ମାଟି ତାଡ଼ିବା ସାର ହେବ । କର୍ମକ୍ଷେତ୍ରରେ ଚେଷ୍ଟା ଓ ପରିଶ୍ରମ ତୁଳନାରେ ଫଳର ମାତ୍ରା ନ୍ୟୁନ

ହୋଇପାରେ। ଧୈର୍ଯ୍ୟ ଓ ଦୈବୀକୃପା ଯୋଗେ କର୍ମ ସଂପାଦନ କରିଚାଲିବା ଫଳରେ ସ୍ଥିତି ସୁଧାରିବାର ଆଶା ଉଦ୍ରେକ ହେବ। ଆତ୍ମୀୟ ଓ ବନ୍ଧୁବାନ୍ଧବମାନେ ସହଯୋଗ କରିପାରନ୍ତି। ଲୋକ ସଂପର୍କ ବୃଦ୍ଧି ଓ ଅଭିମାନ ତ୍ୟାଗ ଦ୍ୱାରା ଅସମ୍ଭବକୁ ସମ୍ଭବରେ ପରିଣତ କରିହେବ। ଶାସନ କଳରୁ ସାହାଯ୍ୟ ସହଯୋଗ ଆଶା କରିହେବ। ବେପାର ବାଣିଜ୍ୟରେ ଲାଭର ପରିମାଣ ଅଧିକ ନହେଲେବି କ୍ଷତି ସହିବେ ନାହିଁ। ବିବାଦୀୟ କ୍ଷେତ୍ରରେ ଚେଷ୍ଟା ଚରିତ୍ର ଯୋଗେ ସଫଳତା ମିଳିବ। ମନୋପୀଡ଼ା ସାଙ୍ଗକୁ ଦେହପୀଡ଼ା ମଝିରେ ମଝିରେ ଦୁର୍ବଳ କରିବ। ଏସବୁ ସତ୍ୱେ ନିଜେ ଦୁଃଖରେ ଥିଲେବି ଅନ୍ୟକୁ ସହଯୋଗ କରିବେ। ଆର୍ଥିକ ଦିଗ ଗୁଜୁରାଣ ମେଣ୍ଟାଇବାରେ ସମର୍ଥ ହେବ। ଲଘୁଜନମାନେ ଉଚ୍ଛୃଙ୍ଖଳ ହେବେ। ସ୍ନାୟବିକ ରୋଗ ଓ ପେଟରୋଗ ଭୋଗିବାକୁ ପଡ଼ିପାରେ। ପାରିବାରିକ ସ୍ତରରେ ନିଜକୁ ସନ୍ତୁଳନ କରିବା ଆବଶ୍ୟକ। ମହିଳାମାନେ ଜଂଜାଳ ମଧ୍ୟେ ବୁଡି ରହିଲେବି ସ୍ୱଧର୍ମରୁ ବଞ୍ଚିତ ହେବେ ନାହିଁ। କ୍ରୋଧ ନିୟନ୍ତ୍ରଣର ଆବଶ୍ୟକତା ଅଛି। ବିଦ୍ୟାର୍ଥୀମାନେ ପରିଶ୍ରମକୁ କଷ୍ଟ ମଣିବେ।

ଅଶୁଭ ଦିବସ:- ୨୬, ୨୭, ୧, ୨, ୩ ଅଷ୍ଟମଚନ୍ଦ୍ର:- ୮, ୯, ୧୦ ଘାତଚନ୍ଦ୍ର:- ୧୯, ୨୦, ୨୧ ବାକିଦିନ ଶୁଭ।



**ମୀନ:-** ପୂର୍ବ ତୁଳନାରେ ଆପଣଙ୍କ ପକ୍ଷେ ମାସଟିରେ ଶୁଭତ୍ୱର ପରିମାଣ ସାମାନ୍ୟ ହ୍ରାସ ଘଟିଲେବି ଅଶୁଭଫଳ ମିଳିବ ନାହିଁ। ପ୍ରତିକୂଳ ପ୍ରଭାବରେ କିଛି ପରିମାଣରେ ପ୍ରଭାବିତ ହେଲେବି ଶୁଭ ଓ ଅଶୁଭର ସନ୍ତୁଳନ ରକ୍ଷା କରିବା ଯୋଗେ ଅନେକତ୍ର ରକ୍ଷା ମିଳିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଗତିରକ୍ଷା କରି ଚାଲିବା କାରଣରୁ ଲକ୍ଷ୍ୟ ସାଧନ ନିମିତ୍ତ ନିଷ୍ଠାବାନ ହେବେ। ପ୍ରତ୍ୟକ୍ଷ ଓ ପରୋକ୍ଷ ଶତ୍ରୁ ରହିପାରନ୍ତି ତେବେ ସେମାନେ କ୍ଷତି ପହଞ୍ଚାଇବାରେ ସମର୍ଥ ହେବେ ନାହିଁ। ଉପରିସ୍ଥ ମାନଙ୍କଠାରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଆଶା କରିହେବ। ସାମାଜିକ ସ୍ତରରେ ଆତ୍ମସମ୍ମାନ ପ୍ରତି ମଇଳା ଲାଗିବାର ନାହିଁ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ସହଜରେ ଉଦ୍ଧାର ପାଇଯିବେ। ବେପାର ବାଣିଜ୍ୟର ଧାରା ଅବାରିତ ରହିବ। ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧି ପାଇବ। ହିସାବୀ ହୋଇ ଚଳିଲେ ଆର୍ଥିକ ଦୁରାବସ୍ଥା ଭୋଗିବାକୁ ପଡ଼ିବ ନାହିଁ। ନିକଟ ଭ୍ରମଣ ଯୋଗ ଅଛି। ଧର୍ମ୍ମୀୟ ଭାବନା ବୃଦ୍ଧି ପାଇବ। ଗୁରୁଜନମାନଙ୍କ ଆଶୀର୍ବାଦ ବହୁଭାବେ ସଫଳ ଆଡ଼କୁ ଅଗ୍ରସର କରାଇବ। ବିଳାସୀ ଗୁଣ ବୃଦ୍ଧି ପାଇବ। କଫ ଓ ଥଣ୍ଡାରୋଗରେ ଆକ୍ରାନ୍ତ ହେବେ। ପେଟରେ ଯନ୍ତ୍ରଣା ଅନୁଭୂତ ହେବ। ପରିବାରରେ ପରିଚାଳନା ଦାୟିତ୍ୱ ନିର୍ବାହ କରି ମର୍ଯ୍ୟାଦାବନ୍ତ ହେବେ। ମହିଳାମାନେ ପାରିବାରିକ ବୁଝାମଣାକୁ ପ୍ରାଧାନ୍ୟ ଦେଇ ପ୍ରଶଂସାର ପାତ୍ର ବନିପାରନ୍ତି। ପ୍ରତିଭା ବିକାଶର ସମୟ। ବିଦ୍ୟାର୍ଥୀମାନେ ଉଚ୍ଚମାନର ସୋପାନରେ ଅବତୀର୍ଣ୍ଣ ହେବେ।

ଅଶୁଭ ଦିବସ:- ୨୮, ୨୯, ୪, ୫ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୧, ୧୨ ଘାତଚନ୍ଦ୍ର:- ୨୪, ୨୫ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା,*
*ଦୂରଭାଷ: ୬୩୭୨୫୯୬୯୧୯*

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

*We undertake*
*Auditing, Taxation, Consultancy outsourcing*

Postal Regd. No. CK (C)/91/2024-2026
**The Samaroha** July - 2024, Vol. - 33, Issue - 10
RNI Regd. No. : 034056/1981

KCC BHUBANESWAR KALINGA COMMERCIAL CORPORATION LTD

# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 20/-

Date of Publication : 13.07.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in